# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଡିସେମ୍ବର ୨୮/୨୦୨୨ (୧୮ ପୃଷ୍ଠା) | Bhubaneswar, Wednesday, December 28/2022 Page 18 ₹ 7.00 | ★★★★★★
୪୯ଶ ଭାଗ ୩୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 49 ISSUE 35 | ମୂଲ୍ୟ ₹୭/-




## ୟୁରୋପରେ ସ୍ୱାମୀଙ୍କ ସହ ହଂସିକା

ତେଲୁଗୁ ଅଭିନେତ୍ରୀ ହଂସିକା ମୋଟୱାନି ସ୍ୱାମୀ ସୋହେଲ କାଥୁରିଆଙ୍କ ସହ ୟୁରୋପରେ ତାଙ୍କ ହନିମୁନ କଟାଉଛନ୍ତି।

୧୫

୧୩

## ନିଶାନ୍ତଙ୍କ ଅପରାଜିତ ଶତକ

ଓଡ଼ିଶା ବିପକ୍ଷ ରଣଜୀ ଟ୍ରଫି ମ୍ୟାଚରେ ହରିୟାଣାର ନିଶାନ୍ତ ସିନ୍ଧୁ ଅପରାଜିତ ଶତକ ହାସଲ କରିଛନ୍ତି।






ହକି ବିଶ୍ୱକପ ଖେଳିବା ପାଇଁ ମଙ୍ଗଳବାର ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବାପରେ ଭାରତୀୟ ଦଳର ଖେଳାଳି ଓ ସପୋର୍ଟ ଷ୍ଟାଫ୍ । (ରିପୋର୍ଟ : ଖେଳପୃଷ୍ଠା)

# ଭୁବନେଶ୍ୱରରୁ ଦୁବାଇ, ସିଙ୍ଗାପୁର, ବ୍ୟାଙ୍କକକୁ ଉଡ଼ିବ ବିମାନ

**ଭୁବନେଶ୍ୱର,୨୭।୧୨(ବ୍ୟୁରୋ)**

ଭୁବନେଶ୍ୱରରୁ ଦୁବାଇ, ସିଙ୍ଗାପୁର, ବ୍ୟାଙ୍କକକୁ ସିଧାସଳଖ ବିମାନ ଉଡ଼ିବ। ସପ୍ତାହକୁ ୩ ଥର ୧୮୬ ସିଟ୍ ବିଶିଷ୍ଟ ବିମାନ ଚଳାଚଳ କରିବ। ଇଣ୍ଡିଗୋ ଏହି ରୁଟରେ ବିମାନ ଚଳାଇବ। ତେବେ ଏହାର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ମଙ୍ଗଳବାର ରାଜ୍ୟ କ୍ୟାବିନେଟରେ ଏହାକୁ ଅନୁମୋଦନ କରାଯାଇଛି। ଦୁବାଇ ଗସ୍ତରେ ଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରବାସୀ ଓଡ଼ିଆ ସମ୍ମିଳନୀରେ ଭୁବନେଶ୍ୱରରୁ ୩ଟି ଅନ୍ତର୍ଜାତୀୟ ସହରକୁ ବିମାନ ଚଳାଚଳ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। କରୋନା ମହାମାରୀ ଯୋଗୁ ଗତ ୨ ବର୍ଷ ହେବ ଆନ୍ତର୍ଜାତିକ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ପର୍ଯ୍ୟଟନ କ୍ଷେତ୍ର ଗୁରୁତର ଭାବେ ପ୍ରଭାବିତ ହୋଇଥିଲା। ବିଶେଷକରି ରାଜ୍ୟକୁ ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ଉପରେ ବିରାମ ଲାଗି ଯାଇଥିଲା। ପର୍ଯ୍ୟଟନ, ଶିଳ୍ପର ବିକାଶକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ସିଧାସଳଖ ବିମାନ ଚଳାଚଳ ହେଲେ ରାଜ୍ୟକୁ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ରାଜ୍ୟ ସରକାର ଆଶା ରଖିଛନ୍ତି।

**ଆଜିର ସମ୍ପାଦକୀୟ** | ଉଲଗ୍ନ ଲୋଭ

# ଓଡ଼ିଶାରେ ପୁଟିନ୍ ବିରୋଧୀଙ୍କ ମୃତ୍ୟୁ

## କ୍ରାଇମ୍ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ


ପାଭେଲ ଆଣ୍ଟୋଭ


ଭ୍ଲାଡିମ୍ର ବିଦାନୋଭ

**ରାୟଗଡ଼ା(ସ୍ୱ.ପ୍ର.)/କଟକ ଅଫିସ୍,୨୭।୧୨**

ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲାକୁ ବୁଲିବାକୁ ଆସିଥିବା ୨ ରୁଷୀୟ ପର୍ଯ୍ୟଟକଙ୍କ ୨ଦିନ ମଧ୍ୟରେ ମୃତ୍ୟୁ ଘଟିବା ଘଟଣା ଏବେ ସନ୍ଦେହ ଘେରକୁ ଆସିଛି। ମୃତକଙ୍କ ମଧ୍ୟରେ ଜଣେ ହେଉଛନ୍ତି ପାଭେଲ ଆଣ୍ଟୋଭ। ସେ ରୁଷିଆର ସାଂସଦ ତଥା ବିଶିଷ୍ଟ ଧନୀ ବ୍ୟବସାୟୀ, ଯିଏକି ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ଙ୍କ ୟୁକ୍ରେନ୍ ଆକ୍ରମଣକୁ ଦୃଢ଼ ସମାଲୋଚନା କରି ଚର୍ଚ୍ଚାକୁ ଆସିଥିଲେ। ତାଙ୍କ ମୃତ୍ୟୁକୁ ନେଇ ନାନା ଆଲୋଚନା ଜୋର ଧରିଛି। ବିଶେଷକରି ପୁଟିନ ତାଙ୍କ ସମାଲୋଚକଙ୍କୁ ସହଜରେ ଗ୍ରହଣ କରିପାରୁ ନ ଥିବାବେଳେ ୟୁକ୍ରେନ୍-ରୁଷିଆ ଯୁଦ୍ଧ ପରଠାରୁ କେତେଜଣ ବିଶିଷ୍ଟ ବ୍ୟକ୍ତିଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି, ଯେଉଁମାନେ କି ଯୁଦ୍ଧକୁ ବିରୋଧ କରିଥିଲେ। ଏଭଳି ସ୍ଥିତିରେ ସନ୍ଦେହ ବଢୁଥିବାରୁ ପାଭେଲ ଏବଂ ତାଙ୍କ ବନ୍ଧୁ ଭ୍ଲାଡିମ୍ର ବିଦାନୋଭଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟଣାର ମଙ୍ଗଳବାର କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ପୋଲିସ ଡିଜି ସୁନୀଲ ବଂଶଲ। ଦୁଇ ବିଦେଶୀ ପର୍ଯ୍ୟଟକଙ୍କ ଅପମୃତ୍ୟୁକୁ ନେଇ ରାୟଗଡ଼ା ଥାନାରେ ରୁଜୁ ହୋଇଥିବା ୨ ପୃଥକ୍ ମାମଲା ନଂ.୩୪/୨୦୨୨ ଓ ୩୫/୨୦୨୨ର ତଦନ୍ତ ଭାର ରାଜ୍ୟ କ୍ରାଇମବ୍ରାଞ୍ଚ ହାତକୁ ନେବାକୁ କୁହାଯାଇଥିବା ସମ୍ପର୍କରେ ବଂଶଲ ଟୁଇଟ୍ ଯୋଗେ ସୂଚନା ଦେଇଛନ୍ତି। ଏହାପୂର୍ବରୁ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ରାଜେଶ ପଣ୍ଡିତ ମଙ୍ଗଳବାର ରାୟଗଡ଼ା ଆସି ଘଟଣାର ତଦନ୍ତ କରିଛନ୍ତି। ଅନ୍ୟପକ୍ଷରେ ଅନ୍ତର୍ଜାତୀୟ ଗଣମାଧ୍ୟମରେ ଏହି ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଲାଣି।

ସୂଚନା ଅନୁସାରେ ପାଭେଲ ଆଣ୍ଟୋଭ, ଭ୍ଲାଡିମିର ବିଦାନୋଭ୍, ତୁରଭ ମିଖାଇଲ ଏବଂ ତାଙ୍କ ସ୍ତ୍ରୀ ପାନାସାଙ୍କୋ ମିତାଲିଆ ଗତ ୧୯ତାରିଖରେ ଭୁବନେଶ୍ୱରରେ ପହଞ୍ଚିଥିଲେ। ସେମାନଙ୍କ ସହ ଗାଇଡ୍ ଜିତେନ୍ଦ୍ର ସିଂ ମଧ୍ୟ ଆସିଥିଲେ। ସେମାନେ ପ୍ରଥମେ ଦାରିଙ୍ଗବାଡ଼ି ବୁଲିବାକୁ ଯାଇଥିଲେ। ପରେ ୨୧ତାରିଖରେ ରାୟଗଡ଼ାରେ ପହଞ୍ଚି ହୋଟେଲ ସାଇ ଇଣ୍ଟରନ୍ୟାଶନାଲରେ ରହିଥିଲେ। ପାଭେଲ ଏବଂ ବିଦାନୋଭ ରୁମ୍ ନଂ. ୨୦୩ରେ ରହିଥିବାବେଳେ ଅନ୍ୟମାନେ ଆଉ ୨ଟି କୋଠରିରେ ରହିଥିଲେ। ୨୧ତାରିଖ ବିଳମ୍ବିତ ରାତିରେ ପାଭେଲଙ୍କ ଜନ୍ମଦିନ ପାଳନ କରାଯାଇଥିଲା। ପରଦିନ ସକାଳେ ଅର୍ଥାତ୍ ୨୨ତାରିଖ ସକାଳେ ବିଦାନୋଭ ଅଚେତ ଅବସ୍ଥାରେ ପଡ଼ିଥିବା ନେଇ ଗାଇଡ୍ ଜିତେନ୍ଦ୍ର ହୋଟେଲ କର୍ମଚାରୀଙ୍କୁ ଜଣାଇଥିଲେ। ପରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ୨୩ତାରିଖରେ ରାୟଗଡ଼ା ନିକଟସ୍ଥ ସିରିକଣାଠାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଏହି ଘଟଣାର ଦିନକ ପରେ ଅର୍ଥାତ ୨୪ ତାରିଖ ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାରେ ପାଭେଲଙ୍କ ମୃତ୍ୟୁ ହୋଇଥିଲା। ହୋଟେଲ ଛାତରୁ ପଡ଼ି ତାଙ୍କର ମୃତ୍ୟୁ ଘଟିଥିବା ପ୍ରାଥମିକ ତଦନ୍ତବେଳେ ଜଣାପଡ଼ିଥିଲେ ହେଁ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି। ପାଭେଲ ରୁଷିଆର ୟୁନାଇଟେଡ୍ ରୁଷିଆ ଦଳର ଜଣେ ବରିଷ୍ଠ ନେତା, ☞ପୃଷ୍ଠା-୪

# ସମସ୍ତ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କଲେ ନବୀନ

**ହକି ବିଶ୍ୱକପ୍**

**ଭୁବନେଶ୍ୱର,୨୭।୧୨(ବ୍ୟୁରୋ)**

ଆସନ୍ତା ଜାନୁୟାରୀ ୧୩ରୁ ୨୯ ଯାଏ ଭୁବନେଶ୍ୱର ଓ ରାଉରକେଲାରେ ପୁରୁଷ ହକି ବିଶ୍ୱକପ୍ ଅନୁଷ୍ଠିତ ହେବ। ସେଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତୁତି ଜୋରସୋର ଚାଲିଛି। ଦ୍ୱିତୀୟ ଥର ପାଇଁ ଓଡ଼ିଶା ଏହି ବିଶ୍ୱକପ୍ ଆୟୋଜନ କରୁଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରୁଛନ୍ତି। ଏହି କ୍ରମରେ ମଙ୍ଗଳବାର ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କୁ ନିମନ୍ତ୍ରଣ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ତରଫରୁ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ଶିବରାଜ ସିଂ ଚୌହାନଙ୍କୁ ନିମନ୍ତ୍ରଣପତ୍ର ଦେଇଛନ୍ତି। ସେ ଭୋପାଳରେ ସ୍ୱତନ୍ତ୍ର ଭାବେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ନିମନ୍ତ୍ରଣପତ୍ର ସହ ହକି ଜର୍ସି ଓ ରୁପାର ଅଶୋକ ଚକ୍ର ପ୍ରଦାନ କରିଛନ୍ତି। ନବୀନଙ୍କ ନିମନ୍ତ୍ରଣ ସାଦରରେ ଗ୍ରହଣ କରିବା ସହ ନିମନ୍ତ୍ରଣ ପାଇଁ ଶିବରାଜ ସିଂ ଚୌହାନ ଧନ୍ୟବାଦ ଜଣାଇଛନ୍ତି। ଯଥାସମ୍ଭବ ଓଡ଼ିଶା ଆସି ହକି ବିଶ୍ୱକପ୍ରେ ସାମିଲ ହେବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।






# ଏମ୍ଏସ୍ଏମ୍ଇ ପଲିସି-୨୦୨୨କୁ ମଞ୍ଜୁରୀ

## କ୍ୟାବିନେଟରେ ୧୭ ପ୍ରସ୍ତାବ ଉପରେ ମୋହର

- ଉଦ୍ୟୋଗ ପାଇଁ ଭରପୂର ପ୍ରୋତ୍ସାହନ ବ୍ୟବସ୍ଥା
- ମହିଳା ଉଦ୍ୟୋଗୀ, ପଛୁଆ ଜିଲା ପାଇଁ ୫% ସ୍ୱତନ୍ତ୍ର ପ୍ରୋତ୍ସାହନ
- ଅନୁଦାନପ୍ରାପ୍ତ ସ୍କୁଲକୁ ୭ମ ବେତନ କମିଶନ
- ଏସ୍ଏଚ୍ଜି ପାଇଁ ୧୫୦୯ କୋଟିର ପ୍ରୋତ୍ସାହନ ରାଶି

**ଭୁବନେଶ୍ୱର,୨୭।୧୨(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅପରାହ୍ନରେ ଲୋକସେବା ଭବନରେ ବସିଥିବା କ୍ୟାବିନେଟ ବୈଠକରେ ମୋଟ ୧୭ଟି ପ୍ରସ୍ତାବ ଉପରେ ମୋହର ବାଜିଛି। ଏଥିରେ ରାଜ୍ୟରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ) କ୍ଷେତ୍ରର ବିକାଶ ପାଇଁ ରାଜ୍ୟ ସରକାର ଓଡ଼ିଶା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ରର ବିକାଶ ନୀତି-୨୦୨୨କୁ ଅନୁମୋଦନ କରିଛନ୍ତି। ଏହି ନୀତିରେ ଏମ୍ଏସ୍ଏମ୍ଇ ଉଦ୍ୟୋଗ ପାଇଁ ଭରପୂର ପ୍ରୋତ୍ସାହନ ରାଶି ବ୍ୟବସ୍ଥା କରାଯାଇଛି। ୨୦୧୬ ନୀତିରେ କେବଳ ଏମ୍ଏସ୍ଏମ୍ଇ ପାଇଁ ପୁଞ୍ଜିନିବେଶ ଅନୁଦାନ ବ୍ୟବସ୍ଥା ଥିଲା। ମାତ୍ର ନୂତନ ନୀତିରେ ନୂଆ ଓ ପୂର୍ବରୁ ଥିବା ଉଦ୍ୟୋଗ ପାଇଁ ପୁଞ୍ଜିନିବେଶ ଅନୁଦାନର ବ୍ୟବସ୍ଥା ରହିଛି। ଏହି ଅନୁଦାନ ରାଶିକୁ ଯନ୍ତ୍ରପାତି ଓ କଳକବ୍ଜା ସ୍ଥାପନ ପାଇଁ ହୋଇଥିବା ପୁଞ୍ଜି ବିନିଯୋଗର ଶତକଡ଼ା ୨୫ ପ୍ରତିଶତ ହାରରେ ସର୍ବାଧିକ ୨ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ପୂର୍ବରୁ ଏହା ୧କୋଟି ପର୍ଯ୍ୟନ୍ତ ଥିଲା। ସେହିପରି ଅନୁସୂଚିତ ଜାତି, ଜନଜାତି, ଭିନ୍ନକ୍ଷମ, ମହିଳା, ବୈଷୟିକ ଉଦ୍ୟୋଗୀ ମାଲିକାନାରେ ଥିବା ନୂଆ ଓ ପୂର୍ବରୁ ଥିବା ଉଦ୍ୟୋଗ ପାଇଁ ୩୦ ପ୍ରତିଶତ ହାରରେ ସର୍ବାଧିକ ୧.୨୫ କୋଟି ଟଙ୍କାରୁ ୨.୫ କୋଟି ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ☞ପୃଷ୍ଠା-୪

# କୃଷକଙ୍କ ୧୦୨ ପିଲା, ୫୬୮ ନାତୁଣୀନାତି

## ଲାଳନପାଳନ ପାଇଁ ସରକାରଙ୍କୁ ମାଗିଲେ ସହାୟତା

**କାମପାଲ, ୨୭।୧୨**





ଉଗାଣ୍ଡାର ମୁସା ହାସାୟା ଓ ତାଙ୍କ ପରିବାର।

ଛୋଟ ପରିବାର ସୁଖୀ ପରିବାର। ପରିବାର ଯେତେ ଛୋଟ ମୁରବିଙ୍କ ପାଇଁ ଘର ଚଳାଇବା ସେତେ ସହଜ। କ୍ଷୁଦ୍ର ପରିବାରରେ ଖାଦ୍ୟ, ବସ୍ତ୍ର ଏବଂ ବାସଗୃହ ଭଳି ମୌଳିକ ଆବଶ୍ୟକତାର କୌଣସି ଅଭାବ ହୋଇ ନ ଥାଏ। କିନ୍ତୁ ରୋଜଗାର କମିବା ସାଙ୍ଗକୁ ଯଦି ଘରେ ସଦସ୍ୟଙ୍କ ସଂଖ୍ୟା ବଢ଼ିବା ଆରମ୍ଭ ହୁଏ ତେବେ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇପଡ଼େ। ଏଭଳି ଘଟଣା ଦକ୍ଷିଣ ଆଫ୍ରିକା ଉଗାଣ୍ଡାର ମୁସା ହାସାୟାଙ୍କ କ୍ଷେତ୍ରରେ ଘଟିଛି। ବର୍ତ୍ତମାନର ବ୍ୟୟବହୁଳ ସମୟରେ ମୁସାଙ୍କୁ ତାଙ୍କ ୧୨ ସ୍ତ୍ରୀ, ୧୦୨ ପିଲା ଏବଂ ୫୬୮ ନାତିନାତୁଣୀଙ୍କ ଲାଳନପାଳନ କଷ୍ଟକର ହୋଇପଡ଼ିଛି। ଏ ନେଇ ସେ ସରକାରଙ୍କ ସାହାଯ୍ୟ ଲୋଡ଼ିଛନ୍ତି। ୬୭ ବର୍ଷୀୟ ମୁସା ହାସାୟା ପେସାରେ ଜଣେ କୃଷକ। ସ୍ୱଳ୍ପ ଆୟରେ ଏତେବଡ଼ ପରିବାର ଚଳାଇବା ତାଙ୍କ ପକ୍ଷେ ☞ପୃଷ୍ଠା-୪





ସେପ୍ଟେମ୍ବର ୨୯: ଆମେରିକାର ଫ୍ଲୋରିଡାରେ ଇଆନ୍ ଝଡ଼ରେ କୋଠାଗୁଡ଼ିକ ଭାଙ୍ଗିଯାଇଛି।


ଜୁଲାଇ ୨୨: ଆମେରିକାର କାଲିଫର୍ନିଆସ୍ଥିତ ମାରିପୋସା କାଉଣ୍ଟିରେ ଥିବା ଓକ୍ ଜଙ୍ଗଲରେ ନିଆଁ।


ଜୁନ୍ ୧୮: ବାଂଲାଦେଶର ସିଲ୍‌ହେଟ୍‌ରେ ବନ୍ୟାବେଳେ ଆଶ୍ରୟ ଖୋଜୁଥିବା ବିପନ୍ନମାନେ।

# ୟୁରୋପରେ ନିଆଁ, ୟୁଏଇରେ ବନ୍ୟା



ଜୁଲାଇ ୧୭ରୁ ୨୩ ମଧ୍ୟରେ ୟୁରୋପରେ ଉଚ୍ଚ ତାପମାତ୍ରାର ନକ୍ସା।


ବନ୍ୟା ଯୋଗୁ ୟୁଏଇର ଫୁଜେରା ସହର ଜଳମଗ୍ନ।

ଘାତକ ଜଳବାୟୁ ପରିବର୍ତ୍ତନ ପୃଥିବୀକୁ ବିପର୍ଯ୍ୟୟମୁହାଁ କରିଛି। ୟୁରୋପୀୟ ଥଣ୍ଡା ରାଷ୍ଟ୍ରଗୁଡ଼ିକରେ ତାପମାତ୍ରା ରେକର୍ଡ ଭାଙ୍ଗିଥିବାବେଳେ ମରୁଭୂମିର ଦେଶ ସଂଯୁକ୍ତ ଆରବ ଏମିରେଟ୍ସ(ୟୁଏଇ)ରେ ମୁଷଳ ଧାରାରେ ବର୍ଷା ଜଳବାୟୁ ପରିବର୍ତ୍ତନର ଭୟାବହତାକୁ ଦର୍ଶାଇଥିଲା। ଗତ ୨୭ ବର୍ଷର ରେକର୍ଡ ଭାଙ୍ଗି ହୋଇଥିବା ଲଗାଣ ବର୍ଷା ଯୋଗୁ ଜୁଲାଇ ୩୦ରେ ୟୁଏଇର ବହୁ ସହର ଜଳମଗ୍ନ ହୋଇଥିଲା। ବିଶେଷକରି ରାସ୍ ଅଲ୍ ଖୈମାହ, ଶାରଜାହ ଏବଂ ଫୁଜୈରାହ୍ ସହର ଅଧିକ ପ୍ରଭାବିତ ହୋଇଥିଲା। ଏଥିରେ ୭ଜଣଙ୍କ ମୃତ୍ୟୁ ଘଟିଥିଲା। ୟୁଏଇରେ ବର୍ଷା ଓ ବନ୍ୟାର ଅସ୍ୱାଭାବିକ ଚିତ୍ର ଏବଂ ଭିଡିଓ ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହେବା ପରେ ବ୍ୟାପକ ଚର୍ଚ୍ଚା ହୋଇଥିଲା। ସେହିପରି ୟୁରୋପରେ ହିଟ୍ ୱେଭ୍ ଯୋଗୁ ଜୁନ ୧୨ରୁ ସେପ୍ଟେମ୍ବର ୧୨ ମଧ୍ୟରେ ପ୍ରାୟ ୨୬ ହଜାର ୩୦୦ ମୃତ୍ୟୁ ଘଟିଥିଲା। ସେଥିମଧ୍ୟରେ ଫ୍ରାନ୍ସରେ ସର୍ବାଧିକ ୧୧ ହଜାର ଲୋକଙ୍କ ମୃତ୍ୟୁ ହୋଇଥିଲା। ସେହିପରି ଜର୍ମାନୀରେ ୮,୧୩୮, ବ୍ରିଟେନ୍‌ରେ ୩,୨୦୦, ସ୍ପେନରେ ୨,୮୯୪, ପର୍ତ୍ତୁଗାଲରେ ୧,୦୬୩ ଜଣଙ୍କ ଜୀବନ ଉଚ୍ଚ ତାପମାତ୍ରା ଯୋଗୁ ଚାଲିଯାଇଥିଲା। ପର୍ତ୍ତୁଗାଲର ପିନ୍‌ହାଓରେ ସର୍ବୋଚ୍ଚ ତାପମାତ୍ରା ୪୭° ସେଲସିୟସ୍ ରେକର୍ଡ କରାଯାଇଥିଲା। ନରୱେ, ପୋଲାଣ୍ଡ, ଆୟର୍ଲାଣ୍ଡ, କ୍ରୋଏସିଆ, ଆଣ୍ଡୋରା, ଗ୍ରୀସ୍, ହଙ୍ଗେରୀ, ଇଟାଲୀ, ଲିଥୁନିଆ, ନେଦରଲାଣ୍ଡ୍ସ, ରୋମାନିଆ, ସ୍ଲୋଭାକିଆ, ସ୍ଲୋଭାନିଆ, ସୁଇଜରଲାଣ୍ଡରେ ମଧ୍ୟ ଲୋକେ ଉଚ୍ଚ ତାପମାତ୍ରାରେ କଲବଲ ହୋଇଥିଲେ।

## ହିମସ୍ଖଳନ: ୨୯ ପର୍ବତାରୋହୀ ମୃତ

ଉତ୍ତରକାଶୀର ନେହେରୁ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମାଉଣ୍ଟେନିୟରିଂର ୬୧ ପର୍ବତାରୋହୀଙ୍କ ଏକ ଟିମ୍ ପ୍ରଶିକ୍ଷଣରେ ହିମାଳୟର ଗଡ଼ୱାଲରେ ଥିବା ଦ୍ରୌପଦୀ କା ଦଣ୍ଡା ଶୃଙ୍ଗକୁ ଯାଇଥିଲେ। ଅକ୍ଟୋବର ୪ରେ ସେମାନେ ଫେରୁଥିବାବେଳେ ହିମସ୍ଖଳନ ହେବାରୁ ଅଧିକାଂଶ ପୋତିହୋଇ ପଡ଼ିଥିଲେ। ସେମାନଙ୍କ ମଧ୍ୟରୁ ୨ ପ୍ରଶିକ୍ଷକଙ୍କ ସମେତ ୨୯ଜଣଙ୍କ ମୃତ୍ୟୁ ଘଟିଥିଲା। ସମୁଦ୍ର ପତ୍ତନଠାରୁ ୧୭,୦୦୦ ଫୁଟ୍ ଉଚ୍ଚରେ ଏହି ହିମସ୍ଖଳନ ଘଟିଥିଲା।

## ବରଫ ତଳେ ୭ ସେନା ଅଧିକାରୀଙ୍କ ମୃତ୍ୟୁ

ଅରୁଣାଚଳପ୍ରଦେଶର କାମେଙ୍ଗ୍ ସେକ୍ଟରରେ ଫେବୃୟାରୀ ୬ରେ ହିମସ୍ଖଳନ ଯୋଗୁ ଭାରତୀୟ ସେନାର ୭ ଜଣ ଅଫିସର ନିଖୋଜ ହୋଇଯାଇଥିଲେ। ଉଦ୍ଧାର କାର୍ଯ୍ୟବେଳେ ସେମାନଙ୍କ ମୃତଦେହ ବରଫ ତଳୁ ମିଳିଥିଲା। ସେମାନେ ଏକ ପାଟ୍ରୋଲ ଟିମ୍‌ରେ ସାମିଲ ଥିଲେ।

## ସମୁଦ୍ରରେ ଲାଭା ଉଦ୍‌ଗିରଣ

## ଟୋଙ୍ଗାରେ ସୁନାମି

ଜାନୁୟାରୀ ୧୪ରେ ଟୋଙ୍ଗା ରାଜଧାନୀ ନୁକୁଆ'ଲୋଫାଠାରୁ ପ୍ରାୟ ୬୫ କି.ମି. ଦୂର ହୁଙ୍ଗା-ଟୋଙ୍ଗା-ହୁଙ୍ଗା ହାପାଇ ଦ୍ୱୀପରେ ସମୁଦ୍ର ମଧ୍ୟରେ ଶକ୍ତିଶାଳୀ ଆଗ୍ନେୟଗିର ଉଦ୍‌ଗିରଣ ହୋଇଥିଲା। ଏହା ଏତେ ଭୟଙ୍କର ଥିଲା ଯେ, ଏଥିରୁ ସୃଷ୍ଟ ୨୬୦ କିମି ପ୍ରଶସ୍ତ ବିରାଟକାୟ ପାଉଁଶ ବେଲୁନ୍ ୨୦ କି.ମି. ଉଚ୍ଚକୁ ଉଠିଥିଲା। ଟୋଙ୍ଗା ଦ୍ୱୀପରେ ପାଉଁଶ ଏବଂ ପଥର ବର୍ଷା ହୋଇଥିଲା। ଏଥିଯୋଗୁ ୧.୨ ମିଟର ଉଚ୍ଚତାର ସୁନାମି ଲହର ସୃଷ୍ଟି ହୋଇଥିଲା। ଟେଙ୍ଗାଟାପୁ, ନୁକୁଆ'ଲୋଫା ଏବଂ ଆମେରିକାନ୍ ସାମୋଆ ରାଜଧାନୀ ପାଗୋରେ ସୁନାମି ଲହର ମାଡ଼ ହୋଇଥିଲା। ସେହିପରି ଫିଜି ଏବଂ ନ୍ୟୁଜିଲାଣ୍ଡରେ ମଧ୍ୟ ସୁନାମି ଆଲର୍ଟ ଜାରି କରାଯାଇଥିଲା।




ଆଫଗାନିସ୍ତାନ ଗୟାନରେ ଭୂକମ୍ପ

## ଭୂକମ୍ପ

ପୂର୍ବ ବର୍ଷଗୁଡ଼ିକ ତୁଳନାରେ ୨୦୨୨ରେ ଭୂକମ୍ପ ସଂଖ୍ୟା କମିଥିଲେ ମଧ୍ୟ ଚିନ୍ତାଜନକ ଥିଲା। ଆଲୋଚ୍ୟ ବର୍ଷରେ ସାରା ବିଶ୍ୱରେ ୪ରୁ ୭.୭ ମାଗ୍ନିଚ୍ୟୁଡ୍ ମଧ୍ୟରେ ମୋଟ ୮,୪୫୭ ଥର ଭୂକମ୍ପ ହୋଇଥିଲା। ଏଥିମଧ୍ୟରୁ ସେପ୍ଟେମ୍ବର ୧୦ରେ ପପୁଆ ନ୍ୟୁଗିନିଆ ଏବଂ ୧୯ରେ ମେକ୍ସିକୋର ମିଚୋଆକେନ୍ ରାଜ୍ୟରେ ୭.୭ ତୀବ୍ରତାର ଦୁଇଟି ଭୂମିକମ୍ପ ଘଟି ମୋଟ ୨୩ ଜଣଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟପକ୍ଷେରେ ଏହି ବିଦାୟୀ ବର୍ଷରେ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା ଆଫଗାନିସ୍ତାନ। ଜୁନ୍ ୨୨ ତାରିଖରେ ଖୋଷ୍ଟରେ ୬ ତୀବ୍ରତା ବିଶିଷ୍ଟ ଭୂକମ୍ପ ୧,୧୬୩ ଜଣଙ୍କ ଜୀବନ ନେଇଥିଲା। ସେହିପରି ନଭେମ୍ବର ୨୧ରେ ପଶ୍ଚିମ ଜାଭାରେ ଘଟିଥିବା ଭୂକମ୍ପ(୫.୬)ରେ ୩୩୫ ଲୋକଙ୍କ ମୃତ୍ୟୁ ଘଟିଥିଲା। ସେହିପରି ନଭେମ୍ବର ୯ରେ ପଡ଼ୋଶୀ ରାଷ୍ଟ୍ର ନେପାଳ ମଧ୍ୟ ଭୂକମ୍ପରେ ଥରି ଉଠିଥିଲା।

## ବରଫ ପାଲଟିଲେ ୨୧ ପାକ୍ ପର୍ଯ୍ୟଟକ

ପାକିସ୍ତାନରେ ତୁଷାରପାତ ଗତ ଦଶନ୍ଧିର ରେକର୍ଡ ଭାଙ୍ଗିଥିଲା। ତୁଷାରପାତ ଦେଖିବାକୁ ରିସୋର୍ଟ ସହର ତଥା ପଞ୍ଜାବ ପ୍ରଦେଶର ମୁରିକୁ ଯାଇଥିବା ପର୍ଯ୍ୟଟକଙ୍କ ମଧ୍ୟରୁ ୨୧ ଜଣଙ୍କ ଜାନୁୟାରୀ ୮ରେ ମୃତ୍ୟୁ ଘଟିଥିଲା। ମୁରିର ତାପମାତ୍ରା ବିୟୁକ୍ତ ୮ ଡିଗ୍ରୀ ଥିବାବେଳେ ସେଠାରେ ଅନେକ ହଜାର ସଂଖ୍ୟାରେ ପର୍ଯ୍ୟଟକ ଫସି ରହିବାରୁ ଟ୍ରାଫିକ୍ ଜାମ୍ ହୋଇଯାଇଥିଲା। ଫଳରେ ପ୍ରବଳ ଥଣ୍ଡା ସହି ନ ପାରି କାର୍ ମଧ୍ୟରେ ସେମାନଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ମଧ୍ୟରେ ୯ ଜଣ ଶିଶୁ ଥିଲେ।

## ମଣିପୁରରେ ଭୂସ୍ଖଳନ: ୫୮ ମୃତ

ଜୁନ୍ ୨୯ ବିଳମ୍ବିତ ରାତିରେ ମଣିପୁରର ନୋନି ଜିଲ୍ଲା ତୁପୁଲ ରେଲୱେ ନିର୍ମାଣ କ୍ୟାମ୍ପରେ ବଡ଼ଧରଣର ଭୂସ୍ଖଳନ ଘଟି ୫୮ ଜଣଙ୍କ ମୃତ୍ୟୁ ଘଟିଥିଲା। ସେମାନେ ରେଲୱେ ନିର୍ମାଣ ସ୍ଥଳୀରେ ମୁତୟନ ହୋଇଥିଲେ। ଭୂସ୍ଖଳନ ଯୋଗୁ ଇଜେଇ ନଦୀପ୍ରବାହ ପଥ ବାଧାପ୍ରାପ୍ତ ହୋଇ ଏକ ଘାଇ ସୃଷ୍ଟି ହୋଇଥିଲା।

# ଜଳପ୍ରଳୟ

## ପାକିସ୍ତାନରେ ୧୭୩୯ ମୃତ

ଜୁନ୍ ୧୪ରୁ ଅକ୍ଟୋବର ମଧ୍ୟରେ ଭୀଷଣ ମୌସୁମୀ ବର୍ଷା ଯୋଗୁ ପାକିସ୍ତାନରେ ବନ୍ୟା ବିଭୀଷିକା ଦେଖିବାକୁ ମିଳିଥିଲା। ବେଲୁଚିସ୍ତାନ, ସିନ୍ଧ, ଗିଲଗିଟ୍-ବାଲତିସ୍ତାନ, ପାକ୍ ଅଧିକୃତ କଶ୍ମୀର ଏବଂ ପଞ୍ଜାବ ପ୍ରଦେଶର ଦକ୍ଷିଣାଞ୍ଚଳ ବିଶେଷଭାବେ ପ୍ରଭାବିତ ହୋଇଥିଲା। ଏହା ଏତେ ଭୀଷଣ ଥିଲା ଯେ, ୧୭୨୩ ଜଣଙ୍କ ମୃତ୍ୟୁ ଘଟିବା ସହ ୩.୨ ଟ୍ରିଲିୟନ ଡଲାର ସମ୍ପତ୍ତି ନଷ୍ଟ ହୋଇଥିଲା।

## ବନ୍ୟାରେ ଉବୁଟୁବୁ ଆସାମ, ବାଂଲାଦେଶ

ମେ' ଶେଷ ଭାଗରେ ଭାରତର ଉତ୍ତର-ପୂର୍ବାଞ୍ଚଳ ଏବଂ ବାଂଲାଦେଶରେ ଭୟଙ୍କର ବନ୍ୟା ସୃଷ୍ଟି ହୋଇଥିଲା। ଆସାମ, ମେଘାଳୟ, ଅରୁଣାଚଳ ପ୍ରଦେଶ ଏବଂ ତ୍ରିପୁରାରେ ସ୍ଥିତି ସଙ୍ଗିନ ହୋଇପଡ଼ିଥିଲା। ଏହି ସମୟରେ ପଡ଼ୋଶୀ ବାଂଲାଦେଶରେ ବନ୍ୟାବିପତ୍ତି ୯୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ବିସ୍ଥାପିତ କରିଥିଲା। ୧୨୨ ବର୍ଷରେ ଏହା ବାଂଲାଦେଶର ସବୁଠୁ ବଡ଼ଧରଣର ଜଳପ୍ରଳୟ ବୋଲି କୁହାଯାଉଛି। ସିଲହଟ୍, ସୁନାମଗଞ୍ଜ ଏବଂ ବ୍ରାହ୍ମନବାରିଆ ସମେତ ଉତ୍ତର ଭାଗ ବନ୍ୟା ଯୋଗୁ ସର୍ବାଧିକ ପ୍ରଭାବିତ ହୋଇଥିଲା। ଅନ୍ୟପକ୍ଷରେ ଭାରତର ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ମଧ୍ୟରେ ସର୍ବାଧିକ କ୍ଷତି ଆସାମରେ ଘଟିଥିଲା। ବନ୍ୟାରେ ଭାରତର ୧୭୭ ଏବଂ ବାଂଲାଦେଶର ୧୪୧ ଜଣଙ୍କ ମୃତ୍ୟୁ ଘଟିଥିଲା।



## ବ୍ରାଜିଲରେ ୩୬୫, ନାଇଜେରିଆରେ ୬୧୨ ମୃତ

ଦକ୍ଷିଣ ଆମେରିକୀୟ ରାଷ୍ଟ୍ର ବ୍ରାଜିଲରେ ଜାନୁୟାରୀ ୨୮ରୁ ମେ' ମଧ୍ୟରେ ଭୟଙ୍କର ବନ୍ୟା ଓ ଭୂସ୍ଖଳନରେ ୩୬୫ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୫୦୦୦ ଲୋକ ବାସହରା ହୋଇଥିଲେ। ସେହିପରି ଜୁନ୍‌ରୁ ନଭେମ୍ବର ମଧ୍ୟରେ ଆଫ୍ରିକୀୟ ରାଷ୍ଟ୍ର ନାଇଜେରିଆର ବିଭିନ୍ନ ସ୍ଥାନରେ ହୋଇଥିବା ବନ୍ୟା ଯୋଗୁ ୬୧୨ ଲୋକଙ୍କ ଜୀବନହାନି ଘଟିଥିଲା। ପ୍ରାୟ ୨ ଲକ୍ଷ ଘର କ୍ଷତିଗ୍ରସ୍ତ ହେବା ଯୋଗୁ ୧୪ ଲକ୍ଷ ଲୋକ ବାସହରା ହୋଇଥିଲେ।

## ଅମରନାଥରେ ବାଦଲଫଟା ବର୍ଷା: ୧୬ ମୃତ

ଜମ୍ମୁ-କଶ୍ମୀରର ଅମରନାଥରେ ଜୁଲାଇ ୮ରେ ବାଦଲଫଟା ବର୍ଷାଯୋଗୁ ୧୬ଜଣଙ୍କ ମୃତ୍ୟୁ ଘଟିଥିଲା। ସେଠାରେ ଫସିଥିବା ପ୍ରାୟ ୧୫ହଜାର ଶ୍ରଦ୍ଧାଳୁଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା।

## ଅଗଷ୍ଟ ବର୍ଷା, ବନ୍ୟା ଓଡ଼ିଶାର ୨୪ ଜିଲା ପ୍ରଭାବିତ

ଅଗଷ୍ଟ ଦ୍ୱିତୀୟ ସପ୍ତାହରେ ଲଘୁଚାପଜନିତ ଭୀଷଣ ବର୍ଷା ଏବଂ ତଜ୍ଜନିତ ବନ୍ୟା ଯୋଗୁ ଓଡ଼ିଶାର ୨୪ ଜିଲା କ୍ଷତିଗ୍ରସ୍ତ ହୋଇଥିଲା। ବନ୍ୟାରେ ୧ ଲକ୍ଷ ୨୦ ହଜାର ହେକ୍ଟର ଜମିରେ ଫସଲ ନଷ୍ଟ ହୋଇଥିଲା। ରାଜଧାନୀ ଭୁବନେଶ୍ୱର ସମେତ ଅନେକ ଗ୍ରାମ ଓ ସହରର ବହୁ ଅଞ୍ଚଳ ଜଳମଗ୍ନ ହୋଇଥିଲା। ମହାନଦୀ, ବ୍ରାହ୍ମଣୀ, ସୁବର୍ଣ୍ଣରେଖା, ବୈତରଣୀ, ବୁଢାବଳଙ୍ଗ, ଧନୁଆ, କୁଶଭଦ୍ରା ଆଦି ନଦୀରେ ବନ୍ୟା ଯୋଗୁ ସଂଲଗ୍ନ ଅଞ୍ଚଳରେ ଲୋକେ ପାଣି ଘେରରେ ରହିବା ସହ ବ୍ୟାପକ ଆର୍ଥିକ କ୍ଷତି ସହିଥିଲେ।


ଅଗଷ୍ଟ ୨୪: ଚାଇନାର ଜିଆଙ୍ଗସି ପ୍ରଦେଶ ଲୁସାହାନରେ ମରୁଡ଼ି ଯୋଗୁ ମାଟି ଫାଟି ଆଁ କରିଛି।


ଅଗଷ୍ଟ ୧୬: ଫ୍ରାନ୍ସର ଲୋଇରେ ନଦୀ ଶୁଷ୍କ ହୋଇଥିବାର ଆକାଶମାର୍ଗ ଦୃଶ୍ୟ।


ସେପ୍ଟେମ୍ବର ୨୨: କେନିଆର ଇସିଓଲୋସ୍ଥିତ ଶାବା ନ୍ୟାଶନାଲ ରିଜର୍ଭରେ ଭୂ-କମ୍ପ ଯୋଗୁ ମରିପଡ଼ିଥିବା ଏକ ହାତୀ।

## ଜେଲ୍‌ରେ ମାରପିଟ୍, ଜଣେ ବନ୍ଦୀ ଆହତ

ମାଲକାନଗିରି,୨୭।୧୨(ଡି.ଏନ.ଏ.): ମାଲକାନଗିରି ଜେଲରେ ମଙ୍ଗଳବାର ବନ୍ଦୀମାନେ ପରସ୍ପର ମଧ୍ୟରେ ମାରପିଟ ହୋଇଛନ୍ତି। ଫଳରେ ଜଣେ ବନ୍ଦୀ ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ସେ ହେଉଛନ୍ତି ପ୍ରଶାନ୍ତ କୁଣ୍ଡୁ। ପ୍ରଶାନ୍ତ ସ୍ତ୍ରୀ ରଞ୍ଜିତାଙ୍କ ଅଜାଣତରେ ତାଙ୍କ କିଡ୍‌ନୀକୁ ବିକ୍ରି କରି ଦେଇଥିଲେ। ରଞ୍ଜିତା ଏହା ଜାଣିବା ପରେ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ପ୍ରଶାନ୍ତଙ୍କୁ ବେଙ୍ଗାଲୁରରୁ ଗିରଫ କରି ସେ ସମୟରେ କୋର୍ଟଚାଲାଣ କରିଥିଲା।



ପୁରୀ ସିଂହଦ୍ୱାର ସମ୍ମୁଖରେ ମଙ୍ଗଳବାର ଶ୍ରୀମନ୍ଦିର ପ୍ରଶାସନ ଓ ସେବାୟତଙ୍କ ପକ୍ଷରୁ ହକି ବିଶ୍ୱକପ୍ ଟ୍ରଫିକୁ ଖଣ୍ଡୁଆ ପାଟ ଅର୍ପଣ ପୂର୍ବକ ସ୍ୱାଗତ କରାଯାଉଛି। (ଫଟୋ–ଯଜ୍ଞେଶ୍ୱର ମହାନ୍ତି)

## ଚେନ୍ନାଇରେ ୨ ଓଡ଼ିଆ ଶ୍ରମିକ ନିଖୋଜ

ଛେଣ୍ଡିପଦା, ୨୭।୧୨(ସ୍ୱ.ପ୍ର.)

ଦାଦନ ଖଟିବାକୁ ଚେନ୍ନାଇ ଯାଇଥିବା ଅନୁଗୋଳ ଜିଲା ଛେଣ୍ଡିପଦା ଥାନା କମ୍ପସଲା ଗ୍ରାମର ୨ ଭାଇ ନିଖୋଜ ହୋଇଯାଇଛନ୍ତି। ଦୁଇ ରୋଜଗାରିଆ ପୁଅଙ୍କ ସମ୍ପର୍କରେ କୌଣସି ସୂଚନା ମିଳୁ ନ ଥିବାରୁ ପରିବାର ଲୋକେ ଭାଙ୍ଗିପଡ଼ିଛନ୍ତି। ଗତ ଡିସେମ୍ବର ୧୯ରେ ଚେନ୍ନାଇର ଏକ ସ' ମିଲ୍‌କୁ ଦୁଇ ଭାଇ ଅଜୟ ନାଏକ (୪୦) ଏବଂ ଅଭୟ ନାଏକ (୩୫) କାମ କରିବାକୁ ଯାଇଥିଲେ। ହେଲେ ସେଠାକାର ପରିବେଶ ସହିତ ଖାପଖୁଆଇ ନ ପାରିବାରୁ ସେମାନେ ଡିସେମ୍ବର ୨୪ ଅପରାହ୍ନରେ ଚେନ୍ନାଇର ତାମ୍ବରମ୍ ଷ୍ଟେଶନରୁ ଟ୍ରେନ୍ ଧରି ଘରକୁ ଆସୁଥିବା ସୂଚନା ଦେଇଥିଲେ। ତେବେ ଏମୋର୍ ଷ୍ଟେଶନରୁ ଅଜୟ ନିଖୋଜ ହୋଇଯାଇଥିଲେ। ତାଙ୍କ ମୋବାଇଲ ସୁଇଚ୍ ଅଫ୍ ଥିବା ନେଇ ସାନଭାଇ ଅଭୟ ଘରକୁ ସୂଚନା ଦେଇଥିଲେ। ଏହାପରେ ସେ ମଧ୍ୟ ଭାଇଙ୍କୁ ଖୋଜିବାକୁ ଓହ୍ଲାଇ ପଡ଼ିଥିଲେ। ଏହାପରଠାରୁ ଉଭୟଙ୍କ ସହ କୌଣସି ଯୋଗାଯୋଗ ହୋଇପାରୁନାହିଁ। ଏ ନେଇ ପରିବାର ଲୋକେ ସମ୍ବଲପୁର ରେଲୱେ ଥାନାରେ ଅଭିଯୋଗ କରିଛନ୍ତି।

## ଏନ୍‌ଜିଟି ରାୟ ଉପରେ ସୁପ୍ରିମକୋର୍ଟଙ୍କ ରହିତାଦେଶ

### ଗୋବରୀ ନଦୀ ପ୍ରଦୂଷଣ ପାଇଁ କେନ୍ଦ୍ରାପଡ଼ା ପୌରପାଳିକାକୁ ୨୪ ଲକ୍ଷ ଜରିମାନା ପ୍ରସଙ୍ଗ

ନୂଆଦିଲ୍ଲୀ,୨୭।୧୨

ଗୋବରୀ ନଦୀକୁ ଛଡ଼ାଯାଉଥିବା ବର୍ଜ୍ୟଜଳ ନିୟନ୍ତ୍ରଣରେ ବିଫଳତା ପାଇଁ କେନ୍ଦ୍ରାପଡ଼ା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ(ଇଓ)ଙ୍କୁ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ୨୪ ଲକ୍ଷ ଟଙ୍କା ଜରିମାନା ଆଦେଶ ଦେଇଥିଲେ। ମ୍ୟୁନିସିପାଲିଟି ପକ୍ଷରୁ ଏନ୍‌ଜିଟି ରାୟକୁ ଚ୍ୟାଲେଞ୍ଜ କରାଯାଇଥିବାବେଳେ ଏହା ଉପରେ ସୁପ୍ରିମକୋର୍ଟ ରହିତାଦେଶ ଜାରି କରିଛନ୍ତି। ବର୍ଜ୍ୟଜଳ ଯୋଗୁ ଗୋବରୀ ନଦୀ ପ୍ରଦୂଷିତ ହେବାରେ ଲାଗିଛି। ନର୍ଦ୍ଦମା ପାଣି ରୋକିବାରେ କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟି ବିଫଳ ହୋଇଛି। ଏଥିଯୋଗୁ ବିପଜ୍ଜନକ ସ୍ଥିତି ସୃଷ୍ଟି ହୋଇଥିବା ଆବେଦନକାରୀ ରବେୟା ତବସୁମ୍ ନିଜ ପିଟିଶନରେ ଦର୍ଶାଇଥିଲେ। ଏନ୍‌ଜିଟି ଏହାର ଶୁଣାଣି କରି ଏକ ତଦାରଖ କମିଟି ଗଠନ କରିଥିଲେ। ଉକ୍ତ କମିଟି ଦାଖଲ କରିଥିବା ରିପୋର୍ଟରେ ୨୦୨୦ ଏପ୍ରିଲ ୧ରୁ ୨୦୨୨ ମାର୍ଚ୍ଚ ୩୧ ମଧ୍ୟରେ ହୋଇଥିବା ପ୍ରଦୂଷଣ ପାଇଁ ୨୪ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ଲାଗି ସ୍ଥିର କରିଥିଲା। ତେଣୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିକଟରେ ମାସକ ମଧ୍ୟରେ ଜରିମାନା ରାଶି ପଇଠ କରିବାକୁ ଗତ ଜୁଲାଇ ୧୩ରେ କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟିକୁ ନିର୍ଦ୍ଦେଶ ଦିଆଯାଇଥିଲା। ଜଷ୍ଟିସ୍



କେ.ଏମ୍. ଜୋସେଫ୍ ଏବଂ ବି.ଭି. ନାଗରତ୍ନଙ୍କୁ ନେଇ ଗଠିତ ଖଣ୍ଡପୀଠ କେନ୍ଦ୍ର ଓ ଓଡ଼ିଶା ସରକାରଙ୍କୁ ଉକ୍ତ ଆବେଦନ ଉପରେ ଜବାବ ମାଗିଛନ୍ତି। ଏଥିସହ କୋଲକାତାସ୍ଥିତ ଏନ୍‌ଜିଟିଙ୍କ ଇଷ୍ଟର୍ନ ଜୋନ୍ ବେଞ୍ଚ ପକ୍ଷରୁ ଦିଆଯାଇଥିବା ପରିବେଶଗତ କ୍ଷତିପୂରଣ ଜରିମାନା ନିର୍ଦ୍ଦେଶ ଉପରେ ପରବର୍ତ୍ତୀ ଶୁଣାଣି ତାରିଖ ପର୍ଯ୍ୟନ୍ତ ସ୍ଥଗିତାଦେଶ ଜାରି କରିଛନ୍ତି। ୨୦୨୩ ଫେବୃୟାରୀ ତୃତୀୟ ସପ୍ତାହରେ ଏହାର ଶୁଣାଣି କରାଯିବ।

# ଝାରସୁଗୁଡ଼ା, ବରଗଡ଼ରୁ ଜବତ ନକଲି ଔଷଧ ୟୁପିରୁ ଆସିଛି

ଭୁବନେଶ୍ୱର, ୨୭।୧୨ (ବ୍ୟୁରୋ)

- ବାରାଣସୀସ୍ଥିତ ୩ ଫାର୍ମର ଲାଇସେନ୍ସ ରଦ୍ଦ କଲେ ସ୍ଥାନୀୟ ସରକାର
- ଓଡ଼ିଶାର ଅନ୍ୟ ଅଞ୍ଚଳରେ ନକଲି ଔଷଧ ବିକ୍ରି ହେଉଥିବା ସନ୍ଦେହ

ବାହାର ରାଜ୍ୟରୁ ଓଡ଼ିଶାକୁ ବ୍ୟାପିଛି ନକଲି ଔଷଧ ର୍‍ୟାକେଟ। ବ୍ୟବସାୟୀମାନେ ଅଧିକ ଲାଭ ପାଇଁ ଏସବୁ ଔଷଧ ଆମଦାନୀ କରି ଲୋକଙ୍କ ଜୀବନ ସହ ଖେଳ ଖେଳୁଛନ୍ତି। ପୂର୍ବରୁ ଭୁବନେଶ୍ୱର, କଟକ, ରାଉରକେଲାରୁ ବିପୁଳ ନକଲି ଔଷଧ ଜବତ ହେବା ସହ ଏସବୁ ମାମଲାରେ କାର୍ଯ୍ୟାନୁଷ୍ଠାନ ଜାରି ରହିଛି। ତେବେ ନିକଟରେ ଝାରସୁଗୁଡ଼ା ଓ ବରଗଡ଼ରୁ ଜବତ ହୋଇଥିବା ନକଲି ଔଷଧ ଉତ୍ତରପ୍ରଦେଶରୁ ଆସିଥିବା ଜଣାପଡିଛି। ସେଠାରେ ଏକାଧିକ ଫାର୍ମା କମ୍ପାନୀ ନକଲି ଔଷଧ ତିଆରି କରୁଥିବାବେଳେ ବଡ଼ ବଡ଼ ଗୋଦାମ ମଧ୍ୟ ରହିଛି। ଓଡ଼ିଶା ସରକାରଙ୍କ ସୂଚନା ଆଧାରରେ ଉତ୍ତରପ୍ରଦେଶ ସରକାର ମଧ୍ୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିବା ସୂଚନା ମିଳିଛି। ଝାରସୁଗୁଡ଼ାର ଅମିତ ମେଡିକାଲ ଏଜେନ୍ସି ଏବଂ ବରଗଡ଼ର ବିକାଶ ଆଣ୍ଡ୍ କୋରୁ ୧ଲକ୍ଷ ୭୦ ହଜାର ଟଙ୍କାର ନକଲି ମେଡିସିନ୍ ଜବତ ହୋଇଥିଲା। ଜବତ



ସମସ୍ତ ମେଡିସିନ୍ ଉତ୍ତର ପ୍ରଦେଶ ବାରାଣସୀର ୩ଟି ଫାର୍ମରୁ ପ୍ରସ୍ତୁତ ହୋଇଥିବା ମୁଖ୍ୟ କମ୍ପାନୀ ପକ୍ଷରୁ ସ୍ପଷ୍ଟ କରାଯାଇଛି। ତେବେ ମେଡ଼ିସିନ ପ୍ରସ୍ତୁତ କରୁଥିବା ସମ୍ପୃକ୍ତ ଫାର୍ମର ଡ୍ରଗ୍ ଲାଇସେନ୍ସ ରଦ୍ଦ ହୋଇଥିବା ଉତ୍ତରପ୍ରଦେଶ ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି। ତେବେ ଏସବୁ ନକଲି ଔଷଧ ରାଜ୍ୟର ଅନ୍ୟ ଅଞ୍ଚଳରେ ବିକ୍ରି ହେଉଥିବା ଆଶଙ୍କା କରାଯାଉଥିବାରୁ ସେସବୁକୁ ଜବତ ସହ ରାଜ୍ୟରୁ ଏହି ବେଆଇନ କାରବାରକୁ ବନ୍ଦ କରିବା ପାଇଁ ଚଢ଼ାଉକୁ ଜୋର୍‌ଦାର କରାଯିବାକୁ ପ୍ରସ୍ତୁତି ଚାଲିଛି।

ସୂଚନାଯୋଗ୍ୟ, ଗତ ୨୩ ତାରିଖରେ କଟକ ଓ ବରଗଡ଼ର ଦୁଇଟି ଗୋଦାମରୁ ନକଲି ଔଷଧ ଜବତ କରାଯାଇଥିଲା। କଟକ ପୁରୀଘାଟସ୍ଥିତ ଏମ୍‌ଏଚ୍ ଫାର୍ମାସ୍ୟୁଟିକାଲ୍ ଷ୍ଟୋର୍‌ରୁ ୧୧ ପ୍ରକାରର ସନ୍ଦେହାତ୍ମକ ଔଷଧ ଜବତ କରାଯାଇଥିଲା। ଏସବୁର ମୂଲ୍ୟ ପ୍ରାୟ ୨୩.୨୩ଲକ୍ଷ ଟଙ୍କା ହେବ। ଏହି ନକଲି ଔଷଧଗୁଡ଼ିକ ମଧ୍ୟ ଉତ୍ତର ପ୍ରଦେଶରୁ ଆସିଥିବା ଜଣାପଡ଼ିଥିଲା। ତେଣୁ ନକଲି ଔଷଧ ଆମଦାନୀରେ ଉତ୍ତରପ୍ରଦେଶ ରାଜ୍ୟର ଏକ ବଡ଼ ର୍‍ୟାକେଟ ସକ୍ରିୟ ଥିବା ସନ୍ଦେହ କରାଯାଉଛି। ନକଲି ଔଷଧର ଆମଦାନୀ ଏବଂ ଯୋଗାଣକୁ ବନ୍ଦ କରିବା ଏବଂ ଧରାପଡ଼ିଥିବା ନକଲି ଔଷଧ ପ୍ରସ୍ତୁତକାରୀଙ୍କ ବିରୋଧରେ କଠୋର ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ଦାବି ହେଉଛି।

## ଡେପୁଟି କଲେକ୍ଟରଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

ଜଗତ୍‌ସିଂହପୁର ଅଫିସ/ବାଲେଶ୍ୱର ଅଫିସ୍ ୨୭।୧୨

- ୯ ଠିକଣାରେ ଏକସଙ୍ଗେ ଚଢ଼ାଉ
- ୪ ଫ୍ଲାଟ୍, ୬ ପ୍ଲଟ୍ ଓ ୨ ତାଲା କୋଠା ଠାବ

ଜଗତ୍‌ସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ରାଜସ୍ୱ ବିଭାଗରେ ଡେପୁଟି କଲେକ୍ଟର ଭାବେ କାର୍ଯ୍ୟରତ ଚିତ୍ତରଞ୍ଜନ ପିଳାଙ୍କ ଘର ସମେତ ୯ ଠିକଣାରେ ମଙ୍ଗଳବାର ଅତର୍କିତ ଭାବେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ଭୁବନେଶ୍ୱର ଭିଜିଲାନ୍ସ କୋର୍ଟ ବିଚାରପତିଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ରାଜ୍ୟ ଭିଜିଲାନ୍ସ ପକ୍ଷରୁ ଏହି ଚଢ଼ାଉ ସମୟରେ ଚିତ୍ତରଞ୍ଜନଙ୍କ ଘରୁ ନଗଦ ୮୭,୭୮୫ ଟଙ୍କା ମିଳିଛି। ଏଥିସହ ୨ ଚାରି ଚକିଆ ଓ ୩ଟି ଦୁଇଚକିଆ ଗାଡ଼ି ଠାବ କରାଯାଇଛି। ଏହାବ୍ୟତୀତ ରାଜ୍ୟର ବିଭିନ୍ନ ସ୍ଥାନରେ ୪ ଫ୍ଲାଟ୍, ୬ଟି ପ୍ଲଟ୍ ଓ ବିଲ୍ଡିଂ ଆଦି ଥିବା ଜଣାପଡ଼ିଛି। ସେଥିରୁ ଭୁବନେଶ୍ୱର ମଞ୍ଚେଶ୍ୱରସ୍ଥିତ ସ୍ପେସ୍ ଟାଉନ ଆପାର୍ଟମେଣ୍ଟ ଓ ରଙ୍ଗମାଟିଆସ୍ଥିତ ହର୍ଷପ୍ରିୟା ଏନକ୍ଲେଭ୍ (ସରସ୍ୱତୀ)ରେ ଗୋଟିଏ ଲେଖାଏ ଫ୍ଲାଟ୍ ରହିଥିବାବେଳେ ବାଲେଶ୍ୱର ସୁନାହାଟସ୍ଥିତ ଏକ ଆପାର୍ଟମେଣ୍ଟରେ ୨ଟି ଫ୍ଲାଟ୍ ରହିଛି। ସେହିପରି ସୋନପୁର ଟାଉନ ଥାନାର ୟୁନିଟ୍‌–୧ରେ ଗୋଟିଏ ୨ ମହଲା ବିଶିଷ୍ଟ କୋଠା ଚିତ୍ତରଞ୍ଜନଙ୍କ ପରିବାର ନାମରେ ଥିବା ସୂଚନା ମିଳିଛି। ଏହାଛଡ଼ା ସୁବର୍ଣ୍ଣପୁର ଖଟାପଲ୍ଲୀରୁ ୧ ଓ ବୀରମହାରାଜପୁରରୁ ୨ ସମେତ ଭୁବନେଶ୍ୱରର ଆଇଗିଣିଆରୁ ୧ ଏବଂ ବାଲେଶ୍ୱରର ବାଲିଆପାଳ ଅଞ୍ଚଳରୁ ୨ଟି ପ୍ଲଟ ଚିହ୍ନଟ କରାଯାଇଛି। ଅଧିକ ତଥ୍ୟ ପାଇଁ ଅନୁସନ୍ଧାନ ଜାରି ରହିଛି। ଏହି ଚଢାଉରେ ଭିଜିଲାନ୍ସ ବିଭାଗର ୨ ଡିଏସ୍‌ପି, ୧୪ ଇନ୍ସପେକ୍ଟର, ୬ ଏଏସ୍‌ଆଇ ଓ ଅନ୍ୟ କର୍ମଚାରୀମାନେ ନିୟୋଜିତ ହୋଇଛନ୍ତି। ଖବର ଲେଖା ହେବାବେଳକୁ ଭିଜିଲାନ୍ସ ଟିମ୍ ପକ୍ଷରୁ ଯାଞ୍ଚ ଚାଲିଥିବାବେଳେ ମୋଟ୍ ସମ୍ପତ୍ତି ଓ ଏହାର ମୂଲ୍ୟ ଆକଳନ ହୋଇ ନ ଥିଲା। ଏ ନେଇ ବିଭାଗର ଟେକ୍ନିକାଲ ୱିଙ୍ଗ୍ ପକ୍ଷରୁ ମୂଲ୍ୟାଙ୍କନ ଜାରି ରହିଥିବା ସୂଚନା ଦିଆଯାଇଛି।



ଚିତ୍ତରଞ୍ଜନ ପିଳା

## ଶୀତ ଗାଏବ: ପାରଦ ଉପରମୁହାଁ

ଭୁବନେଶ୍ୱର, ୨୭।୧୨(ବ୍ୟୁରୋ)

ରାଜ୍ୟରୁ ହଠାତ୍ ଶୀତ ଗାଏବ ହୋଇଯାଇଛି। ରାତ୍ରିର ସର୍ବନିମ୍ନ ତାପମାତ୍ରା ୨୨ ଡିଗ୍ରୀ ସେଲ୍‌ସିୟସକୁ ଛୁଇଁଛି। ଏଥିସହିତ ଦିନର ସର୍ବୋଚ୍ଚ ତାପମାତ୍ରା ମଧ୍ୟ ୩୨ ଡିଗ୍ରୀ ଉପରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଦାରିଙ୍ଗବାଡ଼ିରେ ସର୍ବନିମ୍ନ ତାପମାତ୍ରା ୧୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଫୁଲବାଣୀ ୧୨, ସୋନପୁର ୧୫.୫, ଅନୁଗୋଳ ୧୫, ଭୁବନେଶ୍ୱର ୧୯.୮, କଟକ ୨୦ ଏବଂ ପୁରୀରେ ସର୍ବନିମ୍ନ ତାପମାତ୍ରା ୨୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଓଡ଼ିଶା ଉପକୂଳରେ ସୃଷ୍ଟି ହୋଇଥିବା ଗୁରୁଚାପ ଯୋଗୁ ରାଜ୍ୟ ଭିତରକୁ ପ୍ରଚୁର ପରିମାଣରେ ଜଳୀୟ ବାଷ୍ପ ପ୍ରବେଶ କରୁଛି। ଏଥିଯୋଗୁ ତାପମାତ୍ରା ବଢ଼ିବା ସହ ଗତ କିଛିଦିନ ହେବ ରାଜ୍ୟର ବିଭିନ୍ନ ଭାଗରେ କୁହୁଡ଼ି ବଢ଼ିଯାଇଛି। ଆସନ୍ତା ୨/୩ ଦିନ ଯାଏ କୁହୁଡ଼ି ପରିମାଣ ବଢ଼ିବ ବୋଲି ପାଣିପାଗ ବିଭାଗ ସତର୍କ କରିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଅନୁଗୋଳ, ଢେଙ୍କାନାଳ, କଟକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ଗଞ୍ଜାମ, ଗଜପତି, ଭଦ୍ରକ, କଳାହାଣ୍ଡି, ଯାଜପୁର ଓ କନ୍ଧମାଳ ଜିଲାର କେତେକ ସ୍ଥାନରେ ପ୍ରବଳ କୁହୁଡ଼ି ହେବାର ସମ୍ଭାବନା ରହିଛି। ଏଥିସହିତ ଢେଙ୍କାନାଳ, କନ୍ଧମାଳ, ଅନୁଗୋଳ, କୋରାପୁଟ, ରାୟଗଡ଼ା ଓ କଳାହାଣ୍ଡି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ହାଲୁକା କୁହୁଡ଼ି ହେବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି।




# ବର୍ଷକରେ ୨୨ ମାମଲା, ୬୦ ଗିରଫ

ଭୁବନେଶ୍ୱର, ୨୭।୧୨ (ବ୍ୟୁରୋ)

**ଇଓଡବ୍ଲ୍ୟୁର ବାର୍ଷିକ ରିପୋର୍ଟ**

- ଡିଜିଟାଲ ଲୋନ ଆପ୍ ଠକେଇରେ ଦେଶରେ ୧୦୮ ଆତ୍ମହତ୍ୟା କରିଛନ୍ତି

କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ପକ୍ଷରୁ ମଙ୍ଗଳବାର ୨୦୨୨ର ବାର୍ଷିକ ରିପୋର୍ଟ ପ୍ରକାଶ ପାଇଛି। ବର୍ଷକରେ ଘର, ଜମି ଯୋଗାଣ, ଇନ୍‌କମ୍ ଟ୍ୟାକ୍ସ, ସାଇବର, ଚାକିରି, ଡିଜିଟାଲ ଲୋନ୍ ଠକେଇ ଆଦି ବଡ଼ ବଡ଼ ଘଟଣାକୁ ନେଇ ୨୨ଟି ମାମଲା ରୁଜୁ ହୋଇଥିବାବେଳେ ଏଥିରେ ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ହୋଇଛି। ଏସବୁ ମାମଲାରେ ୬୦ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଉପରୋକ୍ତ ମାମଲାରେ ଚାଇନା, ହଂକଂ, ଥାଇଲାଣ୍ଡ, ମାଲେସିୟା, ସିଙ୍ଗାପୁର, ନେପାଳ, ଶ୍ରୀଲଙ୍କା ଆଦି ଦେଶରେ ଅଭିଯୁକ୍ତମାନେ ରହି ରାକେଟ ଚଳାଉଛନ୍ତି। ଇଓଡବ୍ଲ୍ୟୁ ଏସବୁ ମାମଲାରେ ତଦନ୍ତ କରିବା ସହ ବିଭିନ୍ନ ଲ' ଏନ୍‌ଫୋର୍ସମେଣ୍ଟ ଏଜେନ୍‌ସି , ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି), ଇନ୍‌କମ୍ ଟ୍ୟାକ୍ସ, ଏଫ୍‌ଆଇୟୁ (ଫାଇନାନ୍‌ସିଆଲ୍ ଇଣ୍ଟେଲିଜେନ୍ସ ୟୁନିଟ), ଆର୍‌ବିଆଇ, ଇଣ୍ଟେଲିଜେନ୍ସ ବ୍ୟୁରୋ, ବ୍ୟୁରୋ ଅଫ୍ ଇମିଗ୍ରେସନ୍, ସିବିଆଇ, ସିଆଇଏସ୍‌ଏଫ୍, ଏକାଧିକ ବ୍ୟାଙ୍କ, ଜିଏସ୍‌ଟି କର୍ତ୍ତୃପକ୍ଷ, ମୁମ୍ବାଇ ପୋଲିସ, ଦିଲ୍ଲୀ ପୋଲିସ, କୋଲାକାତା ପୋଲିସ, ବାଙ୍ଗାଲୋର ପୋଲିସର ସହଯୋଗରେ କାର୍ଯ୍ୟ କରୁଛି। ଏଥିସହ ଗୁଗଲ, ଫେସ୍‌ବୁକ୍, ହ୍ୱାଟ୍‌ସଆପ୍, ଗୋ–ଡାଡି ଆଦି ସହଯୋଗରେ କିଛି ମାମଲାରେ ତଦନ୍ତ ମଧ୍ୟ କରାଯାଉଛି। ତେବେ ସବୁଠୁ ବଡ଼ କଥା ହେଲା, ଡିଜିଟାଲ ଲୋନ ଆପ୍ ଠକେଇ ମାମଲାରେ ସାରା ଦେଶରେ ୧୦୮ଜଣ ଆତ୍ମହତ୍ୟା କରିଛନ୍ତି। ହେଲେ ଓଡ଼ିଶାରେ କେହି ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ଗ୍ରହଣ କରିନାହାନ୍ତି। ତେବେ ଇଓଡବ୍ଲ୍ୟୁ ପକ୍ଷରୁ ତଦନ୍ତ ସହ ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଇଥିବାରୁ ଠକେଇର ଶିକାର ପୀଡିତଙ୍କ ଜୀବନ ବଞ୍ଚିଯାଇଥିବା ଇଓଡବ୍ଲ୍ୟୁ ପକ୍ଷରୁ କୁହାଯାଇଛି।






**ଆଜିର ମନ୍ତବ୍ୟ**

ମୂଲ୍ୟବୋଧ ଭିତ୍ତିକ ଶିକ୍ଷାକୁ ପାଠ୍ୟକ୍ରମରେ ସାମିଲ କରାଯିବା ଆବଶ୍ୟକ। ଏହା ଏକ ଉତ୍ତମ ସମାଜ ଗଠନରେ ସହାୟକ ହେବ।
– ଦ୍ରୌପଦୀ ମୁର୍ମୁ, ରାଷ୍ଟ୍ରପତି

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଶାଶୁ ମାରୁଥାଏ ବୋହୂକୁ**
**ବୋହୂ ଛାର ହୋଇ କାହାକୁ ମାରିବ**
**ମାରୁଥାଏ ଚୁଲି ମୁହଁକୁ।**

ବଡ଼ମାନେ ସାନ ଉପରେ ଅକାରଣରେ ମାଡ଼ଗାଳି ବର୍ଷଣ କଲେ ସାନମାନେ ମୁହଁ ଉପରେ କିଛି କହି ନ ପାରି ତାଙ୍କଠାରୁ ସାନ ଉପରେ ରାଗ କରିଥାନ୍ତି। ଏପରିକି ସାନ କେହି ନ ଥିଲେ ଜଡ ପଦାର୍ଥ ଉପରେ ନିଜର ରାଗ ଶୁଝାଇ ମନର କ୍ରୋଧକୁ ପ୍ରଶମିତ କରୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଶାଶୁ କାଣୀ ବୋହୂ କାଣୀ**
**ନଣନ୍ଦ ଆଖିରେ ଫୁଲା**
**ଘର ଚାରିଆଡ଼ ଖୋଜି ଆଇଲେ**
**ନ ପାଇଲେ କାହିଁ କୁଲା।**

ସାଧାରଣତଃ ପ୍ରତ୍ୟେକ ଜିନିଷକୁ ଦେଖିବା ଲାଗି ଦୃଷ୍ଟିଶକ୍ତି ରହିବା ଜରୁରୀ ହୋଇଥିବା ବେଳେ ଦୃଷ୍ଟିହୀନ ବ୍ୟକ୍ତି ଏଥିରୁ ବଞ୍ଚିତ ହୋଇଥାନ୍ତି। ଏଭଳି ବ୍ୟକ୍ତି ନିଜର ଦୈନନ୍ଦିନ କାର୍ଯ୍ୟ କରିବାରେ ନିଜକୁ ଅସହାୟ ମନେକରୁଥିବା ବେଳେ ସର୍ବଦା ପର ଉପରେ ନିର୍ଭର କରିଥାନ୍ତି। ଆଖି ଦୋଷରୁ ଜିନିଷ ଦେଖା ନ ଯିବାର ପରିଣତିକୁ ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

**ପ୍ରଥମ ପୃଷ୍ଠାରୁ...**

## ଓଡ଼ିଶାରେ ପୁଟିନ୍...

ସାଂସଦ ଏବଂ ଜଣେ ଧନୀ ବ୍ୟବସାୟୀ। ସେ ଭ୍ଲାଡିମିର୍ସ୍କି ଷ୍ଟାଣ୍ଡାର୍ଡ କମ୍ପାନୀ ଉପସଭାପତି ମଧ୍ୟ। ରୁଷିଆରୁ ଆସି ସୁଦୂର ରାୟଗଡ଼ାରେ ତାଙ୍କର ଏହିଭଳି ମୃତ୍ୟୁକୁ ସାଧାରଣ ଭାବେ ଗ୍ରହଣ କରାଯାଇପାରୁ ନାହିଁ। ରୁଷିଆ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଭାରତ ସରକାରଙ୍କୁ ବିଦାନୋଭ ଏବଂ ପାଭେଲଙ୍କ ମୃତ୍ୟୁର ସବିଶେଷ ତଥ୍ୟ ମଗାଯିବା ପରେ ପୋଲିସ ତନାଘନା ଜୋର ଧରିଛି।

ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ରାଜେଶ ପଣ୍ଡିତ ମଙ୍ଗଳବାର ରାୟଗଡ଼ା ଆସି ହୋଟେଲ ସାଇ ଇଣ୍ଟରନ୍ୟାଶନାଲକୁ ଯାଇଥିଲେ। ରୁମ୍ ନଂ. ୨୦୩ରେ ୨୨ତାରିଖରେ ମୃତ୍ୟୁବରଣ କରିଥିବା ବିଦାନୋଭଙ୍କ ସମ୍ପର୍କରେ ପଚାରି ବୁଝିଥିଲେ। ପରେ ଛାତରୁ ପଡ଼ି ମୃତ୍ୟୁବରଣ କରିଥିବା ରୁଷୀୟ ସାଂସଦ ପାଭେଲଙ୍କ ମୃତ୍ୟୁ ସମ୍ପର୍କରେ ତଦନ୍ତ କରିଥିଲେ। ଏହି ସମୟରେ ରାୟଗଡ଼ା ଏସ୍‌ପି ବିବେକାନନ୍ଦ ଶର୍ମା, ଏସ୍‌ଡିପିଓ ଦେବଜ୍ୟୋତି ଦାସ, ଥାନାଧିକାରୀ ରଶ୍ମିରଞ୍ଜନ ପ୍ରଧାନଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ଏଥିସହ ଡିଆଇଜି ପୋଲିସ କାର୍ଯ୍ୟାଳୟରେ ସାଇଣ୍ଟିଫିକ ଟିମ୍‌ର ରିପୋର୍ଟ ଅନୁଧ୍ୟାନ କରିଥିଲେ। ୨ ରୁଷୀୟ ପର୍ଯ୍ୟଟକଙ୍କ ମୃତ୍ୟୁକୁ ନେଇ ରାୟଗଡ଼ା ଟାଉନ ଥାନାରେ ୨ଟି ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଏହାର ତଦନ୍ତ ଚାଲିଛି। ବିଦାନୋଭଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟ ପୋଲିସର ହସ୍ତଗତ ହୋଇଥିବାବେଳେ ପାଭେଲଙ୍କ ରିପୋର୍ଟକୁ ଅପେକ୍ଷା କରାଯାଇଛି ବୋଲି ଡିଆଇଜି କହିଛନ୍ତି। ଅପରପକ୍ଷରେ ବିଦାନୋଭ ଏବଂ ପାଭେଲଙ୍କ ସହିତ ଆସିଥିବା ଅନ୍ୟ ୨ଜଣ ରୁଷୀୟ ପର୍ଯ୍ୟଟକ ମଙ୍ଗଳବାର ରାୟଗଡ଼ା ଛାଡ଼ିଛନ୍ତି। କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ପର୍ଯ୍ୟଟକ ତୁରଭ ଏବଂ ପାନାସାଙ୍କୋ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଥିଲେ। ଭୁବନେଶ୍ୱରରେ ରହିବା ପରେ ଉଭୟେ ରୁଷିଆ ଯିବେ ବୋଲି ସୂଚନା ମିଳିଛି। ତେବେ ପାଭେଲ ଏବଂ ବିଦାନୋଭଙ୍କ ମୃତ୍ୟୁ ଘଟଣାରେ ଗଣମାଧ୍ୟମକୁ ସୂଚନା ଦେଉଥିବା ଗାଇଡ୍ ଜିତେନ୍ଦ୍ର ସିଂଙ୍କୁ ମଧ୍ୟ ପୋଲିସ ଭୁବନେଶ୍ୱର ପଠାଇଦେଇଛି। ପ୍ରଥମେ ଗଣମାଧ୍ୟମକୁ ସମସ୍ତ ସୂଚନା ଦେଉଥିବା ଜିତେନ୍ଦ୍ର ମଙ୍ଗଳବାର କୌଣସି ସୂଚନା ଦେବାକୁ ମନା କରିଦେଇଥିଲେ, ଯାହାକି ସନ୍ଦେହ ସୃଷ୍ଟି କରିଛି। ୨ ରୁଷୀୟ ପର୍ଯ୍ୟଟକ ଏବଂ ଗାଇଡ୍ ମଙ୍ଗଳବାର ରାତିରେ ଭୁବନେଶ୍ୱରସ୍ଥିତ କ୍ରାଇମବ୍ରାଞ୍ଚ କାର୍ଯ୍ୟାଳୟରେ ପହଞ୍ଚିଥିବା ଜଣାପଡ଼ିଛି। ବୁଧବାର ସେମାନଙ୍କୁ ଘଟଣା ସମ୍ପର୍କରେ ପଚରାଉଚରା ବୋଲି ସୂଚନା ମିଳିଛି।

## ଏମ୍‌ଏସ୍‌ଏମ୍‌ଇ ପଲିସି...

ଅଟୋମୋବାଇଲ ଓ ଅଟୋକମ୍ପୋନେଣ୍ଟ, ପ୍ଲାଷ୍ଟିକ, ପଲିମର୍ସ, ଷ୍ଟିଲ୍, ପ୍ରତିରକ୍ଷା ଉପକରଣ, ଆଲୁମିନିୟମ, ଫାର୍ମାସ୍ୟୁଟିକାଲ୍ସ, ମେଡିକାଲ ଉପକରଣ, ବୟନ ଶିଳ୍ପ ଆଦି ୮ଟି ଫୋକସ କ୍ଷେତ୍ରର ଉଦ୍ୟୋଗ, ଶିଳ୍ପାୟନ କ୍ଷେତ୍ରରେ ପଛୁଆ ଥିବା ଜିଲା କଳାହାଣ୍ଡି, ବଲାଙ୍ଗୀର, ସୁବର୍ଣ୍ଣପୁର, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ମାଲକାନଗିରି, କନ୍ଧମାଳ, ଗଜପତି ଓ ମୟୂରଭଞ୍ଜ ଆଦି ଜିଲା, ବିଜୁ ଏକ୍ସପ୍ରେସ ରାଜପଥ କରିଡର ପାର୍ଶ୍ୱବର୍ତ୍ତୀ ଶିଳ୍ପାଞ୍ଚଳଗୁଡ଼ିକ ପାଇଁ ପୁଞ୍ଜିନିଯୋଗରେ ଅତିରିକ୍ତ ୫% ଅନୁଦାନ ସର୍ବାଧିକ ୨୦ ଲକ୍ଷ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ନୂଆ ଓ ପୂର୍ବରୁ ଥିବା ଆଙ୍କର ଉଦ୍ୟୋଗଗୁଡ଼ିକରେ କଳକବ୍ଜା ସ୍ଥାପନ ପାଇଁ ହୋଇଥିବା ପୁଞ୍ଜିନିବେଶ ଉପରେ ୩୦ ପ୍ରତିଶତ ହାରରେ ସର୍ବାଧିକ ୪ କୋଟି ଟଙ୍କା ରିହାତି ଦିଆଯିବ। ଅଣ ପ୍ରଦୂଷଣକାରୀ ପଦକ୍ଷେପ ଗ୍ରହଣ କରୁଥିବା ଉଦ୍ୟୋଗଗୁଡ଼ିକ ପାଇଁ ଅଣପ୍ରଦୂଷିତ ଯନ୍ତ୍ରପାତି ଓ କଳକବ୍ଜା ସ୍ଥାପନରେ ହୋଇଥିବା ପୁଞ୍ଜିନିବେଶ ଉପରେ ସର୍ବାଧିକ ୨୫ଲକ୍ଷ ଟଙ୍କା ପ୍ରୋତ୍ସାହନ ରାଶି ମିଳିବ। ସେହିପରି ପୂର୍ବରୁ ଥିବା ଓ ନୂତନ ଉଦ୍ୟୋଗକୁ ୭୫ରୁ ୧୦୦ ପ୍ରତିଶତ ଷ୍ଟାମ୍ପ ଡ୍ୟୁଟି ଛାଡ଼ କରାଯିବ। ଶିଳ୍ପ ଉଦ୍ଦେଶ୍ୟରେ ଜମି ପରିବର୍ତ୍ତନ ଉପରେ ପ୍ରିମିୟମ ଦେୟ ଛାଡ଼ ସହ ମିଆଦି ଋଣ ସୁଧର ଶତକଡ଼ା ୫୦ ପ୍ରତିଶତର ପରିପୂରଣ ସର୍ବାଧିକ ୧କୋଟି ଟଙ୍କା ୫ ବର୍ଷ ପର୍ଯ୍ୟନ୍ତ ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯିବ। ଏପରି କି ୫ବର୍ଷ ପାଇଁ ବିଦ୍ୟୁତ୍ ଚୁକ୍ତିନାମା ୭୫୦ କେଭିଏ ପର୍ଯ୍ୟନ୍ତ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପାଇଁ ବିଦ୍ୟୁତ୍ ଶୁଳ୍କ ଛାଡ଼ କରାଯିବ।

ସେହିପରି ଭାରତ ସରକାରଙ୍କଠାରୁ ତ୍ରୁଟି ଶୂନ୍ୟ ପ୍ରଭାବ(ଜେଡଇଡି) ପ୍ରମାଣ ପତ୍ର ଉପରେ କାଂସ୍ୟ ପତ୍ର ପାଇଁ ସର୍ବାଧିକ ୨ ଲକ୍ଷ ଟଙ୍କା , ରୌପ୍ୟ ପତ୍ର ପାଇଁ ସର୍ବାଧିକ ୩ଲକ୍ଷ ଟଙ୍କା, ସ୍ୱର୍ଣ୍ଣ ପତ୍ର ପାଇଁ ସର୍ବାଧିକ ୫ଲକ୍ଷ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। କର୍ମଚାରୀ ଭବିଷ୍ୟନିଧି ଓ କର୍ମଚାରୀ ବୀମା ବାବଦ ଦେୟ ରାଶିର ଶତକଡ଼ା ୭୫ପ୍ରତିଶତରୁ ୧୦୦ ପ୍ରତିଶତ ପର୍ଯ୍ୟନ୍ତ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ଜଳ ସଂରକ୍ଷଣ ପାଇଁ ସର୍ବାଧିକ ୧ ଲକ୍ଷ, ଶକ୍ତି ସଂରକ୍ଷଣ ପାଇଁ ୫ ଲକ୍ଷ, ଦେଶ ଓ ବିଦେଶରେ ପେଟେଣ୍ଟ ପଞ୍ଜୀକରଣ ପାଇଁ ୫ ଲକ୍ଷ, ଟ୍ରେଡମାର୍କ ପାଇଁ ୩ ଲକ୍ଷ ପର୍ଯ୍ୟନ୍ତ ପ୍ରୋତ୍ସାହନ ରାଶି ପ୍ରଦାନ କରିବାକୁ ଏହି ନୀତିରେ ବ୍ୟବସ୍ଥା ରହିଛି। ଏଥିସହିତ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିକାଶରେ ଅବଦାନକୁ ସ୍ୱୀକୃତି ଦେବାକୁ ରାଜ୍ୟ ସରକାର ପୁରସ୍କାର ବ୍ୟବସ୍ଥା କରିଛନ୍ତି। ପ୍ରଥମ ପୁରସ୍କାର ଭାବେ ୧ ଲକ୍ଷ ୫୧ ହଜାର, ଦ୍ୱିତୀୟ ପୁରସ୍କାର ୧ ଲକ୍ଷ ଓ ତୃତୀୟ ପୁରସ୍କାର ଭାବେ ଉଦ୍ୟୋଗୀମାନଙ୍କୁ ୫୧ ହଜାର ଟଙ୍କା ପ୍ରଦାନ କରାଯିବ। ୨୦୨୧ ଡିସେମ୍ବର ୩୧ ସୁଦ୍ଧା ୧୦୦ ପ୍ରତିଶତ ଅନୁଦାନ ପାଉଥିବା ଅଣ ସରକାରୀ ହାଇସ୍କୁଲ, ଉଚ୍ଚ ପ୍ରାଥମିକ ସ୍କୁଲ ଓ ମଦ୍ରାସାର ଯୋଗ୍ୟ କର୍ମଚାରୀଙ୍କୁ ଓଡିଶା ସଂଶୋଧିତ ବେତନ ନିୟମ-୨୦୧୭ ଆଧାରରେ ସପ୍ତମ ବେତନ କମିଶନ ହାରରେ ଦରମା ପ୍ରଦାନ କରାଯିବ। ଏଥିପାଇଁ ବାର୍ଷିକ ୨୮୦.୪୮ କୋଟି ଟଙ୍କା ରାଜ୍ୟ ସରକାର ଅତିରିକ୍ତ ଖର୍ଚ୍ଚ ବହନ କରିବେ। ଏଥିରେ ୨୬,୧୬୪ ଶିକ୍ଷକ ଓ କର୍ମଚାରୀ ଉପକୃତ ହେବେ।

କୃଷିରେ ମହିଳା ସଶକ୍ତୀକରଣ ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଉଦ୍ୟୋଗ ପ୍ରୋତ୍ସାହନ ଓ କୃଷକମାନଙ୍କ ଆୟ ବୃଦ୍ଧି କରିବା ଯୋଜନାରେ ରାଜ୍ୟ ସରକାର ଆସନ୍ତା ୫ ବର୍ଷ ପାଇଁ ୧,୫୦୯ କୋଟି ଟଙ୍କା ପ୍ରୋତ୍ସାହନ ରାଶି ଆକାରରେ ଖର୍ଚ୍ଚ କରିବେ। କୃଷିରେ ମହିଳା ସଶକ୍ତୀକରଣ ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍‌ଏଚ୍‌ଜି) ଉଦ୍ୟୋଗ ପ୍ରୋତ୍ସାହନ ଯୋଜନାରେ ରାଜ୍ୟ ସରକାର ଆସନ୍ତା ୫ ବର୍ଷ (୨୦୨୨-୨୩ରୁ ୨୦୨୬-୨୭) ନିମନ୍ତେ ୩୬୭.୧୯ କୋଟି ଟଙ୍କା ବ୍ୟୟ ଅଟକଳ କରିଛନ୍ତି। ଏହାକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି। ଏହା ମହିଳା ହିତାଧିକାରୀଙ୍କ ଦ୍ୱାରା ରାଜ୍ୟରେ ହେଉଥିବା ଛତୁ ଚାଷକୁ ଦ୍ୱିଗୁଣିତ କରିବା ସହ ଝୁରାଫୁଲ ଉତ୍ପାଦନରେ ରାଜ୍ୟକୁ ଆତ୍ମ ନିର୍ଭରଶୀଳ କରିବାରେ ସହାୟକ ହୋଇପାରିବ।

ସେହିପରି ଆଳୁ, ପନିପରିବା ଏବଂ ମସଲା ଉନ୍ନୟନ ଯୋଜନା ତଥା ଗ୍ରାମାଞ୍ଚଳର ଚାଷୀଙ୍କ ରୋଜଗାର ବୃଦ୍ଧି କରିବା ପାଇଁ ରାଜ୍ୟ ସରକାର ଆସନ୍ତା ୪ ବର୍ଷ (୨୦୨୨-୨୩ରୁ ୨୦୨୫-୨୭) ନିମନ୍ତେ ୧୧୪୨.୨୪ କୋଟି ଟଙ୍କା ବ୍ୟୟ ଅଟକଳ କରିଛନ୍ତି। ଏହାକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି। ଏହା ଦ୍ୱାରା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ/କୃଷକ ଉତ୍ପାଦକ ସଂଗଠନ ତଥା ଚାଷୀମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଏହି ଯୋଜନା ପ୍ରଣୟନ କରାଯାଇଛି। ଏହି ଯୋଜନାରେ ଚାଷୀମାନଙ୍କୁ ରିହାତି ପ୍ରଦାନ କରାଯିବ। ରାଜ୍ୟକୁ ଆଳୁ, ପିଆଜ, ପନିପରିବା ଏବଂ ମସଲା ଉତ୍ପାଦନରେ ଆତ୍ମନିର୍ଭରଶୀଳ କରିବା ଏବଂ ଚାଷୀମାନଙ୍କ ରୋଜଗାର ବୃଦ୍ଧି କରିବା ଲକ୍ଷ୍ୟରେ ଉକ୍ତ ଯୋଜନା କାର୍ଯ୍ୟକାରୀ କରାଯାଉଛି।

## କୃଷକଙ୍କ ୧୦୨ ପିଲା...

ଆଉ ସମ୍ଭବ ହେଉ ନାହିଁ। ବୟସ ବୃଦ୍ଧି ସାଙ୍ଗକୁ ଶରୀରକୁ ନାନା ପ୍ରକାର ରୋଗ ଗ୍ରାସ କରିବାରେ ଲାଗିଛି। ଉଗାଣ୍ଡାର ଲୁସାକାରେ ମୁସା ତାଙ୍କ ପରିବାର ସହ ରୁହନ୍ତି। ସେଠାରେ ବହୁପତ୍ନୀ ପ୍ରଥା ପ୍ରଚଳିତ ଥିବାବେଳେ ମୁସାଙ୍କର ମୋଟ ୧୨ ସ୍ତ୍ରୀ। ରୋଜଗାର ଭଲ ହେଉଥିବାବେଳେ ମୁସା ଗୋଟିଏ ପରେ ଗୋଟିଏ ବିବାହ କରିଥିଲେ। ଗୋଟିଏ ରୋଜଗାରରେ ଏତେବଡ଼ ପରିବାର ଚଳାଇବା ଲାଗି ବହୁ ଅସୁବିଧା ଦେଖାଦେବା ପରେ ତାଙ୍କର ୨ ଜଣ ସ୍ତ୍ରୀ ମୁସାଙ୍କୁ ଛାଡ଼ି ଚାଲିଯାଇଛନ୍ତି। ବର୍ତ୍ତମାନ ସେ ପରିବାରରେ ସଦସ୍ୟଙ୍କ ସଂଖ୍ୟା ବୃଦ୍ଧି କରିବେ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି, ଯେଉଁଥିରେ ତାଙ୍କ ସ୍ତ୍ରୀ ମଧ୍ୟ ରାଜି। ମୁସାଙ୍କ ୧୨ତମ ସ୍ତ୍ରୀ ଜୁଲାଇକା ୧୧ ସନ୍ତାନଙ୍କ ମା'। ପିଲା ଜନ୍ମ ନ କରିବା ଲାଗି ସେ ଏଣିକି ଗର୍ଭ ନିରୋଧକ ବଟିକା ନେଉଥିବା ଜୁଲାଇକା କହିଛନ୍ତି। ମାତ୍ର ୧୬ ବର୍ଷ ବୟସରେ ମୁସା ପ୍ରଥମ ବିବାହ କରିଥିଲେ। ତାଙ୍କର ଏକତୃତୀୟାଂଶ ପିଲାଙ୍କ ବୟସ ୬ ବର୍ଷରୁ ୫୧ ବର୍ଷ ମଧ୍ୟରେ ହୋଇଥିବାବେଳେ ମୁସାଙ୍କ ବଡ଼ ପୁଅ ଜୁଲାଇକାଙ୍କଠାରୁ ୨୧ ବର୍ଷ ବଡ଼।

# ଚିଟ୍‌ଫଣ୍ଡ ମାମଲାରେ ୪ ଦୋଷୀ

## ୨ଜଣଙ୍କୁ ୭ବର୍ଷ, ଅନ୍ୟ ୨ଜଣଙ୍କୁ ୩ବର୍ଷ ଲେଖାଏ ଜେଲଦଣ୍ଡ

**ବାଲେଶ୍ୱର ଅଫିସ, ୨୭।୧୨**

ଏକ ଚିଟ୍‌ଫଣ୍ଡ ଠକେଇ ମାମଲାର ବିଚାର କରି ମଙ୍ଗଳବାର ବାଲେଶ୍ୱର ଜିଲା ଚିଟ୍‌ଫଣ୍ଡ ଅଦାଲତର ବିଚାରପତି ବିଶ୍ୱଜିତ ଦାଶ ୪ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ୨୦୦୯ ଅଗଷ୍ଟରେ ବାରିପଦା ଷ୍ଟେଶନ ରୋଡ୍‌ସ୍ଥିତ କୁନ୍ତଳାଭବନର ଉପର ମହଲାରେ 'ସ୍ମାର୍ଟ ଗେନ୍' ନାମକ ଏକ ଚିଟ୍‌ଫଣ୍ଡ ସଂସ୍ଥା ଖୋଲାଯାଇଥିଲା। ଉକ୍ତ ବର୍ଷ ଅକ୍ଟୋବରରେ 'ସ୍ମାର୍ଟ ଗେନ୍' କୁ ପରିବର୍ତ୍ତନ କରାଯାଇ 'ଶାସ୍ତ୍ର ଏଣ୍ଟରପ୍ରାଇଜେସ୍ ପ୍ରାଇଭେଟ୍ ଲିମିଟେଡ୍' ନାମ ରଖାଯାଇଥିଲା। ଉକ୍ତ ସଂସ୍ଥା ଲୋଭନୀୟ ସ୍କିମ୍ ମାଧ୍ୟମରେ ରାଜ୍ୟର ୧୦,୩୨୭ ଲୋକଙ୍କ ନିକଟରୁ ୨୧କୋଟି ୯୩ ଲକ୍ଷ ୫୦ହଜାର ଟଙ୍କା ସଂଗ୍ରହ କରିଥିଲା। ଠିକ୍ ସମୟରେ ଜମା ଟଙ୍କା ଫେରସ୍ତ ନ ପାଇବାରୁ ବାରିପଦା ପୌରାଞ୍ଚଳ ୨୦ନଂ. ୱାର୍ଡର ଅଧିବାସୀ କ୍ଷୀରୋଦ ଚନ୍ଦ୍ର ବାରିକ ୨୦୧୦ ନଭେମ୍ବର ୨ରେ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ କମ୍ପାନୀର କେତେଜଣ କର୍ମଚାରୀଙ୍କ ସମେତ ଅଧିକାରୀଙ୍କୁ ଗିରଫ କରି ତଦନ୍ତ ଜାରି ରଖିଥିବା ବେଳେ ୨୦୧୧ ମେ' ୨୧ରେ କ୍ରାଇମବ୍ରାଞ୍ଚ ମାମଲା (ନଂ. ୧୬/୨୦୧୧) ରୁଜୁ କରିଥିଲା। ଚିଟ୍‌ଫଣ୍ଡ ଅଦାଲତରେ ମାମଲା ବିଚାର ଜାରି ରହିଥିଲା। ମୋଟ୍ ୫୭ଜଣ ସାକ୍ଷୀ ଓ ୭୯ ଦସ୍ତାବିଜକୁ ଭିତ୍ତିକରି ବିଚାରପତି ତାମିଲନାଡୁ ମୁଗପପେୟାର ଅଞ୍ଚଳର କମ୍ପାନୀର ମୁଖ୍ୟ ପରିଚାଳକ ଭି. ସମ୍ପଦ ଓ ଉତ୍ତରପ୍ରଦେଶ ଚିତ୍ତୁର ଜିଲା ଅଲିପିର ଥାନା ଅଧୀନ ତିରୁପତି ଅଞ୍ଚଳବାସୀ କମ୍ପାନୀର ବୋର୍ଡ ଅଫ୍ ଡାଇରେକ୍ଟର ବି. ମଲ୍ଲିକାର୍ଜୁନ ରାଜୁଙ୍କୁ ୭ ବର୍ଷ ଲେଖାଏ ଜେଲ ଦଣ୍ଡ ସହ ୪ଲକ୍ଷ ୨୧ହଜାର ଟଙ୍କା ଜରିମାନା କରିଛନ୍ତି। ସହଯୋଗୀ ଥିବା ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ କୁସୁଦା ଗ୍ରାମର ସଦାଶିବ ନାୟକ ଓ ତକତପୁର ତୁଳସୀଚଉରା ଅଞ୍ଚଳର ତପନ କୁମାର ବାରିକଙ୍କୁ ୩ବର୍ଷ ଲେଖାଏ ଜେଲ୍‌ଦଣ୍ଡ ସହ ୬୦ହଜାର ଟଙ୍କା ଜରିମାନା କରିଛନ୍ତି।

## ଅବସରପ୍ରାପ୍ତ ପ୍ରଫେସର ସୁନୀଲ କାନ୍ତ ବେହେରାଙ୍କ ପରଲୋକ

**ବ୍ରହ୍ମପୁର ଅଫିସ, ୨୭।୧୨**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗର ଅବସରପ୍ରାପ୍ତ ପ୍ରଫେସର ଡ.ସୁନୀଲ କାନ୍ତ ବେହେରା(୬୭)ଙ୍କର ମଙ୍ଗଳବାର ସନ୍ଧ୍ୟାରେ ହିଲପାଟଣାଙ୍କ ସ୍ଥିତ ବାସଭବନରେ ପରଲୋକ ଘଟିଛି।



ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ସହଧର୍ମିଣୀ ସଂଘମିତ୍ରା ବକ୍ସିପାତ୍ର ଓ ପରିବାରର ଅନ୍ୟମାନେ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁଖବର ପାଇ ସହରର ବହୁ ଖବରଦାତା, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧ୍ୟାପକ, ଅଧ୍ୟାପିକା ଶୋକ ପ୍ରକାଶ କରିଛନ୍ତି। ଡ.ବେହେରା ୨୦୧୫ରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ଅବସର ନେବାପରେ ଆସାମ ତେଜପୁର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଗଣଯୋଗାଯୋଗ ବିଭାଗର ଡିନ୍ ଭାବେ ଯୋଗ ଦେଇଥିଲେ। ୨୦୨୧ରେ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଭିଜିଟିଂ ପ୍ରଫେସର ଭାବେ କାର୍ଯ୍ୟ କରୁଥିଲେ। ସ୍ୱର୍ଗତ ବେହେରାଙ୍କ ମରଶରୀରକୁ ଏମ୍‌କେସିଜି ଆନାଟୋମି ବିଭାଗକୁ ଦାନ କରିବା ପାଇଁ ୨ ମାସ ପୂର୍ବେ ଇଚ୍ଛାପତ୍ର ସ୍ୱାକ୍ଷର କରିଥିଲେ। ତାଙ୍କ ପୁଅ ଓ ଝିଅଙ୍କ ଉପସ୍ଥିତିରେ ମରଶରୀରକୁ ଦାନ କରାଯିବ ବୋଲି ଜଣାପଡିଛି।

# ଶୁଳିଆ ପୀଠ ରକ୍ତରଞ୍ଜିତ

**ଦେଓଗାଁ, ୨୭।୧୨(ଡି.ଏନ୍.ଏ.)**


କୁମୁରିଆ ବଡଖଳା ପୀଠରେ ପୂଜାର୍ଚ୍ଚନା ଚାଲିଛି।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଖଇରଗୁରାସ୍ଥିତ ବଡ଼ଖଳା ଓ କୁମୁରିଆ ସାନଖଳାରେ ପାରମ୍ପରିକ ରୀତିନୀତି ଅନୁସାରେ ମଙ୍ଗଳବାର ପାଳିତ ହୋଇଛି ଶଳିଆ ଯାତ୍ରା। ସୋମବାର ବିଳମ୍ବିତ ରାତିରେ ନିଶିପୂଜା ହୋଇଥିଲା। ମଙ୍ଗଳବାର ପ୍ରାତଃରେ ଛତ୍ର ବୈରଖ ଓ ପାଟବୁଦା ଧରି ପାରମ୍ପରିକ ବାଦ୍ୟ ସହ ବରୁଆ ଓ ଦେହୁରିଆମାନେ ଶୋଭାଯାତ୍ରାରେ ଶୁଳିଆ ପୀଠରେ ପହଞ୍ଚିଥିଲେ। ଶୁଳିଆ ବୁଢାଙ୍କ ପୀଠରେ ପୂଜାର୍ଚ୍ଚନା ପରେ ଉଭୟ ଖଳାରେ ଶତାଧିକ ସଂଖ୍ୟାରେ ପୋଢ଼, ବୋଦା, ମେଣ୍ଢା, କୁକୁଡା ଆଦି ବଳିପଡିଥିଲା। ଫଳରେ ରକ୍ତରଞ୍ଜିତ ହୋଇପଡ଼ିଥିଲା ଶୁଳିଆ ପୀଠ। ଦୁଇବର୍ଷ ବ୍ୟବଧାନ ପରେ ବିନା କଟକଣାରେ ଯାତ୍ରା ଅନୁଷ୍ଠିତ ହେଉଥିବାରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏସ୍‌ଡିପିଓ ତୋଫାନ ବାଗଙ୍କ ତତ୍ତ୍ୱାବଧାନରେ ତିନି ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ।

# ରଥକାଠ ଅନୁକୂଳ ପାଇଁ ପୂଜାର୍ଚ୍ଚନା

## ଏଥର ଆବଶ୍ୟକ ୭୪୭ ଖଣ୍ଡ କାଠ


ରଥକାଠ ଅନୁକୂଳ ପାଇଁ ମା'ବଡ଼ରାଉଳ ପୀଠରେ ପୂଜାର୍ଚ୍ଚନା କରାଯାଉଛି।

**ଗଣିଆ, ୨୭।୧୨(ଡି.ଏନ୍.ଏ.)**

ନୟାଗଡ଼ ଜିଲା ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ ବଡ଼ମୂଳ ନିକଟସ୍ଥ ମା'ବଡରାଉଳ ଦେବୀଙ୍କ ପୀଠରେ ମଙ୍ଗଳବାର ପୂର୍ବାହ୍ନରେ ରଥସଂହିତା ପରମ୍ପରା ଅନୁଯାୟୀ ଶ୍ରୀଜଗନ୍ନାଥଙ୍କ ରଥକାଠ ଅନୁକୂଳ ପାଇଁ ପୂଜାର୍ଚ୍ଚନା କରାଯାଇଛି। ରଥକାଠ ବରଣ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ବରିଷ୍ଠ ରଥ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ, ରଥକାଠ ଅମିନ ଲକ୍ଷ୍ମଣ ମହାପାତ୍ର ଓ ଭୋଇ ସର୍ଦ୍ଦାର ରବି ଭୋଇ ମଙ୍ଗଳବାର ସକାଳୁ ମା'ବଡ଼ରାଉଳ ପୀଠରେ ପହଞ୍ଚିଥିଲେ। ନୟାଗଡ଼ ବନଖଣ୍ଡ ଅଧିକାରୀ କ୍ଷମା ଷଡ଼ଙ୍ଗୀ ଓ ଦଶପଲ୍ଲା ବନାଞ୍ଚଳ ଅଧିକାରୀ ନିଖିଳେଶ ମଲ୍ଲିକଙ୍କ ପୌରୋହିତ୍ୟରେ ପୂଜାର୍ଚ୍ଚନା କାର୍ଯ୍ୟ ଆରମ୍ଭ ହୋଇଥିଲା। ଅପରାହ୍ନରେ ମା' ବଡ଼ରାଉଳଙ୍କ ଗୁପ୍ତପୂଜା ନୀତି ଅନୁଷ୍ଠିତ ହୋଇଥିଲା। ଢୋଲ ଓ ତୂରୀ ବାଦ୍ୟ ସହ ଠାକୁରାଣୀଙ୍କ ପୀଠରେ ପାରମ୍ପରିକ ପୂଜାର୍ଚ୍ଚନା ଓ ହୋମକାର୍ଯ୍ୟ ପରେ ଆଜ୍ଞାମାଳ ନିଆଯାଇ ଅସନ, ଧଉରା, ଫାସି ଓ ସିମିଳି କାଠ ବୁଧବାରଠାରୁ ଛେଦନ ଆରମ୍ଭ ହେବ ବୋଲି ବନବିଭାଗ ତରଫରୁ ସୂଚନା ମିଳିଛି।

୨୦୨୩ ରଥ ନିର୍ମାଣ ପାଇଁ ସମୁଦାୟ ୮୬୫ ଖଣ୍ଡ କାଠ ଆବଶ୍ୟକ ରହିଛି। ହେଲେ ୧୧୮ ଖଣ୍ଡ କାଠ ରଥଖଳାରେ ଗଚ୍ଛିତ ଅଛି। ଅବଶିଷ୍ଟ ୭୪୭ଖଣ୍ଡ ରଥକାଠ ନୟାଗଡ଼ ବନଖଣ୍ଡ ତରଫରୁ ଯୋଗାଇ ଦେବା ପାଇଁ ଚଳିତ ବର୍ଷ ବ୍ୟବସ୍ଥା ହୋଇଛି। ୭୪୭ଖଣ୍ଡ କାଠ ମଧ୍ୟରୁ ୨୯୬ ଖଣ୍ଡ ଅସନ, ୩୭୬ ଖଣ୍ଡ ଧଉରା, ୭୨ଖଣ୍ଡ ଫାସି ଓ ୩ ଖଣ୍ଡ ଶିମିଳି କାଠ ଚିହ୍ନଟ ହୋଇଛି। ସେଥିମଧ୍ୟରୁ ୩୪୧ଖଣ୍ଡ କାଠ ରଥଖଳାକୁ ଓ ୪୦୬ଖଣ୍ଡ କାଠ କଟକସ୍ଥିତ ଖପୁରିଆ କରତକଳକୁ ଚିରଟ ପାଇଁ ଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ତରଫରୁ ସୂଚନା ମିଳିଛି।

# ମଙ୍ଗଳାଯୋଡ଼ିରେ ଭିତ୍ତିଭୂମି ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ


**ଡଙ୍ଗାରେ ବୁଲିଲେ ପକ୍ଷୀ ବିହାର**

**ଟାଙ୍ଗୀ(ଖୋର୍ଦ୍ଧା), ୨୭।୧୨(ଡି.ଏନ୍.ଏ.)**

ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ମଙ୍ଗଳବାର ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ମଙ୍ଗଳାଯୋଡ଼ି ଗସ୍ତରେ ଯାଇ ପକ୍ଷୀ ଅଭୟାରଣ୍ୟ ବୁଲିବା ସହ ଭିତ୍ତିଭୂମି ସମୀକ୍ଷା କରିଛନ୍ତି। ମଙ୍ଗଳାଯୋଡ଼ି ପକ୍ଷୀ ବିହାର ଜେଟିରେ ମହାପାତ୍ର ପହଞ୍ଚିବା ପରେ ଡଙ୍ଗାରେ ଯାଇ ପକ୍ଷୀ ଅଭୟାରଣ୍ୟ ବୁଲି ଦେଖିଥିଲେ। ଶୀତଦିନେ ପକ୍ଷୀ ଦେଖିବା ପାଇଁ ମଙ୍ଗଳାଯୋଡ଼ିକୁ ଶତାଧିକ ପର୍ଯ୍ୟଟକ ଆସୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ମଙ୍ଗଳାଯୋଡ଼ି ଲେଭଲ କ୍ରସିଂଠାରୁ ପକ୍ଷୀ ବିହାର ଜେଟି ପର୍ଯ୍ୟନ୍ତ ଲମ୍ବିଥିବା ରାସ୍ତାର ଉନ୍ନତୀକରଣ, ଜେଟିଠାରେ ପର୍ଯ୍ୟଟକଙ୍କ ଗାଡ଼ିପାର୍କିଂ ବ୍ୟବସ୍ଥାକୁ ଉନ୍ନତ କରିବା, ପରିବେଶ ସ୍ୱଚ୍ଛ ରଖିବା ପାଇଁ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ମଙ୍ଗଳାଯୋଡ଼ିର ଉନ୍ନତି ସମ୍ପର୍କରେ ମୁଖ୍ୟ ଶାସନ ସଚିବ ସ୍ଥାନୀୟ ଗାଇଡ୍, ପକ୍ଷୀ ସୁରକ୍ଷା ସଙ୍ଗଠନ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳ ଚକ୍ରବର୍ତ୍ତୀ, ବାଲୁଗାଁ ବନ୍ୟପ୍ରାଣୀ ଡିଏଫ୍‌ଓ ରାମସ୍ୱାମୀ, ଏସିଏଫ୍ ପ୍ରଶାନ୍ତ ପଣ୍ଡା, ଟାଙ୍ଗୀ ତହସିଲଦାର ଜନ୍ମେଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ତମାଖୁ ବସ୍ତା ତଳେ ଚାପିହୋଇ ବାପ-ପୁଅ ମୃତ

**ଘନ କୁହୁଡ଼ିରେ ଓଲଟିଲା ଟ୍ରକ**

**ଖଲ୍ଲିକୋଟ, ୨୭।୧୨(ଡି.ଏନ.ଏ.)**

ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନାଠାରୁ କିଛି ଦୂର ୧୬ନଂ. ଜାତୀୟ ରାଜପଥରେ ମଙ୍ଗଳବାର ଭୋର୍‌ରେ ଘନ କୁହୁଡି ଯୋଗୁ ତମାଖୁ ବୋଝେଇ ଏକ ଟ୍ରକ ଓଲଟି ପଡ଼ିଥିଲା। ତମାଖୁ ବସ୍ତା ତଳେ ଚାପି ହୋଇ ବାଇକ୍ ଆରୋହୀ ବାପ-ପୁଅଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ କୋଦଳା ଥାନା ଅନ୍ତର୍ଗତ ସମା ଗ୍ରାମର ବାବୁଲା ପ୍ରଧାନ(୫୨) ଓ ତାଙ୍କ ପୁଅ ରାକେଶ (୨୬)। ଏହି ଦୁର୍ଘଟଣାର ପ୍ରାୟ ଘଣ୍ଟାକ ପରେ ସେହି ସ୍ଥାନରେ ଭାରସାମ୍ୟ ହରାଇ ଆଉ ଏକ ଟ୍ରକ ଓଲଟି ପଡିଥିବା ଜଣାପଡିଛି।

ସୋମବାର ସନ୍ଧ୍ୟାରେ ଖଲ୍ଲିକୋଟ ଥାନା ଅନ୍ତର୍ଗତ ହରିଡାମୂଳ ଛକ ନିକଟରେ ବୁଲେଟ ବୋଝେଇ ଏକ କଣ୍ଟେନର ଓଲଟି ପଡିବାରୁ ବ୍ରହ୍ମପୁର-ଭୁବନେଶ୍ୱର ରାସ୍ତା ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ବ୍ରହ୍ମପୁର ପଟୁ ଆସୁଥିବା ଗାଡ଼ିଗୁଡିକୁ ବଡ଼ଘାଟି ରାସ୍ତାରୁ ଖଲ୍ଲିକୋଟ-କେଶପୁର ରାସ୍ତାଦେଇ ଭୁବନେଶ୍ୱର ଛଡ଼ାଯାଉଥିଲା। ମଙ୍ଗଳବାର ଭୋରରେ ବଡ଼ଘାଟି ରାସ୍ତାରୁ ଖଲ୍ଲିକୋଟ ରାସ୍ତାକୁ ଖସୁଥିବା ତମାଖୁ ବୋଝେଇ ଟ୍ରକ (ଏପି ୩୯ୟୁ ୪୬୭୯) ଓଲଟି ପଡିଥିଲା। ସେ ସମୟରେ ଉକ୍ତ ରାସ୍ତା ଦେଇ ବାଇକ୍ (ଓଡ଼ି ୦୭ ଏଜେ ୨୯୯୭)ରେ ଯାଉଥିବା ସମା ଗ୍ରାମର ବାବୁଲା ଓ ତାଙ୍କ ପୁଅ ରାକେଶ ତମାଖୁ ବସ୍ତା ତଳେ ଚାପି ହୋଇ ରହିଯାଇଥିଲେ। ଏ ସମ୍ପର୍କରେ କେହି ଜାଣି ପାରି ନ ଥିଲେ। ମଧ୍ୟାହ୍ନରେ ତମାଖୁ ବସ୍ତାଗୁଡିକ ବାହାର କରିବା ସମୟରେ ପ୍ରଥମେ ରାକେଶ ଓ ପରେ ତାଙ୍କ ବାପା ବାବୁଲାଙ୍କ ମୃତଦେହ ମିଳିଥିଲା। ବାପ-ପୁଅ ଭେଜିପୁଟ ଗ୍ରାମକୁ ମିସ୍ତ୍ରି କାମ କରିବା ପାଇଁ ଯାଉଥିଲେ ବୋଲି ଜଣାପଡିଛି। ତମାଖୁ ବୋଝେଇ ଟ୍ରକ ଓଲଟିବାର ପ୍ରାୟ ଏକ ଘଣ୍ଟା ପରେ ସେହି ସ୍ଥାନରେ ଚେନ୍ନାଇରୁ ଷ୍ଟିଲ କଞ୍ଚାମାଲ ନେଇ ଯାଜପୁରକୁ ଆସୁଥିବା ଟ୍ରକ (ସିଜି ୦୪ଏମ୍ ଏଚ ୦୧୬୬)ର ବ୍ରେକ ଫେଲ ହୋଇଯିବାରୁ ଏକ କାର ଓ ଅଟୋକୁ ଧକ୍କା ଦେଇ ଓଲଟି ପଡ଼ିଥିଲା। ଉକ୍ତ ଟ୍ରକ ଡ୍ରାଇଭର ଆହତ ହୋଇ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଦୁର୍ଘଟଣାଗ୍ରସ୍ତ ଗାଡ଼ିଗୁଡ଼ିକୁ ପୋଲିସ ଜବତ କରି ଅଧିକ ତଦନ୍ତ ଚଳାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ନିଜର ସମ୍ପର୍କୀୟମାନଙ୍କ ଦ୍ୱାରା କୌଣସି ସମସ୍ୟା ବିଷୟରେ ଚିନ୍ତିତ ରହିପାରନ୍ତି। ଦ୍ୱିଜା ନକ୍ଷତ୍ର ବ୍ୟକ୍ତିବିଶେଷଙ୍କର ପରିବହନରେ ସମସ୍ୟା ଦୂର ହେବ। ବନ୍ଧୁ ଦେଇଥିବା ପ୍ରତିଶ୍ରୁତି ଉପରେ ପୂର୍ଣ୍ଣ ଭରସା କରି ମନସ୍ତାପ କରିବାକୁ ପଡ଼ିପାରେ। ଶାରୀରିକ ଓ ମାନସିକ ସୁସ୍ଥତା ପ୍ରାୟତଃ ପୂର୍ବଭଳି ଅକ୍ଷୁଣ୍ଣ ରହିବ।

**ବୃଷ**
ଆଜି ଆର୍ଥିକ ଦିଗଟି ଭଲ ରହିବ, ମଧୁର ବ୍ୟବହାର ଦ୍ୱାରା ଅନ୍ୟମାନଙ୍କୁ ଆପ୍ୟାୟିତ କରିବେ। କିନ୍ତୁ କର୍ମକ୍ଷେତ୍ରରେ ଅସମ୍ପୂର୍ଣ୍ଣ ରହିଯାଇଥିବା କାର୍ଯ୍ୟ ସକାଶେ ଅନୁତାପ କରିବାକୁ ପଡ଼ିପାରେ। ମୃଗଶିରା ସକାଶେ କୌଣସି ବିଜାତୀୟ ବ୍ୟକ୍ତି ଆପଣଙ୍କୁ ଅସୁବିଧାରେ ପକାଇ ପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ମିଥୁନ**
ଅନ୍ୟମାନଙ୍କ ମନକୁ ସୁହାଇଲା ଭଳି ମଧୁର କଥାକହି କୌଣସି ନୂତନ କାମ ଆରମ୍ଭ କରି ଖୁସି ରହିବେ। ଆରଦ୍ରା ନକ୍ଷତ୍ର କର୍ମକ୍ଷେତ୍ର ପ୍ରତି ଉଦାସୀନ ହେତୁ ସମସ୍ୟା ବଢ଼ିପାରେ। କେତେକ କ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇ ବିଚଳିତ ରହିପାରନ୍ତି। ଆକସ୍ମିକ ଭାବରେ ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**କର୍କଟ**
ସ୍ୱାସ୍ଥ୍ୟ ସମସ୍ୟା କ୍ରମଶଃ ସୁଧୁରିବା ହେତୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ। କିନ୍ତୁ ଅଶ୍ଳେଷା ନକ୍ଷତ୍ର ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। କାର୍ଯ୍ୟ ହାସଲ କରିବା ସକାଶେ ଅନ୍ୟ ଉପରେ ନିର୍ଭରଶୀଳ ହୋଇପାରନ୍ତି।

**ସିଂହ**
ପୂର୍ବାଫାଲଗୁନୀ ନକ୍ଷତ୍ର ଖଳ ଲୋକଙ୍କ କଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବ୍ୟବସାୟରେ ଆଖିଦୃଶିଆ ସଫଳତା ହାସଲ କରିପାରିବେ ନାହିଁ, କିନ୍ତୁ କ୍ଷତି ମଧ୍ୟ ହେବନି। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଲାଭ କରିବେ। ଲକ୍ଷ୍ୟସାଧନ ଉଦ୍ଦେଶ୍ୟରେ ଆଜିର ଫେରିବା ବାଟରେ ବନ୍ଧୁଙ୍କୁ ଭେଟିପାରନ୍ତି।

**କନ୍ୟା**
କର୍ମକ୍ଷେତ୍ରରେ ଉଚ୍ଚ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ହସ୍ତା ନକ୍ଷତ୍ର ଅଧ୍ୟୟନ ଓ ଅଧ୍ୟାପନା କ୍ଷେତ୍ରରୁ ଶୁଭଫଳ ପାଇବେ। ପ୍ରବାସୀମାନେ ପରିବାରକୁ ମନେ ପକାଇ ନିଃସଙ୍ଗତା ବୋଧ କରିପାରନ୍ତି। ସମସ୍ୟା ମଧ୍ୟରେ ସମୟ ଅତିବାହିତ କରିବେ।

**ତୁଳା**
ଆପଣ ଯାହା ଓ ଯେପରି ଚିନ୍ତା କରୁଛନ୍ତି ଠିକ୍ ସେପରି ହିଁ ହେବ କିନ୍ତୁ ସମୟକୁ ଅପେକ୍ଷା କରିବାକୁ ପଡ଼ିବ। ଚିତ୍ରା ନକ୍ଷତ୍ର ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ପ୍ରତ୍ୟୁଷ ଯାତ୍ରା ସମୟରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ବନ୍ଧୁଙ୍କ ସାମ୍ନାରେ ମନର କଥାଟିକୁ ପ୍ରକାଶ କରିପାରିବେ ନାହିଁ।

**ବିଛା**
ପୂର୍ବପରିକଳ୍ପିତ ଯୋଜନାଗୁଡ଼ିକ ବିଗିଡ଼ି ଯିବାରୁ ମନ ଦୁଃଖ ହୋଇପାରେ। ବାରମ୍ବାର ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି ହେଉଥିବା ଯୋଗୁ ମନ ଅଶାନ୍ତ ରହିବ। ଦୀର୍ଘ ଦିନରୁ ଆଶା କରୁଥିବା ପ୍ରତୀକ୍ଷିତ ଖବର ପାଇ ଖୁସି ହେବେ। ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

**ଧନୁ**
ଅପରିଣାମଦର୍ଶିତା କାରଣରୁ କେତେକ ଗୋପନୀୟ କଥାକୁ ନେଇ ମନ ଅସ୍ଥିର ରହିବ। କୌଣସି ନିକଟତମ ବ୍ୟକ୍ତିଙ୍କ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବା ସକାଶେ ଚେଷ୍ଟା କରିପାରନ୍ତି। ଉତ୍ତରାଷାଢ଼ା ନକ୍ଷତ୍ର ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ।

**ମକର**
ଆକସ୍ମିକଭାବରେ ଥଣ୍ଡାଜନିତ ସ୍ୱାସ୍ଥ୍ୟ ସମସ୍ୟା ବଢ଼ିଯାଇପାରେ। ଘରୋଇ କ୍ଷେତ୍ରରେ ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ଆର୍ଥିକ ସ୍ଥିତି ସେତେଟା ଭଲ ରହିବ ନାହିଁ,ଫଳରେ ଦୁଶ୍ଚିନ୍ତା ବୃଦ୍ଧି ପାଇବ। ଶ୍ରବଣା ନକ୍ଷତ୍ର ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ।

**କୁମ୍ଭ**
ବିଭିନ୍ନ ପ୍ରକାରର ସମସ୍ୟା ମଧ୍ୟଦେଇ ଗତି କରୁଥିବାରୁ ପ୍ରଗତିର ପଥରୋଧ ହୋଇପାରେ। ପରିବାରରେ ସାଧାରଣ କଥାରେ ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖାଦେଇପାରେ। ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ପୂର୍ବଭାଦ୍ରବ ନକ୍ଷତ୍ରର କ୍ରନିକ୍ ରୋଗ ପୀଡ଼ା ଯୋଗୁ ମନ ବିଚଳିତ ହୋଇପାରେ।

**ମୀନ**
ହାତକୁ ନେଇଥିବା କାମଗୁଡ଼ିକ ସୁବିଧାରେ ହାସଲ କରିବା କାରଣରୁ ଏକ ପ୍ରକାର ଆଶ୍ୱସ୍ତି ଅନୁଭବ କରିବେ। ଆନୁଷଙ୍ଗିକ ସୁବିଧା ସୁଯୋଗ ହେତୁ ନିର୍ମାଣ କାମ ତ୍ୱରାନ୍ୱିତ ହେବ। ରେବତୀ ନକ୍ଷତ୍ର ଦେହ ଭଲ ରହିବ, ମାତ୍ର ଶ୍ରମଜନିତ କ୍ଲାନ୍ତିବୋଧ କରିବେ। ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ।

ଆଜି ଡିସେମ୍ବର ୨୮ ତାରିଖ, ପୌଷ ଶୁକ୍ଳ ଷଷ୍ଠୀ ବୁଧବାର, ରାଶିନକ୍ଷତ୍ର-ଶତଭିଷା/କୁମ୍ଭ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୨୩ମି. ଗତେ ଘ.୦୮.୦୩ମି. ମଧ୍ୟେ, ଘ.୧୦.୪୩ମି. ଗତେ ଘ.୧୧.୪୮ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୧୧.୪୧ମି. ଗତେ ଘ.୦୧.୦୯ମି. ମଧ୍ୟେ ରାହୁକାଳ।

# ବକେୟା ଜଳକର ଆଦାୟ ପାଇଁ ଓଟିଏସ୍

## ଜଗତ୍‌ସିଂହପୁର ଜିଲା ଚୌଧୁରୀପଡ଼ା, କେନ୍ଦ୍ରାପଡ଼ାର ତିଖିରି ନିକଟରେ ପାଇକା ନଦୀରେ ହେବ ଆନିକଟ

ଭୁବନେଶ୍ୱର,୨୭।୧୨(ବ୍ୟୁରୋ)

କୋର୍ଟ କଚେରିରେ ଥିବା ମାମଲା ଯୋଗୁ ଦୀର୍ଘଦିନ ଧର ବିଭିନ୍ନ ଶିଳ୍ପ ସଂସ୍ଥା ଉପରେ ଥିବା ୧୨୧୯କୋଟି ଟଙ୍କାର ବକେୟା ଜଳକର ଆଦାୟ ନିମନ୍ତେ ରାଜ୍ୟ ସରକାର ଓଟିଏସ୍ (ୱାନ୍ ଟାଇମ୍ ସେଟଲମେଣ୍ଟ) କରିବାକୁ ନିଷ୍ପତ୍ତି ନେଇଛନ୍ତି। ଜଳ ସମ୍ପଦ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟରେ ଅନୁମୋଦନ ମିଳିଛି। ରାଜ୍ୟର ୨୧ଟି ବୃହତ୍ ଶିଳ୍ପ ଓ ୬୪୫ଟି ଶିଳ୍ପ ସଂସ୍ଥା ଉପରେ ପ୍ରାୟ ୧୨୧୯କୋଟି ଟଙ୍କା ଜଳକର ବକେୟା ପଡ଼ିଛି। କୋର୍ଟରେ ମାମଲା ଯୋଗୁ ଏସବୁ ଟଙ୍କା ଆଦାୟ ହୋଇପାରୁ ନ ଥିବାରୁ କୋର୍ଟ ବାହାରେ ଏସବୁର ସମାଧାନ ପାଇଁ ରାଜ୍ୟ ସରକାର ଓଟିଏସ୍ ବ୍ୟବସ୍ଥା ଲାଗୁ କରିଛନ୍ତି। ଏଥିପାଇଁ ସମ୍ପୃକ୍ତ ସଂସ୍ଥାଗୁଡ଼ିକ ବିଧିବଦ୍ଧ ଭାବେ ଜଳସମ୍ପଦ ବିଭାଗକୁ ଆବେଦନ କରି ଏହାର ଫାଇଦା ନେଇପାରିବେ। ସେଥିପାଇଁ ସେମାନଙ୍କୁ କୋର୍ଟରୁ ମାମଲା ପ୍ରତ୍ୟାହାର କରିବା ନେଇ ଲିଖିତ ଭାବେ ଦେବାକୁ ପଡ଼ିବ। ଏହି ଓଟିଏସ୍ ବ୍ୟବସ୍ଥା ସ୍ୱଳ୍ପ ସମୟ ପାଇଁ ବଳବତ୍ତର ରହିବ। ମହାନଦୀରେ ଜଗତ୍‌ସିଂହପୁର ଚୌଧୁରୀପଡ଼ା ଓ କେନ୍ଦ୍ରାପଡ଼ା ଜିଲାର ପାଇକା ନଦୀର ତିଖିରିରେ ଜଳ ସଂରକ୍ଷଣ ପାଇଁ ଆନ୍ତଃନଦୀ ଆନିକଟ ନିର୍ମାଣ ହେବ। ଏଥିପାଇଁ ୧୧ ହଜାର ୭ଶହ କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ପ୍ରକଳ୍ପ ନିର୍ମାଣ ପରେ ଠିକାସଂସ୍ଥା ଆଗାମୀ ୫ ବର୍ଷ ଯାଏ ରକ୍ଷଣାବେକ୍ଷଣା କରିବେ। ଫଳରେ ଏହି ଦୁଇ ଜିଲାର ୮୯ଟି ଗାଁର ଲୋକ ପାନୀୟ ଜଳ ଓ ଜଳସେଚନର ସୁବିଧା ପାଇବେ। ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ ମିଳିଛି। କ୍ୟାବିନେଟ ସ୍ୱତନ୍ତ୍ର ସେବା ଓ ପଦବୀ ପାଇଁ ମିଳିତ ନିଯୁକ୍ତି ପରୀକ୍ଷା ନିୟମାବଳୀ-୨୦୨୨କୁ ଅନୁମୋଦନ କରିଛି। ଗ- ବର୍ଗ ଅନ୍ତର୍ଗତ ସ୍ୱତନ୍ତ୍ର ସେବା ଓ ପଦବୀରେ ନିଯୁକ୍ତି ପାଇଁ ଭିନ୍ନ ଭିନ୍ନ ପରୀକ୍ଷା ପରିବର୍ତ୍ତେ ଏକକ ପରୀକ୍ଷା ନିମନ୍ତେ ଆବେଦନ କରିପାରିବେ। ଏହାଦ୍ୱାର ପରୀକ୍ଷାର୍ଥୀଙ୍କର ସମୟ ଓ ଅର୍ଥ ବ୍ୟୟ କମ୍ ହେବା ସହିତ ରାଜ୍ୟ ସରକାରଙ୍କ ବ୍ୟୟଭାର ହ୍ରାସପାଇବ।

ରାଜ୍ୟରେ ସମସ୍ତ ଖଣିଜ ପଦାର୍ଥର ବିକାଶ ଓ ଏହାର ନିୟନ୍ତ୍ରଣ ପ୍ରକ୍ରିୟାକୁ ସୁଗମ କରିବା ପାଇଁ ରାଜ୍ୟ ସରକାର ଓଡ଼ିଶା ଲଘୁ ଖଣିଜ ପଦାର୍ଥ (ଓଏମ୍ଏମ୍‌ସି) ରୁଲ୍ସ-୨୦୧୬ ସଂଶୋଧନ କରିଛନ୍ତି। ଏହାକୁ କ୍ୟାବିନେଟ ଅନୁମୋଦନ କରିଛି। ରାଜ୍ୟ କ୍ୟାବିନେଟ ଓଡ଼ିଶା ଦାନ୍ତ ଡାକ୍ତରୀ ସେବା ନିୟମାବଳୀ-୨୦୨୨କୁ ଅନୁମୋଦନ କରିଛନ୍ତି। ଏହାଦ୍ୱାରା ମଞ୍ଜୁରୀ ପ୍ରାପ୍ତ ପଦବୀ ସଂଖ୍ୟା ୪୩୮ରୁ ୫୮୪କୁ ବୃଦ୍ଧି କରାଯିବ।

ଜଳ ଜୀବନ ମିଶନରେ ରାଜ୍ୟ ସରକାର ଅନୁଗୋଳ ଜିଲାରେ ୨ଟି ବୃହତ୍ ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଛନ୍ତି। ୩୫୭ କୋଟି ୯୨ ଲକ୍ଷ ୧୯୦ ଟଙ୍କାର ଏହି ଟେଣ୍ଡରକୁ କ୍ୟାବିନେଟ ଅନୁମୋଦନ କରିଛି। ଏହି ପ୍ରକଳ୍ପ କାର୍ଯ୍ୟ ୨୪ ମାସ ମଧ୍ୟରେ ଶେଷ ହେବ। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଉକ୍ତ ଜିଲାର ୨ଟି ବ୍ଲକ ଅଧୀନରେ ଥିବା ୨୭୭ ଗ୍ରାମର ୨ ଲକ୍ଷ ୩୨ ହଜାର ୧୮୯ ଜଣଙ୍କୁ ନିରାପଦ ପାନୀୟ ଜଳ ମିଳିପାରିବ।

**କ୍ୟାବିନେଟ ନିଷ୍ପତ୍ତି**

- ୬୬୬ ଶିଳ୍ପ ଉପରେ ୧୨୧୯ କୋଟି ଜଳକର ବାକି
- ଅନୁଗୋଳ ଜିଲାର ୨ଟି ବୃହତ୍ ପାନୀୟ ପ୍ରକଳ୍ପକୁ ଅନୁମୋଦନ
- ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ୨୨୦.୬୭ କୋଟି ଜଳକର ଛାଡ଼
- ୪-ଜି ସେବା ପାଇଁ ୨ ହଜାର ବର୍ଗଫୁଟ ଜମିକୁ ପ୍ରିମିୟମ ଛାଡ଼
- ମିଳିତ ନିଯୁକ୍ତି ପରୀକ୍ଷା ନିୟମାବଳୀ-୨୦୨୨କୁ ଅନୁମୋଦନ

ଦୁର୍ବିପାକ ପ୍ରବଣ ଓଡ଼ିଶା ପାଇଁ ବିପର୍ଯ୍ୟୟ ସହନଶୀଳ ଭିତ୍ତିଭୂମି ବିକାଶ ଲାଗି ସରକାର ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ କରିବେ। ଓସ୍‌ଡମା ମାଧ୍ୟମରେ ଓଡ଼ିଶା ଦକ୍ଷତା ଓ ସ୍ଥିର ଅଭିବୃଦ୍ଧି ନୀତି କାର୍ଯ୍ୟକାରୀ କରାଯିବ। ଯୋଜନା ଓ ସଂଯୋଜନା ବିଭାଗର ଏହି ପ୍ରସ୍ତାବକୁ କ୍ୟାବିନେଟ ମୋହର ମାରିଛି। ବିଶ୍ୱ ବ୍ୟାଙ୍କ ଋଣ ସହାୟତାରେ ବିଭିନ୍ନ ପ୍ରକଳ୍ପ ନିର୍ମାଣ କରାଯିବ। ପ୍ରକଳ୍ପର ଅବଧି ପାଞ୍ଚ ବର୍ଷ ଥିବା ବେଳେ ୧୧୮୩ କୋଟି ଟଙ୍କା ଖର୍ଚ୍ଚ ହେବା ନେଇ ବ୍ୟୟ ଅଟକଳ କରାଯାଇଛି। ଓଡ଼ିଶା ଅମଲା ସେବା ଅଧସ୍ତନ କର୍ମଚାରୀ ନିଯୁକ୍ତି ନିୟମାବଳୀ ୨୦୧୯ର ସଂଶୋଧନ ହେବ। ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ୧୯ ବର୍ଷର ବକେୟା ଜଳକର ବାବଦରେ ସୁଧକୁ ରାଜ୍ୟ ସରକାର ଛାଡ଼ କରିଛନ୍ତି। ମୋଟ ୨୨୦ କୋଟି ୬୭ ଲକ୍ଷ ଟଙ୍କାର ଜଳକର ବାବଦରେ ସୁଧ ଛାଡ଼ କରାଯାଇଛି।

ଅନ୍ୟ ଯେଉଁ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି ସେଥିରେ ବିଶ୍ୱବ୍ୟାଙ୍କ ଋଣ ସହାୟତାରେ ରାଜ୍ୟରେ 'ଦକ୍ଷତା ଓ ସ୍ଥିର ଅଭିବୃଦ୍ଧି ନୀତି କାର୍ଯ୍ୟକ୍ରମ' କରାଯିବ। ବିଶେଷକରି ସାମାଜିକ ସୁରକ୍ଷା ପ୍ରଦାନର ପ୍ଲାଟଫର୍ମ, ପରିସଂଖ୍ୟାନ ପ୍ରଣାଳୀର ସୁଦୃଢ଼ୀକରଣ ଓ ଓସ୍‌ଡମା ମାଧ୍ୟମରେ ଭିତ୍ତିଭୂମି ବିକାଶ ପାଇଁ ମୋଟ ୧୧୮୩କୋଟି ଟଙ୍କାର ଋଣ ପ୍ରକଳ୍ପକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ଏଥିରେ ବିଶ୍ୱବ୍ୟାଙ୍କ ୮୧୬ କୋଟି ଟଙ୍କା ଓ ରାଜ୍ୟ ସରକାର ୩୬୭କୋଟି ଟଙ୍କା ଖର୍ଚ୍ଚ କରିବେ। ରାଜ୍ୟର ୧୭୯୨ ଅପହଞ୍ଚ ଗ୍ରାମରେ କେନ୍ଦ୍ର ସରକାର ବିଏସ୍ଏନ୍ଏଲ୍ ୪-ଜି ସେବା ଯୋଗାଇ ଦେବେ। ଏଥିପାଇଁ ରାଜ୍ୟ ସରକାର ୧୬୮୭ ସ୍ଥାନରେ ୨ ହଜାର ବର୍ଗଫୁଟ ସରକାରୀ ଜାଗାର ପ୍ରିମିୟମ ଛାଡ କରିଛନ୍ତି। ଏହି ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି।

# ସ୍ତ୍ରୀ ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡ

କଣ୍ଟାବାଞ୍ଜି, ୨୭।୧୨(ଡି.ଏନ୍.ଏ.)

ସ୍ତ୍ରୀ ହତ୍ୟା ଅଭିଯୋଗରେ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଅତିରିକ୍ତ ଜିଲା ଦୌରାଜଜ୍ (ଏଡିଜେ) ମଙ୍ଗଳବାର ଜଣେ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ ସହ ୨୫ହଜାର ଟଙ୍କା ଜରିମାନାଦେଶ ଦେଇଛନ୍ତି। ଅଭିଯୁକ୍ତ ହେଲେ କଣ୍ଟାବାଞ୍ଜି ଥାନା ଅନ୍ତର୍ଗତ ଧାମନଡଙ୍ଗାର ଜୟରାମ ମାଝି (୩୫)। ଜୟରାମ ଯୌତୁକ ଦାବି କରି ବିଭିନ୍ନ ସମୟରେ ସ୍ତ୍ରୀ ଉର୍ମିଳାଙ୍କୁ ନିର୍ଯାତନା ଦେଉଥିଲେ। ୨୦୨୧ ଜୁନ ୧୬ତାରିଖରେ ଅଧିକ କ୍ରୋଧିତ ହୋଇ ତାଙ୍କ ତଣ୍ଟିଚିପି ମାରିଦେବା ପରେ ଆତ୍ମହତ୍ୟାର ରୂପ ଦେବା ପାଇଁ ବେକରେ ବିଦ୍ୟୁତ୍ ତାର ଗୁଡାଇ ଝୁଲାଇ ଦେଇଥିଲେ ଜୟରାମ।




# ମାମଲାରେ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ସନ୍ଦେହ

## କିଆ ମୋଟର୍ସର ଡାଟା ଚୋରି ଘଟଣା

- ହ୍ୱାଟ୍ସଆପ୍‌କୁ ରିପୋର୍ଟ ମାଗିଛି ପୋଲିସ
- ଗିରଫ ହୋଇଛନ୍ତି ପୂର୍ବତନ କର୍ମଚାରୀ

ଭୁବନେଶ୍ୱର, ୨୭।୧୨ (ବ୍ୟୁରୋ)

ପାହାଲ ଥାନା ଅନ୍ତର୍ଗତ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା କିଆ ମୋଟର୍ସ ଶୋ'ରୁମ୍‌ର ଡାଟା ଚୋରି ଘଟଣାରେ ଭୁବନେଶ୍ୱର ସାଇବର କ୍ରାଇମ୍ ଓ ଅର୍ଥନୈତିକ ଅପରାଧ ଥାନା ପୋଲିସ ତଦନ୍ତ ଜାରି ରଖିଛି। ଏହି ମାମଲାରେ ଶୋ'ରୁମ୍‌ର ପିଡିପି ପୋଷ୍ଟରେ କାମ କରୁଥିବା ପୂର୍ବତନ କର୍ମଚାରୀ ଶୁଭାଶିଷ ମହାନ୍ତି ବୁଧବାରଠାରୁ ଗିରଫ ହୋଇ କୋର୍ଟଚାଲାଣ ହୋଇଛନ୍ତି। ତେବେ ଏହି ଘଟଣାରେ ଆହୁରି ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ପୋଲିସ ସନ୍ଦେହ କରୁଛି। ଏପରିକି ଶୋ'ରୁମ୍‌ର ବହୁ ଗ୍ରାହକଙ୍କ ଡାଟାକୁ ଅନ୍ୟ ଶୋ'ରୁମ୍‌କୁ ବିକ୍ରି କରାଯାଇଥିବା 'କିଆ ମୋଟର୍ସ' ପକ୍ଷରୁ ଅଭିଯୋଗ କରାଯାଇଛି। ଡାଟା ଚୋରି ଯୋଗୁ କିଆ ମୋଟର୍ସର ୪ କୋଟି ଟଙ୍କାର କ୍ଷତି ହୋଇଛି। କୋର୍ଟଚାଲାଣ ପରେ ଅଭିଯୁକ୍ତ ଶୁଭାଶିଷ ବେଲ୍‌ରେ ଆସିବା ଘଟଣାକୁ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଥାନାଧିକାରିଣୀ ରଶ୍ମିତା ବେହେରା କହିଛନ୍ତି, ମାମଲାରେ ଅନ୍ୟ ଲୋକଙ୍କ ସମ୍ପୃକ୍ତି ଥିବା ସନ୍ଦେହକୁ ଏଡ଼ାଇ ଦିଆଯାଇ ନ ପାରେ। ଅଭିଯୁକ୍ତ ଚୋରି କରିଥିବା ଡାଟାକୁ କାହାକୁ ଦେଉଥିଲେ ତାହା ଜାଣିବାକୁ ହ୍ୱାଟ୍‌ସଆପ୍‌କୁ ଚିଠି ଲେଖାଯାଇଛି। ହ୍ୱାଟ୍‌ସଆପ୍ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ରିପୋର୍ଟ ଆସି ନ ଥିବା ସେ କହିଛନ୍ତି।

ସୂଚନା ଅନୁଯାୟୀ, କିଆ କମ୍ପାନୀର 'ଡିଲର ମ୍ୟାନେଜମେଣ୍ଟ ସିଷ୍ଟମ୍' ନାମରେ ଏକ ପୋର୍ଟାଲ ରହିଛି। ଯାଞ୍ଚ, ବୁକିଂ ଓ କାର୍ କିଣିବାକୁ ଆଗ୍ରହ ରଖୁଥିବା ଗ୍ରାହକଙ୍କ ତଥ୍ୟ ଉକ୍ତ ପୋର୍ଟାଲରେ ସମସ୍ତ ଡିଲର୍‌ମାନେ ଅପ୍‌ଲୋଡ୍ କରିଥାନ୍ତି। କିଆ ମୋଟର୍ସ ପକ୍ଷରୁ ମଧ୍ୟ ବହୁ ଗ୍ରାହକଙ୍କ ତଥ୍ୟ ସେଠାରେ ଅପ୍‌ଲୋଡ୍ ହୋଇଥିଲା। ତେବେ ଶୋ'ରୁମ୍‌ରେ କାମ କରୁଥିବା ୨୫ଜଣ କର୍ମଚାରୀ ଗତ ଅଗଷ୍ଟ ୨୨ରେ ଚାକିରି ଛାଡ଼ି ଦେଇଥିଲେ। ଏହାପରେ ସେପ୍ଟେମ୍ବର ପ୍ରଥମ ସପ୍ତାହରେ ଅଭିଯୁକ୍ତ ଶୁଭାଶିଷ 'କିଆ ମୋଟର୍ସ' ଛାଡ଼ି ଗଜପତିନଗରସ୍ଥିତ ତୋଷି ମୋଟର୍ସ ଶୋ'ରୁମ୍‌ରେ କାର୍ଯ୍ୟ କରିଥିଲେ। କିଆ ମୋଟର୍ସ 'ଡିଲର ମ୍ୟାନେଜମେଣ୍ଟ ସିଷ୍ଟମ୍' ପୋର୍ଟାଲକୁ ପାହାଳସ୍ଥିତ ଶୋ'ରୁମ୍ କର୍ତ୍ତୃପକ୍ଷ ଲଗ୍‌ଇନ୍ କରିବାପାଇଁ ଚେଷ୍ଟା କରିବାରୁ ତାହା ଲକ୍ ହୋଇଥିବା ଦେଖାଯାଇଥିଲା। ଅସଫଳ ହେବାରୁ ମାଷ୍ଟର ଆଇଡି ବ୍ୟବହାର କରି ୱେବ୍‌ସାଇଟ୍‌ରେ ପ୍ରବେଶ କରାଯାଇଥିଲା। ସନ୍ଦେହ କରାଯାଉଛି କେହି ବ୍ୟକ୍ତି ଶୋ'ରୁମ୍ ଆଇଡିରୁ ଉକ୍ତ ପୋର୍ଟାଲକୁ ଖୋଲି ସେଲ୍‌ସ, ଇନ୍‌କ୍ୱାରି ଓ ଇନ୍ସ୍ୟୁରାନ୍ସ ରିପୋର୍ଟ ଡାଉନ୍‌ଲୋଡ୍ କରିଛନ୍ତି। ଡିସେମ୍ବର ୬ରେ ଶୋ'ରୁମ୍‌ର ଜେନେରାଲ ମ୍ୟାନେଜର ଦୀପକ କୁମାର ଡାଉନଲୋଡ୍‌ର ଆଇପି ଆଡ୍ରେସ୍ ସହ ସାଇବର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୫୦/୨୦୨୨) ରୁଜୁ କରି ତଦନ୍ତ ଓ ଯାଞ୍ଚ କରିବା ପରେ ବରମୁଣ୍ଡା ଅଞ୍ଚଳରେ ରହି ଶୁଭାଶିଷ ହିଁ ଏଭଳି କରୁଥିବା ଜଣାପଡ଼ିଥିଲା। ବୁଧବାର ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ପରେ ସେ ଜାମିନରେ ମୁକୁଳି ଯାଇଛନ୍ତି। ଗୋଟିଏ ପଟେ ପୋଲିସ ପ୍ରଶାସନ ଓଡ଼ିଶାରେ ସାଇବର ଅପରାଧ ହ୍ରାସ କରାଇବା ଲାଗି ଉଦ୍ୟମ କରୁଛି ବୋଲି କହୁଥିବାବେଳେ ଅନ୍ୟପଟେ ସେହି ଅତ୍ୟାଧୁନିକ ଅପରାଧ ଘଟାଉଥିବା ଅପରାଧୀମାନେ ଜାମିନ ହାସଲ କରିପାରୁଥିବାରୁ ନ୍ୟାୟ ବ୍ୟବସ୍ଥା ଉପରେ ଆସ୍ଥା ସହ ଭୟ ମଧ୍ୟ ତୁଟି ଯାଉଛି।

# ବରଗଡ଼ ଧନୁଯାତ୍ରା ଉଦ୍‌ଘାଟିତ | କଂସ ରାଜୁତି ଆରମ୍ଭ



ଅତିଥିମାନେ ବରଗଡ଼ ଧନୁଯାତ୍ରା ମହୋତ୍ସବକୁ ଉଦ୍‌ଘାଟନ କରୁଛନ୍ତି ।

ମଥୁରାନଗରୀ,୨୭।୧୨

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ମଙ୍ଗଳବାର ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାରେ ଉଦ୍‌ଘାଟିତ ହୋଇଯାଇଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଓ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ଧନୁଯାତ୍ରା ମହୋତ୍ସବ ସମିତିର ସଭାପତି ତଥା ଜିଲାପାଳ ମୋନିଷା ବାନାର୍ଜୀ, କାର୍ଯ୍ୟକାରୀ ସଭାପତି ତଥା ଏସ୍‌ପି ପ୍ରିତ୍ ପି. ପରମାର, ସମ୍ପାଦକ ସୁରେଶ୍ୱର ଶତପଥୀ, ରାଜ ଦରବାର କମିଟି ଆବାହକ ରାଜେନ୍ଦ୍ର ପ୍ରସାଦ ସିଂ, ସାଂସ୍କୃତିକ କମିଟି ଆବାହକ ଗୋପାଳକୃଷ୍ଣଦାଶ, କଳାକାର ଉପଦେଷ୍ଟା ସମନ୍ୱୟ ସମିତି ସହ ଆବାହକ ଅଶୋକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନ ପରେ ବରଗଡ଼ ସହର ମଥୁରାନଗରୀ ପାଲଟିଥିବାବେଳେ କଂସଙ୍କ ରାଜୁତି ଆରମ୍ଭ ହୋଇଛି ।

ମହୋତ୍ସବ ଉଦ୍‌ଘାଟିତ ହେବା ପରେ ନାଟ୍ୟାଭିନୟରେ ମହାରାଜା ଉଗ୍ରସେନଙ୍କ ଉପସ୍ଥିତିରେ ରାମଜୀ ମନ୍ଦିରରେ ବସୁଦେବଙ୍କ ସହିତ ଦେବକୀଙ୍କ ବିବାହ ସମ୍ପନ୍ନ ହୋଇଥିଲା। ଦେବକୀଙ୍କ ଅଷ୍ଟମ ସନ୍ତାନ କଂସଙ୍କ ମୃତ୍ୟୁର କାରଣ ହେବ ବୋଲି ଶୂନ୍ୟବାଣୀ ଶୁଣି କଂସ ବିଚଳିତ ହୋଇ ପଡ଼ିଥିଲେ। ଦୈବବାଣୀ ପରେ ଯୁବରାଜ କଂସ ମହାରାଜ ଉଗ୍ରସେନଙ୍କୁ ଗାଦିଚ୍ୟୁତ କରିବା ସହିତ ମଥୁରା ଶାସନ ନିଜ ହାତକୁ ନେଇଥିଲେ ଏବଂ ଦେବକୀ ଓ ବସୁଦେବଙ୍କୁ କାରାଗାର (ସମଲେଶ୍ୱରୀ ମଣ୍ଡପ)କୁ ପଠାଇ ଦେଇଥିଲେ। କଂସଙ୍କ ଏଭଳି ରାଜୁତି ପରେ ସମଗ୍ର ମଥୁରାନଗରୀ ଅଶାନ୍ତ ହୋଇପଡ଼ିଛି। ସେହିପରି ଶୂନ୍ୟବାଣୀ ପରଠାରୁ ମହାରାଜ କଂସ ମଧ୍ୟ ବିଚଳିତ ହୋଇପଡ଼ିଛନ୍ତି। ମନକୁ ଶାନ୍ତ କରିବା ପାଇଁ କଂସଙ୍କ ନିର୍ଦ୍ଦେଶରେ ରାଜ ଦରବାରରେ ନୃତ୍ୟ ପରିବେଷିତ ହୋଇଥିଲା।

ଏହି ଉପଲକ୍ଷେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଟୁଇଟ୍ କରି କହିଛନ୍ତି ପ୍ରସିଦ୍ଧ ମୁକ୍ତାକାଶ ରଙ୍ଗମଞ୍ଚ ଭାବରେ ଜଣାଶୁଣା ଓଡ଼ିଶାର ଧନୁଯାତ୍ରା ଏକ ଅନନ୍ୟ ପରମ୍ପରା। ପିଢ଼ି ପରେ ପିଢ଼ି ଧନୁଯାତ୍ରାର ବାର୍ତ୍ତା ଓ ପରମ୍ପରାରୁ ଅନୁପ୍ରାଣୀତ ହେବେ ବୋଲି ସେ ବିଶ୍ୱାସ କରନ୍ତି। ଏହି ଯାତ୍ରା ଅବସରରେ ଓଡ଼ିଶାବାସୀଙ୍କୁ ସେ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଛନ୍ତି।



ସବୁକଥାକୁ ଉଦାରତାର ସହିତ ସ୍ମିତ ହାସ୍ୟରେ ଦେଖ। ଯେଉଁସବୁ କଥା ତୁମକୁ ଉତ୍ତ୍ୟକ୍ତ କରୁଛନ୍ତି- ସେଗୁଡିକୁ ଦେଖି ନିଜେ ଶିକ୍ଷା କର। ତା'ହେଲେ ଯାଇ ତୁମର ଜୀବନ ଅଧିକ ଶାନ୍ତିପୂର୍ଣ୍ଣ ଓ ଅଧିକ ସଫଳ ହୋଇପାରିବ। **-ଶ୍ରୀମା**



# ଉଲଗ୍ନ ଲୋଭ

ଭାରତୀୟ ଚିନ୍ତାଧାରାରେ ମଣିଷ ଜୀବନର ୪ ଅବସ୍ଥା ବିଷୟରେ କୁହାଯାଇଛି। ସେଗୁଡ଼ିକ ହେଲା-ବ୍ରହ୍ମଚର୍ଯ୍ୟ, ଗୃହସ୍ଥ, ବାନପ୍ରସ୍ଥ ଏବଂ ସନ୍ନ୍ୟାସ। ଏଥିରୁ ପ୍ରଥମ ବ୍ରହ୍ମଚର୍ଯ୍ୟ ଓ ଶେଷ ତଥା ଚତୁର୍ଥ ସନ୍ନ୍ୟାସ ସ୍ଥିତିରେ ମଣିଷ ତା'ର ଲୋଭ ଓ ଅହଂଭାବ ପରିତ୍ୟାଗ କରିବା ପାଇଁ ସୁଯୋଗ ପାଇଥାଏ। ସେହି ସୁଯୋଗର ସଦୁପଯୋଗ କଲେ ଜୀବନର ବାକିଅଂଶ ସୁଖ ଓ ଶାନ୍ତିରେ ବିତିଥାଏ। 'ଅତ୍ୟଧିକ ଲୋଭ ଆଣିଦିଏ ଅତ୍ୟଧିକ ଅଶାନ୍ତି' ବୋଲି ବିଭିନ୍ନ ଧର୍ମଗୁରୁମାନେ କହିଥାଆନ୍ତି। ମଣିଷର ଲୋଭ ଅସରନ୍ତି ବୋଲି ସମସ୍ତେ ଜାଣିଛନ୍ତି। ତେବେ 'ସଭ୍ୟ' ସମାଜରେ ବଞ୍ଚୁଥିବା ବ୍ୟକ୍ତି ସେହି ଲୋଭକୁ ସଫଳତାର ସହିତ ଘୋଡ଼ାଇ ଦେଇପାରେ ବୋଲି ତାଙ୍କୁ 'ଭଦ୍ର' ଆଖ୍ୟା ଦିଆଯାଏ। ଯେବେ ଲୋଭ ଉଲଗ୍ନ ହୋଇ କୌଣସି କାର୍ଯ୍ୟ କରେ ସେତେବେଳେ ତାହା ଅପରାଧ ଆଡ଼କୁ ଢଳିଯାଇଥାଏ ବୋଲି ବୁଝାପଡ଼େ। ଅର୍ଥ ଲୋଭ, ସମ୍ପତ୍ତି ଲୋଭ, କାମ ଲୋଭ କୌଣସି ବ୍ୟକ୍ତିବିଶେଷ ପାଖରେ ସୀମିତ ନୁହେଁ। କେତେକ ବ୍ୟକ୍ତି ଏହି ଲୋଭକୁ ସଚେତନତାର ସହିତ କାର୍ଯ୍ୟକାରୀ କରାନ୍ତି। ସେଥିପାଇଁ ସେମାନେ ଆଇନକୁ ଭାଙ୍ଗନ୍ତି ନାହିଁ। ଆହୁରି ଅନେକେ ଏଭଳି ଅଛନ୍ତି, ଯେଉଁମାନେ ଲୋଭ ଦ୍ୱାରା ପରିଚାଳିତ ହୋଇ କୌଣସି ଚିନ୍ତା କରନ୍ତି ନାହିଁ। ସେହି ଗୋଷ୍ଠୀ ବା ମଣିଷଜାତିର ଉକ୍ତ ବର୍ଗ ଲୋଭରେ ହତ୍ୟା, ବଳାତ୍କାର ଭଳି ଅନେକ ଅପରାଧ କିମ୍ବା ଅସାମାଜିକ କାର୍ଯ୍ୟ ବାରମ୍ବାର କରିଥାଆନ୍ତି।

ନିକଟରେ ମିଳିଥିବା ଖବର ଅନୁଯାୟୀ, ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି (ସିଜେଆଇ) ଭାବେ ୮ ନଭେମ୍ବର ୨୦୨୨ରେ ଅବସର ନେଇଥିବା ଉଦୟ ଉମେଶ ଲଲିତଙ୍କ ବାସଭବନରେ ୨୮ ଜଣ ପିଅନ ଓ ସହାୟକ ଏବେ ମଧ୍ୟ କାର୍ଯ୍ୟ କରୁଛନ୍ତି। ରାଷ୍ଟ୍ରପତି ଭବନ ଓ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଛାଡ଼ିଦେଲେ ଅନ୍ୟ କୌଣସି ସାମ୍ବିଧାନିକ ପଦବୀରେ ଏତେ ସଂଖ୍ୟକ ପିଅନ ଓ ସହାୟକ ବାସଭବନରେ ରହିବାର ବ୍ୟବସ୍ଥା ନାହିଁ। ଲଲିତ ୪୯ତମ ପ୍ରଧାନ ବିଚାରପତି ଭାବେ ଅଗଷ୍ଟ ୨୭ରୁ ନଭେମ୍ବର ୮ ପର୍ଯ୍ୟନ୍ତ ମାତ୍ର ୭୪ ଦିନ ପାଇଁ ଦାୟିତ୍ୱରେ ଥିଲେ। ସେତେବେଳେ ତାଙ୍କ ୧୯ ଆକବର ରୋଡ୍ ସରକାରୀ ବାସଭବନରେ ୪୦ ଜଣ ତଳିଆ କର୍ମଚାରୀ କାର୍ଯ୍ୟ କରୁଥିଲେ। ନିୟମ ଦେଖିଲେ ଜଣେ ପ୍ରଧାନ ବିଚାରପତି ତାଙ୍କ କାର୍ଯ୍ୟକାଳ ମଧ୍ୟରେ ୧୨ରୁ ୧୫ ଜଣ ପିଅନ ଓ ସହାୟକଙ୍କୁ ରଖିପାରିବେ ଏବଂ ଅବସର ପରେ ସେମାନଙ୍କ ସଂଖ୍ୟା ୨ରୁ ୩ ରହିବା କଥା।

ଚଳିତବର୍ଷ ଅଗଷ୍ଟରେ କେନ୍ଦ୍ର ସରକାର ସୁପ୍ରିମକୋର୍ଟ ବିଚାରପତି ନିୟମ, ୧୯୫୯ରେ ସଂଶୋଧନ ଆଣିଥିଲେ। ସେଥିରେ ଉଲ୍ଲେଖ କରାଯାଇଥିଲା ଯେ ଅବସରପ୍ରାପ୍ତ ସିଜେଆଇଙ୍କୁ ୬ ମାସ ସକାଶେ ଭଡ଼ାମୁକ୍ତ ଟାଇପ୍-୭ ବାସଭବନ ଯୋଗାଇ ଦିଆଯାଇପାରିବ। ସେହି ଅନୁଯାୟୀ ଦେଖିଲେ ଶାହାଜାହାନ ରୋଡ୍‌ର ଏକ ବଙ୍ଗଳା ଲଲିତଙ୍କୁ ଯଚାଯାଇଥିଲା। କିନ୍ତୁ ସମ୍ପୃକ୍ତ କୋଠା ଖରାପ ଅବସ୍ଥାରେ ରହିଥିବା ଦର୍ଶାଇ ସେ ତାହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ଲଲିତଙ୍କ ପରେ ସିଜେଆଇ ଡି. ୱାଇ. ଚନ୍ଦ୍ରଚୂଡ଼ ୧୯ ଆକବର ରୋଡ୍ ବାସଭବନରେ ରହିବେ ବୋଲି ସରକାରୀ ଭାବେ କୁହାଯାଇଥିଲା। ତେଣୁ ଲଲିତଙ୍କୁ ୧୭ ସଫଦରଜଙ୍ଗ ରୋଡ୍‌ରେ ଏକ ଘର ଦିଆଯାଇଛି। ଏବେ ତାହା ମରାମତି କରାଯାଉଥିବାରୁ ସେ ଆସନ୍ତା ନୂଆବର୍ଷରେ ଘର ବଦଳାଇବେ ବୋଲି ଜଣାପଡ଼ିଛି।

> **ବହୁ ଦୃଷ୍ଟାନ୍ତ ରହିଛି ଯେଉଁଥିରେ ଦେଖିବାକୁ ମିଳେ ଯେ, ପଦବୀ ଯିବା ପରେ ସରକାରୀ ବାସଭବନକୁ ଅକ୍ତିଆର କରିଥିବା ବ୍ୟକ୍ତିଙ୍କ ବିରୋଧରେ କରଦାତାଙ୍କ ଅର୍ଥ ବ୍ୟବହାର କରାଯିବା ସହିତ ପୋଲିସ ଲଗାଇ ସେମାନଙ୍କୁ ବିଦା କରିବାକୁ ପଡ଼ିଥାଏ। ଏଭଳି ବେଲଜ୍ଜା ଲୋକଙ୍କ ତାଲିକା ଅତ୍ୟନ୍ତ ଲମ୍ବା।**

ଉପରଲିଖିତ ଘଟଣାକୁ ଦେଖିଲେ ସମ୍ଭ୍ରାନ୍ତ ବର୍ଗଙ୍କ ଲାଗି ସରକାରୀ ସ୍ତରରେ ସବୁ ନିୟମକୁ ଜଳାଞ୍ଜଳି ଦିଆଯାଉଛି। ଜଣେ ପ୍ରଧାନ ବିଚାରପତି ହୋଇଥିବା ବ୍ୟକ୍ତି ଚାକିରିକାଳ ମଧ୍ୟରେ ଅନେକ ମାମଲାର ସମାଧାନ କରିଥାଆନ୍ତି। ତାଙ୍କୁ ନ୍ୟାୟମୂର୍ତ୍ତି କୁହାଯାଉଥିବାରୁ ତାଙ୍କର ସାମାଜିକ ଦାୟିତ୍ୱବୋଧ ଅଧିକ ରହିବା କଥା। କିନ୍ତୁ ଅବସର ପରେ ବଙ୍ଗଳାକୁ ମାଡ଼ିବସିବା ଓ ତଳିଆ କର୍ମଚାରୀଙ୍କୁ ବ୍ୟକ୍ତିଗତ ଚାକର ଭାବେ ଖଟାଇବାର ଚରିତ୍ର କେବଳ ଲଲିତଙ୍କ ପାଖରେ ସୀମିତ ନୁହେଁ। ସେହି ମିଥ୍ୟା ଜଗତରେ ଅଧିକ କିଛିଦିନ ରହିବାର ଲୋଭ ଅନେକ ଉଚ୍ଚପାହ୍ୟା ଅବସରପ୍ରାପ୍ତ ଆଇଏଏସ୍ ଏବଂ ଆଇପିଏସ୍ ଅଫିସରଙ୍କ ସମେତ ପୂର୍ବତନ ମନ୍ତ୍ରୀ, ସାଂସଦ ଓ ବିଧାୟକଙ୍କୁ ଗ୍ରାସ କରିଥାଏ। କେତେକେ ଚାକିରି ଯିବାର ଦୀର୍ଘ ମାସ ଯାଏ ସରକାରୀ ବାସଭବନ ଛାଡ଼ି ନ ଥାଆନ୍ତି। ବହୁ ଦୃଷ୍ଟାନ୍ତ ରହିଛି ଯେଉଁଥିରେ ଦେଖିବାକୁ ମିଳେ ଯେ, ପଦବୀ ଯିବା ପରେ ସରକାରୀ ବାସଭବନକୁ ଅକ୍ତିଆର କରିଥିବା ବ୍ୟକ୍ତିଙ୍କ ବିରୋଧରେ କରଦାତାଙ୍କ ଅର୍ଥ ବ୍ୟବହାର କରାଯିବା ସହିତ ପୋଲିସ ଲଗାଇ ସେମାନଙ୍କୁ ବିଦା କରିବାକୁ ପଡ଼ିଥାଏ। ଏଭଳି ବେଲଜ୍ଜା ଲୋକଙ୍କ ତାଲିକା ଅତ୍ୟନ୍ତ ଲମ୍ବା।

ଭାରତ ସରକାରଙ୍କ ଦୁର୍ବଳ ଅର୍ଥନୈତିକ ନୀତି ଯୋଗୁ ଦେଶ ଏବେ ଘୋର ଆର୍ଥିକ ଦୁଃସ୍ଥିତି ଦେଇ ଗତି କରୁଛି। ମୁଦ୍ରାସ୍ଫୀତି ନିୟନ୍ତ୍ରଣ କରିବା ଲାଗି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ବିଗତ ୬ ମାସରେ ୫ ଥର ରେପୋ ରେଟ୍ ବଢ଼ାଇ ଗୃହଋଣ ନେଇଥିବା ବ୍ୟକ୍ତିଙ୍କ ଉପରେ ବାରମ୍ବାର ସୁଧ କଷି ଚାଲିଛି। ଏହାଦ୍ୱାରା ସ୍ୱଳ୍ପ ଓ ମଧ୍ୟମ ଆୟକାରୀ ବର୍ଗ ଶୋଷିତ ହେଉଛନ୍ତି। ଏଥିସହିତ ଆୟକରଦାତା ଏବଂ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଦେଉଥିବା ପ୍ରତ୍ୟେକ ନାଗରିକଙ୍କ ଅର୍ଥ ସରକାରୀ କାର୍ଯ୍ୟରେ ବ୍ୟୟ କରାଯାଉଛି। ଏହାର ଅନେକ ଭାଗ ଚାକିରିଆଙ୍କ ଦରମା ଓ ସୁବିଧା ବାବଦକୁ ମଧ୍ୟ ବ୍ୟୟ ହେଉଛି। ଏହା ସତ୍ତ୍ୱେ ଅବସର ପରେ ସେମାନଙ୍କ ଲାଗି ଅଧିକ ସୁବିଧା ଦିଆଯିବା ରାଷ୍ଟ୍ର କଲ୍ୟାଣର ପରିପନ୍ଥୀ ବୋଲି ଅଭିହିତ ହେବା ଉଚିତ। ହେଲେ କ୍ୱଚିତ୍ ବ୍ୟକ୍ତି ଏହି ବିଷୟକୁ ଆଲୋଚନା ଭିତରକୁ ଆଣୁଥିବାରୁ ବ୍ୟବସ୍ଥାରେ ପରିବର୍ତ୍ତନ ଆସିପାରୁ ନାହିଁ। ଏଥିପାଇଁ ବିଧିବଦ୍ଧ ପ୍ରତିବାଦ ଲୋଡ଼ା ପଡ଼ିଲାଣି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 8 | | | | | | | |
| | 4 | | | 8 | 5 | | 1 | |
| | | | 9 | | 6 | 3 | | |
| | | | 2 | | 8 | | 6 | |
| | | 3 | | | | 7 | | |
| 4 | 1 | | | 9 | | | | |
| | | 5 | | | 9 | | | |
| | | | | | | 6 | 3 | |
| | | 6 | | | | | 2 | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 1 | 6 | 3 | 8 | 2 | 4 | 7 | 9 |
| 2 | 9 | 3 | 7 | 6 | 4 | 5 | 8 | 1 |
| 4 | 8 | 7 | 1 | 5 | 9 | 3 | 6 | 2 |
| 7 | 4 | 2 | 5 | 3 | 8 | 1 | 9 | 6 |
| 8 | 6 | 9 | 4 | 7 | 1 | 2 | 5 | 3 |
| 3 | 5 | 1 | 9 | 2 | 6 | 8 | 4 | 7 |
| 9 | 3 | 5 | 2 | 4 | 7 | 6 | 1 | 8 |
| 6 | 7 | 4 | 8 | 1 | 3 | 9 | 2 | 5 |
| 1 | 2 | 8 | 6 | 9 | 5 | 7 | 3 | 4 |

ଗତକାଲିର ଉତ୍ତର

# ମୂଳ ଭାରତୀୟଙ୍କୁ ସମ୍ବିଧାନରେ ଉପେକ୍ଷା



ସହଦେବ ସାହୁ

ଆମ ସମ୍ବିଧାନର ପ୍ରଣେତାମାନଙ୍କ ଜନ୍ମ ସିନା ଭାରତରେ, ସମ୍ବିଧାନ ପ୍ରଣୟନ ବେଳେ ସେମାନଙ୍କ ମନ ଥିଲା ବିଲାତି (ଗୋରା) ସାହେବଙ୍କ ପରି! ଏମିତି କହିବାର ବେଳ ଆସିଯାଇଛି ସ୍ୱାଧୀନତାର ୭୫ ବର୍ଷ ପାଳନ ଅବସରରେ। ସ୍ୱାଧୀନତାର ଅମୃତ ମହୋତ୍ସବ ପାଳୁଥିବା ବେଳେ ଭାବିବାର ବେଳ ଆସିଛି - ବ୍ରିଟିଶ ରାଜତ୍ୱର ବିଷ କିପରି ଆମ ସମ୍ବିଧାନରେ ମିଶିରହିଲା? କ'ଣ ଆମ ସ୍ୱାଧୀନତା ସଂଗ୍ରାମୀମାନେ ବିଲାତି ଶିକ୍ଷାଦୀକ୍ଷାରେ ଏତେ ଉଦ୍‌ବୁଦ୍ଧ ହୋଇଯାଇଥିଲେ ଯେ 'ଅଭାରତୀୟ' ଚିନ୍ତାଧାରାକୁ ସମ୍ବିଧାନରେ ଭର୍ତ୍ତି କରିଦେଲେ? ସମ୍ବିଧାନର ୨୧ଶ ଅଧ୍ୟାୟ (ପାର୍ଟ ଏକ୍ସଏକ୍ସଆଇ) ସବୁ ବ୍ରିଟିଶ ଅମଳୀୟ ଆଇନକୁ ଚାଲୁ ରଖିଲା। 'ଟେମ୍ପରାରି, ଟ୍ରାଞ୍ଜିଶନାଲ ଆଣ୍ଡ ସ୍ପେଶାଲ ପ୍ରୋଭିଜନ୍ସ' ଶିରୋନାମା ତଳେ ଅଛି ଆର୍ଟିକଲ୍ ୩୭୨ ଯାହା କହିଛି ସମ୍ବିଧାନ ପୂର୍ବରୁ ଚାଲିଆସିଥିବା ସବୁ ଆଇନ ପୂର୍ବବତ୍ ଚାଲୁ ରହିବ। ତାହା ସବୁ ଯେ ଦମନକାରୀ ବ୍ୟବସ୍ଥାର ଭିତ୍ତି ଥିଲା ତା' ଲକ୍, ହବ୍‌ସ, ରୁଷୋଙ୍କ ଭଳି ସମତା-ଚିନ୍ତକଙ୍କ ଲେଖା ଓ ରାଜୁଡ଼ାର ନିର୍ଯାତନା ରୋକିଥିବା ମାଗ୍ନା କାର୍ଟା କଥା ମନେପକାଇଲେ ନାହିଁ। ଫଳରେ ଭାରତୀୟମାନଙ୍କ ଭିତରୁ ୨୦% ଅପରାଧୀ ଅସଭ୍ୟ ସମ୍ପ୍ରଦାୟ ଭାବେ ଓ ଆଉ ୪୦% ଭାରତୀୟ ଦଳିତ ନିର୍ଯାତିତ ହୋଇ ରହିଗଲେ। ସମ୍ବିଧାନ ତିଆରି କରିଦେଇ ସେମାନେ ଆମ ସମସ୍ତଙ୍କୁ ଡିମୋକ୍ରାସିରୁ ରିପବ୍ଲିକ୍‌କୁ ଉତ୍ତୀର୍ଣ୍ଣ କରିଦେଲେ ବୋଲି ବାହାବା ନେଲେ। ଫଳରେ ଆମ ଦେଶଟା ଗୋରା ସାହେବଙ୍କ ସ୍ଥାନରେ ଇଂରେଜୀପଢ଼ା କଳା ସାହେବଙ୍କ ଉପନିବେଶ ହୋଇଗଲା।

ଏଭଳି ଚିନ୍ତାଧାରା ଏବେ କାହିଁକି ଆସୁଛି ବୋଲି କେହି ପଚାରିଲେ ମୁଁ ଅଙ୍ଗୁଳି ନିର୍ଦ୍ଦେଶ କରିବି ଡିସେମ୍ବର ୨୨ରେ ଲୋକ ସଭାରେ ପେସ୍ ହୋଇଥିବା 'ଜନବିଶ୍ୱାସ ବିଲ୍'କୁ। ଏ ବିଲ୍ ଉପସ୍ଥାପନ କରି କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ କହିଲେ - ଅର୍ଥ, ବାଣିଜ୍ୟ, ପରିବେଶ, ସଡ଼କ ନିର୍ମାଣ, ରାଜପଥ, ବନ୍ଦର, ଓ ଇଲେକ୍ଟ୍ରୋନିକ୍ସ ଭଳି ୧୯ ମନ୍ତ୍ରଣାଳୟର ୪୨ଟି ଆକ୍ଟର ୧୮୩ଟି ବ୍ୟବସ୍ଥାକୁ ସଂଶୋଧନ କରାଯିବ। ଏହା ଆଗରୁ ୧୫୦୦ଟି ପୁରୁଣା ଆଇନକୁ ରଦ୍ଦ ଏବଂ ୩୫୦୦ ନୂଆ ନିୟମ ତିଆରି କରାଯାଇଛି। ଏହାଦ୍ୱାରା କୋର୍ଟ କଚେରିର କାମ କମିବ ଓ 'ଇଜ୍ ଅଫ୍ ବିଜ୍‌ନେସ୍' ବଢ଼ିବ ବୋଲି ଗୋୟଲ କହିବା ସାଙ୍ଗେ ସାଙ୍ଗେ ସେ ସତ କଥା କହିଛନ୍ତି ଯେ ଆଗରୁ ଯେପରି ସାଧାରଣ ଲୋକଙ୍କ ଉପରେ ଆସ୍ଥା ରଖାଯାଉ ନ ଥିଲା ଏବଂ ଛୋଟ ଛୋଟ ଭୁଲ୍ ପାଇଁ ଲୋକଙ୍କୁ ଦଣ୍ଡିତ କରାଯାଉଥିଲା ତାହା ଉଚିତ ନୁହେଁ।

ସମ୍ବିଧାନ ପ୍ରଣେତାମାନେ ବ୍ରିଟିଶ ଅମଳର ଆଇନଗୁଡ଼ିକୁ ଯେମିତି ସେମିତି ରଖିବା ଭଳି ଅନୁଚିତ ବ୍ୟବସ୍ଥା କଲେ କାହିଁକି? ସମ୍ବିଧାନ ପ୍ରଣେତାମାନଙ୍କ ଭିତରେ ସଂଖ୍ୟାଗରିଷ୍ଠ ବ୍ୟକ୍ତି ଥିଲେ ବ୍ରିଟିଶ ଢାଞ୍ଚାରେ ଉଚ୍ଚଶିକ୍ଷା ପାଇଥିବା ଉଚ୍ଚବର୍ଗର; ସେମାନଙ୍କ ମାନସିକତାରେ ଥିଲା ଅସଭ୍ୟଙ୍କୁ ସଭ୍ୟ କରିବା (ଯାହାକୁ ୟୁରୋପୀୟମାନେ କହୁଥିଲେ 'ହ୍ୱାଇଟ୍‌ମାନ୍‌ସ ବର୍ଡନ')। ଭାରତ ଭୂଖଣ୍ଡର ମୂଳ ଅଧିବାସୀମାନେ ଅସଲ ଭାରତୀୟ; ଆଦିମ ଅଧିବାସୀ ଅପଭ୍ରଂଶ ହୋଇ 'ଆଦିବାସୀ' ହୋଇଗଲା - ଏକ ତିରସ୍କାରସୂଚକ ଶବ୍ଦ। ସହରୀ ସଭ୍ୟତାର ଦ୍ୟୋତକ, କାସ୍ପିଆନ୍ ହ୍ରଦ ଆଡୁ ଆସିଥିବା, ନିଜକୁ ଆର୍ଯ୍ୟ ବୋଲାଉଥିବା ମଣିଷମାନେ ଆଦିମ ଭାରତୀୟମାନଙ୍କୁ ଅନାର୍ଯ୍ୟ କହି ସେମାନଙ୍କୁ ଆକ୍ରମଣ କଲେ। ପ୍ରକୃତି ସହ ମିଳିମିଶି ଚଳୁଥିବା ସେହି ଲୋକେ ଅଭ୍ୟନ୍ତର ବଣଜଙ୍ଗଲରେ ଲୁଚିବାକୁ ବାଧ୍ୟ ହେଲେ। ଅପହଞ୍ଚ ଇଲାକାରେ ଥିବା ଏହି ଭାରତୀୟମାନେ ପ୍ରକୃତି କୋଳରେ ବଢୁଥିଲେ ଓ ବଢ଼ିଲେ; ଉଦ୍ଭିଦ, ପ୍ରାଣୀ, ଶିଳା ଓ ଆକାଶର ବଜ୍ର ଆଦି ପ୍ରାକୃତିକ ଜିନିଷକୁ ସହଚର ଭାବିଲେ ଏବଂ ସେମାନଙ୍କର ଆତ୍ମା ଅଛି ଓ ସେମାନେ ମଣିଷର ସବୁ ଘଟଣାକୁ ପ୍ରଭାବିତ କରନ୍ତି ବୋଲି ସେମାନଙ୍କର ବିଶ୍ୱାସ ଆସିଲା। ବ୍ରିଟିଶ ଲୋକେ ସେମାନଙ୍କ ପାଠ ପଢ଼ାଇଲେ ଯେ ଏହି ମୂଳ ଭାରତୀୟମାନେ ଆନିମିଷ୍ଟ: ହିନ୍ଦୁ, ଖିରସ୍ତାନ ବା ମୁସଲିମ୍ ଭଳି ସଙ୍ଗଠିତ ଧର୍ମାନୁଗତମାନଙ୍କଠାରୁ ନ୍ୟୂନ। ଏବେ ଏକବିଂଶ ଶତାବ୍ଦୀରେ ସିନା ଆମର ହୃଦ୍‌ବୋଧ ହେଲାଣି ଆମେ ଯାହାଙ୍କୁ ଆଦିବାସୀ କହୁଛୁ ସେମାନେ ମାନବ ଜାତିର ଅକ୍ଷୟ (ସଷ୍ଟେନ୍‌ବ୍ଲ) ସ୍ଥିତିର ମାର୍ଗ ଦର୍ଶାଇଛନ୍ତି। ତଡ଼ାଖାଇ ଜଙ୍ଗଲ ଭିତରେ ଥିବା ଲୋକେ ବାହାରର କାହାରିକୁ ଜଙ୍ଗଲ ପାଖ ଦେଇ ଯିବାର ଦେଖିଲେ ବିପଦ ମଣିଲେ, ସେମାନଙ୍କୁ ଆକ୍ରମଣ କଲେ।



ଏହା ଦେଖି ବ୍ରିଟିଶ ଶାସକମାନେ ୧୮୭୧ ରେ ୧୫୦ ଟ୍ରାଇବ୍‌କୁ କ୍ରିମିନାଲ (ଜନ୍ମଗତ ଅପରାଧୀ) ଟ୍ରାଇବ୍ ଆଖ୍ୟା ଦେଇ ଆଇନ କଲେ। ଖୋଦ୍ ବ୍ରିଟିଶ ଔପନିବେଶିକମାନେ କ୍ରିମିନାଲ ଟ୍ରାଇବ୍ ଭଳି ଆମକୁ ପରାସ୍ତକରି ଭାରତକୁ ଲୁଟ୍ କରିଛନ୍ତି ବୋଲି ଭୁଲିଗଲେ। ଯେମିତି ଭ୍ରଷ୍ଟାଚାରକୁ ଦଣ୍ଡନୀୟ ଅପରାଧ ବୋଲି ଆଇନ କରିଥିବା ସାଂସଦମାନେ (ବିଧାୟକମାନେ ବି) ନିଜେ ଭ୍ରଷ୍ଟାଚାରରେ ଲିପ୍ତହେବା ସେମାନଙ୍କ ପ୍ରିଭିଲେଜ୍ ବୋଲି ଧରିନେଇଛନ୍ତି। ବ୍ରିଟିଶ ଶାସକମାନେ ଯେଉଁ କ୍ରିମିନାଲ ଟ୍ରାଇବ୍ସ ଆକ୍ଟ ପାସ୍ କରିନେଲେ ତାହା ବଳବତ୍ତର ରହିଲା ସମ୍ବିଧାନର ଧାରା ୩୭୨ ରେ। ତେଣୁ ଅସଲ ଭାରତୀୟମାନେ ଅପରାଧୀ ସମ୍ପ୍ରଦାୟ ହିସାବରେ ଗଣାଗଲେ। ୧୯୫୨ ଅଗଷ୍ଟ ୩୧ରେ ସରକାର ଟ୍ରାଇବ୍ସମାନଙ୍କୁ କ୍ରିମିନାଲ କୁହାଯିବ ନାହିଁ ବୋଲି ନୋଟିଫିକେଶନ କଲେ। କିନ୍ତୁ ଦାଗ ରହିଗଲା: ସୁବର୍ଣ୍ଣରେଖା ପାରହୋଇ ଝାଡ଼ଖଣ୍ଡ (ଆଗର ବିହାର)ରେ ପ୍ରବେଶ କଲେ। ଆମେ ଦେଖୁଥିଲୁ ଏକ ରାସ୍ତାକଡ଼ ବିଜ୍ଞାପନ: ''ସାବଧାନ! ଲୋଧାମାନଙ୍କ ଲୁଟ୍‌ର ଶିକାର ହୋଇପାରନ୍ତି!'' ସ୍ୱାଧୀନତାର ଅମୃତ ମହୋତ୍ସବ କାଳରେ ଆମକୁ ଲଜ୍ଜା ଲାଗିବା କଥା ଯେ ମୂଳ ଭାରତୀୟମାନଙ୍କୁ ସାଙ୍ଗରେ ନ ନେଇ ଏବେ ବି ଆମେ ସେମାନଙ୍କୁ ଘୃଣା ଚକ୍ଷୁରେ ଦେଖୁଛୁ!

ସେତିକିରେ ଆମ ସମ୍ବିଧାନ ପ୍ରଣେତାମାନେ ଚୁପ୍ ନ ଥିଲେ। ଇଂରେଜ ଶାସକମାନେ ଜାତିପ୍ରଥାକୁ ଘୃଣ୍ୟ ଆକାରରେ ଉପସ୍ଥାପନ କଲେ। ଆବହମାନ କାଳରୁ ନୀଚତର କାମ କରିଆସିଛନ୍ତି ଓ ସେମାନଙ୍କୁ ଉଚ୍ଚଜାତିର ଲୋକଙ୍କଠାରୁ ଭିନ୍ନ କରି ତାଲିକାଭୁକ୍ତ ଜାତି (ସିଡ୍ୟୁଲ୍ଡ କାଷ୍ଟ) ନାମ ଦେଲେ, ସୋସିଆଲ ମୋବିଲିଟି ରହିଲା ନାହିଁ, ସେମାନେ ଉଚ୍ଚଜାତିର କାମ ବା ପେସା କରିବାର ସୁଯୋଗ ପାଇଲେ ନାହିଁ। ସାମାଜିକ ଜୀବନ ଓ ଚଳଣିକୁ ସହଜ କରିବା ଲାଗି ତଥାକଥିତ ଆର୍ଯ୍ୟମାନେ କର୍ମଭିତ୍ତିକ ଶ୍ରେଣୀ ତିଆରି କରିଥିଲେ, ଯାହା କାଳକ୍ରମେ ପିତାଠାରୁ ପୁତ୍ରକୁ ଗଡ଼ିଆସିଲା(ମାତାର ଭୂମିକା ଗୃହବାହାରେ ନ ଥିଲା), ତହିଁରୁ ସୃଷ୍ଟି ହେଲା ଜାତିପ୍ରଥା। ଜନ୍ମରୁ ପିଲା ଉପରେ ଲଦିଦିଆଗଲା ବାପାର ବୃତ୍ତି, ଯଥା ମେହେନ୍ତର କାମ କରୁଥିବା ଲୋକର ପିଲାମାନେ ମେହେନ୍ତର ହୋଇ ରହିଲେ। କେତେକ କାମ ଘୃଣ୍ୟ ମନେକରି ଉଚ୍ଚ ଶ୍ରେଣୀର ଲୋକେ ସେପରି କାମ କରୁଥିବା ପରିବାରର ଲୋକଙ୍କୁ ଅସ୍ପୃଶ୍ୟ କରିଦେଲେ। ଏବେ ଭଦ୍ରଲୋକି ଦେଖାଇ ଆମେ ସେମାନଙ୍କୁ ଦଳିତ କହୁଛୁ। ତଥାପି କେତେକ ଜାତିର ଲୋକେ ସାଧାରଣ ନ୍ୟାୟ ପାଉନାହାନ୍ତି। ଓଡ଼ିଶା କଥା ତ ଜଳଜଳ ଦିଶୁଛି। ବିହାରର ନାଟ ସମ୍ପ୍ରଦାୟ ଓ ମଧ୍ୟପ୍ରଦେଶର ପାର୍ଡି ସମ୍ପ୍ରଦାୟ ପୋଲିସ ହାତରେ ଏତେ ହଇରାଣ ହୁଅନ୍ତି ଯେ ଅଧିକାଂଶ ଆତ୍ମହତ୍ୟା କରନ୍ତି, ସେମାନଙ୍କୁ ସୁଧାରିବା ପାଇଁ ସରକାର କୌଣସି କାମ କରିନାହାନ୍ତି। ଆମ ସରକାର ଏବେ ବି ବ୍ୟାକ୍‌ୱାର୍ଡ କ୍ଲାସେସ୍, ସିଡ୍ୟୁଲ୍ଡ କାଷ୍ଟ, ସିଡ୍ୟୁଲ୍ଡ ଟ୍ରାଇବ୍ ଆଦି ନାମ ଦେଇ କେତେକ ଲୋକଙ୍କୁ ସାଧାରଣ ନାଗରିକ ବୋଲି ଧରୁନାହାନ୍ତି। ସେମାନେ ସ୍କୁଲକୁ ଗଲେ ଉପଯୁକ୍ତ ଶିକ୍ଷା ପାଉନାହାନ୍ତି ଓ ଚିକିତ୍ସାଳୟକୁ ଗଲେ ଉପଯୁକ୍ତ ଚିକିତ୍ସା ପାଉନାହାନ୍ତି। ସାମାନ୍ୟତମ ଅପରାଧ କଲେ ଜେଲଦଣ୍ଡ ସାଙ୍ଗକୁ ଜରିମାନା ଭୋଗୁଛନ୍ତି। ଗରିବ ହୋଇଥିବାରୁ ଜରିମାନା ଦେଇ ନ ପାରି ଅଧିକକାଳ ଜେଲଦଣ୍ଡ ଭୋଗୁଛନ୍ତି।

-sahadevas@yahoo.com

# ଚାକିରି କ୍ଷେତ୍ରରେ ନାରୀ



ଡ. ମୌସୁମୀ ପରିଡ଼ା

ଭାରତ ପରି ପୁରୁଷପ୍ରଧାନ ଦେଶରେ ଯୁଗଯୁଗ ଧରି ନାରୀ ବହୁମୁଖୀ ସମସ୍ୟାରେ ପୀଡ଼ିତା ହୋଇଆସିଛି। ଏକବିଂଶ ଶତାବ୍ଦୀରେ କର୍ମଜୀବୀ ନାରୀଟିଏ ଯେତେ ନିପୁଣା ହେଲେ ମଧ୍ୟ ହୀନମନ୍ୟତାର ଶିକାର ହେଉଛି। ଦେଶର ଅଗ୍ରଗତିରେ ନାରୀର ଭୂମିକା ବହୁତ ଅଥଚ ସେ ହିଁ ଉପେକ୍ଷିତା। କହିବାବାହୁଲ୍ୟ ନାରୀର ସାମାଜିକ ଅଭିବୃଦ୍ଧି, ପ୍ରତିଷ୍ଠା, ସମ୍ମାନ ଓ କ୍ଷମତାକୁ ବିଭିନ୍ନ ସମୟରେ ଗୌଣ କରିଦିଆଯାଇଛି। ପରିବାର, ଚାକିରିକ୍ଷେତ୍ର ଓ ସମାଜରେ ଆଜିମଧ୍ୟ ସେ ବିଦ୍ୱେଷର ସମ୍ମୁଖୀନା। ପୁରୁଷର ସାମର୍ଥ୍ୟ ସହିତ ସମକକ୍ଷ ହେବାର କ୍ଷମତା ରଖିଥିବା ମହିଳାମାନେ ଲୋକଲଜ୍ଜା ଭୟରେ ଅକଥନୀୟ ଦୁର୍ଦ୍ଦଶାର ଶିକାର ହୋଇ ମଧ୍ୟ ନୀରବ ରହୁଛନ୍ତି। କେବେ ଉପରିସ୍ଥ ଅଫିସର ତ କେବେ ସହକର୍ମୀମାନଙ୍କ ଅସହିଷ୍ଣୁତା ତା' ଜୀବନଯାତ୍ରାରେ ସଦାସର୍ବଦା ଅନ୍ତରାୟ ସୃଷ୍ଟି କରିଆସିଛି।

ଆକାଶରେ ଉଡ଼ିବାଠାରୁ ଆରମ୍ଭ କରି ପାଠଶାଠ, ରାଜନୀତି ସବୁଠାରେ ସେ ନିଜକୁ ପ୍ରମାଣିତ କରିଆସିଥିଲେ ମଧ୍ୟ ପରିବାର ଓ କାର୍ଯ୍ୟସ୍ଥଳୀରେ ନିଜ କର୍ତ୍ତବ୍ୟକୁ ସୁଚାରୁ ରୂପେ ତୁଲାଇବାର ସଂଘର୍ଷ ଭିତରେ ସେ ନିଜ ଆତ୍ମବିଶ୍ୱାସ ହରାଉଛି। ସହକର୍ମୀମାନଙ୍କ ଦୁର୍ବ୍ୟବହାର, ହୀନମନ୍ୟତା ପାଇଁ କର୍ମଜୀବୀ ମହିଳାମାନେ ମାନସିକ ଚାପଗ୍ରସ୍ତ ହୋଇ ଚାକିରି ଛାଡୁଛନ୍ତି ନ ହେଲେ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି। ପରିସଂଖ୍ୟାନରୁ ଜଣାଯାଇଛି ଯେ, ପ୍ରାଇଭେଟ୍ ସଂସ୍ଥାନରେ ଉପରିସ୍ଥ ଅଫିସରଙ୍କ ଦୁର୍ବ୍ୟବହାର ଓ କୁଶାସନ ପାଇଁ କର୍ମଜୀବୀମାନେ ଚାକିରି ଛାଡ଼ିବାକୁ ବାଧ୍ୟ ହେଉଛନ୍ତି। ସେମାନେ ଜାଣନ୍ତି ଅଭିଯୋଗ କଲେ ମଧ୍ୟ ସେସବୁରୁ ନିସ୍ତାର ମିଳିବ ନାହିଁ। ହୁଏତ ନୂଆ ପ୍ରକାରର ପ୍ରତିଶୋଧ ନିଆଯିବ। ଓଡ଼ିଆରେ ଢଗଟିଏ ଅଛି- ବାଡ଼ ଯଦି ଫସଲ ଖାଏ... ତେବେ କାହାକୁ କହିବା। ଉପରିସ୍ଥ ଅଫିସର ଯଦି ସହକର୍ମୀଙ୍କ ବାଧକ ସାଜନ୍ତି କିମ୍ବା ବିଭିନ୍ନ ଆଳରେ ମାନସିକ ନିର୍ଯାତନା ଦିଅନ୍ତି, ତେବେ ଅଭିଯୋଗ କଲେ ଚାକିରି ପ୍ରତି ବିପଦ ଆସିପାରେ। ଖଚ ମିଛ କହି, କାଗଜରେ ଭୁଲ୍ ପ୍ରମାଣିତ କରି ଚାକିରିରୁ ବିଦା କରାଯାଇପାରେ। ଏଭଳି କ୍ଷେତ୍ରରେ ଯଦି ସାମ୍ନା ଲୋକଟି ମହିଳା ହୋଇଥାଏ, ତେବେ ପ୍ରତିକଥାରେ ସେ ମୁଣ୍ଡ ନୁଆଁଇବାକୁ ବାଧ୍ୟ। ବିଭିନ୍ନ ଭୟଭ୍ରାନ୍ତି ଦ୍ୱାରା ତାର ମାନସିକତାକୁ ସଙ୍କୁଚିତ କରିଦିଆଯାଏ। ଏମିତିରେ ଘର ପରିବାର ଓ କର୍ମସ୍ଥଳୀ ଚାପରେ ସେମାନେ ସ୍ୱାଭାବିକ ଜୀବନଟେ ବଞ୍ଚିପାରନ୍ତି ନାହିଁ। ପୁନଶ୍ଚ କର୍ମକ୍ଷେତ୍ରରେ ଶୋଷଣର ଶିକାର ହେବା ଦ୍ୱାରା ସେମାନଙ୍କ ମାନସିକ ଓ ଶାରୀରିକ କ୍ଷମତା ଧରାଶାୟୀ ହୁଏ।

ନିର୍ଯାତନା ବିଭିନ୍ନ ପ୍ରକାରର, ଯାହା ଅନ୍ୟକୁ କ୍ଷତିଗ୍ରସ୍ତ କରାଏ। ଶାରୀରିକ (ଅନ୍ୟର ଶରୀରକୁ କ୍ଷତି ପହଞ୍ଚାଇବା), ମାନସିକ (କାହାକୁ ମାନସିକ ସ୍ତରରେ ନିର୍ବୋଧ ବା ମୂଲ୍ୟହୀନ ଦର୍ଶାଇ ଅପମାନିତ କରିବା), ମନସ୍ତାତ୍ତ୍ୱିକ (ଧମକଚମକରେ ଭୟଭୀତ କରିବା), ଧାର୍ମିକ (ଅନ୍ୟର ଧର୍ମୀୟ ଭାବନାକୁ ନିଜ ଇଚ୍ଛାରେ ଏପଟସେପଟ କରି ଆୟତ୍ତରେ ରଖିବା), ସାଂସ୍କୃତିକ (ସଂସ୍କୃତି ଓ ପରମ୍ପରାକୁ ଭିତ୍ତି କରି କ୍ଷତି ଘଟାଇବା), ମୌଖିକ (ଗାଳିମନ୍ଦ ଦ୍ୱାରା ଅପମାନିତ କରିବା), ଆର୍ଥିକ (ବିନା ଅନୁମତିରେ ଆର୍ଥିକ କ୍ଷତିର କାରଣ ବନିବା), ଅବହେଳାଜନିତ (ନିଜ କର୍ତ୍ତବ୍ୟରେ ଅବହେଳା) ଓ ଯୌନଭିତ୍ତିକ ଏଭଳି ନଅ ପ୍ରକାରର ନିର୍ଯାତନା ଭିତରୁ ମାନସିକ ନିର୍ଯାତନା ପ୍ରାୟତଃ ସବୁଠାରେ ଅଳ୍ପବେଶି ପରିଲକ୍ଷିତ। କଥାବାର୍ତ୍ତା, କାର୍ଯ୍ୟକଳାପ ବା ଅଙ୍ଗଭଙ୍ଗୀ ଦ୍ୱାରା ଗାଳି କରିବା, ଧମକାଇବା, ରଗାଇବା, ଅପମାନିତ କରିବା, ଭୟଭୀତ କରିବା, ଲଜ୍ଜିତ କରାଇବା, ଅସୁବିଧାରେ ପକାଇବା ଇତ୍ୟାଦି ମାନସିକ ନିର୍ଯାତନା ଅନ୍ତର୍ଭୁକ୍ତ। ଏଭଳି କ୍ଷେତ୍ରରେ ଯଦି ଜଣେ କର୍ମଜୀବୀ ନିଜକୁ ଅସୁରକ୍ଷିତ ମନେକରେ, ସେ ଅଭିଯୁକ୍ତଙ୍କ ବିରୋଧରେ ଆପରାଧିକ ମାମଲା ଦାଖଲ କରିପାରିବ। ଏଥିପାଇଁ ତିନିବର୍ଷ ପର୍ଯ୍ୟନ୍ତ ଦଣ୍ଡବିଧାନ ରହିଛି।



କେରଳ ମହିଳା କମିଶନର ବିଭାଗୀୟ ମୁଖ୍ୟ ଏମ୍‌ସି ଯୋଶେଫାଇନ୍‌ଙ୍କ ମତରେ, ଏସ୍.ଇ.ଜେଡ୍. (ସ୍ପେଶାଲ ଇକୋନୋମିକ ଜୋନ୍) କୋଚିରେ ମହିଳା କର୍ମଚାରୀମାନେ ଶାରୀରିକ ଓ ମାନସିକ ନୃଶଂସତା ଭୋଗ କରୁଛନ୍ତି। କମିଶନ୍ କମ୍ପାନୀଗୁଡ଼ିକୁ ଯାଇ ସେମାନେ ସମ୍ମୁଖୀନ ହେଉଥିବା ଅସୁବିଧା ସମ୍ପର୍କରେ ଅବଗତ ହେବେ। ପ୍ରତ୍ୟେକଙ୍କ ଅଧିକାର ସମାନ, ସମାଜ ସମ୍ବିଧାନର ଏହି ନିୟମକୁ ସମ୍ମାନ ଦେବା ଉଚିତ୍। (ଇଣ୍ଡିଆନ୍ ଏକ୍ସପ୍ରେସ୍, ୧୨ ଡିସେମ୍ବର ୨୦୧୯)। କାନାଡ଼ାର ବୃତ୍ତିଗତ ସ୍ୱାସ୍ଥ୍ୟ ଓ ନିରାପତ୍ତା ନିୟମାନୁଯାୟୀ ପ୍ରତ୍ୟେକ ବ୍ୟକ୍ତି ସ୍ୱାସ୍ଥ୍ୟ ଓ ନିରାପତ୍ତା ସମ୍ବନ୍ଧୀୟ ସୂଚନା ପାଇବା ଆବଶ୍ୟକ। ଏହି ସମ୍ପର୍କିତ ଯେକୌଣସି ନିଷ୍ପତ୍ତିରେ ଅଂଶଗ୍ରହଣ କରିବା ଓ ଆବଶ୍ୟକ ସ୍ଥଳେ ନିଜ ହିତଦୃଷ୍ଟିରୁ ମନା କରିଦେବାର ମଧ୍ୟ ଅଧିକାର ରହିଛି।

ଭାରତୀୟ ଦଣ୍ଡସଂହିତା, ୧୮୬୦ ସ୍ପଷ୍ଟ ଭାବେ ଅଭିହିତ ନ କରିଥିଲେ ମଧ୍ୟ ହଇରାଣ ହରକତ କରିବା ମନୋଭାବକୁ ନିର୍ଯାତନା ନା ଶୋଷଣର ଆଖ୍ୟା ଦିଆଯାଇପାରେ। ଧାରା ୫୦୯ ଅନୁସାରେ କାର୍ଯ୍ୟଶୈଳୀ, କଥାବାର୍ତ୍ତା, ଅଙ୍ଗଭଙ୍ଗୀ ଯଦି ମହିଳାଟି ପ୍ରତି ଅଶାଳୀନ ହୋଇଥାଏ, ତେବେ ଏହାକୁ ମାନସିକ ନିର୍ଯାତନା ବୋଲି ଧରାନିଆଯାଏ। ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଦଣ୍ଡବିଧାନର ବ୍ୟବସ୍ଥା ଥିଲେ ମଧ୍ୟ ଭାରତର ମହିଳାମାନେ ବିଶେଷ ସଚେତନ ନୁହନ୍ତି। ଉଚ୍ଚଶିକ୍ଷିତା ହୋଇ ମଧ୍ୟ ଲଜ୍ଜା, ଅପମାନ ଓ ପରିବାରର ସମ୍ମାନକୁ ଦୃଷ୍ଟିରେ ରଖି ଚୁପ୍ ରହନ୍ତି। ଚାକିରି ପାଇଁ ସାଲିସ୍ ଜରୁରୀ ଭାବି ସେମାନେ ନୀରବ ରହନ୍ତି ସିନା ନା ସ୍ୱାଭିମାନ ବଜାୟ ରଖିପାରନ୍ତି ନା ମାନସିକ ଶାନ୍ତି। ଅନ୍ୟମାନଙ୍କ ଅହଂକାରରେ ନିଜ ସ୍ୱାଭିମାନ ପେଷି ହେଉଥିଲେ ମଧ୍ୟ ସହିବାକୁ ବାଧ୍ୟ, ଯାହା ସମାଜ ପ୍ରତି ଶୁଭଙ୍କର ନୁହେଁ। ଶାରୀରିକ ଆବଶ୍ୟକତା ଦୃଷ୍ଟିରୁ ମହିଳାଙ୍କ ପାଇଁ କିଛି ଅବକାଶ ସମୟ ଜରୁରୀ। ସେଥିପାଇଁ ମହିଳାମାନଙ୍କୁ ଚାକିରିରେ ସମୟର ରିହାତି ମିଳୁ। ଫଳରେ ପରିବାରର ଶାନ୍ତି ବଜାୟ ରହିବା ସହିତ ସେମାନେ ଆନୁଷଙ୍ଗିକ କାର୍ଯ୍ୟ କରିବାକୁ ଉତ୍ସାହିତ ହେବେ। ମନୋବଳ ସହିତ ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଏକବିଂଶ ଶତାବ୍ଦୀରେ ନାରୀ ବେଶପୋଷାକ ଓ ବିଦ୍ୟାବୁଦ୍ଧିରେ ଯେତେ ନିପୁଣା ହେଲେ ମଧ୍ୟ କର୍ମକ୍ଷେତ୍ରରେ ସେ ଯେ ଚାପଗ୍ରସ୍ତା ଏକଥା ଅନସ୍ୱୀକାର୍ଯ୍ୟ।

ମୋ: ୯୪୩୭୩୧୭୦୨୬

## ଏଇ ଭାରତରେ

ଭାରତରେ ଏମିତି ଏକ ପରିବାର ଅଛି, ଯାହା ୭ ପିଢ଼ି ଧରି ଅର୍ଥାତ୍ ଅଷ୍ଟାଦଶ ଶତାବ୍ଦୀରୁ ଏଯାବତ୍ ଶ୍ରେଷ୍ଠ କଳାକାରଙ୍କୁ ସିତାର, ତାନପୁରା ଏବଂ ବୀଣା ଯୋଗାଇ ଆସୁଛି। ମହାରାଷ୍ଟ୍ରର ପୁରାତନ ଐତିହାସିକ ସହର ମିରାଜ୍‌ରେ ବାସ କରନ୍ତି ଏହି ପରିବାର। ଭାରତର ଅଧିକାଂଶ ପ୍ରତିଷ୍ଠିତ ମ୍ୟୁଜିସିଆନ ଏହି ପରିବାରଠାରୁ ବାଦ୍ୟଯନ୍ତ୍ର କ୍ରୟ କରିଥାନ୍ତି। ମରାଠା ସାମ୍ରାଜ୍ୟରେ ଅସ୍ତ୍ରଶସ୍ତ୍ର ନିର୍ମାଣ କରୁଥିଲେ ଶିକାଲଗାର ସମ୍ପ୍ରଦାୟ। ଅସ୍ତ୍ରଶସ୍ତ୍ର ଚାହିଦା କମିବା ପରେ ଏମାନେ ବାଦ୍ୟଯନ୍ତ୍ର ନିର୍ମାଣ ଆରମ୍ଭ କରିଥିଲେ। ଏବେ ବି ସେମାନେ ହାତରେ ବାଦ୍ୟଯନ୍ତ୍ର ନିର୍ମାଣ କରୁଛନ୍ତି। ଗୋଟିଏ ତାନପୁରା ନିର୍ମାଣ କରିବା ପାଇଁ ୭/୮ ଜଣଙ୍କୁ ମାସେ ଲାଗିଯାଏ। ଉକ୍ତ ସମ୍ପ୍ରଦାୟର ପରିବାରଗୁଡ଼ିକ ପରସ୍ପର ମଧ୍ୟରେ ବୁଝାମଣା ରଖି କାମ କରୁଛନ୍ତି। ଅଧିକାଂଶ ୱାର୍କଶପ୍ ବର୍ଷକୁ ୧୦୦-୧୨୫ ସିତାର କିମ୍ବା ତାନପୁରା ତିଆରି କରିପାରୁଛନ୍ତି। ତେବେ ବୈଦ୍ୟୁତିକ ବାଦ୍ୟଯନ୍ତ୍ର ବିକାଶ ହେବା ପରେ ଏହି ପରିବାରର ବ୍ୟବସାୟ ପ୍ରଭାବିତ ହୋଇଛି। ଏହି ଶିଳ୍ପରେ ଅନେକ ହଜାର ଲୋକ କାମ କରୁଥିଲେ, କିନ୍ତୁ ଏବେ ଏହା ଅନେକ ଶହରେ ସୀମିତ ରହିଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୮ ଡିସେମ୍ବର ୧୯୯୭

- ଦଳରେ ସଙ୍କଟ ଦେଖାଦେବାରୁ ଜାପାନର ସର୍ବବୃହତ୍ ବିରୋଧୀଦଳ 'ଦି ନ୍ୟୁଜ୍ ଫ୍ରଣ୍ଟିୟର ପାର୍ଟି' ସ୍ୱତଃପ୍ରବୃତ୍ତ ଭାବେ ଭାଙ୍ଗିଯିବାକୁ ନିଷ୍ପତ୍ତି ନେଇଛି।
- ଶିଖ-ବିରୋଧୀ ଦଙ୍ଗା ସଂକ୍ରାନ୍ତରେ ୧୨ଟି ମକଦ୍ଦମାର ଫଏସଲା କରି ସ୍ୱତନ୍ତ୍ର କୋର୍ଟ ୫ ଜଣଙ୍କୁ ଫାଶୀଦଣ୍ଡ ଦେବା ସହ ଅନ୍ୟ ୧୦୦ ଜଣଙ୍କୁ କାରାଦଣ୍ଡରେ ଦଣ୍ଡିତ କରିଛି।

## ପାଠକ ଶ୍ରେଷ୍ଠ ବିଚାରକ

### ସେବାୟତମାନଙ୍କ ଶୋଷଣ

ମହାଶୟ,

ଭକ୍ତମାନେ ଭକ୍ତିଭାବ ନେଇ ଦେବୀ ମନ୍ଦିରକୁ ଯାଇଥାନ୍ତି। ମାନସିକଧାରୀମାନେ ଦେବୀଙ୍କୁ ଖୁସିରେ ଶାଢ଼ି ଚଢ଼ାନ୍ତି। ବ୍ରାହ୍ମଣ ରାଉଳମାନେ ଚତୁରତାର ସହିତ ଅଫିସରେ ଦାଖଲ ହେବା ଆଗରୁ ଭକ୍ତଙ୍କ ହାତରୁ ଶାଢ଼ିକୁ ନେଇ ମାଆଙ୍କ ପାଖରେ ଚଢ଼ାନ୍ତି ଏବଂ ଭକ୍ତ ମନ୍ଦିରରୁ ଚାଲିଯିବା ପରେ ତାକୁ ନେଇ ଦୋକାନରେ ବିକ୍ରି କରି ଦିଅନ୍ତି। ମନ୍ଦିର ଅଫିସରେ ଥିବା କର୍ମକର୍ତ୍ତାମାନେ ସବୁ ଜାଣି ମଧ୍ୟ ନୀରବ ରହିଥାନ୍ତି। ପରେ ଭକ୍ତମାନେ ଜାଣିଲେ ଦୁଃଖ କରନ୍ତି। ଏହି ତ୍ରିମୁଖୀ ବ୍ୟବସ୍ଥାକୁ ବନ୍ଦ କରିବା ନିହାତି ଜରୁରୀ। ପୂଜାରୀମାନେ ନିର୍ଦ୍ଦିଷ୍ଟ ଦୋକାନୀମାନଙ୍କ ସହିତ ସମ୍ପର୍କ ରଖି ଏହି ବ୍ୟବସ୍ଥା କରିଥାନ୍ତି। ଭକ୍ତ ଦିଏ, ପୂଜାସାରି ଶାଢ଼ିକୁ ଅଧା ଫୋଲଡ୍ ଭାବରେ ଠାକୁରାଣୀଙ୍କୁ ଚଢ଼ାନ୍ତି ଏବଂ ଭକ୍ତର ଅନୁପସ୍ଥିତିରେ ପୁଣି ତାକୁ ନେଇ ଦୋକାନରେ ବିକିଦିଏ। ମନ୍ଦିର ପ୍ରଶାସନ ଜାଣିଲେ ମଧ୍ୟ ଚୁପ୍ ରହିଥାଏ। ଭକ୍ତମାନେ ଶାଢ଼ିଗୁଡ଼ିକୁ ସିଧାସଳଖ ପୂଜାରୀଙ୍କୁ ନ ଦେଇ କେମିତି ଅଫିସରେ ଦାଖଲ କରିବେ, ସେଥିପାଇଁ ସତର୍କତା ଅବଲମ୍ବନ କରାଯାଉ।

**-ଅକ୍ଷୟ ମହାନ୍ତି, ନିର୍ମାଲ୍ୟ, ଭୁବନେଶ୍ୱର**

## ଚିରନ୍ତନୀ

ଚାନ୍ଦତଳେ କାନ୍ଦେ ଚକୋର,
ମୋହରି ବିରହେ କାତର,
ବରଷା ଆଗମେ ଡାହୁକ ଡାକିଲା
ମୋହରି ବିରହ ଭାଷାରେ,
ଆଜି ସରବେ ମୋହରି ଆଶାରେ!
-(ବିଶ୍ୱର ଆହ୍ୱାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ କବିତା



@ ସମୀର



@ ପ୍ରବୀର



@ ଚିକୁନ୍



@ ଆଶିଷ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# କୋହଳ କାର୍ଯ୍ୟାନୁଷ୍ଠାନ ଡାକୁଛି ବିପଦ





କୋଣାର୍କ,୨୭।୧୨(ଡି.ଏନ୍.ଏ.)

■ନିଷିଦ୍ଧାଞ୍ଚଳରେ ଟ୍ରଲର ମାଡ଼ରେ ଯାଉଛି ଅଲିଭ ରିଡ୍ଲେଙ୍କ ଜୀବନ

■ବିଭାଗର ଦାୟିତ୍ୱହୀନତାକୁ ଦାୟୀ କଲେ ପରିବେଶପ୍ରେମୀ

ଅଲିଭ୍ ରିଡ୍ଲେଙ୍କ ଅଣ୍ଡାଦାନ ସମୟ ନଭେମ୍ବର ୧ରୁ ମେ ୩୧ପର୍ଯ୍ୟନ୍ତ ସମୁଦ୍ର କୂଳରୁ ୨୦କିଲୋମିଟର ମଧ୍ୟରେ ମାଛଧରାକୁ ବାରଣ କରାଯାଇଛି। ହେଲେ କୋଣାର୍କ ନିକଟସ୍ଥ ଚନ୍ଦ୍ରଭାଗା ବେଳାଭୂମିର ସମୁଦ୍ର ନିଷିଦ୍ଧାଞ୍ଚଳରେ ବେଆଇନ ଟ୍ରଲର ବେଧଡ଼କ ଭାବେ ଚାଲିଛି। ଯେଉଁଥିପାଇଁ ଗତ ପ୍ରାୟ ୨ମାସ ମଧ୍ୟରେ ବେଆଇନ ଟ୍ରଲର ମାଡ଼ରେ ଶତାଧିକ ବିରଳ ପ୍ରଜାତିର ଅଲିଭରିଡେଲ କଇଁଛଙ୍କ ମୃତ୍ୟୁ ଘଟିଲାଣି। ସାମୁଦ୍ରିକ ମତ୍ସ୍ୟ ବିଭାଗର ଉଦାସୀନତା ଓ ଖାମଖିଆଲି ମନୋଭାବ ଯୋଗୁଁ ବିରଳ କଇଁଛଙ୍କ ମୃତ୍ୟୁ ଘଟୁଛି। ଏନେଇ ପରିବେଶ ପ୍ରେମୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଆସୁଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ନୀରବତା ସବୁଠୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଚନ୍ଦ୍ରଭାଗା ସମୁଦ୍ରର ଜଳରାଶି ମଧ୍ୟରେ ବିରଳ ପ୍ରଜାତିର ଅଲିଭ ରିଡ୍ଲେ କଇଁଛଗୁଡ଼ିକର ଅଣ୍ଡାଦାନ ପ୍ରକ୍ରିୟା ଜାରି ରହିଥିବାବେଳେ ନିଷିଦ୍ଧାଞ୍ଚଳରେ ମାଛଧରାକୁ ବନ୍ଦ କରିବାକୁ ସାମୁଦ୍ରିକ ମତ୍ସ୍ୟ ବିଭାଗ, ବନ ବିଭାଗ ଓ ଚନ୍ଦ୍ରଭାଗା ମେରାଇନ ଥାନା ପୋଲିସ ପକ୍ଷରୁ ରୋକ ଲଗାଯାଉନାହିଁ। ଫଳରେ ଟ୍ରଲର ମାଫିଆଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ସମୁଦ୍ରପଥରେ ପାଟ୍ରୋଲିଂ କରିବା ପାଇଁ ସାମୁଦ୍ରିକ ମତ୍ସ୍ୟ ବିଭାଗକୁ ଲକ୍ଷ ଲକ୍ଷ ଟଙ୍କା ପ୍ରଦାନ କରାଯାଉଛି। ହେଲେ ପାଟ୍ରୋଲିଂ ଠିକ୍‌ଭାବେ ହେଉ ନ ଥିବାରୁ ବେଆଇନ ଟ୍ରଲର ମାଡ଼ରେ ଶତାଧିକ ଅଲିଭ ରିଡ୍ଲେ କଇଁଛ ମୃତ୍ୟୁବରଣ କରୁଛନ୍ତି। ଟ୍ରଲର ମାଫିଆଙ୍କ ସହିତ ସାମୁଦ୍ରିକ ମତ୍ସ୍ୟ ବିଭାଗର କିଛି ଅସାଧୁ କର୍ମଚାରୀଙ୍କ ମଧୁଚନ୍ଦ୍ରିକା ନୀତି ଯୋଗୁ ଏଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ହେଉଛି ବୋଲି ପରିବେଶବିତ୍ ଉମେଶ ଚନ୍ଦ୍ର ସାଇଁ ମତବ୍ୟକ୍ତ କରିଛନ୍ତି। ଏଭଳି ସ୍ଥିତିକୁ ରୋକା ନ ଗଲେ ଆଗାମୀ ଦିନରେ ଅଲିଭରିଡଲେ କଇଁଛଙ୍କ ଅଣ୍ଡାଦାନ ପ୍ରକ୍ରିୟା ବାଧାପ୍ରାପ୍ତ ହେବା ସହ ଏମାନଙ୍କ ବଂଶ ଲୋପ ପାଇଯିବ ବୋଲି ପରିବେଶପ୍ରେମୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ସମୁଦ୍ର ନିଷିଦ୍ଧାଞ୍ଚଳରେ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରିବା ସହ ବେଆଇନ ଟ୍ରଲର ଚଳାଚଳକୁ ପ୍ରତିହତ କରି ଟ୍ରଲର ମାଫିଆଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପୁରୀ ଜିଲାପାଳ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ପରିବେଶପ୍ରେମୀ ମହଲରେ ଦାବି ହେଉଛି। ଏସମ୍ପର୍କରେ ଯୁବ ପରିବେଶବିତ୍ ସୌମ୍ୟରଞ୍ଜନ ବିଶ୍ୱାଳଙ୍କ କହିବା ହେଲା ଗତ ୫୬ଦିନ ଧରି ଚନ୍ଦ୍ରଭାଗା ଓ ଦେବୀନଦୀ ମୁହାଣରେ ଢିଲା ପାଟ୍ରୋଲିଂ ଯୋଗୁଁ ବିରଳ ପ୍ରଜାତିର ଅଲିଭ ରିଡ୍ଲେ କଇଁଛ ମୃତ୍ୟୁବରଣ କରୁଛନ୍ତି। ରୁଷିକୁଲ୍ୟା ଓ ଗହିରମଥାରେ ଅଲିଭ ରିଡ୍ଲେ କଇଁଛ ସୁରକ୍ଷା ପାଇଁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରୁଥିବାବେଳେ ଚନ୍ଦ୍ରଭାଗା ଓ ଦେବୀନଦୀ ମୁହାଁଣରେ ଅଲିଭ୍ ରିଡ୍ଲେଙ୍କ ସୁରକ୍ଷା ପାଇଁ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଏଭଳି ସ୍ଥିତି ଉପୁଜିଛି ବୋଲି ବିଶ୍ୱାଳ କହିଛନ୍ତି। ଏସମ୍ପର୍କରେ ଜିଲା ସାମୁଦ୍ରିକ ଉପ ଅଧିକାରୀ ସୁଧାଂଶୁ ମଲ୍ଲିକଙ୍କୁ ପଚାରିବାରେ ଆବଶ୍ୟକ ମୁତାବକ ଚଢ଼ାଉ ସହ କାର୍ଯ୍ୟାନୁଷ୍ଠାନ ଆମେ ନେଉଛୁ। ଯେଉଁମାନେ ଆଇନ ଅମାନ୍ୟ କରୁଛନ୍ତି ସେମାନେ ନଜରରେ ଆସିଲେ ଆମେ ଦୃଢ କାର୍ଯ୍ୟାନୁଷ୍ଠାନ ନେବୁ ବୋଲି କହିଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED URGENTLY
Autocad Staff required for a Structural Consultancy Firm. Degree / Diploma Civil, Draftsman Civil and Architectural Diploma Candidates can Contact:
9777247762

Gramin Rojgar Kalyan Sansthan is recruiting for various posts. Applications are being invited for Odisha.
visit: **www.grks.org** for details, contact -
**7058007838**

WANTED
LADY RECEPTIONIST BEST FOODING+GOOD ACCOMMODATION WITH ATTACHED BATH, At-Cuttack, Nakhara + 10 to 15000 + Bonus
7809525452

See Career Appointment on every Wednesday & Saturday

# ଅନନ୍ୟ ଅନୁଭବ ଦେଲା ଓଡ଼ିଶୀର ଏକକ, ଯୁଗଳ, ଦଳଗତ ନୃତ୍ୟ



ଜାଗୃତି କଲ୍‌ଚରାଲ ଏକାଡେମୀର କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ଭୁବନେଶ୍ୱର,୨୭।୧୨(ବ୍ୟୁରୋ)

## ଆନ୍ତର୍ଜାତିକ ଓଡ଼ିଶୀ ନୃତ୍ୟ ମହୋତ୍ସବର ଦ୍ୱିତୀୟ ଦିବସ

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ଆନ୍ତର୍ଜାତିକ ଓଡ଼ିଶୀ ନୃତ୍ୟ ଉତ୍ସବର ମଙ୍ଗଳବାର ଥିଲା ଦ୍ୱିତୀୟ ଦିବସ। ସନ୍ଧ୍ୟା ଅଧିବେଶନର ଅତିଥି ଭାବେ ବିଭାଗୀୟ ଅତିରିକ୍ତ ଶାସନ ସଚିବ ମନସ୍ୱିନୀ ସାହୁ, ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ, ସଚିବ ପ୍ରବୋଧ କୁମାର ରାଉତ, ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ, ଗୁରୁ ଧନେଶ୍ୱର ସ୍ୱାଇଁ, ଗୁରୁ ଦୁର୍ଗାଚରଣ ରଣବୀର, ଗୁରୁ ଲକ୍ଷ୍ମୀକାନ୍ତ ପାଲିତ୍, ଓଡ଼ିଶୀ ଗବେଷଣା କେନ୍ଦ୍ରର କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁବୋଧ ଆଚାର୍ଯ୍ୟ ଏବଂ ପ୍ରଶାସନିକ ଅଧିକାରୀ ଡ. ଅନୁଜା ତାରିଣୀ ମିଶ୍ର ଯୋଗଦେଇଥିଲେ। ସଙ୍ଗୀତା ଦାସଙ୍କ ଏକକ ଓଡ଼ିଶୀ ନୃତ୍ୟରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପରେ କୋଲକାତାର ଅଙ୍କିତା ସେନଗୁପ୍ତା, ଓଡ଼ିଶୀ ଯୁଗଳବନ୍ଦୀରେ ଭଗତ ପ୍ରଧାନ ଓ ଦେବସ୍ମିତା ବାରିକ, କଟକରୁ ପୁଷ୍ପା ପଣ୍ଡା, ସସ୍ମିତା ପଣ୍ଡା, ଭୁବନେଶ୍ୱରରୁ ଦୀପ୍ତି ପଟ୍ଟନାୟକ, ଅମ୍ରିତା ପାଟଶାଣୀ ଏବଂ ଅଭିଲିପ୍ସା ଭଞ୍ଜ , ଭୁବନେଶ୍ୱର ଉତ୍କଳ ସଂଗୀତ ମହାବିଦ୍ୟାଳୟ ପକ୍ଷରୁ ଦଳଗତ ଓଡ଼ିଶୀ ପରିବେଷିତ ହୋଇଥିଲା। ଏକକ ନୃତ୍ୟ ସହ ଦଳଗତ ଓ ଓଡ଼ିଶୀ ଯୁଗଳବନ୍ଦୀର ସମାରୋହ ଉପସ୍ଥିତ ଦର୍ଶକଙ୍କୁ ଏକ ଅନନ୍ୟ ଅନୁଭବ ଆଣି ଦେଇଥିଲା। ଡ଼. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦିନରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**IN THE COURT OF CIVIL JUDGE, SENIOR DIVISION, NIMAPARA**
**C.S.NO. 89/2010**
Swapneswar Mahadev Bije Santaras & Others ... ... Plaintiffs
-Vers-
State of Odisha & others
... ... Defendants
**ବିଜ୍ଞାପନ**
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ପୁରୀ ଜିଲ୍ଲା, ଗୋପ ଥାନା, ସନ୍ତରକ୍ଷ ମୌଜାରେ ସ୍ୱପ୍ନେଶ୍ୱର ମହାଦେବ ବାଦୀ ବାଳକୃଷ୍ଣ ପାଣିଗ୍ରାହୀ ଓଗେର ବ୍ରାହ୍ମଣ ପରିବାର ଓ ଭରତ ନାୟକ ଓଗେର ମାଳୀ ପରିବାରଙ୍କର ଘରୋଇ ଠାକୁର ଭାବେ ପୂଜା ପାଇଆସୁଛନ୍ତି। ୧୯୨୮ ମସିହା ବନ୍ଦୋବସ୍ତ ପଟ୍ଟାରେ ମଧ୍ୟ ବାଦୀମାନଙ୍କ ପିତୃପୁରୁଷମାନେ ବାବା ସ୍ୱପ୍ନେଶ୍ୱର ଠାକୁରଙ୍କର ମାରଫତଦାର ଥିବା ଉଲ୍ଲେଖ ରହିଅଛି। ହାଲ ବନ୍ଦୋବସ୍ତ ପଟ୍ଟାରେ ସେହି ଭୁଲ କ୍ରମେ ପ୍ରଜା କଲମରେ ମୋକଦ୍ଦମା ସମ୍ପତ୍ତି ଉପରେ ସର୍ବସାଧାରଣ ସମ୍ପତ୍ତି ବୋଲି ଉଲ୍ଲେଖ ରହିଅଛି। ମାତ୍ର ବନ୍ଦୋବସ୍ତ ପଟ୍ଟାରେ ହାଲ ପ୍ଲଟ୍ ନଂ. ୯୩୪ ଓ ୯୩୬ ପକ୍ଷେ ମନ୍ତବ୍ୟ କଲମରେ ସ୍ୱପ୍ନେଶ୍ୱର ମହାଦେବଙ୍କ ଆସ୍ଥାନ ଓ ମନ୍ଦିର ବେଢ଼ା ଉଲ୍ଲେଖ ଅଛି। ଏହାକୁ ପରିବର୍ତ୍ତନ କରି ପ୍ରଜା 'ସର୍ବସାଧାରଣ' ଜାଗାରେ ସ୍ୱପ୍ନେଶ୍ୱର ମହାଦେବ ମାରଫତ ବାଳକୃଷ୍ଣ ପାଣିଗ୍ରାହୀ ଓଗେରଙ୍କ ନାମ ଉଲ୍ଲେଖ କରିବା ପାଇଁ ଓ ଉପରୋକ୍ତ ସ୍ୱପ୍ନେଶ୍ୱର ମହାଦେବ ମାରଫତ ବାଳକୃଷ୍ଣ ପାଣିଗ୍ରାହୀ ଓଗେର ଓ ଭରତ ନାୟକ ଓଗେର ମାରଫତଦାରଙ୍କ ବ୍ୟକ୍ତିଗତ ଠାକୁରଭାବେ ଘୋଷଣା ପାଇଁ ସିଭିଲ ଜଜ୍, ସିନିୟର ଡିଭିଜନ, ନିମାପଡ଼ା କୋର୍ଟରେ ମୋକଦ୍ଦମା ୮୯/୨୦୧୦ ବିଚାରାଧୀନ ଅଛି। କାହାର କିଛି ଆପତ୍ତି ଅଭିଯୋଗ ଥିଲେ ସିଭିଲ କୋର୍ଟ, ସିନିୟର ଡିଭିଜନ, ନିମାପଡ଼ାଙ୍କ କୋର୍ଟରେ ହାଜର ହୋଇ ଆପତ୍ତି ଦେବା ପାଇଁ ଜଣାଇ ଦିଆଗଲା।
**Sd./- Civil Judge (Senior Division), Nimapara**

**ପୂର୍ବ ତଟ ରେଳପଥ**
ଟେଣ୍ଡର ସଂ.: eT-M-KUR-WR-TLHR-206-22
କାର୍ଯ୍ୟର ନାମ: ଏକ ବର୍ଷ ସମୟାବଧି ନିମନ୍ତେ ତାଳଚେର କ୍ୟାରେଜ୍ ଏବଂ ୱାଗନ (C&W) ଡିପୋ ଠାରେ ୱାଗନ ମରାମତି କାର୍ଯ୍ୟ।
ବିଜ୍ଞାପିତ ମୂଲ୍ୟ(ଟଙ୍କାରେ): 2,32,44,433.80, EMD (ଟଙ୍କାରେ): 2,66,200/-, ଶେଷ ହେବା ଅବଧି : 12 ମାସ
ପ୍ରସ୍ତାବର ବୈଧତା : 60 ଦିନ
ବିଡ୍ ଆରମ୍ଭ ହେବା ତାରିଖ : ତା.30.12.2022ରିଖ
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.13.01.2023ରିଖ 1530 ଘଟିକାରେ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍: http://www.ireps.gov.in ରେ ଉପଲବ୍ଧ ହେବ।
ସିନିୟର ଡିଭିଜନାଲ ମେକାନିକାଲ ଇଂଜିନିୟର/ ଖୋର୍ଦ୍ଧା ରୋଡ
PR-852/N/22-23

**PHULBANI (KENDULEAVES) DIVISION, PHULBANI**
**TENDER NOTICE**
**Tender Notice No. 01 of 2022**
**Dated, 26th December 2022**
**No.MM-373:** The interested Farms/Agencies/Contractors are invited to express their willingness for "construction of 2 (two) nos. of Permanent Phadi in Phulbani KL Division jurisdiction for the year 2022-23". The application form of the said item along with the detailed terms and conditions shall be available in the office of the undersigned from 28.12.2022 in the office hours of all working days.

| Sl. No. | Item of Service | Last Date of Submission of Tender | Date of Opening of Tender |
|---|---|---|---|
| 1 | 1 : CONSTRUCTION OF 2 (TWO) NOS. OF PERMANENT PHADI IN PHULBANI KL DIVISION JURISDICTION FOR THE YEAR 2022-23 | 4.00 PM of 02.01.2023 | 4.30 PM of 02.01.2023 |

Sd./- Divisional Forest Officer
Phulbani (Kenduleaves) Division
OIPR-08069/11/0003/2223

**OFFICE OF THE SUPERINTENDING ENGINEER BHUBANESWAR (R&B) DIVISION NO.II BHUBANESWAR**
eerb2_bbsr@yahoo.com
**INVITATIONS FOR BIDS THROUGH e-Procurement**
**Bid Identification No. C.C. (R&B)-02**
**e-Procurement Notice No.58 of 2022-23**
No. Bhubaneswar the - 2022
No.B-1050:- The Superintending Engineer, Bhubaneswar (R&B) Division No.-II, Bhubaneswar on behalf of the Governor of Odisha invites percentage rate bids for One Number of Compound wall work & One Number Building work to be received in online bidding, single cover system as detailed in: https://tendersorissa.gov.in. The details of bid documents will be available in the above website from 02.01.2023 to 5.00 P.M. of 16.01.2023. The bidders must possess compatible Digital Signature Certificate of Class II or III. Bids received online shall be opened at 11.00 A.M. of 17.01.2023 in the Office of the Superintending Engineer, Bhubaneswar (R&B) Division No. II, Bhubaneswar. Further details can be seen from the e-procurement portal www.tendersorissa.gov.in.
Addendum / corrigendum, if required, will be available only in the website.
**Sd./- Superintending Engineer, BBSR (R&B) Division No. II, BBSR**
OIPR-34088/11/0027/2223

# ଲେଡି ମାଟ୍ରନ୍‌ଙ୍କ ଗଣଧାରଣା, ବିକ୍ଷୋଭ

ଭୁବନେଶ୍ୱର,୨୮।୧୨(ବ୍ୟୁରୋ)

ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ନିଯୁକ୍ତି ପାଇଥିବା ଲେଡି ମାଟ୍ରନ୍‌ମାନେ ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି ନେତୃତ୍ୱରେ ମାଷ୍ଟରକ୍ୟାଣ୍ଟିନ ଛକଠାରୁ ଶୋଭାଯାତ୍ରାରେ ବାହାରି ବିଭିନ୍ନ ସ୍ଲୋଗାନ ଦେଇ ପ୍ଲାକାର୍ଡ଼ ଧରି ପିଏମ୍‌ଜି ଧାରଣାସ୍ଥଳରେ ପହଞ୍ଚିଥିଲେ। ଏହାପରେ ସେଠାରେ ଏକ ସଭା ପ୍ରତାପ ଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଲେଡି ମାଟ୍ରନ୍‌ଙ୍କୁ ସରକାରୀ ମାନ୍ୟତା, ଚାକିରି ସର୍ତ୍ତାବଳୀ ଅନୁଯାୟୀ ସେମାନଙ୍କୁ ହଷ୍ଟେଲ ପରିଚାଳନା ଦାୟିତ୍ୱ ଦେବା, ୨୪ଘଣ୍ଟା ପରିବର୍ତ୍ତେ ୮ଘଣ୍ଟା କାର୍ଯ୍ୟ କରିବା, ମାସିକ ଦରମା ୧୦ହଜାର ଟଙ୍କାରୁ ୧୮ହଜାର ଟଙ୍କାକୁ ବୃଦ୍ଧି କରିବା, କାର୍ଯ୍ୟାଳୟ ନିକଟରେ ବାସଗୃହ ଯୋଗାଇ ଦେବା, ଇପିଏଫ୍ କାଟି ଜମା କରିବା, ଅନୁକମ୍ପାମୂଳକ ନିଯୁକ୍ତି ଦାବିରେ ପରିବାରର ଜଣଙ୍କୁ ନିଯୁକ୍ତି ପ୍ରଦାନ କରିବା ପାଇଁ ଦାବି କରାଯାଇଛି। ଏଥିସହ ଏସବୁ ଦାବି ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, ଅର୍ଥ ବିଭାଗ ଏବଂ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ଦିଆଯାଇଥିଲା।




ଲେଡି ମାଟ୍ରନ୍‌ମାନେ ମଙ୍ଗଳବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା ସହ ବିକ୍ଷୋଭ କରୁଛନ୍ତି।

**ODISHA CONSTRUCTION CORPORATION LTD.**
(A Govt. of Odisha Undertaking)
Central Workshop, Rasulgarh,Bhubaneswar-751010 (Odisha)
Tel-0674-2580107, E-mail: gmocclcws@gmail.com,(GSTIN-21AAAC02571K2ZM)
**"e"- Procurement Notice No.31/OCCL/CWS/2022-23 (on-line)**
**No.CAD-4282:** Type of work: Fabrication of embedded parts, gates, gate components, hoist supporting structures etc. (labour only) inside premises of Central Workshop, OCCL, Rasulgarh, Bhubaneswar, 751010, Total No. of work: 01 (One), Period of Work: 180 (One hundred eighty) days.

| Procurement Officer | Bid Identification No. | Cost of Tender document (including GST) through online transfer system | Availability of tender (Online) | Submission of Bid (Online) |
|---|---|---|---|---|
| General Manager (Mech.), OCC Ltd., Central Workshop, Rasulgarh, Bhubaneswar | OCCL- MECH/ CWS/08/ 2022-23 | Rs.11,800/- (Non-refundable) | 28.12.2022 10.00 AM to 12.01.2023 5.00 P.M. | 28.12.2022 10.00 AM to 12.01.2023 5.00 PM |

Date of Opening of Technical Bid: 13.01.2023 at 11.30 AM.
Further details can be seen from the Govt. website (www.tendersodisha.gov.in.)
Amendment/Corrigendum/Cancellation, if any shall be posted online only.
OIPR-34163/11/0011/2223
**Sd./- General Manager (Mech.)**

No.O-1523
**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, BHUBANESWAR**
Ph.No. 0674-2301787, Fax No.0674- 2300965
Email ID: eerw_bbsr@yahoo.co.in
No.: Tender- Online-BBSR Divn.-45
Date: 23.12.2022
**e-Procurement NOTICE**
1. Name of the work: Construction / Special Repair of Building work. 2. Total No. of Projects: 2 Nos. individuals projects. 3. Class of contractor: (As per Works Deptt. Office memorandum No.12586 dt. 09.09.2022) (a) Above Rs.20 lakh and upto 3 crore: 'B' Class (of Odisha PWD) or equivalent class of other licencing authorities. (b) Upto Rs.40.00 lakh: 'C' Class (of Odisha PWD) or equivalent class of other licencing auhorities. (c) Upto Rs.20.00 lakh: 'D' Class (of Odisha PWD) or equivalent class of other licencing authorities. 4. Estimated cost of individual projects: Rs.60.00 lakh to 61.00 lakh. 5. Time for completion: 6(Six) calendar months. 6. Other details.

| Procurement Officer | Bid Identification No. | Availability of tender online for bidding | | Date & time of opening of tender | |
|---|---|---|---|---|---|
| | | From | To | Technical bid | Financial bid |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Bhubaneswar | Tender Online- BBSR Divn.-45 | 30.12.2022 at 11.00 A.M. | 10.01.2023 upto 5.00 P.M. | 11.01.2023 at 11.00 A.M. | 16.01.2023 at 11.00 A.M. |

7. Further details can be seen from the website www.tendersorissa.gov.in.
8. Corrigendum if any / shall only be published in the above website.
**Sd./- Superintending Engineer, Rural Works Division, BBSR**
OIPR-25189/11/0007/2223

**O/o. MEDICAL SUPERINTENDENT**
**BLOCK PROGRAMME MANAGEMENT UNIT**
**NATIONAL HEALTH MISSION**
**C.H.C., PAPADAHANDI**
e-mail:bpo.papadahandi@gmail.com
**No.E-764:** Sealed tenders are invited from registered, reputed and experienced Agencies /Firms/ Individuals for providing the 1) Supply of Food for Trainings and Meetings at CHC Level as well as for Sector Level meetings and trainings. Interested bidders may send their complete bid in double cover system (Technical & Financial). Category of supply must be superscribed in the top of the Bid envelope and addressing clearly to the Medical Superintendent, CHC Papadahandi. Detailed tender requirements may be downloaded from the district website www.nabarangpur.nic.in. Last date of for receipt of Tender Paper is 11/01/2023 latest by 5.00 PM only through **Speed post/Regd. Post only and the bids so received will be opened on 13/01/2023 at 11.30 AM in the official chamber of the Medical Superintendent, CHC PAPADAHANDI, Nabarangpur**. Incomplete and late receipt bids will be summarily rejected. The undersigned reserves the right to cancel all or any of the bids without assigning any reason thereof.
**Sd./- Medical Superintendent**
**CHC, Papadahandi, Nabarangpur**
OIPR-10198/11/0001/2223

## ନାଗ୍ଲେରିଆ ଫୋଲେରି ସଂକ୍ରମଣରେ ଜଣେ ମୃତ

ଦକ୍ଷିଣ କୋରିଆରେ ମସ୍ତିଷ୍କ ଖାଦକ ଏମିବା ନାଗ୍ଲେରିଆ ଫୋଲେରି ସଂକ୍ରମଣରେ ଜଣେ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ଏହି ଏକକୋଷୀୟ ପ୍ରାଣୀ ମସ୍ତିଷ୍କକୁ ସଂକ୍ରମିତ କରିଥାଏ। ଉକ୍ତ ଏମିବା ଉଷ୍ମମଣ୍ଡଳୀୟ ମଧୁର ଜଳରାଶିରେ ଦେଖାଯାଇଥାନ୍ତି। ଦକ୍ଷିଣ କୋରିଆର ଉକ୍ତ ବ୍ୟକ୍ତି ଜଣକ ଥାଇଲାଣ୍ଡରେ ୪ ମାସ ରହି ଫେରିଥିଲେ ବୋଲି ସେଠାର ରୋଗ ନିୟନ୍ତ୍ରଣ ଓ ପ୍ରତିକାର ସଂସ୍ଥା ପକ୍ଷରୁ କୁହାଯାଇଛି।



## ସଂକ୍ଷେପରେ

### ମହିଳାଙ୍କ ଉପରୁ କଟକଣା ହଟାଉ ତାଲିବାନ୍‌:ଜାତିସଂଘ

**ଜେନେଭା, ୨୭।୧୨:** କଠୋରପନ୍ଥୀ ତାଲିବାନ୍ ଆଫଗାନ ମହିଳା ଓ ଛାତ୍ରୀଙ୍କ ଉପରେ ଲଗାଇଥିବା କଟକଣାକୁ ତୁରନ୍ତ ପ୍ରତ୍ୟାହାର କରୁ ବୋଲି ଜାତିସଂଘର ମାନବାଧିକାର ଉଚ୍ଚାୟୁକ୍ତ ଭୋଲକର ଟର୍କ ମଙ୍ଗଳବାର କହିଛନ୍ତି। ମହିଳାଙ୍କ ଉପରେ ଲାଗୁ କଟକଣା ଯୋଗୁ ଭବିଷ୍ୟତରେ ଆଫଗାନ୍‌କୁ ଏହାର କୁପରିଣାମ ଭୋଗିବାକୁ ପଡ଼ିବ। ରାଜନୈତିକ, ଅର୍ଥନୀତି ଏବଂ ସାମାଜିକ କ୍ଷେତ୍ରରେ ଅନ୍ୟ ନାଗରିକଙ୍କ ଭଳି ମହିଳା ଓ ଛାତ୍ରୀମାନଙ୍କର ମଧ ସମାନ ଅଧିକାର ରହିଛି। ମହିଳାମାନଙ୍କୁ ଅଣସରକାରୀ ସଙ୍ଗଠନ (ଏନ୍‌ଜିଓ)ରେ କାମ କରିବା ଲାଗି ବାରଣ କରିବା ସହ କିଛିଦିନ ପୂର୍ବରୁ ତାଲିବାନ ସରକାର ଦେଶରେ ଝିଅମାନଙ୍କ ଲାଗି ଉଚ୍ଚଶିକ୍ଷା ନିଷେଧ ଘୋଷଣା କରିଥିଲା। ସରକାରଙ୍କ ଏ ପ୍ରକାର ନିଷ୍ପତ୍ତିକୁ ଭାରତ ସମେତ ବହୁ ରାଷ୍ଟ୍ର ନିନ୍ଦା କରିଛନ୍ତି।

### ପ୍ରଧାନମନ୍ତ୍ରୀଙ୍କ ଭାଇ ଦୁର୍ଘଟଣାରେ ଆହତ



**ମହୀଶୂର, ୨୭।୧୨:** ଏକ ସଡ଼କ ଦୁର୍ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାଇ ପ୍ରହ୍ଲାଦ ମୋଦି, ତାଙ୍କ ପୁଅବୋହୂଙ୍କ ସମେତ ୫ ଜଣ ଆହତ ହୋଇଛନ୍ତି। ମଙ୍ଗଳବାର ଅପରାହ୍ଣରେ ସେମାନେ ଏକ କାର୍‌ରେ ଯାଉଥିବାବେଳେ ତାହା ମହୀଶୂର ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସେମାନଙ୍କୁ ଜେଏସ୍ଏସ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପ୍ରହ୍ଲାଦ ଓ ତାଙ୍କ ପରିବାର ସଦସ୍ୟମାନେ କର୍ନାଟକର ବନ୍ଦିପୁର ଯାଉଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ।

### କୁଆପଥର ବର୍ଷା: ୨୦୦ ଘର କ୍ଷତିଗ୍ରସ୍ତ

**ଗୁଆହାଟି, ୨୭।୧୨:** ଆସାମ ଡିବ୍ରୁଗଡ଼ ଜିଲାର ଟିଙ୍ଗଖୋଙ୍ଗ, ନହରକଟିଆ ଏବଂ ମୋରାନ ଆଦି ଅଞ୍ଚଳରେ ମଙ୍ଗଳବାର କୁଆପଥର ବର୍ଷା ହୋଇଛି। ଏଥିରେ ୨୦୦ରୁ ଊର୍ଦ୍ଧ୍ୱ ଘର କ୍ଷତିଗ୍ରସ୍ତ ହୋଇଛି। ପ୍ରଶାସନ ପକ୍ଷରୁ ପ୍ରକାଶିତ ରିପୋର୍ଟ ମୁତାବକ ୩୭ ଗ୍ରାମର ୨୧୦ ଘର କୁଆପଥର ବର୍ଷା ଯୋଗୁ ପ୍ରଭାବିତ ହୋଇଛି। ଏଥିରେ କାହାରି ମୃତ୍ୟୁ ଘଟିନାହିଁ। ବର୍ଷା ପ୍ରଭାବରେ କ୍ଷତିଗ୍ରସ୍ତ ଲୋକଙ୍କୁ ଆବଶ୍ୟକ ସୁବିଧା ସୁଯୋଗ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କହିଛନ୍ତି। ଆସନ୍ତା ଦିନରେ ଜିଲାରେ ବର୍ଷାର ମାତ୍ରା କମିବ ବୋଲି ରାଜ୍ୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ୟୁପି ପୌର ନିର୍ବାଚନ

### ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଯୋଗୀଙ୍କ ଚ୍ୟାଲେଞ୍ଜ

**ଲକ୍ଷ୍ନୌ, ୨୭।୧୨:** ଉତ୍ତରପ୍ରଦେଶ ପୌର ନିର୍ବାଚନ ଲାଗି ସରକାରଙ୍କ ଚିଠା ବିଜ୍ଞପ୍ତିକୁ ମଙ୍ଗଳବାର ଆଲ୍ଲାହାବାଦ ହାଇକୋର୍ଟଙ୍କ ଲକ୍ଷ୍ନୌ ବେଞ୍ଚ୍ ଖାରଜ କରିଦେଇଛନ୍ତି। ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି)ଙ୍କ ପାଇଁ ସଂରକ୍ଷଣ ନ ରଖି ନିର୍ବାଚନ କରାଇବାକୁ ଜଷ୍ଟିସ ଡି.କେ. ଉପାଧ୍ୟାୟ ଏବଂ ସୌରଭ ଲାଭାନିଆଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ୟୁପି ପୌର ନିର୍ବାଚନରେ ଓବିସିଙ୍କୁ ସଂରକ୍ଷଣ ସୁବିଧା ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଘୋଷଣା କରିଛନ୍ତି। ସେଥିପାଇଁ ସୁପ୍ରିମକୋର୍ଟଙ୍କ ଗାଇଡ୍‌ଲାଇନ ଅନୁଯାୟୀ ସର୍ଭେ କରାଯିବ। ସର୍ଭେ ଶେଷ ନ ହେବା ଯାଏ ଏବଂ ଓବିସିଙ୍କ ପାଇଁ ବିନା ସଂରକ୍ଷଣରେ ନିର୍ବାଚନ ହେବ ନାହିଁ। ଆବଶ୍ୟକ ହେଲେ ସରକାର ଆଲ୍ଲାହାବାଦ ହାଇକୋର୍ଟଙ୍କ ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବେ ବୋଲି ଯୋଗୀ କହିଛନ୍ତି। ସୂଚନାଯୋଗ୍ୟ, ଉତ୍ତରପ୍ରଦେଶରେ ପୌର ନିର୍ବାଚନ ଲାଗି ସରକାର ଗତ ୫ ତାରିଖରେ ଚିଠା ବିଜ୍ଞପ୍ତି ଜାରି କରିଥିଲେ, ଯେଉଁଥିରେ ଓବିସିଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ରହିଛି। ଆଲିଗଡ଼, ମଥୁରା-ବୃନ୍ଦାବନ, ମିରଟ ଏବଂ ପ୍ରୟାଗରାଜ ପୌର ନିଗମ ମେୟର ଆସନ ଓବିସିଙ୍କ ପାଇଁ ସଂରକ୍ଷଣ ରଖାଯାଇଥିଲା। ସେହିପରି ୨୦୦ ପୌର ପରିଷଦ ଅଧ୍ୟକ୍ଷ ଆସନ ଏବଂ ୧୪୭ ନଗର ପଞ୍ଚାୟତ ଆସନ ଓବିସିଙ୍କ ପାଇଁ ରଖାଯାଇଥିବା ଅସ୍ଥାୟୀ ତାଲିକା ପ୍ରକାଶ ପାଇଥିଲା। ସମାଜବାଦୀ ପାର୍ଟି ଓ ଅନ୍ୟମାନେ ଏହାକୁ ବିରୋଧୀ କରି ହାଇକୋର୍ଟରେ ପିଟିଶନ ଦାଏର କରିଥିଲେ।

## ସଙ୍କଟ ବେଳେ ଆର୍ଥିକ ଅସମାନତା

# କେମିତି ବଢ଼ିଲା ଧନୀଙ୍କ ସମ୍ପତ୍ତି

**କୋଭିଡ୍-୧୯ ଭୂତାଣୁ କେବଳ ମୃତ୍ୟୁ ଓ ବିପତ୍ତିର ବିଭୀଷିକାକୁ ନେଇ ମନେରହିବ ତାହା ନୁହେଁ। ଗତ ୩ ବର୍ଷ ମଧ୍ୟରେ ମହାମାରୀ ସାରା ବିଶ୍ୱରେ ଅସମାନତାର ବ୍ୟବଧାନକୁ ବଢ଼ାଇଛି। ପ୍ରତି ୩୦ ଘଣ୍ଟାରେ କରୋନା ଜଣେ ଲେଖାଏ ନୂଆ ବିଲିୟନେୟାରଙ୍କୁ ସୃଷ୍ଟି କରିଥିବାବେଳେ ୧୦ ଲକ୍ଷ ଲୋକ ଦାରିଦ୍ର୍ୟ ଭିତରକୁ ଠେଲି ହୋଇଯାଇଛନ୍ତି।**



ନଂ.୧ ବେର୍ନାର୍ଡ ଆର୍ନଲ୍ଟ (୧୫୯ ବିଲିୟନ୍ ଡଲାର)



ନଂ.୨ ଏଲନ୍ ମସ୍କ (୧୩୯ ବିଲିୟନ୍ ଡଲାର)



ନଂ.୩ ଗୌତମ ଆଦାନୀ (୧୧୦ ବିଲିୟନ୍ ଡଲାର)

ୱାଶିଂଟନ, ୨୭।୧୨

ବ୍ଲୁମ୍‌ବର୍ଗ ବିଲିୟନେୟାର୍ସ ଇଣ୍ଡେକ୍ସ ଅନୁସାରେ ମହାମାରୀ ବେଳେ ୧୩୧ ବିଲିୟନେୟାର ସେମାନଙ୍କ ସମ୍ପତ୍ତିକୁ ଦୁଇଗୁଣରୁ ଅଧିକ ବୃଦ୍ଧି କରିଛନ୍ତି। ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ତଥା ଲୁଇସ୍ ଭୁଇଟୋନ୍ ମୁଖ୍ୟ ବେର୍ନାର୍ଡ ଆର୍ନଲ୍ଟଙ୍କ ସମ୍ପତ୍ତିର ମୂଲ୍ୟର ମଙ୍ଗଳବାର ୧୫୯ ବିଲିୟନ୍ ଆମେରିକୀୟ ଡଲାର ରହିଛି। ୨୦୨୦ ଆଦ୍ୟ ଭାଗ ତୁଳନାରେ ତାଙ୍କ ସମ୍ପତ୍ତି ୬୦ ବିଲିୟନ୍ ଡଲାର ବୃଦ୍ଧି ଘଟିଛି। ପୃଥିବୀର ଦ୍ୱିତୀୟ ବଡ଼ ଧନୀ ତଥା ଟେସ୍‌ଲା-ଟୁଇଟର୍ ମାଲିକ ଏଲନ୍ ମସ୍କ ୧୩୯ ବିଲିୟନ୍ ଡଲାରର ସାମ୍ରାଜ୍ୟ ପ୍ରତିଷ୍ଠା କରିବାରେ ସକ୍ଷମ ହୋଇଛନ୍ତି, ଯାହାକି ମହାମାରୀ ପୂର୍ବ ସମୟ ତୁଳନାରେ ୫୦ ବିଲିୟନ୍ ଡଲାର କମ୍। ସେହିପରି ଧନୀ ବ୍ୟକ୍ତିଙ୍କ ତାଲିକାରେ ତୃତୀୟ ସ୍ଥାନ ଅଧିକାର କରିଥିବା ଭାରତର ଗୌତମ ଆଦାନୀ ଏହି ଅବଧି ମଧ୍ୟରେ ନିଜ ସମ୍ପତ୍ତିର ପରିମାଣ ୧୦ ଗୁଣା ବଢ଼ାଇପାରିଛନ୍ତି। ୨୦୨୦ରେ ଆଦାନୀଙ୍କ ମୋଟ ସମ୍ପତ୍ତିର ମୂଲ୍ୟ ପ୍ରାୟ ୧୦ ବିଲିୟନ ଡଲାର ଥିବାବେଳେ ୨୦୨୨ ଶେଷରେ ଏହା ୧୧୦ ବିଲିୟନ୍ ଡଲାର ରହିଛି। ଅନ୍ୟପକ୍ଷେ ୨୦୨୦ରେ ପ୍ରାୟ ୯୭ ନିୟୁତ ଲୋକ (ଯେକୌଣସି ୟୁରୋପୀୟ ରାଷ୍ଟ୍ରର ଜନସଂଖ୍ୟାଠାରୁ ଅଧିକ) ଅତି ଦାରିଦ୍ର୍ୟ ଭିତରକୁ ଠେଲି ହୋଇଯାଇଥିଲେ। ବିଶ୍ୱବ୍ୟାଙ୍କର ଆକଳନ ଅନୁସାରେ ସେମାନଙ୍କ ଦୈନିକ ଆୟ ୧.୯୦ ଡଲାରଠାରୁ କମ୍ ରହିଥିଲା। ବୈଶ୍ୱିକ ଦାରିଦ୍ର୍ୟ ହାର ୭.୮%ରୁ ୨୦୨୧ ଶେଷ ଆଡ଼କୁ ୯.୧%କୁ ବୃଦ୍ଧି ପାଇଥିବା ଆକଳନ କରାଯାଇଛି। ବର୍ତ୍ତମାନ ସବୁ ସାମଗ୍ରୀର ଆକାଶଛୁଆଁ ଦରଦାମ୍ ସାରା ବିଶ୍ୱର ଲୋକଙ୍କ ଆୟକୁ ସଙ୍କୁଚିତ କରି ବାସ୍ତବ ମଜୁରି ଅଭିବୃଦ୍ଧିକୁ ପ୍ରଭାବିତ କରୁଛି। ଦରଦାମ୍ ବୃଦ୍ଧି ଉପରେ ଲଗାମ ଲଗାଇବା ପାଇଁ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ସୁଧହାର ବଢ଼ାଇ ଓ ବଳକା ନଗଦ ପ୍ରତ୍ୟାହାର କରି ଅର୍ଥନୀତିକୁ ଅର୍ଥର ସ୍ରୋତ ହ୍ରାସ କରିବାରେ ଲାଗିଛନ୍ତି। କିନ୍ତୁ ଏହି ପଦକ୍ଷେପ ଯୋଗୁ ଆମାଜନ, ଟୁଇଟର ଓ ମେଟା ଭଳି ଟେକ୍ କମ୍ପାନୀଠୁ ନେଇ ଗୋଲ୍ଡମ୍ୟାନ୍ ସ୍ୟାଚ୍ ଭଳି ବ୍ୟାଙ୍କଗୁଡ଼ିକରେ ନିୟୋଜିତ କର୍ମଚାରୀଙ୍କ ପାଇଁ ବୁମେରାଂ ହୋଇଛି। ବିଦାୟୀ ବର୍ଷ ଶେଷରେ ଏହି କମ୍ପାନୀଗୁଡ଼ିକ ଛଟେଇ କରିବାରେ ଲାଗିଛନ୍ତି। ଧନୀଙ୍କ ଧନ ବଢୁଥିବାବେଳେ ଗରିବମାନେ ଆହୁରି ଗରିବ ହେବାରେ ଲାଗିଛନ୍ତି। ମହାମାରୀ ଭଳି ସଙ୍କଟ ବେଳେ ଅନେକ ରାଷ୍ଟ୍ର ଅର୍ଥନୀତିକୁ ମଜଭୁତ କରିବା ପାଇଁ ବ୍ୟବସାୟିକ ସଂସ୍ଥାଗୁଡ଼ିକୁ ଟିକସ ରିହାତି ଓ ଆର୍ଥିକ ସୁବିଧା ପ୍ରଦାନ କ୍ଷେତ୍ରରେ ଆପଣାଉଥିବା ନୀତିକୁ ଏହାର ମୁଖ୍ୟ କାରଣ ବୋଲି କୁହାଯାଉଛି। କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ଅର୍ଥନୀତିରେ ସ୍ଥିରତା ଆଣିବା ସକାଶେ ଅର୍ଥାଗମକୁ ସହଜ କରିଥାଆନ୍ତି। ଫଳରେ ବ୍ୟାଙ୍କଗୁଡ଼ିକ ଅଧିକ ଋଣ ଦେଇଥାଆନ୍ତି ଏବଂ ଲୋକେ ମଧ୍ୟ ପୂର୍ବାପେକ୍ଷା ବେଶି ଖର୍ଚ୍ଚ କରିଥାଆନ୍ତି। ଏହା ଧନୀ ବ୍ୟକ୍ତିମାନଙ୍କୁ ଫାଇନାନ୍ସିଆଲ ମାର୍କେଟ ନିବେଶ ଜରିଆରେ ସେମାନଙ୍କ ଅର୍ଥ ବୃଦ୍ଧିରେ ସହାୟକ ହୋଇଥାଏ। କିନ୍ତୁ ଅସମାନତାର ବ୍ୟବଧାନ ବୃଦ୍ଧିକୁ ଏଡ଼ାଇବା ସମ୍ଭବ ହୋଇ ନ ଥାଏ।

## ସ୍ୱଳ୍ପ ଆୟକାରୀ ରାଷ୍ଟ୍ରରେ ମୁଦ୍ରାସ୍ଫୀତି ପ୍ରଭାବ ଅଧିକ

ଦେଶଗୁଡ଼ିକ କୋଭିଡ୍‌ଜନିତ କଟକଣା କୋହଳ କରିବା ଆରମ୍ଭ କରିଥିବାବେଳେ ଉପଭୋକ୍ତାଙ୍କ ଚାହିଦା ବହୁ ପରିମାଣରେ ବୃଦ୍ଧିପାଇଛି। କିନ୍ତୁ ଅନୁରୂପ ଭାବେ ଯୋଗାଣ ହୋଇ ନ ପାରିବାରୁ ବିଶ୍ୱବ୍ୟାପୀ ମୁଦ୍ରାସ୍ଫୀତି ରେକର୍ଡ ସ୍ତରରେ ପହଞ୍ଚିଛି। ମୁଦ୍ରାସ୍ଫୀତି ନିୟନ୍ତ୍ରଣ ପାଇଁ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ସେମାନଙ୍କ ବିତ୍ତୀୟ ନୀତିରେ ପରିବର୍ତ୍ତନ ଆଣିବା ସହ ସୁଧହାର ବଢ଼ାଉଛନ୍ତି। ଏହା ପଛର ଉଦ୍ଦେଶ୍ୟ ହେଉଛି ଚାହିଦାକୁ ଯଥାସମ୍ଭବ ହ୍ରାସ କରିବା। ଆମେରିକାର ଫେଡେରାଲ ରିଜର୍ଭ ଏହି କ୍ଷେତ୍ରରେ ସବୁଠୁ ଆଗରେ ରହିଛି। ଏପରି କି ଅନେକ ବୃହତ୍ ଅର୍ଥନୀତି ଛଟେଇ କରି ଖର୍ଚ୍ଚ ହ୍ରାସ ଉପରେ ଗୁରୁତ୍ୱ ଦେଉଛନ୍ତି। ଏହି ଦୃଷ୍ଟିରୁ ଗରିବଙ୍କ ଆୟ ଦୁର୍ବଳ ହେବାରେ ଲାଗିଛି। ମୁଦ୍ରାସ୍ଫୀତି ବଢ଼ିଥିଲେ ମଧ୍ୟ କମ୍ପାନୀଗୁଡ଼ିକର ପ୍ରଫିଟ୍ ମାର୍ଜିନ (କିଣାମୂଲ୍ୟ ଓ ବିକ୍ରିମୂଲ୍ୟର ବ୍ୟବଧାନ) ଖସିନାହିଁ। ବୃହତ୍ କମ୍ପାନୀଗୁଡ଼ିକ ନିଜ କର୍ମଚାରୀଙ୍କ ଆୟ ବୃଦ୍ଧି କରିବା ପରିବର୍ତ୍ତେ ଶେୟାର ହୋଲ୍ଡର୍ସଙ୍କୁ ଡିଭିଡେଣ୍ଡ୍ (ଲାଭାଂଶ) ଦେବା ପାଇଁ ଏହି ପ୍ରଫିଟ୍‌କୁ ବଜାୟ ରଖୁଛନ୍ତି। ଅନ୍ୟପକ୍ଷେ ସୁଧହାର ବୃଦ୍ଧି ହେତୁ ଋଣଗ୍ରହୀତାମାନେ ଅଧିକ ଇଏମ୍ଆଇ ବା ମାସିକ କିସ୍ତି ଦେବାକୁ ବାଧ୍ୟ ହେଉଛନ୍ତି। ଏଥିଲାଗି ସ୍ୱଳ୍ପ ଆୟକାରୀ ରାଷ୍ଟ୍ରଗୁଡ଼ିକ ଅଧିକ ପ୍ରଭାବିତ ହେଉଥିବାବେଳେ ବିକାଶଶୀଳ ଦେଶଗୁଡ଼ିକର ଜନମଙ୍ଗଳକାରୀ ଯୋଜନା ବାବଦ ଖର୍ଚ୍ଚ ସଙ୍କୁଚିତ ହେଉଛି।

ସୌଜନ୍ୟ: ଅଲ୍‌ଜଜିରା

## କୋଭିଡ୍ ନାଜାଲ ଭାକ୍ସିନ୍ ଦାମ୍ ୮୦୦ ଟଙ୍କା

ହାଇଦ୍ରାବାଦ, ୨୭।୧୨

ଭାରତ ବାୟୋଟେକ୍ ପ୍ରସ୍ତୁତ କୋଭିଡ୍ ଇଣ୍ଟ୍ରାନାଜାଲ ଭାକ୍ସିନ ଇନ୍‌କୋଭାକ୍ ଏବେ କୋୱିନ୍ ପୋର୍ଟାଲରେ ଉପଲବ୍ଧ ହେଉଛି। ଘରୋଇ ବଜାରରେ ଏହି ଟିକା ଦାମ୍ ଜିଏସ୍‌ଟିକୁ ବାଦ୍ ଦେଇ ୮୦୦ ଟଙ୍କା ରହିଛି। ତେବେ ସରକାରଙ୍କୁ ଜିଏସ୍‌ଟି ବାହାରେ ୩୨୫ ଟଙ୍କାରେ ଯୋଗାଇ ଦିଆଯିବ ବୋଲି ଭାରତ ବାୟୋଟେକ୍ ଇଣ୍ଟରନ୍ୟାଶନାଲ ଲିଃ ପକ୍ଷରୁ ମଙ୍ଗଳବାର କୁହାଯାଇଛି। ଆସନ୍ତା ଜାନୁୟାରୀ ଚତୁର୍ଥ ସପ୍ତାହରୁ ଟିକା ଯୋଗାଣ ଆରମ୍ଭ ହେବ ବୋଲି କମ୍ପାନୀ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି।

## ସୋସିଆଲ ମିଡିଆ ଷ୍ଟାର୍ ଲୀନାଙ୍କ ଆତ୍ମହତ୍ୟା



**ରାୟପୁର, ୨୭।୧୨:** ଛତିଶଗଡ଼ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ଲୀନା ନାଗବଂଶୀ ମଙ୍ଗଳବାର ରାୟଗଡ଼ସ୍ଥିତ ନିଜ ଘରେ ଆତ୍ମହତ୍ୟା କରିଛନ୍ତି। ଘଟଣାର ସୂଚନା ପାଇ ସ୍ଥାନୀୟ ପୋଲିସ ଲୀନାଙ୍କ ଘରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ପୋଷ୍ଟମର୍ଟମ୍ ପାଇଁ ୨୨ ବର୍ଷୀୟା ଲୀନାଙ୍କ ମୃତଦେହକୁ ଜିଲା ହସ୍ପିଟାଲକୁ ପଠାଇ ଦିଆଯାଇଛି।

## କୋଭିଡ୍ ପ୍ରସ୍ତୁତି ଯାଞ୍ଚ ପାଇଁ ମକ୍ ଡ୍ରିଲ୍

ନୂଆଦିଲ୍ଲୀ, ୨୭।୧୨ (ପିଟିଆଇ)



ଦିଲ୍ଲୀ ସଫଦରଜଙ୍ଗ ହସ୍ପିଟାଲରେ ମକ୍‌ଡ୍ରିଲବେଳେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଉପସ୍ଥିତ ଅଛନ୍ତି।

କୋଭିଡ୍ ପ୍ରସ୍ତୁତି ଯାଞ୍ଚ ଲାଗି ମଙ୍ଗଳବାର ସାରା ଦେଶର ବିଭିନ୍ନ ହସ୍ପିଟାଲରେ ମକ୍ ଡ୍ରିଲ୍‌ର ଆୟୋଜନ ହୋଇଥିଲା। ସ୍ୱାସ୍ଥ୍ୟ ବିଭାଗର ଉପକରଣ ଏବଂ ମାନବ ସମ୍ବଳ ପ୍ରସ୍ତୁତି ଆକଳନ ଲାଗି ମକ୍ ଡ୍ରିଲ୍ ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କହିଛନ୍ତି। ସଫଦରଜଙ୍ଗ ହସ୍ପିଟାଲରେ ଉପସ୍ଥିତ ରହି ସେ ଏହା ଦେଖୁଥିବାବେଳେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀମାନେ ସମ୍ପୃକ୍ତ ରାଜ୍ୟର ମକ୍ ଡ୍ରିଲ୍‌ର ସମୀକ୍ଷା କରିଥିଲେ। ଚାଇନା ଓ ଅନ୍ୟାନ୍ୟ ଦେଶରେ କୋଭିଡ୍ ସଂକ୍ରମଣ ଦ୍ରୁତ ବୃଦ୍ଧି ପାଉଥିବାରୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ପ୍ରତିକାର ପଦକ୍ଷେପର ଅଂଶବିଶେଷ ଭାବେ ହସ୍ପିଟାଲରେ ମକ୍ ଡ୍ରିଲ୍ କରିବାକୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଥିଲେ।

ମକ୍ ଡ୍ରିଲ୍‌ରେ ଜିଲା ହସ୍ପିଟାଲଗୁଡ଼ିକର ସାମର୍ଥ୍ୟ, ଆଇସୋଲେଶନ ବେଡ୍, ଅକ୍ସିଜେନ୍-ସପୋର୍ଟେଡ ବେଡ୍, ଆଇସିୟୁ ବେଡ୍, ଭେଣ୍ଟିଲେଟର ସୁବିଧା, ଡାକ୍ତର, ନର୍ସ ଏବଂ ପାରାମେଡିକ୍ କର୍ମଚାରୀ, ଆୟୁଷ ଡାକ୍ତର ଓ ଆଗଧାଡ଼ିର କର୍ମଚାରୀମାନଙ୍କ ସଂଖ୍ୟା ଯାଞ୍ଚ କରାଯାଇଥିଲା। ଏଥିସହିତ କୋଭିଡ୍ ପରିଚାଳନା ଲାଗି କେତେଜଣ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ତାଲିମ ଦିଆଯାଇଛି, ଭେଣ୍ଟିଲେଟର ପରିଚାଳନା ସମ୍ପର୍କରେ କେତେଜଣ ପ୍ରଶିକ୍ଷଣ ନେଇଛନ୍ତି, ପିଏସ୍ଏ ପ୍ଲାଣ୍ଟ ଇତ୍ୟାଦିକୁ ଚଳାଇବା ଲାଗି ସ୍ୱାସ୍ଥ୍ୟକର୍ମୀ ତାଲିମ ନେଇଛନ୍ତି କି ନାହିଁ, ତାହାର ସମୀକ୍ଷା ହୋଇଥିଲା। ସେହିପରି ହସ୍ପିଟାଲରେ ବେସିକ୍ ଲାଇଫ୍ ସପୋର୍ଟ ଆମ୍ବୁଲାନ୍ସ, ପରୀକ୍ଷା ଉପକରଣ, ଜରୁରୀ ଔଷଧ କେତେ ଉପଲବ୍ଧ ଅଛି ତାହାର ଅନୁଧ୍ୟାନ କରାଯାଇଥିଲା।

## ଯୁବତୀଙ୍କୁ ୫୧ ଥର ସ୍କ୍ରୁ ଡ୍ରାଇଭର ଭୁସି ହତ୍ୟା

କୋର୍ବା, ୨୭।୧୨

ଛତିଶଗଡ଼ର କୋର୍ବା ଜିଲାରେ ଜଣେ ଯୁବତୀ କଥା ହେବାକୁ ମନା କରିଦେବାରୁ ତାଙ୍କୁ ଜଣେ ଯୁବକ ସ୍କ୍ରୁ ଡ୍ରାଇଭରରେ ୫୧ ଥର ଭୁସି ହତ୍ୟା କରିଛନ୍ତି। ସାଉଥଇଷ୍ଟର୍ନ କୋଲ୍‌ଫିଲ୍ଡସ୍ ଲିମିଟେଡ୍‌ର ପମ୍ପହାଉସ କଲୋନିରେ ଶନିବାର ଏହି ହତ୍ୟାକାଣ୍ଡ ଘଟିଛି। ଆକ୍ରମଣକାରୀ ପୂର୍ବରୁ କଣ୍ଡକ୍ଟର ଥିବାବେଳେ ବସ୍‌ରେ ଯୁବତୀଙ୍କ ସହ ସମ୍ପର୍କ ହୋଇଥିଲା। ୩ ବର୍ଷ ପୂର୍ବେ ଯୁବକ ଅହମଦାବାଦ ପଳାଇଯାଇ ସେଠାରେ ଚାକିରି କରିଥିଲେ ଏବଂ ଉଭୟଙ୍କ ମଧ୍ୟରେ ଫୋନ୍‌ରେ ଯୋଗାଯୋଗ ରହିଥିଲା। ତେବେ କିଛିଦିନ ହେଲା ଯୁବତୀ ଫୋନ୍‌ରେ କଥା ହେବା ବନ୍ଦ କରିଦେବାରୁ ସେ ତାଙ୍କୁ ହତ୍ୟ କରିଛନ୍ତି।

## ଉତ୍ତର ଭାରତରେ ଶୀତ ଲହରି

ନୂଆଦିଲ୍ଲୀ/ଶ୍ରୀନଗର, ୨୭।୧୨

### କଶ୍ମୀରରେ ଶୂନ ଡିଗ୍ରୀ ତଳେ ତାପମାତ୍ରା

ଦିଲ୍ଲୀ ସମେତ ସମଗ୍ର ଉତ୍ତର ଭାରତରେ ପ୍ରବଳ ଶୀତ ଲହରି ଜାରି ରହିଛି। ଜମ୍ମୁ-କଶ୍ମୀରରେ ତାପମାତ୍ରା ଶୂନ ଡିଗ୍ରୀ ତଳେ ରହିଥିବାବେଳେ ଦିଲ୍ଲୀରେ ନୈନିତାଲଠାରୁ ଅଧିକ ଶୀତ ଅନୁଭୂତ ହେଉଛି। ଏଭଳି ଶୀତ ଲହରି ୩୧ ତାରିଖ ପର୍ଯ୍ୟନ୍ତ ଜାରି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଅଧିକାଂଶ ଭାଗରେ ଅତି ଘନ କୁହୁଡ଼ି ଯୋଗୁ ଟ୍ରେନ୍ ଓ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଛି।

ଜମ୍ମୁ-କଶ୍ମୀରରେ ପ୍ରବଳ ଥଣ୍ଡା ଯୋଗୁ ପାଣି ପାଇପ୍‌ଗୁଡ଼ିକ ବରଫ ହୋଇଯାଇଛି। ସେହିପରି ଡାଲ୍ ହ୍ରଦ ସମେତ ଉପତ୍ୟକାର ଅଧିକାଂଶ ଜଳାଶୟ ବରଫ ପାଲଟିଯାଇଛି। ଶ୍ରୀନଗରର ସର୍ବନିମ୍ନ ତାପମାତ୍ରା ବିଯୁକ୍ତ ୪.୮ ଡିଗ୍ରୀ ଥିବାବେଳେ ପହଲଗାମରେ ବିଯୁକ୍ତ ୬.୭ ଡିଗ୍ରୀ ରେକର୍ଡ କରାଯାଇଛି। ବାରମୁଲ୍ଲା ଜିଲାର ଗୁଲ୍‌ମାର୍ଗରେ ତାପମାତ୍ରା ବିଯୁକ୍ତ ୫.୯ ଡିଗ୍ରୀ ଏବଂ କୁପୱାଡ଼ାରେ ବିଯୁକ୍ତ ୪.୮ ଡିଗ୍ରୀ ସେଲ୍‌ସିୟସ ରହିଛି। ନୈନିତାଲର ତାପମାତ୍ରା ୭.୨ ଡିଗ୍ରୀ ଥିବାବେଳେ ଦିଲ୍ଲୀ ସଫଦରଜଙ୍ଗରେ ତାପମାତ୍ରା ୫.୬ ଡିଗ୍ରୀ ଏବଂ ଆୟାନଗରରେ ୪ ଡିଗ୍ରୀକୁ ଖସିଯାଇଛି। ଘନ କୁହୁଡ଼ି ଯୋଗୁ ପାଲାମ ଏବଂ ସଫଦରଜଙ୍ଗ ବିମାନବନ୍ଦରରେ ମଙ୍ଗଳବାର ସକାଳେ ମାତ୍ର ୫୦ ମିଟର ପର୍ଯ୍ୟନ୍ତ ଦୃଶ୍ୟ ହେଉଥିଲା।



ବିଏସ୍ଏଫ୍ ମହିଳା ଡେୟାରଡେଭିଲ ମୋଟରସାଇକେଲ ଟିମ୍ 'ସୀମା ଭବାନୀ' ଲିମ୍‌କା ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇବା ପରେ ନୂଆଦିଲ୍ଲୀର କର୍ତ୍ତବ୍ୟ ପଥରେ ଫଟୋ ପୋଜ୍ ଦେଉଛନ୍ତି।

## ମହାରାଷ୍ଟ୍ର ବିଧାନସଭାରେ ପ୍ରସ୍ତାବ ଗୃହୀତ

### ସୀମା ବିବାଦ

ମୁମ୍ବାଇ, ୨୭।୧୨

ମହାରାଷ୍ଟ୍ର ଓ କର୍ନାଟକ ମଧ୍ୟରେ ସୀମା ବିବାଦ ଉଗ୍ର ରୂପ ନେଇଛି। ସୀମା ବିବାଦ ବିରୋଧରେ କର୍ନାଟକ ବିଧାନସଭାରେ ବାସବରାଜ ବୋମାଇ ସରକାର ସଂକଳ୍ପ ଗୃହୀତ କରାଇବାର ୫ ଦିନ ପରେ ମହାରାଷ୍ଟ୍ର ବିଧାନସଭାରେ ଏକନାଥ ଶିନ୍ଦେ ସରକାର ଅନୁରୂପ ଏକ ପ୍ରସ୍ତାବକୁ ଗୃହୀତ କରାଇଛନ୍ତି। କର୍ନାଟକର ଆଭିମୁଖ୍ୟ ମରାଠା ବିରୋଧୀ ବୋଲି ଏକନାଥ କହିଛନ୍ତି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ହସ୍ତକ୍ଷେପ ସତ୍ତ୍ୱେ ଦୁଇ ଭାଜପା ଶାସିତ ରାଜ୍ୟ ମଧ୍ୟରେ ସୀମା ବିବାଦର ସମାଧାନ ହୋଇପାରି ନାହିଁ। ଆଗାମୀ ଦିନରେ ବିବାଦ ଆହୁରି ବଢ଼ିବା ଆଶଙ୍କା କରାଯାଉଛି।

ମହାରାଷ୍ଟ୍ର ସରକାର ଆଣିଥିବା ପ୍ରସ୍ତାବରେ କୁହାଯାଇଛି, ୮୬୫ ମରାଠୀ ଭାଷାଭାଷୀ ଗ୍ରାମ ବେଲଗାମ, କରୱାର, ବିଦାର, ନିପାନି ଏବଂ ଭାଲ୍‌କିରେ ରହିଛି। କର୍ନାଟକ ନିଜର ଆଧିପତ୍ୟ ଦାବି କରୁଥିବା ଉକ୍ତ ଗ୍ରାମଗୁଡ଼ିକର ପ୍ରତ୍ୟେକ ଇଞ୍ଚ ଜାଗାକୁ ମହାରାଷ୍ଟ୍ରକୁ ଫେରାଇ ଅଣାଯିବ।

## ଟ୍ରେନ୍ ଧକ୍କାରେ ବର୍ଷକୁ ମରୁଛନ୍ତି ୧୬,୦୦୦ ପ୍ରାଣୀ

ଲକ୍ଷ୍ନୌ, ୨୭।୧୨

ବନ୍ଦେ ଭାରତ ଏକ୍ସପ୍ରେସ୍ ଧକ୍କାରେ ବାରମ୍ବାର ଜୀବଜନ୍ତୁଙ୍କ ଜୀବନ ଯାଉଥିବା ଅଭିଯୋଗ ହେଉଥିବାବେଳେ ବୁଧବାର ଭାରତର ନିୟନ୍ତ୍ରକ ଓ ମହାଲେଖା ପରୀକ୍ଷକ (ସିଏଜି) ଏ ସମ୍ପର୍କିତ ରିପୋର୍ଟ ପ୍ରଦାନ କରିଛନ୍ତି। ଭାରତୀୟ ରେଳପଥ ଦ୍ୱାରା ପରିଚାଳିତ ଟ୍ରେନ୍‌ଗୁଡ଼ିକର ଧକ୍କାରେ ସାରା ଦେଶରେ ବର୍ଷକୁ ହାରାହାରି ୧୬,୦୦୦ ପ୍ରାଣୀଙ୍କ ମୃତ୍ୟୁ ଘଟୁଛି। ୨୦୧୭ରୁ ୨୦୨୧ ଆର୍ଥିକବର୍ଷ ମଧ୍ୟରେ ୬୩,୩୪୫ ଜନ୍ତୁଙ୍କ ମୃତ୍ୟୁ ଘଟିଥିବା ରେଲୱେ ପକ୍ଷରୁ ରେକର୍ଡ କରାଯାଇଛି ବୋଲି ସିଏଜି ନିଜ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଏଥିରୁ ସର୍ବାଧିକ ଜନ୍ତୁଙ୍କ ମୃତ୍ୟୁ ଉତ୍ତର ପ୍ରଦେଶରେ ଘଟୁଛି। ଦେଶର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ରାଜ୍ୟ ୟୁପିରେ ୪ଟି ରେଲୱେ ଜୋନ୍ ରହିଛି। ସେଗୁଡ଼ିକ ହେଲା ନର୍ଦ୍ଦର୍ନ ସେଣ୍ଟ୍ରାଲ ରେଲୱେ (ଏନ୍‌ସିଆର୍), ନର୍ଦ୍ଦର୍ନ ରେଲୱେ (ଏନ୍‌ଆର୍), ନର୍ଦ୍ଦର୍ନଇଷ୍ଟର୍ନ ରେଲୱେ (ଏନ୍‌ଇଆର୍) ଏବଂ ଇଷ୍ଟ ସେଣ୍ଟ୍ରାଲ ରେଲୱେ (ଇସିଆର୍)। ୨୦୨୧ ଜାନୁୟାରୀରୁ ୨୦୨୨ ଏପ୍ରିଲ ମଧ୍ୟରେ କେବଳ ୟୁପିର ଉପରୋକ୍ତ ୪ ଜୋନ୍‌ରେ ଟ୍ରେନ୍ ଧକ୍କାରେ ୧୮,୬୫୫ ପ୍ରାଣୀଙ୍କ ମୃତ୍ୟୁ ଘଟିଥିବା ଏଥିରେ କୁହାଯାଇଛି।

## ସିଜେଆଇ ଥିବାବେଳେ ୪୦ ପିଅନ ରଖିଥିଲେ

ନୂଆଦିଲ୍ଲୀ, ୨୭।୧୨



### ୭୪ ଦିନିଆ କାର୍ଯ୍ୟକାଳ

### ଅବସର ଗ୍ରହଣ ପରେ ବି ୨୮ କର୍ମଚାରୀ ରଖିଛନ୍ତି ଜଷ୍ଟିସ୍ ୟୁ.ୟୁ.ଲଳିତ

ଭାରତର ପୂର୍ବତନ ପ୍ରଧାନ ବିଚାରପତି (ସିଜେଆଇ) ୟୁ.ୟୁ. ଲଳିତ ତାଙ୍କର ୭୪ ଦିନିଆ କାର୍ଯ୍ୟକାଳ ମଧ୍ୟରେ ତାଙ୍କ ସରକାରୀ ବାସଭବନରେ ସର୍ବାଧିକ ୪୦ ଜଣ ପିଅନ ଓ ସହାୟକ କର୍ମଚାରୀ ରଖିଥିଲେ। ରାଷ୍ଟ୍ରପତି ଭବନ ଏବଂ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ବାଦ୍ ଦେଲେ ଅନ୍ୟ କୌଣସି ସାମ୍ବିଧାନିକ ପଦବୀରେ ଥିବା ବ୍ୟକ୍ତି ଏତେ ସଂଖ୍ୟାରେ ସହାୟକ କର୍ମଚାରୀ ରଖିନାହାନ୍ତି। ଜଷ୍ଟିସ୍ ଲଳିତ ୪୯ତମ ସିଜେଆଇ ଭାବେ ଗତ ଅଗଷ୍ଟ ୨୭ରୁ ନଭେମ୍ବର ୮ ପର୍ଯ୍ୟନ୍ତ ରହିଥିଲେ। ସେ ପିଅନ ଏବଂ ସହାୟକମାନଙ୍କୁ ନିଜ ଘରକାମ ଓ ଆବାସିକ କାର୍ଯ୍ୟାଳୟରେ ନିୟୋଜିତ କରିଥିଲେ। ଅବସର ଗ୍ରହଣ ପରେ ବି ତାଙ୍କ ୧୯, ଆକବର ରୋଡ୍ ବାସଭବନରେ ୨୮ ଜଣ ପିଅନ ଓ ସହାୟକ କର୍ମଚାରୀ ରହିଥିବା ଜଣାପଡ଼ିଛି।

ସେମାନଙ୍କ ମଧ୍ୟରୁ କେତେଜଣ ବିଭିଜି ଇଣ୍ଡିଆ କର୍ମଚାରୀ, ଯାହାଙ୍କୁ ସୁପ୍ରିମକୋର୍ଟ ସଫେଇ ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ଲାଗି ଆଉଟ୍‌ସୋର୍ସିଂ କରିଥାଏ।

ସରକାରୀ ସୂଚନା ଅନୁଯାୟୀ ପୂର୍ବରୁ ସିଜେଆଇମାନଙ୍କ ସରକାରୀ ବାସଭବନରେ ୧୨ରୁ ୧୫ ଜଣ ପିଅନ ଓ ସହାୟକ କର୍ମଚାରୀ ରହୁଥିଲେ। ଅବସର ପରେ ସେମାନଙ୍କୁ ୨ କିମ୍ବା ୩ ଜଣ ସହାୟକ କର୍ମଚାରୀ ଯୋଗାଇଦିଆଯାଇଥାଏ। ଅବସର ପରେ ସିଜେଆଇ ଦିଲ୍ଲୀରେ ରହିଲେ ଏହି କର୍ମଚାରୀଙ୍କୁ ସୁପ୍ରିମକୋର୍ଟ ଯୋଗାଇଥାଏ। ଯଦି ସେ ନିଜ ରାଜ୍ୟକୁ ଫେରିଯାଆନ୍ତି, ତେବେ ତାଙ୍କ ପାଇଁ ସହାୟକ କର୍ମଚାରୀ ବ୍ୟବସ୍ଥା ସମ୍ପୃକ୍ତ ହାଇକୋର୍ଟ କରିଥାନ୍ତି।

ଗତ ଅଗଷ୍ଟରେ କେନ୍ଦ୍ର ସରକାର ସୁପ୍ରିମକୋର୍ଟ ବିଚାରପତି ନିୟମାବଳୀ, ୧୯୫୯ରେ ସଂଶୋଧନ କରି ଅବସରପ୍ରାପ୍ତ ସିଜେଆଇଙ୍କୁ ୬ ମାସ ବିନା ଭଡ଼ାରେ ଟାଇପ୍-୭ ବାସଭବନ ଯୋଗାଇଦେବା ବ୍ୟବସ୍ଥା ହୋଇଛି। ପୂର୍ବତନ ସିଜେଆଇ ଏନ୍.ଭି.ରମନାଙ୍କୁ ୨ ତୋଗଲକ୍ ରୋଡ୍‌ରେ ୬ ମାସ ପାଇଁ ଘର ମିଳିଥିବାବେଳେ ଜଷ୍ଟିସ୍ ଲଳିତଙ୍କୁ ଶାହଜାହାନ ରୋଡ୍‌ରେ ବଙ୍ଗଳା ମିଳିଥିଲା। ତେବେ ଉକ୍ତ ବିଲ୍ଡିଂର ଆକୃତି ଭଲ ନ ଥିବା ଦର୍ଶାଇ ଜଷ୍ଟିସ୍ ଲଳିତ ଏହାକୁ ଅଗ୍ରାହ୍ୟ କରିଦେଇଥିଲେ। ନୂଆ ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ ୧୯, ଆକବର ରୋଡ୍‌କୁ ଯିବା ପାଇଁ ନିଷ୍ପତ୍ତି ନେବାରୁ ଜଷ୍ଟିସ୍ ଲଳିତଙ୍କୁ ୧୭ ସଫଦରଜଙ୍ଗ ରୋଡ୍‌ରେ ଏହାର ଏକ ପୁଲ୍ ବଙ୍ଗଳା ଯୋଗାଇ ଦିଆଯାଇଛି। ନୂଆବର୍ଷରେ ସେ ଏହି ବଙ୍ଗଳାକୁ ଯିବେ। ଘର ବଦଳାଇବା ପରେ ବର୍ତ୍ତମାନର ୨୮ ଜଣ କର୍ମଚାରୀଙ୍କ ମଧ୍ୟରୁ ଅନ୍ୟୁନ ୧୨ ଜଣଙ୍କୁ ଯୋଗାଇଦେବା ନିମନ୍ତେ ସେ ସୁପ୍ରିମକୋର୍ଟଙ୍କୁ ଅନୁରୋଧ କରିଛନ୍ତି।

**ନୂତନ ଶିକ୍ଷା ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ**

କୃଷ୍ଣପ୍ରସାଦ,(ଡି.ଏନ୍.ଏ.): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ନୂତନ ଶିକ୍ଷା ଅଧିକାରୀଭାବେ ମଙ୍ଗଳବାର ମଙ୍ଗୁଳି ଚରଣ ଜେନା ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଏହା ପୂର୍ବରୁ ଏହି ବ୍ଲକରେ ଏସ୍‌ଆଇ ଭାବେ କାର୍ଯ୍ୟ କରିଥିଲେ। ଏବେ ବ୍ଲକ ଶିକ୍ଷା ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଶିକ୍ଷାକ୍ଷେତ୍ରରେ ଏକ ପରିବର୍ତ୍ତନ ହେବ ବୋଲି ଅଭିବାବକମାନେ ଆଶା କରିଛନ୍ତି।

# ୬୨,୭୧୦ ହେକ୍ଟର ଜମିରେ ହେବ ଚାଷ

ଖୋର୍ଦ୍ଧା ଅଫିସ,୨୭।୧୨

**ରବି ଫସଲ ସଂକ୍ରାନ୍ତୀୟ କୃଷି ନିର୍ଦ୍ଧାରଣ ବୈଠକ**

- ୨୩,୩୨୫ ହେକ୍ଟର ଜମିକୁ ରହିଛି ଜଳସେଚନ ସୁବିଧା
- ୯୯୫ କୁଇଣ୍ଟାଲ ବିହନ, ହେକ୍ଟର ପିଛା ୭୫.୩୭ କିଗ୍ରା ସାର

ଚଳିତ ରବିଋତୁ ୨୦୨୨-୨୩ ପାଇଁ ଖୋର୍ଦ୍ଧା ଜିଲାସ୍ତରୀୟ କୃଷି ନିର୍ଦ୍ଧାରଣ କମିଟି ବୈଠକ ମଙ୍ଗଳବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଖରିଫ ୨୦୨୨ରେ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅଗଷ୍ଟରେ ଅତ୍ୟଧିକ ବର୍ଷା ଓ ବନ୍ୟାର ପ୍ରଭାବ ସତ୍ତ୍ୱେ ଜିଲାରେ ୧,୧୯,୬୭୫ ହେକ୍ଟର ଜମିରେ ଧାନ ଓ ଅଣଧାନ ଫସଲ ଅମଳ ହୋଇଛି। ବର୍ତ୍ତମାନ ସୁଦ୍ଧା କରାଯାଇଥିବା ଆକଳନ ଅନୁସାରେ, ଖରିଫ ଧାନ ଅମଳ ହେକ୍ଟର ପିଛା ୩୪.୦୭ କୁଇଣ୍ଟାଲ ହେବ, ଯାହା ୨୦୨୧ରେ ୩୩.୮୦ କୁଇଣ୍ଟାଲ ରହିଥିଲା। ସେହିଭଳି ହେକ୍ଟର ପିଛା ୭୧.୨୬ ମେଟ୍ରିକ୍ ଟନ୍ ସାର ବ୍ୟବହାର କରାଯାଇଛି। ପରେ ରବି ଋତୁରେ ଧାର୍ଯ୍ୟ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା।

ଚଳିତ ବର୍ଷ ରବିରେ ୬୨,୭୧୦ ହେକ୍ଟର ଜମିରେ ଧାନ ଓ ଅଣଧାନ ଲକ୍ଷ୍ୟ ରହିଛି। ଗତ ୨୦୨୧ରେ ୫୯,୬୧୦ ହେକ୍ଟର ଜମି ଚାଷ କରାଯାଇଥିଲା। ଏହି ଫସଲ ଯୋଜନା ମୁଖ୍ୟତଃ ଜଳସେଚିତ ଜମିରେ ଉପଲବ୍ଧ ଜଳ, ଆର୍ଦ୍ରତାର ପରିମାଣ ତଥା ଜଳବାୟୁ ଓ ଅନ୍ୟାନ୍ୟ ଆବଶ୍ୟକତା ହିସାବକୁ ନେଇ ଆକଳନ କରାଯାଇଥାଏ। ଚଳିତ ବର୍ଷ ୧୬୭୦ ଧାନ ଓ ୬୧୦୪୦ ହେକ୍ଟର ଅଣଧାନ କରାଯିବ। ସେଥିରୁ ୨୩,୩୨୫ ହେକ୍ଟର ଜମିକୁ ଜଳସେଚନ ସୁବିଧା ରହିଛି। ୯୯୫ କୁଇଣ୍ଟାଲ ଉନ୍ନତମାନର ବିହନ ଯୋଗାଇ ଦିଆଯିବ। ଚଳିତବର୍ଷ ୧୦,୪୦୦ ମେଟ୍ରିକ ଟନ୍ ସାର ଯୋଗାଇ ଦିଆଯିବ, ଯାହା ହେକ୍ଟର ପ୍ରତି ୭୫.୩୭ କିଗ୍ରା ହେବ। ୮,୫୮୭ ଜଣ କୃଷକଙ୍କ ଚାଷଜମିର ମାଟି ନମୁନା ପରୀକ୍ଷଣ ଓ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଦିଆଯାଇଛି ବୋଲି ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଫୁଲ୍ଲ କୁମାର ମହାରଣା ସୂଚନା ଦେଇଛନ୍ତି। ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ସ୍ମିତା ମହାନ୍ତି, ଦେବାଶିଷ ମିଶ୍ର, ଦିଲୀପ କୁମାର ଭୂୟାଁ, ପ୍ରସନ୍ନ କୁମାର ମିଶ୍ର, ରବୀନ୍ଦ୍ର ନାଥ ପଣ୍ଡାଙ୍କ ସମେତ ଜିଲା କୃଷି ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ।


ବୈଠକରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଅନ୍ୟ ଅଧିକାରୀ।

## ସଂକ୍ଷେପରେ

### ୨୭.୭୦ ଗ୍ରାମ ବ୍ରାଉନ୍‌ସୁଗାର ଜବତ, ୩ ଗିରଫ



ଯାଁଳା,୨୭।୧୨(ଡି.ଏନ୍.ଏ.): ଇନ୍‌ଫୋଭ୍ୟାଲି ଥାନା ପୋଲିସ ମଙ୍ଗଳବାର ଯାଁଳା ବଜାର ନିକଟ ଲକ୍ଷ୍ମୀ ପୂଜା ମଣ୍ଡପ ନିକଟରେ ଚଢ଼ାଉ କରି ୩ଜଣ ବ୍ରାଉନ୍‌ସୁଗାର ବେପାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ରାଜେଶ ଦାସ, ଅଜୟ ମଲ୍ଲିକ ଓ ଶକ୍ତି ଶାନ୍ତନୁ ଓରଫ ଗୁଗୁ ପଣ୍ଡା। ଏମାନଙ୍କ ନିକଟରୁ ୨୭.୭୦ଗ୍ରାମ ବ୍ରାଉନ୍‌ସୁଗାର, ୩ଟି ମୋବାଇଲ ଫୋନ, ଦୁଇଟି ବାଇକ୍ ସହ ୧୨ଶହ ଟଙ୍କା ଜବତ ହୋଇଛି। ଅଭିଯୁକ୍ତମାନେ ଦୀର୍ଘଦିନ ଧରି ଯାଁଳା ବଜାର ସହିତ ଗଙ୍ଗପଡା, ଅରିସଲ, ଛତାବର ଏବଂ ଆଖପାଖ ଅଞ୍ଚଳରେ ବ୍ରାଉନସୁଗାର ବିକ୍ରି କରୁଥିଲେ। ଯାଁଳା ଲକ୍ଷ୍ମୀପୂଜା ମଣ୍ଡପଠାରେ ଉପରୋକ୍ତ ୩ ଅଭିଯୁକ୍ତ ଗ୍ରାହକଙ୍କୁ ଅପେକ୍ଷା କରିଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଖବରପାଇ ପୋଲିସ ଚଢ଼ାଉ କରି ଏମାନଙ୍କୁ ଧରିବା ସହ ବ୍ରାଉନସୁଗାର ଜବତ କରିଥିଲା।

### ବିଦ୍ୟୁତ୍ ତାର ଛିଣ୍ଡି ଜଳିଗଲା ୭୦ ବସ୍ତା ଧାନ

କୃଷ୍ଣପ୍ରସାଦ,୨୭।୧୨(ଡି.ଏନ୍.ଏ.): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଟୁବୁକା ଗ୍ରାମରେ ବିଦ୍ୟୁତ୍ ତାର ଛିଣ୍ଡି ନିଆଁ ଲାଗି ୭୦ ବସ୍ତା ଧାନ ଜଳିଯାଇଛି। ଗ୍ରାମର ସନ୍ତୋଷ ଜେନା କିଛିଦିନ ହେବ ଜମିରୁ ଧାନ ଅମଳ କରି ଖଳାରେ ରଖିଥିଲେ। ଖଳା ଉପରେ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ଛିଣ୍ଡି ଧାନଗଦାରେ ନିଆଁ ଲାଗିଯାଇଥିଲା। ଖବର ପାଇ ମାଲୁଦ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ ଧାନ ଜଳିଯାଇଥିଲା। କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।

### ଅସହାୟଙ୍କୁ ସହାୟତା

ଜଟଣୀ,୨୭।୧୨(ଡି.ଏନ୍.ଏ.): ଜଟଣୀରେ ବିଜେଡି ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଜେଡି ନେତା ସନ୍ତୋଷ ଜେନାଙ୍କ ନେତୃତ୍ୱରେ ସ୍ଥାନୀୟ କୁଦିଆରୀ ଗ୍ରାମରେ ଅସହାୟ ବ୍ୟକ୍ତିଙ୍କୁ ଶୀତ ବସ୍ତ୍ର ପ୍ରଦାନ କରାଯାଇଥିଲା। ମୋ ଜଟଣୀ ପାର୍କ ପୋଷ୍ଟଅଫିସ ଛକଠାରେ ଉପସ୍ଥିତ କର୍ମୀଙ୍କୁ ଦଳୀୟ ସଙ୍ଗଠନକୁ ମଜବୁତ କରିବା ସହ ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ଲୋକମାନଙ୍କ ନିକଟରେ ପହଞ୍ଚାଇବା ପାଇଁ କହିଥିଲେ। ଏହି କାର୍ଯକ୍ରମରେ ବହୁ ଦଳୀୟ କର୍ମୀ ଯୋଗ ଦେଇଥିଲେ।

### କଣ୍ଟାବାଡ କପ୍ କ୍ରିକେଟ: ସେମିରେ କାଇପଦର



ବେଗୁନିଆ,୨୭।୧୨(ଡି.ଏନ୍.ଏ.): ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ନୀଳକଣ୍ଠ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ଚାଲିଥିବା ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟରେ ମଙ୍ଗଳବାର କାଇପଦରର ସତ୍ୟପୀର ସ୍ପୋର୍ଟିଂ କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ଯାଁଳା କ୍ରିକେଟ କ୍ଲବ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ବିନିମୟରେ ୨୨୬ ରନ ସଂଗ୍ରହ କରିଥିଲା। ଜବାବରେ କାଇପଦର ଟିମ୍ ମଧ ୨୦ ଓଭରରେ ୨ ଉଇକେଟ ହରାଇ ୨୨୬ ରନ ସଂଗ୍ରହ କରିଥିଲା। ଫଳରେ ସୁପର ଓଭର ଖେଳାଯାଇଥିଲା। ସେଥିରେ ମଧ ମ୍ୟାଚ ବରାବର ରହିଥିଲା। ପୁଣି ବୋଲ ଆଉଟ୍ ସହାୟତା ନିଆଯାଇଥିଲା। ସେଥିରେ ମଧ ଉଭୟ ଦଳ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରି ମ୍ୟାଚକୁ ବରାବର ସ୍ଥିତିକୁ ଆଣିଥିଲେ। ପରେ ଦୁଇ ଦଳର ଅଧିନାୟକ, ଅମ୍ପାୟାର ଓ ମ୍ୟାଚ ରେଫରିଙ୍କୁ ନେଇ ବୈଠକ ବସିଥିଲା। ସର୍ବାଧିକ ବାଉଣ୍ଡରୀ ପାର କରିଥିବା ଦଳକୁ ବିଜୟ ଘୋଷଣା କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। କାଇପଦର ୩୦ଟି ଏବଂ ଯାଁଳା ଦଳ ୨୯ଟି ବାଉଣ୍ଡରି ହାସଲ କରିଥିଲା। କାଇପଦର ଟିମ୍ ବିଜୟୀ ହୋଇଥିଲା। ସନ୍ତୋଷ ସେନାପତି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସତ୍ୟଜିତ ସାହୁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଦୋକାନରୁ ଚୋରି କରି ଜଣେ ଗିରଫ

ଜଟଣୀ,୨୭।୧୨(ଡି.ଏନ୍.ଏ.)

ଗହଣା ଓ ଲୁଗା ଦୋକାନରୁ ଚୋରି କରିବା ଅଭିଯୋଗରେ ଜଟଣୀ ଥାନା ପୋଲିସ ମଙ୍ଗଳବାର ଜଣଙ୍କୁ ଗିରଫ କରିଛି। ସେ ହେଲେ ଛତିଶଗଡ଼ ଯାଞ୍ଜଗିରି ଜିଲାର ବିଶ୍ୱନାଥ ଧୀୱାର। ତାଙ୍କ ନିକଟରୁ ଇମିଟେସନ ଗହଣା ଏବଂ ୭୫୦୦ ଟଙ୍କା ଜବତ ହୋଇଛି। ଜଟଣୀ ମେଡିକାଲ ରୋଡ୍‌ସ୍ଥିତ ସାଇ ମହାବୀର ଗହଣା ଦୋକାନରୁ ଗତ ୨୩ ତାରିଖ ରାତିରେ ଚୋରି ହୋଇଥିବା ବେଳେ ୨୧ ତାରିଖରେ ସ୍ଥାନୀୟ ବାଲାଜୀ ଶୋରୁମରୁ ଚୋରି ହୋଇଥିଲା। ତେବେ ଗହଣା ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜକୁ ଆଧାର କରି ପୋଲିସ ରେଳ ଷ୍ଟେଶନ ଅଞ୍ଚଳରୁ ବିଶ୍ୱନାଥଙ୍କୁ ଗିରଫ କରିଥିଲା। ଏ ସମ୍ପର୍କରେ ପୋଲିସ ଦୁଇଟି ମାମଲା (ନଂ. ୪୫୯, ୪୬୫/୨୨) ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।


**ଖୋର୍ଦ୍ଧା:** ସର୍ବଭାରତୀୟ ଓପନ କରାଟେ ପ୍ରତିଯୋଗିତାରେ ପଦକ ହାସଲ କରିଥିବା ଉତ୍କଳ କରାଟେ ସ୍କୁଲ ଖୋର୍ଦ୍ଧାର ଛାତ୍ରୀଛାତ୍ରମାନେ।

## ଖୋର୍ଦ୍ଧାକୁ ୪୨ ପଦକ

ଖୋର୍ଦ୍ଧା ଅଫିସ,୨୭।୧୨

ଉତ୍କଳ କରାଟେ ସ୍କୁଲ ଭୁବନେଶ୍ୱରରେ ତିନିଦିନ ଧରି ଚାଲିଥିବା ସର୍ବଭାରତୀୟ ଓପନ କରାଟେ ପ୍ରତିଯୋଗିତାରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଉତ୍କଳ କରାଟେ ସ୍କୁଲ ଖୋର୍ଦ୍ଧା ୨୮ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୧୧ଟି ସ୍ୱର୍ଣ୍ଣ, ୧୦ଟି ରୌପ୍ୟ, ୨୧ଟି କାଂସ୍ୟ ମୋଟ୍ ୪୨ଟି ପଦକ ହାସଲ କରିଛନ୍ତି। ପ୍ରତିଯୋଗିତାରେ ସଫଳ ପାଇଁ ଉତ୍କଳ କରାଟେ ସ୍କୁଲ ଟିମ୍ ମ୍ୟାନେଜର ମୂର୍ଚ୍ଛନା ସୁବୁଦ୍ଧି ଓ ସେନସୋଇ ଦୀପକ ସାମନ୍ତରାୟଙ୍କୁ ପ୍ରତିଯୋଗୀମାନେ ଧନ୍ୟବାଦ ଜଣାଇଛନ୍ତି।

## ଏକାଦଶ କୃଷି ଗଣନାର ଜିଲା ସମନ୍ୱୟ କମିଟି ବୈଠକ

ଖୋର୍ଦ୍ଧା ଅଫିସ,୨୭।୧୨

ଏକାଦଶ କୃଷି ଗଣନାର ପ୍ରଥମ ପର୍ଯ୍ୟାୟର କ୍ଷେତ୍ର କାର୍ଯ୍ୟ କିପରି ସୁଚାରୁରୂପେ ହୋଇପାରିବ ସେନେଇ ମଙ୍ଗଳବାର ଜିଲାସ୍ତରୀୟ ସମନ୍ୱୟ କମିଟି ବୈଠକ ଜିଲାପାଳଙ୍କ ସଦ୍‌ଭାବନା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଅଧ୍ୟକ୍ଷତା କରିଥିଲେ। ଏକାଦଶ କୃଷି ଗଣନାର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ୧୬୬୯ ଗ୍ରାମରେ ଶତପ୍ରତିଶତ କୃଷି ଗଣନା କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ବିଭାଗର କ୍ଷେତ୍ର କର୍ମଚାରୀ ଏବଂ ତହସିଲଦାରମାନଙ୍କର କ୍ଷେତ୍ର କର୍ମଚାରୀ ଅମିନ. ଏଆରଆଇଙ୍କୁ ନିୟୋଜିତ କରିବା ପାଇଁ ଅନୁରୋଧ କରାଯାଇଛି ବୋଲି ଜିଲା କୃଷି ଅଧିକାରୀ ଜଣାଇଥିଲେ। କ୍ଷେତ୍ର କାର୍ଯ୍ୟ ପାଇଁ ଅନୁସନ୍ଧିତ୍ସୁମାନଙ୍କର ଜିଲାସ୍ତରୀୟ ଟ୍ରେନିଂ ଜାନୁୟାରୀ ପ୍ରଥମ ସପ୍ତାହରେ ଶେଷ କରିବାକୁ ଏବଂ ଅନୁସନ୍ଧିତ୍ସୁମାନଙ୍କୁ ମୋବାଇଲ ଆପ୍ ଯୋଗାଇଦେବା ସଙ୍ଗେ ସଙ୍ଗେ ତୁରନ୍ତ କ୍ଷେତ୍ର କାର୍ଯ୍ୟ ଆରମ୍ଭ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

## ନଡ୍ଡାଙ୍କ ଗସ୍ତ ପାଇଁ ପ୍ରସ୍ତୁତି ଜୋରଦାର



ବାଣପୁର/ଗମ୍ଭାରୀମୁଣ୍ଡା, ୨୭।୧୨(ଡି.ଏନ୍.ଏ.)

ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି ନଡ୍ଡା ବୁଧବାର ଖୋର୍ଦ୍ଧା ଜିଲା ଚିଲିକା ନିର୍ବାଚନମଣ୍ଡଳୀ ଅଧୀନ ବାଣପୁର ଏବଂ ନାଚୁଣୀ ଗସ୍ତରେ ଆସିବେ। ଏନେଇ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମଙ୍ଗଳବାର ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ଡା.ସମ୍ବିତ ପାତ୍ର, ରାଜ୍ୟ ଭାଜପା ପ୍ରଭାରୀ ଡି.ପୁରନ୍ଦେଶ୍ୱରୀ, ରାଜ୍ୟ ଭାଜପା ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ପ୍ରମୁଖ ବାଣପୁର ପଲଟଣ ପଡ଼ିଆସ୍ଥିତ ସଭାସ୍ଥଳ, ହେଲିପ୍ୟାଡ୍, ଭଗବତୀ ମନ୍ଦିର ରାସ୍ତା ଏବଂ ନାଚୁଣୀ ସ୍ଥିତ ମିନି ଷ୍ଟାଡିୟମ ବୈଠକ ସ୍ଥଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ରାଷ୍ଟ୍ରୀୟ ଅଧ୍ୟକ୍ଷ ନଡ୍ଡା ବୁଧବାର ଅପରାହ୍ନ ୩ଟା ୩୦ରେ ହେଲିକ୍ୟାପଟରରେ ବାଣପୁର ପଲଟଣ ପଡ଼ିଆରେ ଓହ୍ଲାଇବା ପରେ ସେଠାରେ ଆୟୋଜିତ ସଭାରେ ଉଦ୍‌ବୋଧନ ଦେବେ। ଏହାପରେ ଅପରାହ୍ନ ୫ଟାରେ ମା'ଭଗବତୀ ମନ୍ଦିର ଦର୍ଶନ ସାରି ନାଚୁଣିସ୍ଥିତ ମିନି ଷ୍ଟାଡ଼ିୟମ ପରିସରରେ ଆୟୋଜିତ ବୈଠକରେ ଦଳୀୟ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିବେ। ନଡ୍ଡାଙ୍କ ଗସ୍ତକୁ ନେଇ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସଭାସ୍ଥଳ ନିକଟ ୫ଟି ସ୍ଥାନରେ ବାଣପୁର ତହସିଲଦାର କୁଞ୍ଜବିହାରୀ ବଡ଼ଜେନା, ଚିଲିକା ତହସିଲଦାର ପ୍ରଦୀପ କୁମାର ସାହ. ବାଣପୁର ବିଡିଓ ବୁଲବୁଲ ବେହେରା, ଚିଲିକା ବିଡିଓ ଜଗଦୀଶ ଷଡ଼ଙ୍ଗୀ ଓ ଟାଙ୍ଗୀ ବିଡିଓ ଐଶ୍ୱର୍ଯ୍ୟା ସାମନ୍ତରାୟ ଉପସ୍ଥିତ ରହି ସ୍ଥିତି ଉପରେ ନଜର ରଖିବେ। ଜଣେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ୫ଜଣ ଡିଏସ୍‌ପି, ୧୦ଜଣ ଇନ୍‌ସ୍ପେକ୍ଟର, ୧୭ଜଣ ସବଇନ୍‌ସ୍ପେକ୍ଟର, ୧୮ଜଣ ଏଏସ୍‌ଆଇ, ୯୦ଜଣ କନଷ୍ଟେବଲ, ୫୭ଜଣ ହୋମଗାର୍ଡଙ୍କ ସମେତ ୭ପ୍ଲାଟୁନ ପୋଲିସ୍ ଫୋର୍ସ ନିୟୋଜିତ ରହିବେ। ସେହିପରି ଗାଡି ପାର୍କିଂ ପାଇଁ ୭ଟି ସ୍ଥାନ ଚିହ୍ନିରାଇ ପଡିଆ, ମାଟିଆପୋଖରୀ ପଡିଆ, ନନ୍ଦ କିଶୋର ମିଶ୍ରଙ୍କ ଗୃହ ସମ୍ମୁଖ ପଡିଆ, ଗୁପ୍ତେଶ୍ୱର ମନ୍ଦିର ପଡିଆ, ସାନ ହନ୍ତୁଆଡ଼ ପଡିଆ, ପେଟ୍ରୋଲ ପମ୍ପ ପାର୍ଶ୍ୱବତୀ ପଡିଆ ଏବଂ ବାଲି ଡିପୋରେ ବ୍ୟବସ୍ଥା କରାଯାଇଛି। ନଡ୍ଡାଙ୍କ ଭଗବତୀ ମନ୍ଦିର ଗସ୍ତ ସମୟରେ ସୁରକ୍ଷା ଦୃଷ୍ଟିରୁ ବାଣପୁର ବଜାର ବନ୍ଦ ରହିବ ବୋଲି ବାଣପୁର ଆଇଆଇସି ଜୟପ୍ରକାଶ ପରିଡ଼ା କହିଛନ୍ତି।

## ସୀମା ସଶସ୍ତ୍ର ବଳ ସିଲିଗୁଡ଼ି ସେମିଫାଇନାଲରେ

ଟାଙ୍ଗୀ(ଖୋର୍ଦ୍ଧା),୨୭।୧୨(ଡି.ଏନ୍.ଏ.)

କୁହୁଡ଼ି ମହାବୀର ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ମଙ୍ଗଳବାର ଇମାମି ଇଷ୍ଟ ବେଙ୍ଗଲ ଏବଂ ସୀମା ସଶସ୍ତ୍ର ବଳ ସିଲିଗୁଡି ମଧ୍ୟରେ ମ୍ୟାଚ୍ ହୋଇଥିଲା। ସିଲିଗୁଡି ଦଳ ୧-୦ ଗୋଲରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ସୁବ୍ରତ ପୁରୋହିତ, ପ୍ରଶାନ୍ତ କୁମାର ପାଲ, ଶେଖାୱତ ଖାଁ, ଶଶିକାନ୍ତ ଦାସିଆ ମ୍ୟାଚ ପରିଚାଳନା କରିଥିଲେ। ମ୍ୟାଚ କମିଶନର ଥିଲେ ଅପର୍ତି ବେହେରା। ଅତିଥିଭାବେ ଟାଙ୍ଗୀ ବିଡିଓ ଐଶ୍ୱର୍ଯ୍ୟା ସାମନ୍ତରାୟ, ପଞ୍ଚାୟତ ସମିତି ଅଧକ୍ଷା ରିସ୍ମା ମାନ୍ଧାତା, ବରିଷ୍ଠ କ୍ରୀଡ଼ା ପ୍ରଶିକ୍ଷକ ବିଜୟ କୁମାର ରାଉତ, ଜଗନ୍ନାଥ ସଂସ୍କୃତି ଗବେଷକ ଡ. ଚନ୍ଦ୍ରଶେଖର ଦାସ, ପରିଚାଳନା ସମ୍ପାଦକ କମଳାକାନ୍ତ ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ସିଲିଗୁଡି ଦଳର ଦିମାଲୁ ଓ ଇଷ୍ଟ ବେଙ୍ଗଲର ବାପି ରୟଙ୍କୁ ସମ୍ମାନିତ କରାଯାଇଥିଲା। ବୁଧବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ତ୍ରିଶୁର ଫୁଟବଲ କ୍ଲବ ସହ ଇମାମି ଇଷ୍ଟ ବେଙ୍ଗଲ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ମନୋଜ କୁମାର ମାନସିଂହ ସୂଚନା ଦେଇଛନ୍ତି।


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିଙ୍କ ସହ ଅନ୍ୟମାନେ।

## ଦଳୀୟ ସଙ୍ଗଠନ ମଜଭୁତ କରିବାକୁ ଆହ୍ୱାନ

ବୋଲଗଡ଼,୨୭।୧୨(ଡି.ଏନ.ଏ)

**ବିଜେଡି ପ୍ରତିଷ୍ଠା ଦିବସ**

- ବିଧାୟକ ଓ ବ୍ଲକସ୍ତରୀୟ ବିଜେଡି ନେତାଙ୍କ ଅନୁପସ୍ଥିତି ନେଇ ଚର୍ଚ୍ଚା

ବୋଲଗଡ଼ ନନ୍ଦିଘୋଷ ଭବନଠାରେ ମଙ୍ଗଳବାର ବିଜେଡିର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏଥିରେ ସ୍ଥାନୀୟ ବିଧାନସଭା ନିର୍ବାଚନମଣ୍ଡଳୀର ବୋଲଗଡ ଓ ବେଗୁନିଆ ବ୍ଲକ ଅଞ୍ଚଳର ବିଜେଡି ସମର୍ଥକ ଓ କର୍ମକର୍ତ୍ତା ମାନେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ଦଳୀୟ ପ୍ରମୁଖ କର୍ମୀ ପ୍ରମୋଦ କୁମାର ସାହୁଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଥିଲା। ଆୟୋଜିତ ସାଧାରଣ ସଭାରେ ବେଗୁନିଆ ବ୍ଲକ ବିଜେଡି ସଭାପତି ତଥା ଜିଲା ପରିଷଦ ସଭ୍ୟ ଅନାଦି ସାହୁ ସଭାପତିତ୍ୱ କରିଥିବା ବେଳେ ବେଗୁନିଆ ବ୍ଲକ ଯୁବ ସଭାପତି ବିଭୁତି ମହାନ୍ତି ସଭା ପରିଚାଳନା କରିଥିଲେ। ଅତିଥିଭାବେ ସାମାଜିକ କର୍ମୀ ରବୀନ୍ଦ୍ର କୁମାର ପରିଡ଼ା ସମାରୋହକୁ ଉଦ୍‌ଘାଟନ କରିଥିଲେ । ବୋଲଗଡ଼ ସରପଞ୍ଚ ଗୀତାଞ୍ଜଳୀ ସାହୁ, ସମିତି ସଭ୍ୟା ନିର୍ମଳା ପ୍ରଧାନ, ଗେଡିଆପଲ୍ଲୀ ସମିତି ସଭ୍ୟ ରଞ୍ଜନ ପଣ୍ଡା, ଡାବରଧୁଆ ପାଟଣା ସମିତି ସଭ୍ୟା ନାଣ୍ଡି ଦେଇ, ଗୋଲଖ ରାଉତ, ଶରତ ଜୟସିଂହ, ବିଜୟ କୁମାର ଲେଙ୍କା, ଗୌତମ ସ୍ୱାଇଁ, ବ୍ଲକ ମହିଳା ସଭାନେତ୍ରୀ ଶୈଳବାଳା ବହିନୀପତି, ଶ୍ରୀନିବାସ ରାୟ, ସଉରି ସାହୁ, ବସନ୍ତ କୁମାର ମହାପାତ୍ର, ବେଗୁନିଆ ପଞ୍ଚାୟତ ସମିତି ସଭ୍ୟ ପ୍ରକାଶ ବଳିୟାରସିଂହ, ଖୋର୍ଦ୍ଧା ଜିଲା ବିଜେଡି ଛାତ୍ର ସଭାପତି ବିଶ୍ୱଦୀପ ପ୍ରଧାନ, ରବୀନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଦଳୀୟ ସଙ୍ଗଠନକୁ ମଜଭୁତ କରାଯିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଜନହିତକର କାର୍ଯ୍ୟକ୍ରମକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ କହିଥିଲେ। ତେବେ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକଙ୍କ ସମେତ ବୋଲଗଡ଼ ବ୍ଲକ ଦଳୀୟ ସଭାପତି, ଯୁବ ସଭାପତିଙ୍କ ସମେତ ପ୍ରମୁଖ କର୍ମକର୍ତ୍ତାଙ୍କ ଅନୁପସ୍ଥିତିକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି।।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ବିଜେଡି ନେତା ଓ କର୍ମୀମାନେ।

# ପର୍ଯ୍ୟଟନସ୍ଥଳରୁ ଉଠୁନି ଅଳିଆ



ଖୋର୍ଦ୍ଧା ଅଫିସ,୨୭।୧୨

**ବରୁଣେଇ ପୀଠ**

ଖୋର୍ଦ୍ଧା ଜିଲାର ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ର ମଧ୍ୟରେ ବରୁଣେଇ ଅନ୍ୟତମ। ଏଠାରେ ବର୍ଷସାରା ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ବିଶେଷକରି ଡିସେମ୍ବର, ଜାନୁୟାରୀ ମାସରେ ପ୍ରବଳ ପର୍ଯ୍ୟଟକଙ୍କ ସମାଗମ ହୋଇଥାଏ। ପର୍ଯ୍ୟଟକମାନେ ବୁଲାବୁଲି କରିବା ସହ ଭୋଜି କରିଥାନ୍ତି। ଏବେ ପର୍ଯ୍ୟଟକଙ୍କ ଭିଡ଼ ଜମୁଥିବା ବେଳେ ପର୍ଯ୍ୟଟନସ୍ଥଳ ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ଚାରିଆଡ଼େ କୁଢ଼ କୁଢ଼ ଅଳିଆ ଆବର୍ଜନା ପଡ଼ିରହିଛି। ସଫେଇ ନ ହେବାରୁ ପଚିଶଢ଼ି ଦୁର୍ଗନ୍ଧ ହେଉଛି। ଅନ୍ୟପଟେ ବରୁଣେଇ ପରିସର ଓ ଅଳିଆ କୁଣ୍ଡ ସଫେଇ ହେଉ ନ ଥିବାରୁ ମଶାଙ୍କ ପ୍ରାଦୁର୍ଭାବ ବଢ଼ିଛି। ଫଳରେ ଏଠାକୁ ପରିବାର ସହ ପିକ୍‌ନିକ୍ ଲାଗି ଆସୁଥିବା ପର୍ଯ୍ୟଟକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, ବରୁଣେଇଠାରେ ମା' ବରୁଣେଇ ଓ କରୁଣେଇଙ୍କ ପୀଠ ରହିଛି। ମା'ଙ୍କ ମହିମା ଓ ଏଠାକାର ପ୍ରାକୃତିକ ପରିବେଶ ଭକ୍ତ ଏବଂ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ବରୁଣେଇ ପର୍ଯ୍ୟଟନ କ୍ଷେତ୍ର ମାନଚିତ୍ରରେ ସ୍ଥାନ ପାଇଛି। ତେବେ ଏହାର ସ୍ୱଚ୍ଛତା ଓ ରକ୍ଷଣାବେକ୍ଷଣ ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ଏଠାରେ ବିବାହ ଭୋଜି ଆୟୋଜନ ଲାଗି ପୌର ପ୍ରଶାସନ ଅଧୀନରେ ଦୁଇଟି ମଣ୍ଡପ ରହିଛି। ବିବାହ ଉତ୍ସବ ଆୟୋଜନ ଏବଂ ବଣଭୋଜି ଲାଗି ପୌର ପ୍ରଶାସନ ପକ୍ଷରୁ ଟିକସ ଆଦାୟ କରାଯାଉଛି। ତେବେ ବର୍ଷସାରା ଆଦାୟ ହେଉଥିବା ଅର୍ଥ କେଉଁ ବାବଦରେ ଖର୍ଚ୍ଚ ହେଉଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଜିଲାର ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ର ପ୍ରତି ପ୍ରଶାସନ ପକ୍ଷରୁ ଅବହେଳା କରାଯାଉଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

**ଏମାନେ ଯାହା କୁହନ୍ତି...**

"ଚିଲିକା ବୁଲି ସାରି ବରୁଣେଇରେ ବଣଭୋଜି କରିବାକୁ ଆସିଥିଲୁ। ଏହାର ଚାରିଆଡେ ଅଳିଆ ଆବାର୍ଜନା ଗଦା ହୋଇ ରହିଛି। ଏହାକୁ ସଫା କରାଯାଉନାହିଁ। ଫଳରେ ଅଳିଆ ମଧ୍ୟରେ ରୋଷଇ କରିବାକୁ ବାଧ ହୋଇଥିଲୁ।

- ସସ୍ମିତା ଦାସ, ପର୍ଯ୍ୟଟକ

"ବରୁଣେଇ ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳ ହୋଇଥିବାରୁ ସାଙ୍ଗସାଥିଙ୍କ ସହ ବୁଲିବାକୁ ଆସିଥିଲୁ। ତେବେ ଏହାର ପରିବେଶ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ଏହାର ପରିବେଶକୁ ଦେଖିଲେ ଲାଗୁଛି ସ୍ୱଚ୍ଛ ଭାରତ ଯୋଜନା ଏଠାରେ କୌଣସି ପ୍ରଭାବ ନାହିଁ।

- ଶୁଭମ ବେହେରା, ଇଞ୍ଜିନିୟରିଂ ଛାତ୍ର

"ଜିଲାର ପର୍ଯ୍ୟଟନକ୍ଷେତ୍ର ଗୁଡିକ ଅବହେଳିତ ଅବସ୍ଥାରେ ରହିଛି। ଭିତ୍ତିଭୂମି ସଜାଡିବା ଲାଗି କୌଣସି ଗୁରୁତ୍ୱ ଦିଆଯାଉନାହିଁ। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ଜରୁରୀ ହୋଇପଡ଼ିଛି।

- ଶିଶିର ପରିଡା, ଆଇନଜୀବୀ

"ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ଉପରେ ଗୁରୁତ୍ୱ ଦିଆଯାଉଛି। ବର୍ତ୍ତମାନ ପର୍ଯ୍ୟଟନ ଋତୁ ଚାଲିଛି। ବରୁଣେଇ ପରିସରର ସ୍ୱଚ୍ଛତା ଓ ପରିମଳ ଉପରେ ଗୁରୁତ୍ୱ ଦିଆଯାଉଛି। ତୁରନ୍ତ ଅଳିଆ ଆବର୍ଜନା ସଫା କରିବା ଲାଗି ପୌର ପ୍ରଶାସନକୁ ପରାମର୍ଶ ଦିଆଯାଇଛି।

- କେ.ସୁଦର୍ଶନ ଚକ୍ରବର୍ତ୍ତୀ, ଜିଲାପାଳ

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମଧୁସୂଦନ ରାଓଙ୍କ ୧୧୦ତମ ଶ୍ରାଦ୍ଧୋତ୍ସବ, ରୂପାଲି ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସକାଳ ୮ଟା ୩୦।
- ସାରସ୍ୱତ ସମାଜ ସାହିତ୍ୟ ଅନୁଷ୍ଠାନର ସ୍ୱନକ୍ଷତ୍ର ଓ ସମ୍ବର୍ଦ୍ଧନା ସମାରୋହ, ଗୀତଗୋବିନ୍ଦ ସଦନ, ସକାଳ ୯ଟା।
- ଶ୍ରୀ ଶ୍ରୀମଦ୍ ସ୍ୱାମୀ ସ୍ୱରୂପାନନ୍ଦ ପରମହଂସ ଦେବଙ୍କ ଜନ୍ମୋତ୍ସବ, ଭୁବନେଶ୍ୱର ଅଖଣ୍ଡ ମଣ୍ଡଳୀ, ପ୍ଲଟ ନଂ. ୧୭୮, ୟୁନିଟ୍-୯, ସକାଳ ୯ଟା।
- ଆଶାବରୀ ସାଂସ୍କୃତିକ ସମାଜ ପକ୍ଷରୁ ଓଡ଼ିଶୀ ସଙ୍ଗୀତ ସମାରୋହ, ସୂଚନା ଭବନ, ପୂର୍ବାହ୍ନ ୧୦ଟା।
- ଆନ୍ତର୍ଜାତିକ ଓଡ଼ିଶୀ ନୃତ୍ୟ ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ପୂର୍ବାହ୍ନ ୧୦ଟା ୩୦।
- ଉତ୍କଳ ୟୁନିଭର୍ସିଟି ଅଫ୍ କଲ୍‌ଚର୍‌ର ନ୍ୟାଶନାଲ ସେମିନାର୍, ୟୁନିଭର୍ସିଟି ପରିସର, ପୂର୍ବାହ୍ନ ୧୧ଟା।
- ପ୍ରଭୁଜୀ ଇଂଲିଶ୍ ମିଡିୟମ୍ ସ୍କୁଲର ବାର୍ଷିକ ମହୋତ୍ସବ କ୍ରିୟାବାନ୍‌ସ, ସ୍କୁଲ ପରିସର, ଅପରାହ୍ନ ୫ଟା ୩୦।
- ପେନ୍ ଇନ୍ ବୁକ୍ ବନ୍ଦନା ପଣ୍ଡାଙ୍କ ଗଳ୍ପ ସଂକଳନ ଫେରନ୍ତାଗାଡ଼ି ଓ ଅନ୍ୟାନ୍ୟ ଗଳ୍ପ ଆଲୋଚନା ସଭା, ହୋଟେଲ ଶୀତଳ, ବାଣୀବିହାର ଛକ, ସନ୍ଧ୍ୟା ୬ଟା।
- ସଙ୍ଗୀତ ଭାରତୀର ବାର୍ଷିକ ଉତ୍ସବ, ସୂଚନା ଭବନ, ସନ୍ଧ୍ୟା ୬ଟା ୧୫।

# 'ପରିବର୍ତ୍ତନ ପାଇଁ ପ୍ରଯୁକ୍ତିବିଦ୍ୟାର ଆବଶ୍ୟକତା ରହିଛି'

### ବିପିୟୁଟି ଏକାଡେମିକ ମିଟ୍

ଭୁବନେଶ୍ୱର,୨୭।୧୨(ବ୍ୟୁରୋ)

ଏକବିଂଶ ଶତାବ୍ଦୀରେ ପରିବର୍ତ୍ତନ ପାଇଁ ପ୍ରଯୁକ୍ତିବିଦ୍ୟାକୁ ଧ୍ୟାନ ଦେବାର ଆବଶ୍ୟକତା ରହିଛି। ପ୍ରଯୁକ୍ତିବିଦ୍ୟା ଆମ ସମାଜର ପ୍ରତ୍ୟେକ ଅଂଶ ଉପରେ ପ୍ରାଧାନ୍ୟ ବିସ୍ତାର କରୁଛି। ସଭ୍ୟତାର ଭବିଷ୍ୟତ ହିଁ ଶିକ୍ଷାର ଦିଗ ଓ ଗୁଣବତ୍ତା ଉପରେ ନିର୍ଭର କରେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ମଙ୍ଗଳବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ବିଜୁ ପଟ୍ଟନାୟକ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି (ବିପିୟୁଟି)ର ଏକାଡେମିକ ମିଟ୍‌ରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ 'ନୂତନ ଶିକ୍ଷାନୀତି ୨୦୨୦ରେ ବୈଷୟିକ ତଥା ବୃତ୍ତିଗତ ଶିକ୍ଷାର ରୂପାନ୍ତର' ଉପରେ ମତ ରଖିଥିଲେ। ସେ କହିଲେ, ଜାତୀୟ ଶିକ୍ଷା ନୀତି ୨୦୨୦ ଏକ ଅର୍ଥପୂର୍ଣ୍ଣ ପ୍ରୟାସ ଏବଂ ଶିକ୍ଷାର ସମସ୍ତ ସ୍ତରରେ ଦିଗ ସ୍ଥିର କରିଛି। ବିଶିଷ୍ଟ ବୈଜ୍ଞାନିକ କେ. କସ୍ତୁରୀରଙ୍ଗନଙ୍କ ଦ୍ୱାରା ପ୍ରସ୍ତୁତ ଏହି ନୀତି ଆମର ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାକୁ ଲକ୍ଷ୍ୟ ରଖିଛି। ଏହି ବୈଠକ ଶିକ୍ଷା ନୀତି ମଧ୍ୟରେ ନୂତନ ନୀତି ଉପରେ ସଚେତନତା ଆଣିବାରେ ସାହାଯ୍ୟ କରିବ। ବୈଷୟିକ ଶିକ୍ଷାର ରୂପାନ୍ତର ପ୍ରୟାସରେ ରାଜ୍ୟ ସରକାର ସମସ୍ତ ଆବଶ୍ୟକ ସହାୟତା ଯୋଗାଇବାକୁ ପ୍ରସ୍ତୁତ ବୋଲି ସେ କହିଛନ୍ତି।

ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡ଼େଇ ଯୋଗଦେଇ ୫-ଟି ପ୍ରୟୋଗ ଦ୍ୱାରା ବିଭିନ୍ନ କ୍ଷେତ୍ରରେ ରାଜ୍ୟରେ ହୋଇଥିବା ପରିବର୍ତ୍ତନ ବିଷୟରେ କହିଥିଲେ। ବିପିୟୁଟି କୁଳପତି ପ୍ରଫେସର ବଂଶୀଧର ମାଝି ସ୍ୱାଗତ ଭାଷଣ ଓ ରେଜିଷ୍ଟ୍ରାର ଧନ୍ୟବାଦ ଦେଇଥିଲେ। ୫-ଟି ସଚିବ ଭି.କେ. ପାଣ୍ଡିଆନ୍, ମୁଖ୍ୟ ସଚିବ ଉଷା ପାଢ଼ୀ, ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ୍ କରମଲ୍‌କର, ଆଇଆଇଏସ୍‌ସି ବେଙ୍ଗାଲୁରୁର ପୂର୍ବତନ ପ୍ରଫେସର ଏନ୍.ସି. ଶିବପ୍ରକାଶ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏସ୍.କେ. ନାୟକ ଏବଂ ପେରି ଏଣ୍ଟରପ୍ରାଇଜେସ୍‌ର ସିଇଓ ଆର୍.ଆର୍. ମହାପାତ୍ର ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ବିଶ୍ୱବିଦ୍ୟାଳୟର ନୂତନ ଶିକ୍ଷା ନୀତି କାର୍ଯ୍ୟକାରୀ କରିବା ଏବଂ ଏହାର ବିଭିନ୍ନ ଦିଗ ଯେପରିକି ବହୁ-ଶୃଙ୍ଖଳିତ ପାଠ୍ୟକ୍ରମର ପ୍ରବର୍ତ୍ତନ, ଅନୁସନ୍ଧାନ, ଇନୋଭେଶନ ଏବଂ ର୍‍ୟାଙ୍କିଙ୍ଗରେ ଉନ୍ନତି ଆଣିବା, ଦକ୍ଷତା ବୃଦ୍ଧି, ବୈଷୟିକ ପାଇଁ ବ୍ୟାପକ ଢାଞ୍ଚା ସୃଷ୍ଟି ପାଇଁ ଯୋଜନା ରହିଛି। ବୈଷୟିକ ଶିକ୍ଷାରେ ସ୍ଥାନୀୟ ଭାଷାକୁ ମଧ୍ୟ ଗୁରୁତ୍ୱ ଦିଆଯିବ ବୋଲି ବିପିୟୁଟି ପକ୍ଷରୁ ସୂଚନା ଦିଆଯାଇଛି।



ଲୋକସେବା ଭବନ ସମ୍ମିଳନୀ କକ୍ଷରେ ବିପିୟୁଟିର ଏକାଡେମିକ ମିଟ୍‌ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

# ମହିଳା ଟ୍ରାଫିକ୍ କର୍ମଚାରୀଙ୍କ ମହାନତା

### ଦୁର୍ଘଟଣାଗ୍ରସ୍ତଙ୍କୁ ପ୍ରାଥମିକ ଚିକିତ୍ସା କଲେ

ଭୁବନେଶ୍ୱର, ୨୭।୧୨ (ବ୍ୟୁରୋ)

ଭୁବନେଶ୍ୱର ନାଲ୍‌କୋ ଛକରେ କାର୍ଯ୍ୟରତ ମହିଳା ଟ୍ରାଫିକ କର୍ମଚାରୀ ସନ୍ତୋଷୀ ମଲ୍ଲିକ ମଙ୍ଗଳବାର ମହାନତା ଦେଖାଇଛନ୍ତି। ସେ ଜଣେ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ଚିକିତ୍ସା ଯୋଗାଇ ଉପସ୍ଥିତ ଲୋକଙ୍କ ହୃଦୟ ଜିଣିଛନ୍ତି। ତେବେ ଆହତ ବ୍ୟକ୍ତି ଜଣଙ୍କ ପରିଚୟ ଜଣାପଡ଼ିନାହିଁ। ସୂଚନା ଅନୁଯାୟୀ, ମଙ୍ଗଳବାର ଅପରାହ୍ନରେ ସନ୍ତୋଷୀ ଡ୍ୟୁଟି କରୁଥିବାବେଳେ ଉକ୍ତ ପଥଚାରୀଙ୍କୁ ଏକ ଗାଡ଼ି ଧକ୍କା ଦେବାରୁ ସେ ତଳେ ପଡ଼ିଯାଇଥିଲେ। ତାଙ୍କର ମୁଣ୍ଡ ଫାଟିଯାଇ ରକ୍ତସ୍ରାବ ହୋଇଥିଲା। ସନ୍ତୋଷୀ ତୁରନ୍ତ ତାଙ୍କୁ ଉଠାଇ ସୁରକ୍ଷିତ ସ୍ଥାନକୁ ନେଇ ମୁଣ୍ଡରେ କପଡ଼ା ଭିଡ଼ିବା ସହ ଔଷଧ ଲଗାଇ ପ୍ରାଥମିକ ଚିକିତ୍ସା କରାଇଥିଲେ। ପରେ ମେଡିକାଲ ପଠାଇଥିଲେ। ତେବେ କେହି ଏହା ଭିଡିଓ ଶୁଟ୍ କରି ସୋସିଆଲ ମିଡିଆରେ ଛାଡ଼ିଥିଲେ। ଏହା ଏବେ ଭାଇରାଲ ହୋଇଥିବାବେଳେ ବିଭିନ୍ନ ମହଲରେ ସମ୍ପୃକ୍ତ ଟ୍ରାଫିକ କର୍ମଚାରୀଙ୍କୁ ପ୍ରଶଂସା କରାଯାଉଥିବା ଦେଖାଯାଇଛି।



ଟ୍ରାଫିକ କର୍ମଚାରୀ ସନ୍ତୋଷୀ ମଲ୍ଲିକ ଆହତ ବ୍ୟକ୍ତିଙ୍କ ପ୍ରାଥମିକ ଚିକିତ୍ସା କରୁଛନ୍ତି।

## ନନ୍ଦନକାନନ ବୁଲିଲେ ୪୦,୨୭୬ ପର୍ଯ୍ୟଟକ

ବାରଙ୍ଗ,୨୭।୧୨(ଡି.ଏନ୍.ଏ.): ବଡ଼ଦିନଠାରୁ ନନ୍ଦନକାନନ ଓ ବଟାନିକାଲ ଗାର୍ଡେନରେ ପର୍ଯ୍ୟଟକଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ମଙ୍ଗଳବାରରେ ୪୦ହଜାର ୨୭୬ ପର୍ଯ୍ୟଟକ ନନ୍ଦନକାନନ ଆସିଥିବା ସୂଚନା ମିଳିଛି। ତେବେ ଅଫଲାଇନରେ ୩୬ହଜାର ୪୦୮, ଅନ୍‌ଲାଇନରେ ୩ହଜାର ୮୬୨ ପର୍ଯ୍ୟଟକ ଟିକେଟ ସଂଗ୍ରହ କରିଥିଲାବେଳେ ୬ଜଣ ଦିବ୍ୟାଙ୍ଗ ବିନା ଦେୟରେ ପ୍ରବେଶ କରିଥିଲେ ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ସଞ୍ଜିତ କୁମାର କହିଛନ୍ତି।

## ରମେଶଚନ୍ଦ୍ର ପରିଡ଼ା ପାଇବେ ଝୁମୁକା ପୁରସ୍କାର

ଭୁବନେଶ୍ୱର,୨୭।୧୨(ବ୍ୟୁରୋ): ସାହିତ୍ୟ ପତ୍ରିକା ଝୁମୁକା ପକ୍ଷରୁ ମଙ୍ଗଳବାର ଝୁମୁକା ପୁରସ୍କାର ୨୦୨୨ ଘୋଷଣା କରାଯାଇଛି। ବିଜ୍ଞାନ ଲେଖକ ପ୍ରଫେସର ରମେଶଚନ୍ଦ୍ର ପରିଡ଼ାଙ୍କୁ ଚଳିତ ବର୍ଷ 'ଝୁମୁକା ପୁରସ୍କାର' ପ୍ରଦାନ କରାଯିବ। ଏହା ବ୍ୟତୀତ ଲେଖିକା ତଥା ଅନୁବାଦିକା ଡ. ସଂଘମିତ୍ରା ଭଞ୍ଜ, ନଗେନ୍ଦ୍ରନାଥ ପଟ୍ଟନାୟକ ଓ ରବିନାରାୟଣ ସାହୁଙ୍କୁ 'ଝୁମୁକା ସାରସ୍ୱତ ସମ୍ମାନ'ରେ ସମ୍ମାନିତ କରାଯିବ। ଆସନ୍ତା ଡିସେମ୍ବର ୩୦ରେ ସ୍ଥାନୀୟ ବୁଦ୍ଧ ମନ୍ଦିରଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ପୁରସ୍କାର ଦିଆଯିବ।




ବିଶ୍ୱକପ୍ ହକିକୁ ସ୍ୱାଗତ ଜଣାଇ ଅଟୋ ମହାସଂଘ ପକ୍ଷରୁ ଆୟୋଜିତ ଶୋଭାଯାତ୍ରାକୁ ବିଏମ୍‌ସି ମେୟର ସୁଲୋଚନା ଦାସ ଓ ସିଏମ୍‌ସି ମେୟର ସୁବାସ ସିଂ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

# ବିଶ୍ୱକପ୍ ହକିକୁ ଶୋଭାଯାତ୍ରାରେ ସ୍ୱାଗତ

ଭୁବନେଶ୍ୱର, ୨୭।୧୨ (ବ୍ୟୁରୋ)

ଜାନୁୟାରୀରୁ ଆରମ୍ଭ ହେଉଛି ବିଶ୍ୱକପ୍ ପୁରୁଷ ହକି। ଏହାକୁ ସଫଳ କରାଇବା ସହ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ଏକ ଉଦାହରଣ ସୃଷ୍ଟି କରିବା ପାଇଁ ଜୋର୍‌ଦାର ପ୍ରସ୍ତୁତି ଚାଲିଛି। ରାଜ୍ୟରେ ଦ୍ୱିତୀୟଥର ପାଇଁ ବିଶ୍ୱକପ୍ ହକି ଆୟୋଜିତ ହେଉଥିବାରୁ ରାଜ୍ୟବାସୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳୁଛି। ଖେଳକୁ ଆଉ ୧୬ଦିନ ଥିବାବେଳେ ଏବେଠାରୁ ଉତ୍କଣ୍ଠା ଆରମ୍ଭ ହୋଇଗଲାଣି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଭୁବନେଶ୍ୱର ଅଟୋ ମହାସଂଘ ପକ୍ଷରୁ ଶୋଭାଯାତ୍ରା କରାଯାଇଥିଲା। ବିଏମ୍‌ସି ମେୟର ସୁଲୋଚନା ଦାସ ଏବଂ ସିଏମ୍‌ସି ମେୟର ସୁବାଷ ସିଂ ଏଥିରେ ଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ସ୍ୱାଗତ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରା ଆଚାର୍ଯ୍ୟ ବିହାରଠାରୁ ବାହାରି ବାଣୀବିହାର, ରାମ ମନ୍ଦିର, ରେଳ ଷ୍ଟେଶନ, ରାଜମହଲ, କଳିଙ୍ଗଷ୍ଟାଡିୟମ୍‌ରୁ ଜୟଦେବ ବିହାର ଯାଏ ଯାଇଥିଲା। ଏଥିସହ ଖେଳ ଦେଖିବାକୁ ବାହାରୁ ଆସିବାକୁ ଥିବା ପର୍ଯ୍ୟଟକ ଓ ଦର୍ଶକଙ୍କୁ ଭଲ ବ୍ୟବହାର ଦେଖାଇବା, ସେମାନଙ୍କୁ ବିଭିନ୍ନ ସେବା ଯୋଗାଇ ଉଚିତ ମୂଲ୍ୟ ବା ଟଙ୍କା ନେବା ସହ ଅଟୋଷ୍ଟାଣ୍ଡକୁ କିଭଳି ସ୍ୱଚ୍ଛ ରଖାଯିବ ସେଥିପ୍ରତି ସତର୍କ ରହିବାକୁ ମହାସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା।

ସୂଚନାଯୋଗ୍ୟ, ଜାନୁୟାରୀ ୧୩ରୁ ୨୯ ଯାଏ ବିଶ୍ୱକପ୍ ହକି ଅନୁଷ୍ଠିତ ହେବ। ଭୁବନେଶ୍ୱର ଓ ରାଉରକେଲାରେ ମ୍ୟାଚ୍ ଖେଳାଯିବ। ଏଥିରେ ୧୬ ଦେଶର ଟିମ୍ ଅଂଶଗ୍ରହଣ କରିବେ।

# ଅତିରିକ୍ତ ପୋଲିସ କମିଶନରଙ୍କ ଉପରେ ଟ୍ରାଫିକ୍ ଭାର

ଭୁବନେଶ୍ୱର, ୨୭।୧୨ (ବ୍ୟୁରୋ)

ଆସନ୍ତା ଜାନୁୟାରୀ ୧୩ରୁ ୨୯ ପର୍ଯ୍ୟନ୍ତ ଓଡ଼ିଶାରେ ହକି ବିଶ୍ୱକପ୍ ଅନୁଷ୍ଠିତ ହେବ। ରାଉରକେଲା ଓ ଭୁବନେଶ୍ୱରରେ ମ୍ୟାଚ୍ ଖେଳାଯିବାକୁ ଥିବାବେଳେ କମିଶନରେଟ ପୋଲିସ ପକ୍ଷରୁ ରାଜଧାନୀ ପାଇଁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏନେଇ ଟ୍ରାଫିକ ଡିସିପି ଠାକୁର ପ୍ରସାଦ ପାତ୍ର ଖବରଦାତା ସମ୍ମିଳନୀରେ ସୂଚନାଦେଇ କହିଛନ୍ତି, ଟ୍ରାଫିକ୍ ପରିଚାଳନା ପାଇଁ ୫ଜଣ ଡିଏସ୍‌ପିଙ୍କ ନେତୃତ୍ୱରେ ୧୮ଜଣ ଏସ୍‌ଆଇ/ଏଏସ୍‌ଆଇ ଏବଂ ୧୫ଜଣ କନଷ୍ଟେବଳ ନିୟୋଜିତ କରାଯାଇଛି। ସହରରେ ମୋଟ ୧୫ରୁ ୨୦ ପ୍ଲାଟୁନ୍ ଫୋର୍ସ ଟ୍ରାଫିକ ଦାୟିତ୍ୱରେ ରହିବେ। ଦାୟିତ୍ୱରେ ଥିବା ୫ଜଣ ଡିଏସ୍‌ପିଙ୍କୁ ବିଭିନ୍ନ ଅଞ୍ଚଳରେ ମୁତୟନ କରାଯାଇଛି। ବର୍ତ୍ତମାନ ସେମାନେ ବିଏମ୍‌ସି ଏଭିକ୍‌ଶନ୍ ଟିମ୍ ସହ ଟ୍ରାଫିକ୍ ପରିଚାଳନା କରୁଛନ୍ତି। ଅତିରିକ୍ତ କମିଶନର ଉମାଶଙ୍କର ଦାଶ ଟ୍ରାଫିକ ପରିଚାଳନାର ସମ୍ପୂର୍ଣ୍ଣ ଦାୟିତ୍ୱ ନେଇଛନ୍ତି। କୌଣସି ସ୍ଥାନରେ ଯେପରି ବେଆଇନ ପାର୍କିଂ, ଭେଣ୍ଡିଂ ଓ ଟ୍ରାଫିକ ସମସ୍ୟା ନ ଉପୁଜିବ ସେଥିପ୍ରତି ବ୍ୟବସ୍ଥା କରାଯାଉଛି।

### ହକି ବିଶ୍ୱକପ୍ ପାଇଁ ସ୍ୱତନ୍ତ୍ର ଟ୍ରାଫିକ୍ ବ୍ୟବସ୍ଥା




ଟ୍ରାଫିକ ପାଇଁ ଏକ କଣ୍ଟ୍ରୋଲ ରୁମ୍‌ର ବ୍ୟବସ୍ଥା ହୋଇଛି। ଏଥିସହ ଗୋଟିଏ ମିଡିଆ ସେଲ୍ ମଧ୍ୟ ରଖାଯିବ। କୌଣସି ସ୍ଥାନରେ ସମସ୍ୟା ହେଲେ ମିଡିଆ ସେଲ୍ ମାଧ୍ୟମରେ ନିକଟସ୍ଥ ଥାନାକୁ ଯୋଗାଯୋଗ କରାଯାଇପାରିବ। ଆମ୍ବୁଲାନ୍ସ ପାଇଁ ଗ୍ରୀନ୍ କରିଡର କରାଯିବ। ପ୍ରତ୍ୟେକ ହକି ଟିମ୍ ପାଇଁ ପାଇଲଟ ପ୍ରୋଟେକ୍ସନ ଯୋଗାଇ ଦିଆଯିବ। ସହରର ୭ସ୍ଥାନରେ ପାର୍କିଂ ବ୍ୟବସ୍ଥା କରାଯାଇଛି। ଲୋକଙ୍କ ଯାତାୟାତ ପାଇଁ ସମସ୍ୟା ନ ଉପୁଜିବା ଲାଗି ଦୃଷ୍ଟି ମଧ୍ୟ ଦିଆଯାଇଛି। ଏଥିସହ ସୋସିଆଲ ମିଡିଆ ଜରିଆରେ ଲୋକଙ୍କୁ ଟ୍ରାଫିକ ବ୍ୟବସ୍ଥା ନେଇ ସଚେତନ କରାଯିବ ବୋଲି ସେ କହିଛନ୍ତି।

## ମୁକ୍ତାକାଶ କାରାଶ୍ରମରେ କଏଦୀ ସଂଖ୍ୟା ହ୍ରାସ

ବାରଙ୍ଗ,୨୭।୧୨(ଡି.ଏନ୍.ଏ.)

ଯାମୁଝରିସ୍ଥିତ ବିଜୁ ପଟ୍ଟନାୟକ ମୁକ୍ତାକାଶ କାରାଶ୍ରମ ପରିସରରେ ଏବେ କଏଦୀ ସଂଖ୍ୟା ହ୍ରାସ ପାଇ ୨୮ରେ ପହଞ୍ଚିଛି। କିଛିଦିନ ପୂର୍ବେ କାରାଶ୍ରମରେ ୩୪ଜଣ କଏଦୀ ଥିଲେ। ଜଣେ କଏଦୀ ବେଲ୍‌ରେ ଚାଲିଯିବା ପରେ ଏମାନଙ୍କ ସଂଖ୍ୟା ହ୍ରାସ ପାଇ ୩୩ରେ ପହଞ୍ଚିଥିଲା। ଏହା ମଧ୍ୟରୁ ଦୁଇଜଣ କଏଦୀ ନବୀନ ପାତ୍ର ଓ ଜୁବୁଲ ଟିପୋ ଫେରାର ହୋଇଯାଇଥିଲେ। ସେହିଦିନ ସମ୍ବଲପୁରରୁ ଆସିଥିବା ବାସୁଦେବ ସାହୁ, ବଲାଙ୍ଗୀରରୁ ଆସିଥିବା ସୁରେନ୍ଦ୍ର ସା ଓ ବାରିପଦାରୁ ଆସିଥିବା ବ୍ରଜକିଶୋର ମହନ୍ତ ନାମକ କଏଦୀ ଜେଲ ପରିସରରେ ନିଶାସେବନ କରୁଥିବାର ଜଣାପଡିବାପରେ ସେମାନଙ୍କୁ ଆସିଥିବା ଜେଲକୁ ପୁନର୍ବାର ପ୍ରତ୍ୟାବର୍ତ୍ତନ କରାଯାଇଥିଲା। ଫଳରେ କଏଦୀ ସଂଖ୍ୟା ହ୍ରାସ ପାଇ ଏବେମାତ୍ର ୨୮ଜଣ ରହୁଛନ୍ତି। କମ୍ ସଂଖ୍ୟକ କଏଦୀ ରହିବା ଫଳରେ ପୂର୍ବଭଳି ଚାଷକାର୍ଯ୍ୟ ହୋଇପାରୁନାହିଁ କି ଆଭ୍ୟନ୍ତରୀଣ ସଫେଇ ଠିକ୍ ଭାବେ ହୋଇପାରୁ ନାହିଁ। ଏହି କାରାଶ୍ରମରେ ୧୨୫ଜଣ କଏଦୀ ରହିବାର ବ୍ୟବସ୍ଥା ଥିବାବେଳେ ମାତ୍ର ୨୮ଜଣଙ୍କୁ ରଖାଯାଇଛି।

# ଉଦ୍ୟମ ହେଉଛି ସଫଳତାର ମୂଳମନ୍ତ୍ର

### ପ୍ରଭୁଜୀର ୩୪ତମ ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୨୭।୧୨(ବ୍ୟୁରୋ)

ଭିଏସ୍‌ଏସ୍‌ନଗରସ୍ଥିତ ପ୍ରଭୁଜୀ ଇଂଲିଶ ମିଡିୟମ ସ୍କୁଲ୍‌ର ୩୪ତମ ବାର୍ଷିକ ଉତ୍ସବ ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ସବିତା ଆଚାର୍ଯ୍ୟ ଓ ସମ୍ମାନିତ ଅତିଥି ରୂପେ ଆଇଏଏସ୍ ଅଫିସର ମନୋଜ କୁମାର ପଟ୍ଟନାୟକ ଯୋଗଦେଇଥିଲେ। ଉଦ୍ୟମ ହିଁ ସଫଳତାର ମହାମନ୍ତ୍ର। ନିଷ୍ଠାର ସହ ଯେକୌଣସି କାର୍ଯ୍ୟକଲେ ସଫଳତା ନିଶ୍ଚିତ ପାଇବେ ବୋଲି ଅତିଥିମାନେ ଆଶୀର୍ବଚନ ଦେବା ପୂର୍ବକ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ବାବା ଶଙ୍କରା ନନ୍ଦ ଗିରିମହାରାଜ, ସମ୍ପାଦିକା ଡ. ବୀଣାପାଣି ରଥ, ପରିଚାଳନା ସମିତି ସଦସ୍ୟା ବୀଣାପାଣି ମହାପାତ୍ର ଓ କୋଷାଧ୍ୟକ୍ଷ ଶୋଭାକର ଦାସ ଫତେସିଂହ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଅଭୟ କୁମାର ରଥ ବିବରଣୀ ପାଠ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ର ତଥା ସିବିଏସ୍‌ଇ ଦ୍ୱାଦଶ ବିଜ୍ଞାନରେ ତନ୍ମୟୀ ତନୁସ୍ମିତା ଓ ଆଦ୍ୟାଶା ପଟ୍ଟନାୟକ, ବାଣିଜ୍ୟରେ ସ୍ୱସ୍ତିକା ପାଢୀ ଏବଂ କଳାରେ ଏନ୍. ବିଦ୍ୟାଶ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ଶିକ୍ଷକ କିଶୁଚାନ୍ଦ ପୃଷ୍ଟି ପରିଚୟ ଓ ବରିଷ୍ଠ ଶିକ୍ଷୟିତ୍ରୀ ଇନ୍ଦିରା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ରମାନେ ଶାସ୍ତ୍ରୀୟନୃତ୍ୟ, ଯୋଗ, ଦାଣ୍ଡିଆ, ପଲ୍ଲୀ, ରାଜସ୍ଥାନୀ ଓ ଗରବା ନୃତ୍ୟ ସହ ଓଡିଆ ଗୀତିନାଟ୍ୟ 'ଅଭିମନ୍ୟୁ ବଧ'କୁ ଅତି ସୁନ୍ଦର ଭାବେ ପରିବେଷଣ କରିଥିଲେ।




# ଓଡ଼ିଶୀ ନୃତ୍ୟର ମୌଳିକତା ବଜାୟ୍ ରଖିଥିଲେ ଧୀରେନ୍ଦ୍ରନାଥ

ଭୁବନେଶ୍ୱର,୨୭।୧୨(ବ୍ୟୁରୋ)

ଓଡ଼ିଶୀ ନୃତ୍ୟ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର କ୍ଷେତ୍ରରେ ସ୍ୱର୍ଗତ ଧୀରେନ୍ଦ୍ରନାଥ ପଟ୍ଟନାୟକଙ୍କ ଅବଦାନ ଅତୁଳନୀୟ ରହିଥିଲା। ଓଡ଼ିଶାର ସଂସ୍କୃତି, ଓଡ଼ିଶୀ ଏବଂ ଛଉନୃତ୍ୟ ଆଦି ସମ୍ପର୍କିତ ବିଭିନ୍ନ ପୁସ୍ତକ ରଚନା କରି ସେ ସ୍ୱତନ୍ତ୍ର ପରିଚୟ ହାସଲ କରିଥିଲେ ବୋଲି ଅତିଥିମାନେ କହିଛନ୍ତି। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ପୂର୍ବତନ ସଭାପତି, କେନ୍ଦ୍ର ଓ ରାଜ୍ୟ ସଙ୍ଗୀତ ଏକାଡେମୀ ପୁରସ୍କାରପ୍ରାପ୍ତ ତଥା ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ସ୍ୱର୍ଗତ ପଟ୍ଟନାୟକଙ୍କ ଚତୁର୍ଦ୍ଦଶ ଶ୍ରାଦ୍ଧ ଦିବସ ମଙ୍ଗଳବାର ନୟାପଲ୍ଲୀସ୍ଥିତ ମୟୂର ଆର୍ଟ ସେଣ୍ଟରଠାରେ ପାଳିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସାମ୍ବାଦିକ ତଥା ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକ ଯୋଗଦେଇ କହିଲେ, ଓଡ଼ିଶୀ ନୃତ୍ୟର ମୌଳିକତା ବଜାୟ ରଖିବା ତଥା ଓଡ଼ିଶା ସଂସ୍କୃତିର ସୁରକ୍ଷା ଦିଗରେ ଧୀରେନ୍ଦ୍ରନାଥ ଥିଲେ ଜଣେ ସମର୍ପିତ ବ୍ୟକ୍ତିତ୍ୱ। ସମ୍ମାନିତ ଅତିଥି ଭାବେ ଲୋକପ୍ରିୟ ସିନେ ସମୀକ୍ଷକ ଦିଲୀପ ହାଲି ଯୋଗଦେଇ ଜଣେ ନୀତିନିଷ୍ଠ ସାଧକ ଭାବରେ ଓଡ଼ିଶୀ ଓ ଛଉନୃତ୍ୟକୁ ଦେଶ ବିଦେଶରେ ପ୍ରତିଷ୍ଠିତ କରାଇବାରେ ସେ ଅନନ୍ୟ ଭୂମିକା ନିର୍ବାହ କରିଥିଲେ ବୋଲି କହିଥିଲେ। ମୟୂର ଆର୍ଟ ସେଣ୍ଟର ସଭାପତି ବିଜୟ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସ୍ମୃତି ସଭାରେ ଅତିଥି ଭାବେ ନୃତ୍ୟଗୁରୁ ଅଶୋକ ଘୋଷାଲ, ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଦୀପ କୁମାର ମିଶ୍ର, ଗୁରୁ ବିମ୍ବାଧର ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପଟ୍ଟନାୟକଙ୍କ ଅବଦାନ ସମ୍ପର୍କରେ କହିଥିଲେ। ରତ୍ନାକର ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।




ସ୍ମୃତିସଭାରେ ଯୋଗଦେଇଥିବା ଅତିଥି।




ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଆନ୍ଦୋଳନ ଚଳାଇଥିବା କଳା ଓ କ୍ରୀଡ଼ା ଶିକ୍ଷକମାନେ ଧାରଣାସ୍ଥଳ ସମ୍ମୁଖରେ ହକି ଷ୍ଟିକ୍ ରଖି ଅଭିନବ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।




ରାଜ୍ୟ ପ୍ରାଥମିକ ଶିକ୍ଷକ (ଏକ୍ସ କ୍ୟାଡର) ମହାସଂଘ ପକ୍ଷରୁ ୮ ଦଫା ଦାବି ନେଇ ଶିକ୍ଷକମାନେ ମଙ୍ଗଳବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ କରୁଛନ୍ତି।

**ପ୍ରେମଚାନ୍ଦ ହେଲେ ଏମ୍‌ପିଙ୍କ ଚୌଦ୍ୱାର ପ୍ରତିନିଧି**

ଚୌଦ୍ୱାର,(ଡି.ଏନ୍.ଏ.): ବିଜେଡି କଟକ ଜିଲା ଉପସଭାପତି ପ୍ରେମଚାନ୍ଦ ନାୟକଙ୍କୁ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଚୌଦ୍ୱାର ପ୍ରତିନିଧି ଭାବେ ମନୋନୀତ କରିଛନ୍ତି। ମହତାବ ଏ ସମ୍ପର୍କରେ ଚୌଦ୍ୱାର ପୌର ନିର୍ବାହୀ ଅଧିକାରୀଙ୍କୁ ଏକ ପତ୍ର ଲେଖି ଅବଗତ କରାଇବା ସହିତ ଏମ୍‌ପିଙ୍କ ପ୍ରତିନିଧି ଭାବେ ପୌର ପରିଷଦ ବୈଠକରେ ସେ ଅଂଶଗ୍ରହଣ କରିବେ ବୋଲି ଜଣାଇଛନ୍ତି। ନାୟକ ପୂର୍ବରୁ ପୌରାଧ୍ୟକ୍ଷ ଭାବେ ଚୌଦ୍ୱାରରେ ବହୁ ବିକାଶମୂଳକ କାର୍ଯ୍ୟ କରିବା ସହିତ ଜଣେ ସୁସଂଗଠକ ଭାବେ ଅଞ୍ଚଳରେ ବେଶ୍ ଜଣାଶୁଣା ବ୍ୟକ୍ତି। ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ ଓ ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ ଏଥିପାଇଁ ନାୟକଙ୍କୁ ସ୍ୱାଗତ କରିବା ସହିତ ଆଗାମୀ ଦିନରେ ଚୌଦ୍ୱାର ସହରର ବିକାଶ ଦିଗରେ ସେ ସହଯୋଗ କରିବେ ବୋଲି ଆଶାବ୍ୟକ୍ତ କରିଛନ୍ତି।

## ସଂକ୍ଷେପରେ

### ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

**କଟକ ସଦର,୨୭।୧୨(ଡି.ଏନ୍.ଏ.):** କନ୍ଦରପୁର ଥାନା ଅନ୍ତର୍ଗତ ମାଛଗାଁ କେନାଲ ବନ୍ଧ ବିରିବାଟି-ଅଥଙ୍ଗା ରାସ୍ତାର ମହୁରା ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଅଟୋ-ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ବାଇକ୍ ଚାଳକ ଜଗତ୍‌ସିଂହପୁର ଜିଲା ବିରିଡି ଥାନା ଅନ୍ତର୍ଗତ ମଧ ଶାସନ ଗ୍ରାମ ଡେନ୍ତରା ଭୋଇସାହିର ସାଗର ଭୋଇ(୨୮)ଙ୍କର ମୃତ୍ୟୁ ଘଟିଛି। ଏହାଛଡ଼ା ଅଟୋରେ ଯାଉଥିବା ୪ଜଣ ଗୁରୁତର ହୋଇ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, କଟକ ପଟୁ ବାଇକ୍(ନଂ.ଓଡ଼ି୦୫ବିସି-୨୬୯୬)ଟି ଯାଉଥିବାବେଳେ ଜଗତ୍‌ସିଂହପୁର ଆଡୁ ଆସୁଥିବା ଅଟୋ(ନଂ.ଓଡ଼ି୩୩ଭି-୫୫୫୯) ସହ ଧକ୍କା ହୋଇଥିଲା। ସମସ୍ତ ଗୁରୁତରଙ୍କୁ ପୋଲିସ ଆମ୍ବୁଲାନ୍ସ ଯୋଗେ କଟକ ବଡ଼ ଡ଼ାକ୍ତରଖାନା ପଠାଇଥିଲା। ସେଠାରେ ଡାକ୍ତର ସାଗରଙ୍କୁ ମୃତ ଘୋଷଣା କରିଥିଲେ।

### ନାମଲେଖାରେ ଚଞ୍ଚକତା, ଥାନାର ଦ୍ୱାରସ୍ଥ ହେଲେ ଛାତ୍ରୀ

**କଟକ ଅଫିସ, ୨୭।୧୨:** ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗରେ ନାମ ଲେଖାରେ ଚଞ୍ଚକତା କରାଯାଇଥିବା ନେଇ ଜଣେ ଛାତ୍ରୀ ମଙ୍ଗଳବାର ମାଲଗୋଦାମ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ଷ୍ଟେଶନ ଡାଏରୀ କରାଯାଇଛି। ତଦନ୍ତ ପରେ ପଦକ୍ଷେପ ନିଆଯିବ ବୋଲି ଥାନାଧିକାରୀ ରଜନୀକାନ୍ତ ଦାସ କହିଛନ୍ତି। ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତା ଛାତ୍ରୀଙ୍କ ୨୦ ନମ୍ବର ର୍‍ୟାଙ୍କ୍ ରହିଛି। ହେଲେ ଚଞ୍ଚକତା କରାଯାଇ ତଳ ର୍‍ୟାଙ୍କରେ ଥିବା ଛାତ୍ରୀଙ୍କୁ ନାମ ଲେଖା ପାଇଁ ଚୟନ କରାଯାଇଛି। ପରୋକ୍ଷରେ କର୍ତ୍ତୃପକ୍ଷ କ୍ଷମତାର ଅପବ୍ୟବହାର କରି ଏକ ପ୍ରକାରର ଅରାଜକତା ସୃଷ୍ଟି କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ସମ୍ବାଦପତ୍ର ବିକ୍ରେତା ସଂଘ ବୈଠକ

**କଟକ ଅଫିସ, ୨୭।୧୨:** ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ବାରବାଟୀ ଷ୍ଟାଡିୟମଠାରେ ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ବିଜୟ୍ କୁମାର ପଢ଼ିହାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆସନ୍ତା ମାର୍ଚ୍ଚ ୨୦ରେ ଗୁଜରାଟ ପିକ୍‌ନିକ୍ ଯିବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ଏଥିରେ ସଂଘ ଉପସଭାପତି ପୀତାମ୍ବର ବେହେରା, ସାଧାରଣ ସମ୍ପାଦକ ବିଷ୍ଣୁ ଚରଣ ଦାଶ, ସହ ସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ ମହାନ୍ତି, ପ୍ରଭାସ ପ୍ରଧାନ, ହିମାଂଶୁ ମହାପାତ୍ର, ମନୋଜ ପାଲ୍, ପ୍ରଦ୍ୟୁମ୍ନ ବିଶୋଇ, ପ୍ରଶାନ୍ତ କୁମାର ସାହୁ, କେ. ବେଣୁ ରାଓ, ହାଡ଼ିବନ୍ଧୁ ବେହେରା, ହୃଷୀକେଶ ପଢ଼ିହାରୀ, ସୁବାସ ପ୍ରଧାନ, ଦିଲୀପ ଘୋଷ, ରଘୁ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# କୋଭିଡ୍ ମୁକାବିଲା ପାଇଁ ଏସ୍‌ସିବି ପ୍ରସ୍ତୁତ

**କଟକ ଅଫିସ,୨୭।୧୨**

ବିଦେଶରେ କୋଭିଡ୍ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାବେଳେ ଭାରତରେ କୋଭିଡ୍ ସ୍ଥିତି ନିୟନ୍ତ୍ରଣରେ ରହିଛି। ହେଲେ ବିଦେଶ ଫେରନ୍ତାଙ୍କୁ ନେଇ ସରକାରଙ୍କ ଚିନ୍ତା ବଢ଼ିଥିବାରୁ ଆଗୁଆ ସତର୍କତା ଅବଲମ୍ବନ କରାଯାଉଛି। ରାଜ୍ୟରେ କୋଭିଡ୍ ସ୍ଥିତିର ତଦାରଖ ପାଇଁ ସରକାରୀ ନିର୍ଦ୍ଦେଶନାମା ମିଳିବା ପରେ ବିଭିନ୍ନ ସରକାରୀ ହସ୍ପିଟାଲ ଓ ମେଡିକାଲ କଲେଜରେ ଭିତ୍ତିଭୂମି ପ୍ରସ୍ତୁତ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି କ୍ରମରେ ଏସ୍‌ସିବି ମେଡିକାଲରେ କୋଭିଡ୍ ମୁକାବିଲାର ରୂପରେଖ ପ୍ରସ୍ତୁତ ପାଇଁ ମଙ୍ଗଳବାର ସ୍ଥିତି ଅନୁଧ୍ୟାନ କରାଯାଇଛି। ଏସ୍‌ସିବିରେ ୨୦ ଶଯ୍ୟା ବିଶିଷ୍ଟ କୋଭିଡ୍ ହସ୍ପିଟାଲ ପ୍ରସ୍ତୁତ ହୋଇଥିବାବେଳେ ଜିଲା ଓ ସହରର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍‌ସି) ଓ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ୟୁପିଏଚ୍‌ସି)ରେ ନମୁନା ପରୀକ୍ଷଣକୁ ଗୁରୁତ୍ୱ ଦିଆଯାଇଛି। ଏଥିସହ ରାଜ୍ୟ ସରକାରଙ୍କୁ ଏ ସମ୍ପର୍କରେ ଚିଠି ଲେଖି ଅବଗତ କରାଯାଇଥିବା ଜଣାପଡ଼ିଛି।

**ସିଏଚ୍‌ସି, ୟୁପିଏଚ୍‌ସିରେ ନମୁନା ପରୀକ୍ଷଣକୁ ଗୁରୁତ୍ୱ**



ଏସ୍‌ସିବି ମେଡିକାଲ ପରିସରସ୍ଥ କୋଭିଡ୍ ହସ୍ପିଟାଲ ନମ୍ବର-୪କୁ କୋଭିଡ୍ ସଂକ୍ରମଣ ମୁକାବିଲା ପାଇଁ ପ୍ରସ୍ତୁତ କରାଯାଉଛି। ଏଠାରେ ୧୫ଟି ଆଇସିୟୁ ଶଯ୍ୟା ଓ ୫ଟି ସାଧାରଣ ଶଯ୍ୟା ପ୍ରସ୍ତୁତ କରାଯାଇଛି। ଏହି ହସ୍ପିଟାଲ ପରିଚାଳନା ପାଇଁ ମେଡିକାଲର ପଲମୋନାରି ବିଭାଗର ମୁଖ୍ୟଙ୍କୁ ଦାୟିତ୍ୱ ଦିଆଯାଇଛି। ତାଙ୍କୁ ସହଯୋଗ କରିବା ପାଇଁ ଆଉ ଜଣେ ଡାକ୍ତରଙ୍କୁ ନୋଡାଲ ଅଫିସର ଭାବେ ନିୟୋଜିତ କରାଯାଇଛି। ଏହାବାଦ୍ ପାରାମେଡିକାଲ ଷ୍ଟାଫ, ଷ୍ଟାଫ ନର୍ସଙ୍କୁ ମିଶାଇ ୩ଟି ଶିଫ୍ଟରେ ପ୍ରାୟ ୫ରୁ ୬ ଜଣ କର୍ମଚାରୀଙ୍କୁ ନିୟୋଜିତ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ପ୍ରତ୍ୟେକ ଶିଫ୍ଟରେ ୪ ଜଣ ଡାକ୍ତର ନିୟୋଜିତ ରହିବେ। ରୋଗୀ ଚିକିତ୍ସା ନିମନ୍ତେ ଆବଶ୍ୟକ ଔଷଧ, ଅକ୍ସିଜେନ ସିଲିଣ୍ଡର, ପିପିଇ କିଟ୍ ମହଜୁଦ ରଖାଯାଉଛି। କୋଭିଡ୍ ମୁକାବିଲା ପାଇଁ ଏସ୍‌ସିବି ମେଡିକାଲ ଏବେ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଏଥିପାଇଁ ଆବଶ୍ୟକ ଥିବା ମାନବ ସମ୍ବଳ, ଔଷଧ ସମେତ ଆବଶ୍ୟକ ସାମଗ୍ରୀ ବାବଦରେ ରାଜ୍ୟ ସରକାରଙ୍କୁ ବିସ୍ତୃତ ଭାବେ ଅବଗତ କରାଯାଇଥିବା ଏସ୍‌ସିବି ମେଡିକାଲର ପ୍ରଶାସନିକ ଅଧିକାରୀ ଡା. ଅବିନାଶ ରାଉତ ସୂଚନା ଦେଇଛନ୍ତି।

ଅପରପକ୍ଷରେ କଟକ ଜିଲାର ବିଭିନ୍ନ ମେଡିକାଲରେ କୋଭିଡ୍ ପରୀକ୍ଷା ନିମନ୍ତେ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯାଇଛି। କୋଭିଡ୍ ଲକ୍ଷଣ ଥିବା ରୋଗୀ ମେଡିକାଲକୁ ଆସିଲେ ତୁରନ୍ତ ପରୀକ୍ଷା କରାଇବା ନିମନ୍ତେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲାର ସମସ୍ତ ମେଡିକାଲକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡିଛି। କୌଣସି ପରିସ୍ଥିତିରେ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଇଲେ ତାହାକୁ ପ୍ରତିହତ କରିବା ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ପ୍ରକାର ସତର୍କତା ଅବଲମ୍ବନ କରାଯାଉଛି। ଏନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସତ୍ୟବ୍ରତ ଛୋଟରାୟ କହିଛନ୍ତି, କୋଭିଡ୍ ବଢ଼ିବାକୁ ଆରମ୍ଭ କରି ନାହିଁ। ଏବେ କେବଳ କୋଭିଡ୍ ମୁକାବିଲା ପାଇଁ ପ୍ରସ୍ତୁତି ଚାଲିଛି। ବର୍ତ୍ତମାନ ସ୍ଥିତିରେ ଟେଷ୍ଟିଂକୁ ଗୁରୁତ୍ୱ ଦିଆଯିବ। ଜିଲା ସମେତ କଟକ ସହରର ସମସ୍ତ ସିଏଚ୍‌ସି, ୟୁପିଏଚ୍‌ସିରେ ପୂର୍ବଭଳି ଦୈନିକ ଟେଷ୍ଟିଂ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ପଜିଟିଭ ଆସିଲେ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ। ପଜିଟିଭ୍ ରୋଗୀଙ୍କଠାରେ ଆର୍‌ଟିପିସିଆର, ଜିନମ୍ ସିକ୍ୟୁଏନ୍‌ସିଂ ବା ଅନ୍ୟ କେଉଁ ପରୀକ୍ଷା କରାଯିବ ତାହା ବିଶେଷଜ୍ଞ ସ୍ଥିର କରିବେ। ଟିକାକରଣ ପାଇଁ ଆବଶ୍ୟକ ଟିକା ନାହିଁ। ଏ ସମ୍ପର୍କରେ ସରକାରଙ୍କୁ ଜଣାଇ ଦିଆଯାଇଛି। ଟିକା ଆସିବା ପରେ ଲୋକଙ୍କୁ ଦିଆଯିବ। ଏହାବାଦ୍ ବିଦେଶରୁ ଆସୁଥିବା ଲୋକମାନଙ୍କ କୋଭିଡ୍ ଟେଷ୍ଟିଂ ପାଇଁ ବିମାନ ବନ୍ଦରରେ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା କରାଯାଇଛି।

## ଦିୱାନ କ୍ଲବର ସୁବର୍ଣ୍ଣ ଜୟନ୍ତୀ



ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**କଟକ ଅଫିସ,୨୭।୧୨**

ଦିୱାନ କ୍ଲବର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଦିୱାନ ବଜାର ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ଇଂ. ମହମ୍ମଦ ମୋକିମ ଯୋଗ ଦେଇଥିଲେ। ଏହି ଅବସରରେ ଫିରୋଜ ଖାନ୍ ଓ ଆଜାଦ ଖାନ୍‌ଙ୍କ ସ୍ମୃତିରେ ଅନୁଷ୍ଠିତ ଡବଲ୍ସ ଓ ସିଙ୍ଗଲ କ୍ୟାରମ୍ ଟୁର୍ନାମେଣ୍ଟକୁ ବିଧାୟକ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଫିଜୋର ଶେଖ୍ ଲିୟାକତ ଅଲ୍ଲୀ, କ୍ଲବ୍ ସମ୍ପାଦକ ସାରିକ ମହମ୍ମଦ, ସଭାପତି ସୟଦ ସେଖାବତ ଅଲ୍ଲୀ, ଉପସଭାପତି ମନ୍‌ସୁର ଅଖତର, ଯୁଗ୍ମ ସମ୍ପାଦକ ରଜାକ ଖାନ୍, ମଜୀଦ୍ ଖାନ୍, ଇର୍ସାଦ୍ ଖାନ, ସେକ୍ ଲିଆକତ ଉଦ୍ଦୀନ ଅହମ୍ମଦ, ସାମାଜିକ କର୍ମୀ ସାକିବ୍ ଖାନ୍ ପ୍ରମୁଖ ଉପସ୍ଥିତ ଥିଲେ। ସୁବର୍ଣ୍ଣ ଜୟନ୍ତୀ ପାଇଁ ଦୁଇ ମାସ ଧରି ଫୁଟ୍‌ବଲ ଓ କ୍ରିକେଟ୍ ମ୍ୟାଚ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କ୍ଲବ ପକ୍ଷରୁ ସୂଚନା ମିଳିଛି।

## ନକଲି ଗାଡ଼ି ନମ୍ବର ବ୍ୟବହାର କରି ୨ ଗିରଫ

**ଫୁଲନଖରା,୨୭।୧୨(ଡି.ଏନ୍.ଏ.)**

କାର୍‌ରେ ନକଲି ନମ୍ବର ବ୍ୟବହାର କରି ଚଲାଇବା ଅଭିଯୋଗରେ କଟକ ସଦର ପୋଲିସ ୨ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କଟକ ଚାଉଳିଆଗଞ୍ଜ ଥାନା ଅଞ୍ଚଳର ସାଗର କାହାଳୀ ଓ ସୋମନାଥ ସାହୁ। ପୋଲିସ ସୂଚନା ଅନୁଯାୟୀ, ୨୦୧୮ରେ ସୋମନାଥ ଏକ କାର କିଣିଥିଲେ। ବିନା ପଞ୍ଜୀକରଣରେ ସ୍ଥାନୀୟ ନୂଆ କାଚରାମାଳ ଗ୍ରାମର ଶୁଭାଶିଷ ବେହେରାଙ୍କ ଗାଡି ନମ୍ବର ବ୍ୟବହାର କରି ସାଗରଙ୍କୁ ଚଲେଇବା ପାଇଁ ଦେଇଥିଲେ। ସୋମବାର ଶୁଭାଶିଷ ତାଙ୍କ କାର୍ (ନଂ.ଓଡ଼ି୦୨ଏଏସ-୩୯୦୮)ରେ କଟକ ଯାଉଥିଲେ। ଏହି ସମୟରେ ସେ ତାଙ୍କର କାର ନମ୍ବରକୁ ନକଲି କରି ରାସ୍ତାରେ ଯାଉଥିବା ସୋମନାଥଙ୍କ ଗାଡିକୁ ଦେଖିଥିଲେ। ପରେ ଉକ୍ତ କାର୍ ପଛରେ ଯାଇ ମଧୁପାଟଣା ଥାନା ନିକଟରେ ଅଟକାଇଥିଲେ। ଏନେଇ ସେ କଟକ ସଦର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୬୦୫/୨୨) ରୁଜୁ କରିଛି। ଏଥିସହ ଉକ୍ତ କାର୍‌କୁ ଜବତ କରିଥିଲା।



କଟକ ବାରବାଟୀ ଷ୍ଟାଡିୟମରେ ହକି ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବ ପୂର୍ବରୁ ତୁଳସୀପୁର ମହାନଦୀ ରିଂରୋଡ୍‌କୁ ସୌନ୍ଦର୍ଯ୍ୟକରଣ କରାଯାଇଛି।

## ନାବାଳିକା ଅପହରଣ ଉଦ୍ୟମ, ୨ ଗିରଫ

**ମଙ୍ଗୁଳି-ଜଗତପୁର, ୨୭।୧୨(ଡି.ଏନ୍.ଏ.)**

ନାବାଳିକା ଅପହରଣ ଉଦ୍ୟମ ଅଭିଯୋଗରେ ଜଗତପୁର ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ପିରାବଜାରର ଇସ୍ମାଇଲ ଖାନ୍ ଓ ପ୍ରେମନଗର ଅଣ୍ଡେଇସାହିର ଶେଖ୍ କାଲା ଓରଫ ଆନାୱାର ବାବୁ। ପୋଲିସ ସୂଚନା ଅନୁଯାୟୀ, ରବିବାର ସନ୍ଧ୍ୟା ୬ଟାରେ ସ୍ଥାନୀୟ ଭୈରପୁର ଗ୍ରାମର ଏକ ପଡିଆରେ ଅଭିଯୁକ୍ତ ଦ୍ୱୟ ମଦ୍ୟପାନ କରୁଥିଲେ। ସେହି ସମୟରେ ଉକ୍ତ ଗ୍ରାମର ନାବାଳିକା ଜଣଙ୍କ ଏକାଦଶାହ ଭୋଜି ଖାଇବା ପାଇଁ ପଡିଆ ବାଟ ଦେଇ ଯାଉଥିଲେ। ତାଙ୍କ ମା’ ଓ ମାଉସୀ ଆଗରେ ଯାଉଥିବାବେଳେ ନାବାଳିକା ପ୍ରାୟ ୨୦୦ ମିଟର ପଛରେ ଯାଉଥିଲେ। ଏହି ସୁଯୋଗରେ ଇସ୍ମାଇଲ ହଠାତ୍ ନାବାଳିକାଙ୍କ ପାଟି ବନ୍ଦ କରି ନିକଟସ୍ଥ ଏକ ବୁଦାମୂଳକୁ ନେଇ ଅପହରଣ ପାଇଁ ଉଦ୍ୟମ କରୁଥିଲେ। ହଠାତ୍ ମା’ ଓ ମାଉସୀ ଝିଅକୁ ନ ପାଇ ଚିତ୍କାର କରିଥିଲେ। ପାଟିଶୁଣି ଅଭିଯୁକ୍ତ ନାବାଳିକାଙ୍କୁ ଛାଡି ଦେବା ସହ ଏ ସମ୍ପର୍କରେ କାହାରିକୁ ଜଣାଇଲେ ମାରିଦେବା ପାଇଁ ଧମକ ଦେଇଥିଲେ। ପରେ ନାବାଳିକା ଏ ସମ୍ପର୍କରେ ତାଙ୍କ ବାପାଙ୍କୁ ଜଣାଇଥିଲେ। ନାବାଳିକାଙ୍କ ବାପାଙ୍କ ଅଭିଯୋଗ ଅନୁଯାୟୀ ପୋଲିସ ଏକ ମାମଲା(ନଂ. ୫୪୮/୨୨)ରୁଜୁ କରିଛି।

## ‘ଛାତ୍ରୀଛାତ୍ର ସମାଜ ସେବାରେ ବ୍ରତୀ ହୁଅନ୍ତୁ’



ଉତ୍ସବରେ ଜିଲା ପରିଷଦ ସଭ୍ୟା ମିନତି ଗାଗରାଇଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଖୁଣ୍ଟୁଣୀ,୨୭।୧୨(ଡି.ଏନ୍.ଏ.)**

ଆଠଗଡ଼ ବ୍ଲକ ଗୁରୁଡିଝାଟିଆସ୍ଥିତ ଶ୍ରୀ ଶ୍ରୀ ଧବଳେଶ୍ୱର ମହାବିଦ୍ୟାଳୟର ୪୨ ତମ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଆଠଗଡ଼ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ ଯୋଗଦେଇ ଛାତ୍ରୀଛାତ୍ରମାନେ ଉତ୍ତମ ନାଗରିକ ହେବା ସହ ସମାଜ ସେବାରେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ୨ ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ମିନତି ଗାଗରାଇ, ଡ. ରାମଚନ୍ଦ୍ର ସାହୁ ଓ ସଚ୍ଚିଦାନନ୍ଦ ସ୍ୱାଇଁ ଯୋଗଦେଇ ଛାତ୍ରୀଛାତ୍ରମାନେ ଠିକ୍ ମାର୍ଗରେ ପରିଚାଳିତ ହେବାକୁ କହିଥିଲେ। ଏହି ଅବସରରେ ଅତିଥିମାନେ କଲେଜ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ନୂତନ ଅଡିଟୋରିୟମ ଗୃହକୁ ଉଦ୍‌ଘାଟନ କରିଥିଲେ। ପ୍ରାଧ୍ୟାପକ ନରେନ୍ଦ୍ର କୁମାର ସ୍ୱାଇଁ ମଞ୍ଚ ପରିଚାଳନା ଓ ରଶ୍ମିରଞ୍ଜନ ସାହାଣୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିବାବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ଜାତୀୟ ଶିକ୍ଷାନୀତି ବିରୋଧରେ ଆନ୍ଦୋଳନ କରନ୍ତୁ ଛାତ୍ର

**କଟକ ଅଫିସ, ୨୭।୧୨**

**ଏଆଇଡିଏସ୍‌ଓ ପକ୍ଷରୁ ଛାତ୍ର ସମାବେଶ**

ଅଲ୍ ଇଣ୍ଡିଆ ଡେମୋକ୍ରାଟିକ୍ ଷ୍ଟୁଡେଣ୍ଟ୍ସ ଅର୍ଗାନାଇଜେସନ୍ (ଏଆଇଡିଏସ୍‌ଓ)ର ୬୯ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ କଟକ ଜିଲା କମିଟି ପକ୍ଷରୁ ଯୋବ୍ରାଠାରେ ଜିଲାସ୍ତରୀୟ ଛାତ୍ର ସମାବେଶ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଇଶା ଧରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ସଙ୍ଗଠନର ଓଡ଼ିଶା ରାଜ୍ୟ ସଭାପତି ସୋମନାଥ ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ୧୯୫୪ ଡିସେମ୍ବର ୨୮ରେ କୋଲକାତାର ଏକ ଛୋଟ ଗୃହରେ କେତେଜଣ ଛାତ୍ର କନଭେନସନ୍ ଜରିଆରେ ଏଆଇଡିଏସ୍‌ଓ ପ୍ରତିଷ୍ଠା କରିଥିଲେ। ସେମାନେ ମାର୍କ୍ସବାଦ-ଲେନିନବାଦ ଓ ଶିବଦାସ ଘୋଷଙ୍କ ଚିନ୍ତାଧାରାକୁ ପାଥେୟ କରି ଏହି ସଙ୍ଗଠନକୁ ଗଢି ତୋଳିଥିଲେ। ଉକ୍ତ ସଙ୍ଗଠନ ଆଜିପର୍ଯ୍ୟନ୍ତ ସାରା ଦେଶର ଶିକ୍ଷା ଆନ୍ଦୋଳନ କ୍ଷେତ୍ରରେ ନିଜର ଐତିହାସିକ ଭୂମିକା ପାଳନ କରିଆସୁଛି। ସ୍କୁଲ୍‌ଗୁଡିକରେ ପାସ୍ ଫେଲ୍ ଉଚ୍ଛେଦ, ଶିକ୍ଷକ ଅଧ୍ୟାପକ ତଥା ଶିକ୍ଷା କର୍ମଚାରୀ ଅଭାବ, ଫି’ ବୃଦ୍ଧି, ଶିକ୍ଷା କ୍ଷେତ୍ରରୁ ବଜେଟ ହ୍ରାସ, ଶିକ୍ଷାର ସାମ୍ପ୍ରଦାୟୀକରଣ ଆଦି ସମସ୍ୟା ସମାଧାନ ପାଇଁ ଏଆଇଡିଏସ୍‌ଓ ଦେଶବ୍ୟାପୀ ଆନ୍ଦୋଳନ ଜାରି ରଖିଛି। ସେହିପରି କେନ୍ଦ୍ର ସରକାର ଲାଗୁ କରିଥିବା ଜାତୀୟ ଶିକ୍ଷାନୀତି-୨୦୨୦ ବିରୋଧରେ ଆନ୍ଦୋଳନ କରିବା ପାଇଁ ଛାତ୍ର ସମାଜ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଥିଲେ। ସମ୍ପାଦକ ତରୁଣସେନ ନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ଉପ ସଭାପତି ଶିବାନୀ ସାହୁ, ସମ୍ପାଦକ ମଣ୍ଡଳୀ ସଦସ୍ୟା ଶୁଭସ୍ମିତା ସାହୁ, ଅମରେନ୍ଦ୍ର ନାୟକ, ଜ୍ୟୋସ୍ନାରାଣୀ ଦାସ, ସରୋଜ ମାନସିଂହ, ଭାଗ୍ୟଶ୍ରୀ ପ୍ରଧାନ ଓ ରାଜେଶ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ‘ଅନ୍ତର୍ନିହିତ ଗୁଣାବଳୀର ପରିପ୍ରକାଶ ହେଉ’

**କଟକ ଅଫିସ, ୨୭।୧୨**

**ଶୈଳବାଳା କଲେଜର ବାର୍ଷିକ ଉତ୍ସବ**

ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ପ୍ରତିନିଧି ସେଲ୍‌ର ବାର୍ଷିକ ଉତ୍ସବ ମହାବିଦ୍ୟାଳୟର ମଧୁସୂଦନ ପ୍ରେକ୍ଷାଳୟରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଓବିସିସି ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ଯୋଗଦେଇ କହିଥିଲେ, ଅନ୍ତର୍ନିହିତ ଗୁଣାବଳୀର ପରିପ୍ରକାଶ ହେଉ। କଲେଜ ଅଧ୍ୟକ୍ଷା ଡ. ଗାୟତ୍ରୀ ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜୀବନ ବିନ୍ଦୁ ମୋ ପରିବାରର ସିଟି ସଂଯୋଜକ ରଞ୍ଜନ ବିଶ୍ୱାଳ, ରମାଦେବୀ ବିଶ୍ୱବିଦ୍ୟାଳୟ ଛାତ୍ରୀ ସଂସଦର ପୂର୍ବତନ ସଭାପତି ଈପ୍‌ସିତା ସାହୁ ଯୋଗ ଦେଇଥିଲେ। ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ କୌଣସି କାରଣ ବଶତଃ ଏଥିରେ ଯୋଗ ଦେଇପାରି ନ ଥିବାବେଳେ କଲେଜର ଉନ୍ନତୀକରଣ ଖୁବ୍‌ଶୀଘ୍ର କରାଯିବ ବୋଲି ବାର୍ତ୍ତା ଦେଇଥିଲେ। ଛାତ୍ରୀ ପ୍ରତିନିଧି ସେଲ୍‌ର ଅଧିକାରୀ ଇନ୍ଦୁରେଖା ମହାପାତ୍ର ଅତିଥି ପରିଚୟ ଓ ସହ ଅଧିକାରୀ ଡ. ସଂଘମିତ୍ରା ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀ ଶତାବ୍ଦୀ ପ୍ରିୟଦର୍ଶନୀଙ୍କୁ ଶଶି ବିନୋଦିନୀ ସ୍ମୃତି ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଶର୍ମିଷ୍ଠା ଜେନାଙ୍କୁ ସୁମତି ଦୁର୍ଗାଚରଣ ସ୍ମୃତି ପୁରସ୍କାର, ଶ୍ୱେତଲିନା ନନ୍ଦଙ୍କୁ ଚନ୍ଦନ ଦାସ ସ୍ମୃତି ପୁରସ୍କାର, ସସ୍ମିତା ହେମ୍ବ୍ରମ୍‌ଙ୍କୁ ଅନୀତା ହାଜ୍‌ରା ସ୍ମୃତି ପୁରସ୍କାର, ହରପ୍ରିୟା ପତିଙ୍କୁ ଫିଲିପ୍ ଅରମିଟ୍ ସ୍ମୃତି ପୁରସ୍କାର ଓ ଅନ୍ନପୂର୍ଣ୍ଣା ରାଉତଙ୍କୁ ପ୍ରଫେସର ବିଜୟିନୀ ମହାନ୍ତି ସ୍ମୃତି ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହ କ୍ଷୁଦ୍ରଗଳ୍ପ ରଚୟିତା ସଙ୍ଗୀତା ସାହୁଙ୍କୁ ସୁରେନ୍ଦ୍ର ମହାନ୍ତି ସ୍ମାରକୀ ସିଲ୍ଡ ଓ ତନୁଶ୍ରୀ ନାୟକଙ୍କୁ ଅଖିଳ ମୋହନ ପଟ୍ଟନାୟକ ସ୍ମାରକୀ ସିଲ୍ଡ ପ୍ରଦାନ କରାଯାଇଥିଲା। ଏହାସହ ତନୁଶ୍ରୀଙ୍କୁ ଲିଟେରାରୀ ଚାମ୍ପିୟନ ରୂପେ ପରସ୍କୃତ କରାଯାଇଥିଲା। ଡ. ବିକାଶ କୁମାର ଦାସ, ଗାୟତ୍ରୀ କର, ଚିତ୍ତରଞ୍ଜନ ପଣ୍ଡା, ଯାମିନୀ ରଞ୍ଜନ ମହାନ୍ତି, ମୌସୁମୀ ପଟ୍ଟନାୟକ, ପ୍ରଶାନ୍ତ ସାମନ୍ତରାୟ ଓ ସ୍ୱର୍ଣ୍ଣଲତା ବଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ମମତା ରାଣୀ ସାହୁ ଧନ୍ୟବାଦ ଦେଇଥିଲେ।




ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ପ୍ରତିନିଧି ସେଲ୍‌ର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

## ଶିକ୍ଷାବିତ୍ ଅର୍ଚ୍ଚନାରାଣୀଙ୍କୁ ମହାନଦୀ ଫେଷ୍ଟିଭାଲ ସମ୍ମାନ

**କଟକ ଅଫିସ, ୨୭।୧୨**

କଟକ ନୂଆବଜାର ପୋତାପୋଖରୀସ୍ଥିତ ନେତାଜୀ ଖେଳ ପଡିଆରେ ଚାଲିଥିବା ମହାନଦୀ ଫେଷ୍ଟିଭାଲର ମଙ୍ଗଳବାର ଥିଲା ସପ୍ତମ ସନ୍ଧ୍ୟା। ଏହାକୁ କ୍ରୀଡାମନ୍ତ୍ରୀ ତୁଷାରକାନ୍ତି ବେହେରା ଉଦ୍‌ଘାଟନ କରି କହିଥିଲେ, ବିଭିନ୍ନ ରାଜ୍ୟର କଳାକାର ଏକତ୍ରିତ ହୋଇ ଏହି ଫେଷ୍ଟିଭାଲରେ ନୃତ୍ୟ କରିବାର ସୁଯୋଗ ପାଇଛନ୍ତି। ଭାରତ ମସଲାର ନିର୍ଦ୍ଦେଶିକା ନନ୍ଦିତା ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓବିସିସି ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ସ୍ୱତନ୍ତ୍ର ଅତିଥି ଭାବେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଶକ୍ତି ହସ୍ପିଟାଲର ନିର୍ଦ୍ଦେଶିକା ଡ. ରୁଚି ଗୁପ୍ତା, ଲେଖିକା ଡ. ବୀଣାପାଣି ସିଂହ, ସାମାଜିକ କର୍ମୀ ସ୍ନିଗ୍ଧା ମହାନ୍ତି, ସିଏମ୍‌ସି ଡେପୁଟି ମେୟର ଦମୟନ୍ତୀ ମାଝି, ବିଜେଡି ରାଜ୍ୟ ମୁଖପାତ୍ର ଇପ୍ସିତା ସାହୁ ଓ ଗ୍ଲୋବାଲ ଇଣ୍ଡିଆନ୍ ମଡେଲ ସ୍କୁଲର ଅଧ୍ୟକ୍ଷା ମଞ୍ଜୁଶ୍ରୀ ଶାସ୍ତ୍ରୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସାହିତ୍ୟିକ ତଥା ଶିକ୍ଷାବିତ୍ ଅର୍ଚ୍ଚନାରାଣୀ ଭୂୟାଁଙ୍କୁ ମହାନଦୀ ଫେଷ୍ଟିଭାଲ୍ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଫେଷ୍ଟିଭାଲ ସମ୍ପାଦକ ଡ. ଚୌଧୁରୀ ସତ୍ୟ ଦାସ ଅତିଥି ପରିଚୟ ପ୍ରଦାନ, ଉପାଧ୍ୟକ୍ଷ ଡ. କୃଷ୍ଣଚନ୍ଦ୍ର ଆଇଚ ସ୍ୱାଗତ ଭାଷଣ ଓ ଫେଷ୍ଟିଭାଲର ସାଂସ୍କୃତିକ ଯୁଗ୍ମ ସମ୍ପାଦିକା ବ୍ରମୋହିତ୍ରି ଲେଙ୍କା ଧନ୍ୟବାଦ ଦେଇଥିଲେ। ଏଥିସହ ଛତିଶଗଡର କଳାକାରମାନେ ଲୋକନୃତ୍ୟ ପରିବେଷଣ କରିଥିଲେ। ସେହିପରି କଟକର ସ୍ୱାର୍କଲ କଳାକାରଙ୍କ ପକ୍ଷରୁ ନାଟକ ‘ସଂଘର୍ଷ’ ପରିବେଷିତ ହୋଇଥିଲା। ଏଥିସହ କଟକଚଣ୍ଡୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା।



ମହାନଦୀ ଫେଷ୍ଟିଭାଲରେ କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

**ମହାନଦୀ ଫେଷ୍ଟିଭାଲ**

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୮ ଡିସେମ୍ବର, ୨୦୨୨



## ସଂକ୍ଷେପରେ

### କାକଟପୁର କଂଗ୍ରେସ କମିଟି ସଭାପତି ଅବଧୂତ ସ୍ୱାଇଁ

ଅସ୍ତରଙ୍ଗ,୨୭।୧୨(ଡି.ଏନ୍.ଏ.): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି



ଶରତ ପଟ୍ଟନାୟକ, କାକଟପୁର ବ୍ଲକ କଂଗ୍ରେସ କମିଟିର ସଭାପତି ଭାବେ ଅବଧୂତ ସ୍ୱାଇଁଙ୍କୁ ନିଯୁକ୍ତି ଦେଇଛନ୍ତି। ସ୍ୱାଇଁ କଂଗ୍ରେସ ଦଳ ସୁଦୃଢ ତଥା କ୍ରିୟାଶୀଳ କରିବା ଦିଗରେ ଦାୟିତ୍ୱ ବହନ କରିବେ ବୋଲି ଶପଥ ନେଇଛନ୍ତି। ସେ କାକଟପୁର ମଙ୍ଗଳା ମହାବିଦ୍ୟାଳୟରେ ଛାତ୍ର କଂଗ୍ରେସର ପ୍ରତିନିଧି, ବଳ୍ପି ଜଗବନ୍ଧୁ ବିଦ୍ୟାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ର କଂଗ୍ରେସ, ଜଗତ୍‌ସିଂପୁର ଲୋକ ସଭା ନିର୍ବାଚନରେ ଗୁରୁ ଦାୟିତ୍ୱ ଓ କାକଟପୁର ୬ନଂ. ଜୋନର ସଭାପତି ଭାବେ କାର୍ଯ୍ୟ ତୁଲାଇ ଥିଲେ। ଗତ ପଞ୍ଚାୟତ ନିର୍ବାଚନରେ ସ୍ୱାଇଁ ୧୬ଟି ପଞ୍ଚାୟତରେ ନିର୍ବାଚନ ପରିଚାଳନା କରିବା ସହ ପଞ୍ଚାୟତ ସମିତି ଦଖଲ କରିବାରେ ତାଙ୍କର ପ୍ରମୁଖ ଭୂମିକା ଥିଲା। ସ୍ୱାଇଁ ବ୍ଲକ କଂଗ୍ରେସ କମିଟି ସଭାପତି ହେବା ପରେ କର୍ମୀମାନେ ତାଙ୍କୁ ସ୍ୱାଗତ ଜଣାଇବା ସହ ଆଗାମୀ ଦିନରେ ଦଳକୁ ମଜଭୁତ କରିବା ପାଇଁ ଦୃଢ଼ ଶପଥ ନେଇଛନ୍ତି।

### ହସ୍ତଶିଳ୍ପ ମେଳା, ପ୍ରଦର୍ଶନୀ ଉଦ୍‌ଯାପିତ

ପୁରୀ ଅଫିସ, ୨୭।୧୨: ଭାରତ ସରକାରଙ୍କ ବିକାଶ ଆୟୁକ୍ତ ହସ୍ତଶିଳ୍ପ ବିଭାଗର ଆମ୍ବେଦକର ହସ୍ତଶିଳ୍ପ ବିକାଶ ଯୋଜନା ଅନ୍ତର୍ଗତ ହସ୍ତଶିଳ୍ପ ପଟ୍ଟଚିତ୍ର ପ୍ରଡ୍ୟୁସର କୋ. ଲିମିଟେଡ୍ ଦ୍ୱାରା ନୀଳାଚଳ ଅର୍ବାନ ହାଟ ପରିସରରେ ଆୟୋଜିତ ହସ୍ତଶିଳ୍ପ ମେଳା ଓ ପ୍ରଦର୍ଶନୀ ଉଦ୍‌ଯାପିତ ହୋଇଯାଇଛି। ଗତ ୧୭ ତାରିଖରୁ ୧୦ ଦିନ ଧରି ଏହି ମେଳା ଓ ପ୍ରଦର୍ଶନୀ ଚାଲିଥିଲା। ଉଦ୍‌ଯାପନୀ ଦିବସରେ ଜାତୀୟ ପୁରସ୍କାରପ୍ରାପ୍ତ ଶାମୁକା ଶିଳ୍ପୀ ଜଗନ୍ନାଥ ମହାପାତ୍ର, ଜାତୀୟସ୍ତରୀୟ ପଟ୍ଟଚିତ୍ର ଶିଳ୍ପୀ ଭାସ୍କର ମହାପାତ୍ର, ରାଜ୍ୟ ପୁରସ୍କାର ପ୍ରାପ୍ତ ତାଳପତ୍ର ଖୋଦେଇ ଶିଳ୍ପୀ ପ୍ରିୟତମା ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପଟ୍ଟଚିତ୍ର ଶିଳ୍ପୀ ଗୀତାଞ୍ଜଳି ଦାସ, ହସ୍ତଶିଳ୍ପ ପଟ୍ଟଚିତ୍ର ପ୍ରଡ୍ୟୁସର କମ୍ପାନୀର ପରିଚାଳନା ନିର୍ଦ୍ଦେଶିକା ସଂଯୁକ୍ତା ପ୍ରଧାନ, କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଜାତୀୟ ପୁରସ୍କାରପ୍ରାପ୍ତ ତାଳପତ୍ର ଶିଳ୍ପୀ ବିଶ୍ୱନାଥ ସ୍ୱାଇଁ, ନୀଳାଚଳ ଅର୍ବାନ ହାଟ ଇନ୍‌ଚାର୍ଜ ପ୍ରଦୀପ କୁମାର ମିଶ୍ର ଏବଂ ସଂସ୍କୃତି ସଙ୍ଗଠକ ଶ୍ୟାମପ୍ରକାଶ ସେନାପତି ଉପସ୍ଥିତ ଥିଲେ। ପଟ୍ଟଚିତ୍ର, କାଗଜମୁଖା, ଗୋବର କଣ୍ଢେଇ, ଚାନ୍ଦୁଆ, ତାଳପତ୍ର, ପଥର, କତା କଣ୍ଢେଇ, କାଇଁଚ, ଶିପଶାମୁକା, ବଜାର ମୁତାବକ ବ୍ୟବହାରିକ ନୂତନ ଉତ୍ପାଦ ଏବଂ ସମ୍ବଲପୁରୀ ବସ୍ତ୍ର ଆଦିର ୩୦ଟି ଷ୍ଟଲ ଖୋଲାଯାଇଥିଲା। ବହୁ ସଂଖ୍ୟକ ପର୍ଯ୍ୟଟକ ଓ ସ୍ଥାନୀୟ ଲୋକ ଏଠାକୁ ଆସି କିଣାକିଣି କରିଥିଲେ।

### ନନ୍ଦନକାନନ ବୁଲିଲେ ୪୦,୨୭୬ ପର୍ଯ୍ୟଟକ

ବାରଙ୍ଗ,୨୭।୧୨(ଡି.ଏନ୍.ଏ.): ବଡ଼ଦିନଠାରୁ ନନ୍ଦନକାନନ ଓ ବଟାନିକାଲ ଗାର୍ଡେନରେ ପର୍ଯ୍ୟଟକଙ୍କ ଭିଡ଼ ହୋଇଛି। ମଙ୍ଗଳବାର ୪୦ହଜାର ୨୭୬ ପର୍ଯ୍ୟଟକ ନନ୍ଦନକାନନ ଆସିଥିବା ସୂଚନା ମିଳିଛି। ଅଫଲାଇନରେ ୩୬,୪୦୮, ଅନ୍‌ଲାଇନରେ ୩, ୮୬୨ ପର୍ଯ୍ୟଟକ ଟିକେଟ ସଂଗ୍ରହ କରିଥିଲାବେଳେ ୬ଜଣ ଦିବ୍ୟାଙ୍ଗ ବିନା ଦେୟରେ ପ୍ରବେଶ କରିଥିଲେ ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ସଞ୍ଜିତ କୁମାର କହିଛନ୍ତି।

# ଜିଲାରେ ହକି ବିଶ୍ୱକପ୍ ଟ୍ରଫିକୁ ଭବ୍ୟ ସ୍ୱାଗତ

ପୁରୀ ଅଫିସ/କୋଣାର୍କ/ଗୋପ/ନିମାପଡ଼ା, (ଡି.ଏନ୍.ଏ.), ୨୭।୧୨





ପୁରୀ ବେଳାଭୂମିରେ ମାଲଖମ୍ବ କ୍ରୀଡ଼ା ଓ ନୃତ୍ୟ ପରିବେଷଣ କରାଯାଉଛି।

ଓଡ଼ିଶା ଆୟୋଜନ କରୁଛି ୨୦୨୩ ହକି ବିଶ୍ୱକପ୍। ଆସନ୍ତା ଜାନୁୟାରୀ ୧୩ରୁ ୨୯ ତାରିଖ ପର୍ଯ୍ୟନ୍ତ ହକି ବିଶ୍ୱକପର ମ୍ୟାଚଗୁଡ଼ିକ ଭୁବନେଶ୍ୱର ଓ ରାଉରକେଲାରେ ଅନୁଷ୍ଠିତ ହେବ। ୧୬ଟି ଦେଶ ଏଥିରେ ପ୍ରତିନିଧିତ୍ୱ କରିବେ। ହକିର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ହକି ବିଶ୍ୱକପ୍ ଟ୍ରଫି ବିଭିନ୍ନ ରାଜ୍ୟ ସମେତ ଆମ ରାଜ୍ୟର ସମସ୍ତ ଜିଲା ପରିକ୍ରମା କରୁଛି। ଏହି କ୍ରମରେ ମଙ୍ଗଳବାର ଶ୍ରୀକ୍ଷେତ୍ରରେ ହକି ବିଶ୍ୱକପ୍ ଟ୍ରଫି ପହଞ୍ଚିଛି। ପୁରୀ ଜିଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ସମେତ ଜିଲାବାସୀଙ୍କ ପକ୍ଷରୁ ଟ୍ରଫିକୁ ଭବ୍ୟ ସ୍ୱାଗତ କରାଯାଇଛି। ହଜାର ହଜାର ଦର୍ଶକ ଟ୍ରଫିକୁ ଦେଖିବା ସହ ଚକ୍ ଦେ ଇଣ୍ଡିଆ ଧ୍ୱନି ଦେଇଥିଲେ।

ସୋମବାର ରାତିରେ ହକି ବିଶ୍ୱକପ୍ ଟ୍ରଫି ପୁରୀରେ ପହଞ୍ଚିଥିଲା। ମଙ୍ଗଳବାର ସକାଳ ୭ଟା ୩୦ରେ ସର୍କିଟ ହାଉସଠାରୁ ଭିକ୍ଟୋରିଆ ହୋଟେଲ ସମ୍ମୁଖ ବେଳାଭୂମିକୁ ଟ୍ରଫି ଅଣାଯାଇଥିଲା। ଏହି ସମୟରେ ପୋଲିସ ବ୍ୟାଣ୍ଡ ସହ ଏନ୍‌ସିସି, ସ୍କାଉଟ୍ସ, ଗାଇଡ୍ସ, କ୍ୟାଡେଟ୍ସ, ଛାତ୍ରୀଛାତ୍ର, କଳାକାର ଓ ଜନତା ସ୍ୱାଗତ କରିଥିଲେ। ଟ୍ରଫିକୁ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଜିଲାପାଳ ସମର୍ଥ ବର୍ମାଙ୍କୁ ହସ୍ତାନ୍ତର କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ପିପିଲି ବିଧାୟକ ରୁଦ୍ର ପ୍ରତାପ ମହାରଥୀ, ଜିଲାପରିଷଦ ସଭାପତି ସ୍ୱପ୍ନାରାଣୀ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଆମ ଜାତୀୟ ଖେଳ ହକିକୁ ବିଶ୍ୱ ଦରବାରରେ ପହଞ୍ଚାଇବା କ୍ଷେତ୍ରରେ ଓଡ଼ିଶା ଏକ ବଡ଼ ଭୂମିକା ନିର୍ବାହ କରୁଛି। ବିଶ୍ୱକପ୍ ଭଳି ବିଶ୍ୱସ୍ତରୀୟ ସମ୍ମାନଜନକ ଟୁର୍ନାମେଣ୍ଟକୁ ଓଡ଼ିଶା ଦୁଇ ଥର ଆୟୋଜନ କରିବା ଗୌରବର କଥା। ପ୍ରତିଟି ଓଡ଼ିଆ ତଥା ଭାରତୀୟଙ୍କ ପାଇଁ ଏହା ଗର୍ବର ମୁହୂର୍ତ୍ତ ବୋଲି ଅତିଥିମାନେ କହିଥିଲେ। ଅନ୍ତର୍ଜାତୀୟ କ୍ରୀଡ଼ାରେ ସଫଳତା ଅର୍ଜନ କରିଥିବା ୧୪ଜଣ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶ୍ୱକପ୍‌ରେ ଅଂଶଗ୍ରହଣ କରୁଥିବା ୧୬ଟି ଦଳର ଜର୍ସି ପିନ୍ଧି ୧୬ କ୍ରୀଡ଼ାବିତ ଟ୍ରଫିକୁ ସ୍ୱାଗତ କରିଥିଲେ। ପ୍ରାରମ୍ଭରେ ସିଦ୍ଧ ମହାବୀର ସଙ୍ଗୀତ ପରିଷଦ ପକ୍ଷରୁ ଗୁରୁ ସତ୍ୟପ୍ରିୟ ମହାପାତ୍ରଙ୍କ ସଂଯୋଜନାରେ ସ୍ୱାଗତ ସଙ୍ଗୀତ, କଣ୍ଠଶିଳ୍ପୀ ଦେବାଂଶୀ ଦାସଙ୍କ ଦ୍ୱାରା କଣ୍ଠ ସଙ୍ଗୀତ, ଗୁରୁ କୁମାର ଭୀମସେନ ଓ ତୁଷାର ଜୈନଙ୍କ ସଂଯୋଜନାରେ ଜୁମ୍ବା ନୃତ୍ୟ, ପଲ୍ଲିଶ୍ରୀ ସୋସିଓ କଲ୍‌ଚରାଲ ସେଣ୍ଟର ପକ୍ଷରୁ ଗୁରୁ ପବିତ୍ର ପରିଡ଼ାଙ୍କ ନେତୃତ୍ୱରେ ସମ୍ବଲପୁରୀ ନୃତ୍ୟ, ଜ୍ଞାନରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ମାଲଖମ୍ବ କ୍ରୀଡ଼ା ପ୍ରଦର୍ଶନ କରାଯାଇଥିଲା। ଷ୍ଟର୍ଲିଂଠାରୁ ଭିକ୍ଟୋରିଆ ସମ୍ମୁଖ ବେଳାଭୂମି ପର୍ଯ୍ୟନ୍ତ ୫୦୦ କ୍ରୀଡ଼ା ଛାତ୍ରୀଛାତ୍ର ଏକ ମାରାଥନ୍‌ରେ ଆସିଥିଲେ। ଶିଳ୍ପୀ ମାନସ ସାହୁ ବାଲୁକା କଳାରେ ବିଶ୍ୱକପ୍ ଟ୍ରଫି ପ୍ରଦର୍ଶନ କରିଥିଲେ। ପରେ ଟ୍ରଫିକୁ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖ ଅରୁଣ ସ୍ତମ୍ଭ ନିକଟକୁ ନିଆଯାଇ ଖଣ୍ଡୁଆ ପାଟ ଅର୍ପଣ ସହ ସ୍ୱାଗତ କରାଯାଇଥିଲା। ଜାତୀୟସ୍ତରରେ ମେଡାଲ ହାସଲ କରିଥିବା କ୍ରୀଡ଼ାବିତ୍‌ମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସିଂହଦ୍ୱାର ସମ୍ମୁଖରେ ମଧ୍ୟ ଓଡ଼ିଶୀ, ନାଗା, ସାହିଯାତ ଇତ୍ୟାଦି ପରିବେଷଣ ହୋଇଥିଲା। ସେବାୟତ ଓ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ। ଶ୍ୟାମପ୍ରକାଶ ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ଦିଲ୍ଲୀପ କୁମାର ମହାପାତ୍ର, ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ଅତିରିକ୍ତ ଏସ୍‌ପି ମିହିର ପ୍ରସାଦ ପଣ୍ଡା, ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ, ଉପଜିଲାପାଳ ଭବତାରଣ ସାହୁ, ପୌର ନିର୍ବାହୀ ଅଧିକାରୀ ସରୋଜ ସ୍ୱାଇଁ, ଅତିରିକ୍ତ ପୌରନିର୍ବାହୀ ଅଧିକାରୀ ମନୋଜ ବେହେରା, ଜିଲା ପର୍ଯ୍ୟଟନ ଅଧିକାରୀ ସରୋଜ କୁମାର ପ୍ରଧାନ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କୋଣାର୍କ ସୂର୍ଯ୍ୟ ମନ୍ଦିରରେ ଟ୍ରଫିକୁ କ୍ରୀଡ଼ା ମନ୍ତ୍ରୀ, ଅତିରିକ୍ତ ଜିଲାପାଳ ଦିଲୀପ ମହାପାତ୍ର, ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ ଓ କୋଣାର୍କ ଏନ୍ଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। କୋଣାର୍କ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଏନ୍‌ସିସି, ସ୍କାଉଟ୍, ଗାଇଡ୍, ଛାତ୍ରୀଛାତ୍ର, ଖବରଦାତାଙ୍କ ସମେତ ବିଭିନ୍ନ ସାମାଜିକ ସଙ୍ଗଠନ ପକ୍ଷରୁ ଟ୍ରଫିକୁ ସ୍ୱାଗତ କରାଯାଇଥିଲା। ଉତ୍ସବରେ ଜିଲା ସାଧାରଣ ଓ ବିବିଧ ଉପବିଭାଗର ଅଧିକାରୀ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ ସେଠୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଓ ନିମାପଡ଼ା ଏସ୍‌ଡିପିଓ ଦେବାଶିଷ ମିଶ୍ରଙ୍କ ସମେତ ଏନ୍ଏସି କାଉନ୍‌ସିଲରମାନେ ଉପସ୍ଥିତ ଥିଲେ। ମନ୍ଦିର ପରିସରରେ ଗୋଟିପୁଅ ନୃତ୍ୟ ପରିବେଷଣ ହୋଇଥିଲା। ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲ ସମ୍ମୁଖରେ ଶତାଧିକ ଛାତ୍ରୀଛାତ୍ର, କ୍ରୀଡ଼ାପ୍ରେମୀ, ଶିକ୍ଷୟିତ୍ରୀ ଶିକ୍ଷକ, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ ଦୀର୍ଘ ଏକଘଣ୍ଟା ଧରି ଠିଆ ହେବାକୁ ପଡ଼ିଥିଲା। ୨ଟା ୧୫ରେ ଟ୍ରଫି ପହଞ୍ଚିବାକୁ ସୂଚନା ମିଳିଥିବାବେଳେ ୩ଟା ୧୬ ମିନିଟ୍‌ରେ ପହଞ୍ଚିଥିଲା। ପରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ବିଡିଓ ଦୀପ୍ତିରାଣୀ ଦାସ କପ୍‌କୁ ସ୍ୱାଗତ କରିଥିଲେ। ପରେ ନିମାପଡ଼ା ଦୋଳବେଦି ଛକଠାରେ ଟ୍ରଫିକୁ ନିମାପଡ଼ାବାସୀଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଡିଓ ବସନ୍ତ ମଲ୍ଲିକ, ବ୍ଲକ ଶିକ୍ଷା ଅଧିକାରୀ ଦ୍ୟୁତିକାନ୍ତ ପ୍ରଧାନ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଏନ୍ଏସି ଉପାଧ୍ୟକ୍ଷ ସନ୍ତୋଷ ଦାଶ, ବିଜେଡି ନଗର ସଭାପତି ଜୀବନାନନ୍ଦ ମହାପାତ୍ର, ସନାତନ ପ୍ରଧାନ, ସନ୍ତୋଷ ଓଝା ପ୍ରମୁଖ ସ୍ୱାଗତ ସମ୍ବର୍ଦ୍ଧନାର ନେତୃତ୍ୱ ନେଇଥିଲେ।



ପୁରୀ ବେଳାଭୂମିରେ ଆୟୋଜିତ କାର୍ଯ୍ୟକ୍ରମରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଏବଂ ଅନ୍ୟମାନେ।



କୋଣାର୍କରେ ହକି ବିଶ୍ୱକପ୍ ଟ୍ରଫିକୁ ସ୍ୱାଗତ କରାଯାଉଛି।

### ଭାଗନେଇଛନ୍ତି ପୁରୀ ବକ୍ସିଂ ଏକାଡେମୀର ୬ ଖେଳାଳି

■ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ବକ୍ସିଂ ପ୍ରତିଯୋଗିତା

ପୁରୀ ଅଫିସ, ୨୭।୧୨

ସୋମବାରଠାରୁ ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ମହିଳା ବକ୍ସିଂ ପ୍ରତିଯୋଗିତା ଆରମ୍ଭ ହୋଇଛି। ଏହା ଜାନୁୟାରୀ ୧ ତାରିଖ ପର୍ଯ୍ୟନ୍ତ ଚାଲିବ। ହରିୟାଣାର ରୋହତକ୍‌ଠାରେ ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ମହିଳା ବକ୍ସିଂ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଏଥିରେ ଉତ୍କଳ ବିଶ୍ୱବିଦ୍ୟାଳୟ ଦଳ ଅଂଶଗ୍ରହଣ କରିଛି। ଏହି ଦଳରେ ପୁରୀ ବକ୍ସିଂ ଏକାଡେମୀର ୬ଜଣ ପ୍ରତିଯୋଗୀ ସ୍ଥାନ ପାଇଛନ୍ତି। ସେମାନେ ହେଲେ ରୋନାଲି ଗିରି, କବିତା ଗୁରୁ, ବର୍ଷାରାଣୀ ଜେନା, ସୁନିତା ଜେନା, ଲିଜା ପରିଡ଼ା ଏବଂ ରାକ୍ଷୀ ସ୍ୱାଇଁ। ପୁରୀ ବକ୍ସିଂ ଏକାଡେମୀର କୋଚ୍ ସୁଦର୍ଶନ ସାହୁ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ଜିଲା କ୍ରୀଡା ସଂସଦ ସମ୍ପାଦକ ରବିଶଙ୍କର ପ୍ରତିହାରୀ, ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଯୁବ ସଙ୍ଗଠକ ଶୁଭାଶିଷ ଖୁଣ୍ଟିଆ, ସୁଦର୍ଶନ ମହାରଥୀ, ହରିହର କର, ରବିନାରାୟଣ ମିଶ୍ର, ପ୍ରଫୁଲ ମିଶ୍ର, ବିଶ୍ୱଭୂଷଣ ପଣ୍ଡା ଏବଂ ପ୍ରଦୀପ ଦାସ ପ୍ରମୁଖ ଖେଳାଳିଙ୍କ ସଫଳତା କାମନା କରିଛନ୍ତି।

### ୨୭.୭୦ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ୩ ଗିରଫ

ଯାଁଳା,୨୭।୧୨(ଡି.ଏନ୍.ଏ.)

ଇନ୍‌ଫୋଭ୍ୟାଲି ଥାନା ପୋଲିସ ମଙ୍ଗଳବାର ଯାଁଳା ବଜାର ନିକଟ ଲକ୍ଷ୍ମୀପୂଜା ମଣ୍ଡପ ନିକଟରେ ଚଢ଼ାଉ କରି ୩ ଜଣ ବ୍ରାଉନ୍‌ସୁଗାର ବେପାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ରାଜେଶ ଦାସ, ଅଜୟ ମଲ୍ଲିକ ଓ ଶକ୍ତି ଶାନ୍ତନୁ ଓରଫ ଗୁଗୁ ପଣ୍ଡା। ଏମାନଙ୍କ ନିକଟରୁ ୨୭.୭୦ ଗ୍ରାମ୍ ବ୍ରାଉନ୍‌ସୁଗାର, ୩ଟି ମୋବାଇଲ ଫୋନ୍, ଦୁଇଟି ବାଇକ୍ ସହ ୧୨ଶହ ଟଙ୍କା ଜବତ ହୋଇଛି। ଅଭିଯୁକ୍ତମାନେ ଦୀର୍ଘଦିନ ଧରି ଯାଁଳା ବଜାର ସହିତ ଗଙ୍ଗପଡ଼ା, ଅରିସଲ, ଛତାବର ଏବଂ ଆଖପାଖ ଅଞ୍ଚଳରେ ବ୍ରାଉନ୍‌ସୁଗାର ବିକ୍ରି କରୁଥିଲେ। ଯାଁଳା ଲକ୍ଷ୍ମୀପୂଜା ମଣ୍ଡପଠାରେ ଉପରୋକ୍ତ ୩ ଅଭିଯୁକ୍ତ ଗ୍ରାହକଙ୍କୁ ଅପେକ୍ଷା କରିଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଖବରପାଇ ପୋଲିସ ଚଢ଼ାଉ କରି ଏମାନଙ୍କୁ ଧରିବା ସହ ବ୍ରାଉନ୍‌ସୁଗାର ଜବତ କରିଥିଲା।

# ରାଜ୍ୟସ୍ତରୀୟ ମଙ୍ଗଳା କପ୍: ଏମ୍‌ସିସି ସେମିରେ

କାକଟପୁର/ଅସ୍ତରଙ୍ଗ,୨୭।୧୨(ଡି.ଏନ୍.ଏ.)



କୃତୀ ଖେଳାଳିଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

କାକଟପୁରର ମିନି ଷ୍ଟାଡିୟମରେ ଚାଲିଥିବା ୩୩ତମ ରାଜ୍ୟସ୍ତରୀୟ ମଙ୍ଗଳା କପ୍ କ୍ରିକେଟ ପ୍ରତିଯୋଗିତାର ମଙ୍ଗଳବାର ତୃତୀୟ ଦିବସରେ ପାରାମାଉଣ୍ଟ ସ୍ପୋର୍ଟିଂ, ଭୁବନେଶ୍ୱର ଓ ମଙ୍ଗଳା କ୍ରିକେଟ କ୍ଲବ(ଏମ୍‌ସିସି), କାକଟପୁରଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଏମ୍‌ସିସି ଟସ୍ ଜିତି ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୫ ଓଭରରେ ୨୦୪ ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଇଲୁ ଗୋଚ୍ଛାୟତ ୫୭ରନ ଓ ବିଶ୍ୱଭୂଷଣ ବିହାରୀ ୩୬ ରନ କରିଥିବା ବେଳେ ପାରାମାଉଣ୍ଟ ସ୍ପୋର୍ଟିଂର ବୋଲର ରଜନିସ ଯାଦବ ୪ ଓଭର ବୋଲିଂ କରି ସର୍ବାଧିକ ୬ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ପାରାମାଉଣ୍ଟ ସ୍ପୋର୍ଟିଂ ବ୍ୟାଟିଂ କରି ୨୫ ଓଭରରେ ୧୩୯ ରନ କରି ସମସ୍ତ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ରଜନିସ ଯାଦବ ୩୪, ସୌମ୍ୟ ରଞ୍ଜନ ବରାଳ ୩୦ ରନ ସଂଗ୍ରହ କରିଥିଲେ। ଏମ୍‌ସିସି ପକ୍ଷରୁ ବୋଲିଂ କରି ବିଶ୍ୱଭୂଷଣ ୨ଟି, ସୁକାନ୍ତ ଓ ବାଦଲ ଭୋଳ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଫଳରେ ଆୟୋଜକ ଏମ୍‌ସିସି ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ବିଜୟୀ ଦଳର ଇଲୁ ଗୋଚ୍ଛାୟତଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଘୋଷଣା କରାଯାଇଥିଲା। କାକଟପୁର ବ୍ଲକର ଜିପିଓ ଶୁଭେନ୍ଦୁ ପରିଡ଼ା, ହିମାଂଶୁ ଦୀକ୍ଷିତ, ସରୋଜ ସାମଲ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଅମ୍ପାୟର ଭାବେ ନିର୍ମଳ ମିଶ୍ର ଓ ଅୟସକାନ୍ତ ମିଶ୍ର ଖେଳ ପରିଚାଳନା କରିଥିଲେ। ଭାଗବତ ସ୍ୱାଇଁ ଧାରା ବିବରଣୀ କରିଥିବା ବେଳେ ଭବାନୀ କୁମାର, ପ୍ରଦୀପ୍ତ ଦୀକ୍ଷିତ ସ୍କୋରିଂ ଦାୟିତ୍ୱ ତୁଲାଇଥିଲେ।

# ନ୍ୟାୟ ନ ମିଳିଲେ ଆତ୍ମାହୁତି

ପୁରୀ ଅଫିସ, ୨୭।୧୨

**ଏସ୍‌ପିଙ୍କ ଅଫିସ୍ ଆଗରେ ଦମ୍ପତିଙ୍କ ଧାରଣା**

ପଡ଼ୋଶୀ ଲୋକେ ନୂତନ ଘର ନିର୍ମାଣ କରାଇ ଦେଉ ନ ଥିବା ଅଭିଯୋଗ କଲେ ମଧ୍ୟ ପୋଲିସ କୌଣସି ପଦକ୍ଷେପ ନେଉନାହିଁ। ଏହା ପ୍ରତିବାଦରେ ତଥା ନ୍ୟାୟ ଦାବିରେ ମଙ୍ଗଳବାର ପୁରୀ ରାମଚଣ୍ଡୀ ଥାନା ଅଞ୍ଚଳର ଏକ ଦମ୍ପତି ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସମ୍ପୃକ୍ତ ଦମ୍ପତି ହେଲେ ରାମଚଣ୍ଡୀ ଥାନା ଅନ୍ତର୍ଗତ ଇଞ୍ଚଳ ଗ୍ରାମର ବାସୁଦେବ ବେହେରା ଓ ଗୀତାଞ୍ଜଳି ବେହେରା। ଏମାନେ ଅଭିଯୋଗ କରିଛନ୍ତି, ଗତ ସେପ୍ଟେମ୍ବର ୨୫ରେ ତାଙ୍କ ନୂତନ ଘର ନିର୍ମାଣ ବେଳେ ପଡ଼ିଶା ଘରର ଲୋକେ ଆସି ବଳପୂର୍ବକ କାର୍ଯ୍ୟ ବନ୍ଦ କରିଥିଲେ। ଏହାକୁ ବିରୋଧ କରିବାରୁ ସେମାନେ ମାଡ଼ ମାରିବା ସହ ତାଙ୍କ ମାଟିଘରକୁ ଭାଙ୍ଗିଦେଇଥିଲେ। ସିମେଣ୍ଟ, ବାଲି, ରଡ୍ ପ୍ରଭୃତି ବହୁ ସାମଗ୍ରୀ ଲୁଟି ନେଇଯାଇଥିଲେ। ଏ ନେଇ ସେପ୍ଟେମ୍ବର ୨୬ରେ ଏସ୍‌ପିଙ୍କୁ ଜଣାଇବା ପରେ ରାମଚଣ୍ଡୀ ଥାନା ପକ୍ଷରୁ ତଦନ୍ତ କରାଯାଇଥିଲା। ପରେ ଉଭୟ ପକ୍ଷ ମଧ୍ୟରେ ଘଟଣାର ଆପୋସ ସମାଧାନ ପାଇଁ ନିଷ୍ପତ୍ତି ହୋଇଥିଲା। ଅଭିଯୁକ୍ତମାନେ କ୍ଷତିପୂରଣ ବାବଦରେ ୫ଲକ୍ଷ ଟଙ୍କା ଦେବା ପାଇଁ ସ୍ଥିର ହୋଇଥିଲା। ମାତ୍ର ଅଭିଯୁକ୍ତମାନେ ଟଙ୍କା ଦେଇ ନ ଥିଲେ। ଏ ନେଇ ପୋଲିସକୁ ଜଣାଇବାରୁ ଥାନାରେ ପୋଲିସ ମାଡ଼ ମାରିଥିଲା। ବର୍ତ୍ତମାନ ଅସହାୟ ଅବସ୍ଥାରେ ବାତ୍ୟା ଆଶ୍ରୟସ୍ଥଳୀରେ ରହିବାକୁ ପଡୁଛି। ଅଭିଯୁକ୍ତମାନେ ହତ୍ୟା ଧମକ ଦେଉଛନ୍ତି। ଯଦି ନ୍ୟାୟ ନ ମିଳେ ତେବେ ସେମାନେ ଏସ୍‌ପିଙ୍କ କାର୍ଯ୍ୟାଳୟ କିମ୍ବା ରାମଚଣ୍ଡୀ ଥାନା ସମ୍ମୁଖରେ ଆତ୍ମାହୂତି ଦେବେ ବୋଲି ଉକ୍ତ ଦମ୍ପତି କହିଛନ୍ତି।

# ଅଧିକାରୀଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନ ସ୍ଥଗିତ

ପୁରୀ ଅଫିସ, ୨୭।୧୨

ଛଟେଇ କର୍ମଚାରୀଙ୍କୁ ପୁନଃନିଯୁକ୍ତି ସହ ବିଭିନ୍ନ ଦାବି ନେଇ ଇଷ୍ଟକୋଷ୍ଟ ରେଲୱେ କଣ୍ଟ୍ରାକ୍ଟ ଶ୍ରମିକ ୟୁନିୟନ ସହବନ୍ଧିତ ହାଉସ୍ କିପିଂ କମର୍ଚାରୀ ସଂଘ ତରଫରୁ ମଙ୍ଗଳବାର ଜେଲ୍ ଭରୋ ଆନ୍ଦୋଳନ ଡାକରା ଦିଆଯାଇଥିଲା। ତେବେ ଆନ୍ଦୋଳନକାରୀଙ୍କ ସହ ରେଲୱେ ଅଧିକାରୀ ଆଲୋଚନା କରିବା ପାଇଁ ରାଜି ହୋଇଥିଲେ। ହାଉସ କିପିଂ ସଂଘର ଏକ ୫ଜଣିଆ ପ୍ରତିନିଧି ଦଳ ସିନିୟର ସିଡିଓଙ୍କ ସହିତ ଆଲୋଚନା କରିଥିଲେ। ଆଲୋଚନା ଅନୁଯାୟୀ, ଠିକା କମ୍ପାନୀ ରଖିଥିବା ନୂତନ କମର୍ଚାରୀଙ୍କ ବେତନ ବନ୍ଦ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଛଟେଇ କର୍ମଚାରୀଙ୍କୁ ପର୍ଯ୍ୟାୟକ୍ରମେ ନିଯୁକ୍ତି ଦେବା ପାଇଁ କମ୍ପାନୀକୁ କୁହାଯିବ ବୋଲି ସିନିୟର ସିଡିଓ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ୩୨ଜଣ ଛଟେଇ କର୍ମଚାରୀଙ୍କ ନାମ ତାଲିକା ଦାଖଲ କରାଯାଇଥିଲା। ସିଆଇଟିୟୁର ପୁରୀ ଜିଲା ସଭାପତି ଆଇନଜୀବୀ ଶ୍ରୀକାନ୍ତ ପରିଜା, ଶ୍ରମିକ ନେତା ଭୀମସେନ ସ୍ୱାଇଁ, ପବିତ୍ରମୋହନ ଦଳାଇ, ସମ୍ପାଦକ ଦେବାଶିଷ ସାମଲ, ଦିଲ୍ଲୀପ ବରାଳ, କାହ୍ନୁଚରଣ ମଲ୍ଲିକ, ବ୍ରଜକିଶୋର ଜେନା, ବିଟୁ ଭୋଇ, ରବି ବେହେରା, ରାଜେଶ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ତୁରନ୍ତ ଦାବି ପୂରଣ ନ ହେଲେ ସିନିୟର ସିଡିଓଙ୍କ କାର୍ଯ୍ୟାଳୟ ଅଚଳ ସହ ରେଳରୋକୋ କରାଯିବ ବୋଲି ପରିଜା କହିଛନ୍ତି।





ଇଷ୍ଟକୋଷ୍ଟ ରେଲୱେ କଣ୍ଟ୍ରାକ୍ଟ ଶ୍ରମିକ ୟୁନିୟନ ସହବନ୍ଧିତ ହାଉସ୍ କିପିଂ କର୍ମଚାରୀ ସଂଘ ପକ୍ଷରୁ ଧାରଣା ଦିଆଯାଇଛି।

# ‘ପ୍ରଚାରକ ଅନନ୍ତ ମିଶ୍ରଙ୍କ ସ୍ମୃତିରକ୍ଷା ପାଇଁ ଉଦ୍ୟମ ହେଉ’

ପୁରୀ ଅଫିସ, ୨୭।୧୨





ବିଜୟ କୁମାର ଛାଟୋଇଙ୍କ ଦ୍ୱାରା ରଚିତ ପୁସ୍ତକ ‘କୈଶୋର ଭାବନା’କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ପ୍ରଚାରକ ଅନନ୍ତ ମିଶ୍ରଙ୍କ ୧୩୮ତମ ରାଜ୍ୟସ୍ତରୀୟ ଜୟନ୍ତୀ, ସମ୍ବର୍ଦ୍ଧନା, କବିତା ପାଠୋତ୍ସବ ଏବଂ ମେଧା ପ୍ରମାଣପତ୍ର ପ୍ରଦାନ ଉତ୍ସବ ମଙ୍ଗଳବାର ପ୍ରଚାରକ ଅନନ୍ତ ମିଶ୍ର ସ୍ମୃତି ପରିଷଦ ଆନୁକୂଲ୍ୟରେ ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ଉଦ୍‌ଘାଟକ ଏବଂ ମୁଖ୍ୟ ଅତିଥି ଭାବେ ପ୍ରସାଦ ହରିଚନ୍ଦନ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର କୁମରବର ଦାସ, ସମ୍ମାନିତ ଅତିଥି ଭାବେ ପ୍ରଫେସର ହରିହର କାନୁନ୍‌ଗୋ, ବୀରେନ୍ଦ୍ର ମହାନ୍ତି ମଞ୍ଚାସୀନ ଥିଲେ। ପ୍ରଚାରକ ଅନନ୍ତ ମିଶ୍ରଙ୍କ ସ୍ମୃତି ରକ୍ଷା ନିମନ୍ତେ ରାଜ୍ୟ ସରକାର ସଂକଳ୍ପବଦ୍ଧ ହୁଅନ୍ତୁ ବୋଲି ଅତିଥିମାନେ ମତବ୍ୟକ୍ତ କରି କହିଥିଲେ। ଏହି ଅବସରରେ ପ୍ରଫେସର ବ୍ୟୋମକେଶ ତ୍ରିପାଠୀ, ଡ. ହେମନ୍ତ ଛୋଟରାୟ, ରମେଶ ଦାଶ, ରମେଶ ଦୀକ୍ଷିତ, ଗଙ୍ଗାଧର ପ୍ରଧାନ, କୈଳାସ ବିଶ୍ୱାଳ, ମୀନକେତନ ପାଟଯୋଶୀ, ଲକ୍ଷ୍ମୀଧର ମହାରଣା, ବର୍ଷା ପ୍ରିୟଦର୍ଶିନୀ ମହାନ୍ତି, ଚିନ୍ମୟ ବାରିକ୍, ଗୋବିନ୍ଦ ଚନ୍ଦ୍ର ଫାରକ ଏବଂ ସୁକାନ୍ତ ମହାନ୍ତି ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ମେଧା ପ୍ରମାଣପତ୍ର ଦିଆଯାଇଥିଲା। ବିଜୟ କୁମାର ଛାଟୋଇଙ୍କ ପୁସ୍ତକ ‘କୈଶୋର ଭାବନା’କୁ ଅତିଥିମାନେ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଗୁରୁ ସୁଚରିତା ପ୍ରତିହାରୀଙ୍କ କଣ୍ଠଶିଳ୍ପୀମାନଙ୍କ ପକ୍ଷରୁ ସଙ୍ଗୀତ ପରିବେଷଣ କରାଯାଇଥିଲା। ପରେ ମନୋରମା ଆଚାର୍ଯ୍ୟ, କଳ୍ପନା ମିଶ୍ର, କ୍ରିଷ୍ଣା ମହାପାତ୍ର, ପ୍ରଭାତ ଚନ୍ଦ୍ର ରଥ ଏବଂ ସଦାଶିବ ମିଶ୍ରଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମ୍ପାଦକ ବିଜୟ କୁମାର ଛାଟୋଇ ପରିଚାଳନା କରିଥିଲେ। ଅନୁଷ୍ଠାନର ସଭାପତି ରବୀନ୍ଦ୍ର ନାଥ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ରାଜ୍ୟସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ବାରଙ୍ଗ,୨୭।୧୨(ଡି.ଏନ୍.ଏ.) ଭାରତୀୟ ଶିକ୍ଷା ପରିଷଦ ତରଫରୁ ଆୟୋଜିତ ଶିକ୍ଷକ ପ୍ରଶିକ୍ଷଣ ଶିବିର-୨୦୨୨ ଶ୍ରୀଜୟଦେବ ଶିକ୍ଷା କେନ୍ଦ୍ର, କାନନ ବିହାର ଫେଜ-୨ରେ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ପରିଷଦର ଉପସଭାପତି ହିମାଂଶୁ ଶେଖର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ ଡ.ଦିଗରାଜ ବ୍ରହ୍ମା, ଅନ୍ୟତମ ଅତିଥି ଭାବେ ଯୋଗଗୁରୁ ଡ.ବିଶ୍ୱରଞ୍ଜନ ରଥ ଅତିଥିଭାବେ ଯୋଗଦେଇ ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ଗାୟତ୍ରୀମନ୍ତ୍ର ପାଠ ଓ ଯୋଗର ଉପକାରିତା ବିଷୟରେ ଦିଗ୍‌ଦର୍ଶନ ଦେଇଥିଲେ। ଶିକ୍ଷା ପରିଷଦର ସମ୍ପାଦକ ରବିନାରାୟଣ ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଟ୍ରଷ୍ଟି ବାବାଜୀ କୁମାର ପ୍ରଶିକ୍ଷଣ ଶିବିରର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶ୍ରୀଜୟଦେବ ଶିକ୍ଷାକେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ କୁମାର ପାଣି ଉଦ୍‌ଘାଟନ ଉତ୍ସବର ସମସ୍ତ କାର୍ଯ୍ୟର ବ୍ୟବସ୍ଥା କରିବା ସହିତ ପ୍ରତି ବିଦ୍ୟାଳୟ କିପରି ସ୍ୱାବଲମ୍ବୀ ହେବ ଏବଂ ଶିକ୍ଷାର ମାନବୃଦ୍ଧି ହେଲେ ଭାରତୀୟ ଶିକ୍ଷା ପରିଷଦର ଶ୍ରମ ସାର୍ଥକ ହେବ ସେ ବିଷୟରେ ମତବ୍ୟକ୍ତ କରିଥିଲେ। ପରିଷଦର କାର୍ଯ୍ୟାଳୟ ସମ୍ପାଦକ ବିଚିତ୍ରାନନ୍ଦ ସ୍ୱାଇଁ, ପ୍ରଧାନ ଶିକ୍ଷକ ଡ.ସୁନ୍ଦରମୋହନ ବାରିକ, ଟ୍ରଷ୍ଟି ରାଜକିଶୋର ସ୍ୱାଇଁ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ। ଏହି ଶିବିରରେ ରାଜ୍ୟର ବିଭିନ୍ନ ସ୍କୁଲରୁ ୨୦୦ରୁ ଅଧିକ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। ଗୁରୁବାର ଏହି ଶିବିର ଉଦ୍‌ଯାପିତ ହେବ ବୋଲି ସମ୍ପାଦକ ରବିନାରାୟଣ ଜେନା ସୂଚନା ଦେଇଛନ୍ତି।

### ଐତିହ୍ୟ ଆମକୁ ଭବିଷ୍ୟତ ପଥରେ ଅଗ୍ରସର କରେ

#### ଇନ୍‌ଟାକ୍‌ର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୨୭।୧୨(ବ୍ୟୁରୋ) ଇଣ୍ଡିଆନ ନ୍ୟାଶନାଲ ଟ୍ରଷ୍ଟ ଫର୍ ଆର୍ଟ ଆଣ୍ଡ୍ କଲ୍‌ଚରାଲ ହେରିଟେଜ(ଇନ୍‌ଟାକ୍)ର ପ୍ରତିଷ୍ଠା ଦିବସ ମଙ୍ଗଳବାର ଭାରତୀୟ ବିଦ୍ୟାଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ବିଶିଷ୍ଟ ନୃତତ୍ତ୍ୱବିତ୍ ତଥା ଜାତୀୟ କୀର୍ତ୍ତିରାଜି କର୍ତ୍ତୃପକ୍ଷ (ଏନ୍ଏମ୍ଏ) ଅଧ୍ୟକ୍ଷ ପ୍ରଫେସର କିଶୋର କୁମାର ବସା ଯୋଗଦେଇ କହିଲେ, ସଂସ୍କୃତି ଭଳି ଐତିହ୍ୟ ବି ଗୋଟିଏ ଜାତିର ସମ୍ପଦ। ଐତିହ୍ୟ କେବଳ ଅତୀତର କଥା କହେ ନାହିଁ, ଆମକୁ ଭବିଷ୍ୟତ ପଥରେ ଅଗ୍ରସର କରାଏ। ଇନ୍‌ଟାକ୍‌ର ରାଜ୍ୟ ଆବାହକ ଅମିୟ ଭୂଷଣ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏହି ଜାତୀୟ ଆଲୋଚନାରେ ଭୁବନେଶ୍ୱରର ଆବାହକ ବୈକୁଣ୍ଠ ନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ଓ ଆବାହକ ଦେବାଶିଷ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ରାଜଧାନୀର ୨୮ ସ୍ଥାନରେ ଏମ୍‌ଭି ଚେକିଂ

**ନୂଆବର୍ଷ ପାଇଁ କମିଶନରେଟ ପୋଲିସର ପ୍ରସ୍ତୁତି**

- ୧୭ ସ୍ଥାନରେ ମଦ୍ୟପ ଗାଡ଼ି ଚାଳକଙ୍କ ଉପରେ ନଜର
- ୪ ସ୍ଥାନରେ କ୍ୱିକ୍ ରେସପନ୍ସ ଟିମ୍, ୩ ସ୍ଥାନରେ ଷ୍ଟ୍ରାଇକିଂ ଫୋର୍ସ
- ସହର ଜଗିବେ ୧୩ ପ୍ଲାଟୁନ ଫୋର୍ସ

ଭୁବନେଶ୍ୱର, ୨୭।୧୨ (ବ୍ୟୁରୋ)

ନୂଆ ବର୍ଷକୁ ସ୍ୱତନ୍ତ୍ର ଭାବେ ପାଳନ କରିବାକୁ ସବୁଠି ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଦିନ ଯେତିକି ପାଖେଇ ଆସୁଛି ଉତ୍କଣ୍ଠା ସେତିକି ବଢୁଛି। ବିଶେଷକରି ରାଜଧାନୀରେ ଜିରୋ ନାଇଟ ସେଲିବ୍ରେଶନ ପାଇଁ ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଲାଗି ଜୋର୍‌ଦାର ପ୍ରସ୍ତୁତି ଚାଲିଛି। ତେବେ ନୂଆବର୍ଷ ସେଲିବ୍ରେଶନକୁ ସୁରକ୍ଷିତ ତଥା ଶୃଙ୍ଖଳିତ କରିବା ପାଇଁ କମିଶନରେଟ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏନେଇ ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ମଙ୍ଗଳବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି, ସହରରେ ୪ ଅତିରିକ୍ତ ଡିସିପି, ୭ ଏସିପି, ୨୩ ଇନ୍ସପେକ୍ଟର ଓ ୫୦ ଏସ୍ଆଇ/ଏଏସ୍ଆଇଙ୍କ ସମେତ ମୋଟ ୧୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ବ୍ୟବସ୍ଥା ହୋଇଛି। ଶନିବାର ଅର୍ଥାତ୍ ଡିସେମ୍ବର ୩୧ ସନ୍ଧ୍ୟା ୭ଟାରୁ ରାତି ୨ଟା ପର୍ଯ୍ୟନ୍ତ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଚେକିଂ ଓ ବ୍ଲକିଂକୁ କଡାକଡି କରାଯିବ। ସହରର ୨୮ଟି ସ୍ଥାନରେ ଏମ୍‌ଭି ଚେକିଂ କରାଯିବ। ଯେଉଁମାନେ ଦ୍ରୁତଗତି କିମ୍ବା ବେଆଇନ ଭାବେ ଗାଡି ଚଲାଉଥିବେ ସେମାନଙ୍କ ବିରୋଧରେ ଏଠାରେ ନଜର ରଖାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ମଦ୍ୟପ ଗାଡି ଚାଳକଙ୍କ ଉପରେ ନଜର ରଖିବାକୁ ୧୭ଟି ସ୍ଥାନରେ ଚେକ ପୋଷ୍ଟ କରାଯିବ। ଏଥିସହ ୪ଟି ସ୍ଥାନ ମାଷ୍ଟରକ୍ୟାଣ୍ଟିନ, କଳ୍ପନା ଛକ, ଖଣ୍ଡଗିରି ଛକ ଓ ରସୁଲଗଡ଼ ଛକରେ କ୍ୱିକ୍ ରେସ୍ପନ୍ସ ଟିମ୍ ରହିବେ। ଏଥିସହ ବାଣୀବିହାର, ନାଲ୍‌କୋ ଓ ମାଷ୍ଟରକ୍ୟାଣ୍ଟିନ୍‌ରେ ଷ୍ଟ୍ରାଇକିଂ ଫୋର୍ସ ନିୟୋଜିତ କରାଯିବ। ସେହିପରି ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ଜନଗହଳିକୁ ନଜରରେ ରଖି ୧୦ ସେକ୍ସନ ପୋଲିସ ଫୋର୍ସ ମୁତୟନ କରାଯିବ। ଲାଉଡ୍‌ସ୍ପିକର ବଜାଇବା ପାଇଁ ଖାଲିସ୍ଥାନରେ ରାତି ୧୦ଟା ଏବଂ ହୋଟେଲ ଆଦିରେ ରାତି ୧୨ଟା ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମକୁ ଅନୁମତି ଦିଆଯାଇଛି। ଜିରୋ ନାଇଟ୍ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ପୋଲିସ ନିୟୋଜିତ ରହିବେ ବୋଲି ଡିସିପି ସିଂ କହିଛନ୍ତି। ତେବେ ଏହି ସମୟରେ ସହରରେ ବ୍ରାଉନ୍‌ସୁଗାର, ବେଆଇନ୍ ମଦ କାରବାର, ଦ୍ରୁତଗତିରେ ଗାଡ଼ିଚାଳନା ଉପରେ ବିଶେଷ ନଜର ରଖାଯାଇଛି। ଏଥିପାଇଁ ଶନିବାର ସନ୍ଧ୍ୟାରୁ ମଧ୍ୟ ଭୁବନେଶ୍ୱରରେ ଯାଞ୍ଚ ଆରମ୍ଭ ହୋଇଛି।




ଭୁବନେଶ୍ୱର ଗୀତଗୋବିନ୍ଦ ସଦନରେ ମଙ୍ଗଳବାର ନିମାପଡ଼ା ସାହିତ୍ୟ ସଂସଦର ବାର୍ଷିକୋତ୍ସବରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱଙ୍କ ସହ ଅତିଥିମାନେ।

# କେନ୍ଦ୍ର ମତ୍ସ୍ୟ ସଚିବଙ୍କ ସିଫା ପରିଦର୍ଶନ

## ସିଫା ଜିଆଇ-ସ୍କାମ୍ପି ହାଚେରି ଓ ନର୍ସରୀ କମ୍ପ୍ଲେକ୍ସ ଉଦ୍‌ଘାଟିତ



ମତ୍ସ୍ୟ ସଚିବ ଯତୀନ୍ଦ୍ର ନାଥ ସ୍ୱାଇଁ ସ୍କାମ୍ପି ହାଚେରି ଓ ନର୍ସରୀ କମ୍ପ୍ଲେକ୍ସକୁ ଉଦ୍‌ଘାଟନ କରୁଛନ୍ତି ।

ବାଲକାଟୀ,୨୭।୧୨(ଡି.ଏନ୍.ଏ.)

କେନ୍ଦ୍ର ସରକାରଙ୍କ ମତ୍ସ୍ୟ ସଚିବ ଯତୀନ୍ଦ୍ର ନାଥ ସ୍ୱାଇଁ ମଙ୍ଗଳବାର କୌଶଲ୍ୟାଗଙ୍ଗସ୍ଥିତ କେନ୍ଦ୍ରୀୟ ମଧୁର ଜଳ ଜୀବ ପାଳନ ସଂସ୍ଥା (ସିଫା )ପରିଦର୍ଶନ କରିଛନ୍ତି। ଏହି ଅବସରରେ ସଚିବ ସ୍ୱାଇଁ ସିଫା ଜିଆଇ –ସ୍କାମ୍ପି ହାଚେରି ଓ ନର୍ସରୀ କମ୍ପ୍ଲେକ୍ସକୁ ଉଦ୍‌ଘାଟନ କରିଥିଲେ। ଏଥିସହ ସେ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ଦ୍ୱାରା ମଞ୍ଜୁରପ୍ରାପ୍ତ ମଧୁରଜଳ ଚିଙ୍ଗୁଡ଼ି ଓ କାର୍ପ ବିହନ ଗ୍ରାମ ପ୍ରକଳ୍ପ ଦୁଇଟିର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ସିଫା ପରିସରରେ ଥିବା ଅନ୍ୟାନ୍ୟ କୃଷି କ୍ଷେତ୍ର ଓ ଭିତ୍ତି ସାରାଞ୍ଚନାଗୁଡିକୁ ବୁଲି ଦେଖିଥିଲେ। ସିଫାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜଳକୃଷି ଗବେଷଣାଗୁଡିକର ଅଗ୍ରଗତି ଓ ସଫଳତାର ବିବରଣୀକୁ ସିଫାର ନିର୍ଦ୍ଦେଶକ ତଥା ଜାତୀୟ ପ୍ରଫେସର ଡ. ପି. କେ. ସାହୁ ସଚିବ ସ୍ୱାଇଁଙ୍କୁ ପ୍ରଦାନ କରିଥିଲେ। ବୈଜ୍ଞାନିକ ଓ ଅଧିକାରୀମାନଙ୍କ ଶହ ଏକ ବୈଠକରେ ଗୁରୁତ୍ୱବହନ କରୁଥିବା ଗବେଷଣା କାର୍ଯ୍ୟକାରୀ କରିବାକୁ କହିବା ଓ ରାଜ୍ୟ ସରକାରଙ୍କ ସହ ମିଳିମିଶି କାର୍ଯ୍ୟ କଲେ କୃଷକଙ୍କ ଉନ୍ନତି ହେବ ବୋଲି ସଚିବ ସ୍ୱାଇଁ କହିଥିଲେ। କେନ୍ଦ୍ର, ରାଜ୍ୟ ଉଦ୍ୟୋଗୀ ଓ ଅଂଶୀଦାରମାନଙ୍କ ସହଯୋଗରେ ଜଳକୃଷିର ଉନ୍ନତି କରିବା ପାଇଁ ସେ ଗୁରୁତ୍ୱ ଦେଇଥିଲେ।

# ଜାତୀୟ ସେବା ଯୋଜନାର ଶୀତକାଳୀନ ସ୍ୱତନ୍ତ୍ର ଶିବିର

ଭୁବନେଶ୍ୱର,୨୭।୧୨(ବ୍ୟୁରୋ)

ତମାଣ୍ଡୋ ଥାନା ଅନ୍ତର୍ଗତ ସନାତନ ହରିଚନ୍ଦନ ଡିଗ୍ରୀ ମହାବିଦ୍ୟାଳୟ ମଦନପୁର ପକ୍ଷରୁ ଜାତୀୟ ସେବା ଯୋଜନାର ଶୀତକାଳୀନ ସ୍ୱତନ୍ତ୍ର ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ଗତ ୨୫ରୁ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ୧୧୦ ଜଣ ଶିବିରାର୍ଥୀ ଯୋଗ ଦେଇଛନ୍ତି। ଏହି ଉପଲକ୍ଷେ କଲେଜ ପରିସରରେ ମଙ୍ଗଳବାର ଏନ୍ଏସ୍ଏସ୍ ପକ୍ଷରୁ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଶିବିରରୁ ୬୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟ ଏନ୍ଏସ୍ଏସ୍ ଅଧିକାରୀ ରମେଶ ଚନ୍ଦ୍ର ବେହେରା, ସ୍ଥାନୀୟ କର୍ପୋରେଟର ଶମ୍ଭୁ ପାଟଶାଣୀ, ସନ୍ତୋଷ ଜେନା ଏବଂ ମଦନପୁର ସରପଞ୍ଚ ରଶ୍ମି ରଞ୍ଜନ ବେହେରା, ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫୁଲ୍ଲ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକୁ ସଞ୍ଚାଳନ କରୁଥିଲେ ପ୍ରୋଗ୍ରାମ ଅଫିସର ଅଶୋକ ସୁବୁଦ୍ଧି, ପଞ୍ଚାନନ ମଙ୍ଗରାଜ ଓ ଗୀତାଞ୍ଜଳି ଶତପଥୀ। ରକ୍ତଦାନ ଶିବିରରେ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ପୁରାତନ ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ ଶିକ୍ଷକ ରକ୍ତଦାନ କରିଥିଲେ।



ରକ୍ତଦାନ ଶିବିରରେ ଜଣେ ବ୍ୟକ୍ତି ରକ୍ତ ଦାନ କରୁଛନ୍ତି ।

# କୁଆଖାଇରୁ ଯୁବକଙ୍କ ଗଳିତ ମୃତଦେହ ଜବତ

**ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ**

ଭୁବନେଶ୍ୱର, ୨୭।୧୨ (ବ୍ୟୁରୋ)

ଭୁବନେଶ୍ୱର ଉପକଣ୍ଠ ପାହାଳ ଥାନା ଅନ୍ତର୍ଗତ ନହରକଣ୍ଟା ନିକଟ କୁଆଖାଇ ନଦୀରୁ ଜଣେ ଯୁବକଙ୍କ ଗଳିତ ମୃତଦେହକୁ ମଙ୍ଗଳବାର ପୋଲିସ ଜବତ କରିଛି। ମୃତକ ହେଲେ ନହରକଣ୍ଟା କାନ୍ଦି ସାହିର ତୋଫାନ ସାମଲ (୩୦)। ପୋଲିସ ମୃତଦେହକୁ ଜବତ କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ସେଠାରେ ବ୍ୟବଚ୍ଛେଦ କରାଯାଇ ମୃତଦେହକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୯/୨୦୨୨) ରୁଜୁ କରି ତଦନ୍ତ ଜାରି ରଖିଛି। ତେବେ ତୋଫାନଙ୍କୁ କେହି ହତ୍ୟା କରିଥିବା ସନ୍ଦେହ କରି ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତୋଫାନଙ୍କ ଶରୀରର କୌଣସି ସ୍ଥାନରେ କ୍ଷତଚିହ୍ନ ନାହିଁ। ତେଣୁ ତାଙ୍କୁ କେହି ହତ୍ୟା କରି ନ ଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ହେଲେ ଏନେଇ ସ୍ପଷ୍ଟ ହେବା ପାଇଁ ପୋଲିସ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି। ସୂଚନା ଅନୁଯାୟୀ, ତୋଫାନ ସ୍ଥାନୀୟ ଅଞ୍ଚଳର ଏକ ଟେଣ୍ଟ ହାଉସ୍‌ରେ କାମ କରୁଥିଲେ। ବିଭିନ୍ନ ସମୟରେ ସେ ଘରକୁ ନ ଯାଇ ବାହାରେ ରହି ଯାଉଥିଲେ। ଶୁକ୍ରବାରଠାରୁ ତୋଫାନ ଘରକୁ ଯାଇ ନ ଥିଲେ। ପରିବାର ଲୋକ ସବୁଆଡ଼େ ଖୋଜାଖୋଜି କରି ନିରାଶ ହୋଇଥିଲେ। ସୋମବାର କୁଆଖାଇ ନଦୀରେ ତୋଫାନଙ୍କ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକ ଦେଖି ପୋଲିସକୁ ଖବର ଦେଇଥିଲେ। ତୋଫାନ ଏକ ଲାଲ ଡ୍ରେସ ସହ ଏକ ଫୁଲ ପ୍ୟାଣ୍ଟ ପିନ୍ଧିଥିଲେ। ତାଙ୍କ ଶରୀରର ୫୦ ପ୍ରତିଶତ ପଚିଯାଇଥିଲା। ପୋଲିସ ଦମକଳ ବାହିନୀ ସହଯୋଗରେ ନଦୀ ମଧ୍ୟରୁ ତୋଫାନଙ୍କ ମୃତଦେହକୁ ଜବତ କରିଥିଲା। ତେବେ ସେ ପ୍ରାୟ ସମୟରେ ମଦ୍ୟପାନ କରି ଘରକୁ ଯାଇ ନ ଥାନ୍ତି ବୋଲି ସ୍ଥାନୀୟ ଲୋକ କହିଛନ୍ତି।

# ଆକ୍ସନ୍ ଏଡ୍ ପକ୍ଷରୁ ସିଲେଇ ମେଶିନ ପ୍ରଦାନ

ଭୁବନେଶ୍ୱର,୨୭।୧୨(ବ୍ୟୁରୋ)

ମହିଳା ଓ ଯୁବତୀଙ୍କୁ ଆତ୍ମ ନିର୍ଭରଶୀଳ ହେବା ପାଇଁ ସିସିଡବ୍ଲ୍ୟୁଡି ଓ ଆକ୍ସନଏଡ୍ ପକ୍ଷରୁ ସ୍ଥାନୀୟ ଲୁମ୍ବିନୀ ବିହାରରେ ୬ଟି ସିଲେଇ ମେଶିନ ବିତରଣ କରାଯାଇଛି। ମଙ୍ଗଳବାର ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବରେ ଆକ୍ସନ ଏଡ୍‌ର ସହଯୋଗୀ ନିର୍ଦ୍ଦେଶକ ଦେବବ୍ରତ ପାତ୍ର ଓ ଶୁଭେନ୍ଦୁ କୁମାର ରାୟ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ସିସିଡବ୍ଲ୍ୟୁଡିର ସମ୍ପାଦକ ସଦାଶିବ ସ୍ୱାଇଁ ଯୋଗଦେଇ ମହିଳା ଓ ଯୁବତୀଙ୍କୁ ଆଗକୁ ବଢ଼ିବା ସହ ଆତ୍ମନିର୍ଭରଶୀଳ ହେବା ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମକୁ ସ୍ନିଗ୍ଧା ଦାସ, ଋତୁପ୍ରଜ୍ଞା ନାଥଶର୍ମା, କଲ୍ୟାଣୀ ରାଉତ, ସୁଚରିତା ବେହେରା, କୃଷ୍ଣଚନ୍ଦ୍ର ମହନ୍ତି, ଅଜିତ ପ୍ରଧାନ, ସୌମ୍ୟରଞ୍ଜନ ଦାସ ଓ ରେଣୁବାଳା ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଦମୟନ୍ତୀ ସାହୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ପୁସ୍ତକ 'ପ୍ରଲୁବ୍ଧ କବି ଓ ପ୍ରଗଳ୍‌ଭା ନାରୀ' ଲୋକାର୍ପିତ

ଭୁବନେଶ୍ୱର,୨୭।୧୨(ବ୍ୟୁରୋ)

ସମାଲୋଚକ ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଚିବ ଦିବଙ୍ଗତ ପ୍ରଫେସର ରାଜକିଶୋର ମିଶ୍ରଙ୍କ ପ୍ରବନ୍ଧ ପୁସ୍ତକ 'ପ୍ରଲୁବ୍ଧ କବି ଓ ପ୍ରଗଳ୍‌ଭା ନାରୀ' ରବିବାର ସ୍ଥାନୀୟ ସ୍ୱପ୍ନେଶ୍ୱର ମନ୍ଦିରରେ ଲୋକାର୍ପିତ ହୋଇଯାଇଛି। ଡ. ରବିନାରାୟଣ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଲେଖକ ବିପିନ ବିହାରୀ ମିଶ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫେସର ବସନ୍ତ କୁମାର ପଣ୍ଡା, ପ୍ରଫେସର ନିତ୍ୟାନନ୍ଦ ସାହୁ ଏବଂ ସମ୍ମାନିତ ବକ୍ତା ଭାବେ ଡ. ଅସିତ ମହାନ୍ତି, ଡ. ଦେବୀ ପ୍ରସାଦ ଦାଶ ମଞ୍ଚାସୀନ ଥିଲେ। ଡ. ଦେବାଶିଷ ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି ସଭାରେ ଡ. ସୁରେନ୍ଦ୍ର କୁମାର ମହାରଣା ସ୍ୱାଗତ ସୂଚନା ଏବଂ ପ୍ରଫେସର ମିଶ୍ରଙ୍କ ସହଧର୍ମିଣୀ ରେଣୁକା ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

# 'ମୋ' ବସ୍‌ରେ ଯାତ୍ରୀଙ୍କଠାରୁ ଲୁଟ୍

ଭୁବନେଶ୍ୱର, ୨୭।୧୨(ବ୍ୟୁରୋ): ଡମଣାରୁ କଟକ ଅଭିମୁଖେ ଚଳାଚଳ କରୁଥିବା ମୋ' ବସ୍ (ରୁଟ୍ ନଂ. ୧୮)ରେ ମଙ୍ଗଳବାର ଜଣେ ଯାତ୍ରୀଙ୍କଠାରୁ ଲୁଟ୍ ହୋଇଛି। ଲୁଟ୍‌ର ଶିକାର ହୋଇଛନ୍ତି ଚନ୍ଦ୍ରଶେଖରପୁର ଥାନା ଦୁର୍ଗାପଡ଼ିଆ ହାଉସିଂବୋର୍ଡ କଲୋନୀରେ ରହୁଥିବା ବିଚିତ୍ରାନନ୍ଦ ପତି। ସେ ଉକ୍ତ ବସ୍‌ରେ ସ୍ଥାନୀୟ ପେଟ୍ରୋଲ ପମ୍ପ ଷ୍ଟପେଜ୍‌ରୁ କଟକ ଅଭିମୁଖେ ଯାଉଥିଲେ। ଏହି ସମୟରେ ତାଙ୍କ ପ୍ୟାଣ୍ଟ ପକେଟ୍‌ରୁ ପର୍ସ ଲୁଟି ନିଆଯାଇଛି। ପର୍ସରେ ୧୮ଶହ ଟଙ୍କା, ୩ଟି ଏଟିଏମ୍ କାର୍ଡ, ଆଧାର କାର୍ଡ, ପାନ୍ କାର୍ଡ ସମେତ ବହୁ ଜରୁରୀ କାଗଜପତ୍ର ଥିଲା। ଏ ନେଇ ସେ ଚନ୍ଦ୍ରଶେଖରପୁର ଥାନାରେ ଏତଲା ଦେଇଛନ୍ତି।

# ଯୁବବର୍ଗ ସଚେତନ, ସକ୍ରିୟ ରହିଲେ ଭବିଷ୍ୟତ ବିପର୍ଯ୍ୟୟକୁ ରୋକାଯାଇପାରିବ

ଭୁବନେଶ୍ୱର, ୨୭।୧୨ (ବ୍ୟୁରୋ)

ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱ ତାପାୟନ ପ୍ରସଙ୍ଗ ଗତ ଦେଢ଼ ଦଶକ ଧରି ଚିନ୍ତାଜନକ ପ୍ରସଙ୍ଗ ହୋଇଛି। ତେଣୁ ଏହା ଉପରେ ସରକାର ଓ ସର୍ବସାଧାରଣ ମିଳିତ ପଦକ୍ଷେପ ଗ୍ରହଣ କରିବା ଜରୁରୀ ହୋଇପଡ଼ିଛି। ଏ କ୍ଷେତ୍ରରେ ଛାତ୍ରୀଛାତ୍ର ଓ ଯୁବ ବର୍ଗ ସଚେତନ ହେବା ସହ ସକ୍ରିୟ ହେଲେ ଭବିଷ୍ୟତର ବିପର୍ଯ୍ୟୟକୁ ରୋକାଯାଇପାରିବ ବୋଲି ମତ ପ୍ରକାଶ ପାଇଛି। ସୋମବାର ସିୱାଇଏସ୍‌ଡି, ପ୍ରାକ୍ଟିକାଲ ଆକ୍ସନ, ୟୁଥ ଫର୍ ୱାଟର ଏବଂ ୟୁନିସେଫର ମିଳିତ ସହଯୋଗରେ ସିୱାଇଏସ୍‌ଡିଠାରେ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ଏନ.କେ. ମହାକୁଡ଼ ଯୋଗଦେଇ କହିଲେ, ମାତ୍ରାଧିକ ବୃଷ୍ଟିପାତ, ଆକସ୍ମିକ ବନ୍ୟା, ଘୂର୍ଣ୍ଣିବାତ୍ୟା, ଅତ୍ୟଧିକ ଗ୍ରୀଷ୍ମପ୍ରବାହ ଭଳି ବରଫପାତ, ବରଫଶିଳା ତରଳିବା ଓ ଭଳିକି ଭଳି ସାମୁଦ୍ରିକ ବିପର୍ଯ୍ୟୟ ଭାରତ ପାଇଁ ବିପଜ୍ଜନକ ହେବାରେ ଲାଗିଛି। ଏହାକୁ ମୁକାବିଲା କରିବାରେ ଓଡ଼ିଶା ଦେଶର ଅଗ୍ରଣୀ ରାଜ୍ୟ ଭାବେ ୨୦୧୦-୧୫ ବର୍ଷଗୁଡ଼ିକ ପାଇଁ ଜଳବାୟୁ ପରିବର୍ତ୍ତନ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିଥିଲା। ଏବେ ପୁଣି ସେଭଳି କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିଛି। ଏଥିରେ ରାଜ୍ୟ ସରକାରଙ୍କ ୧୧ଟି ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ବିଭିନ୍ନ କାର୍ଯ୍ୟାବଳୀ ଚିହ୍ନଟ କରାଯାଇଛି। ଜଳବାୟୁ ପରିବର୍ତ୍ତନ କକ୍ଷ ଖୋଲାଯାଇଛି। ସେହି ଅନୁସାରେ ରାଜ୍ୟ ବଜେଟ୍‌ରେ ପ୍ରାବଧାନ କରାଯାଉଛି ବୋଲି ମହାକୁଡ଼ କହିଛନ୍ତି। ଏଥିସହ ଭବିଷ୍ୟତରେ ଜଳବାୟୁ ପରିବର୍ତ୍ତନର ପରିଣତି କେତେ ଉଗ୍ର ହୋଇପାରେ ଏବଂ ସେଥିପାଇଁ ଆମ୍ଭେ କେତେ ପ୍ରସ୍ତୁତ ରହିଛେ, ତାହା ଉପରେ ଆଲୋଚନା କରାଯାଇଥିଲା। ସିୱାଇଏସ୍‌ଡିର ପ୍ରତିଷ୍ଠାତା ସଦସ୍ୟ ପି.କେ. ସାହୁ, ବୈଜ୍ଞାନିକ କୃଷ୍ଣଚନ୍ଦ୍ର ପାଲ, ସିପ୍ରା ସକ୍ସେନା, ବିରୁପାକ୍ଷ ଦୀକ୍ଷିତ, ଡ. ଇମ୍ରାନ ଅଲୀ, ଜ୍ୟୋତି ଶର୍ମା, ବିମଳ ପାଣ୍ଡିଆ ପ୍ରମୁଖ ଉପସ୍ଥିତ ଥିଲେ।




ସିୱାଇଏସ୍‌ଡିଠାରେ ମଙ୍ଗଳବାର ଜଳବାୟୁ ପରିବର୍ତ୍ତନ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# କ୍ୟାପିଟାଲ ହସ୍ପିଟାଲରେ କୋଭିଡ୍ ମକ୍ ଡ୍ରିଲ୍

**୧୦ ଆଇସୋଲେଶନ ବେଡ୍ ପ୍ରସ୍ତୁତ**

ଭୁବନେଶ୍ୱର, ୨୭।୧୨(ବ୍ୟୁରୋ)

କରୋନାର ନୂଆ ଭାରିଆଣ୍ଟ ଓମିକ୍ରନ୍ ବିଏଫ.୭ ଆସିବା ପରେ ସଂକ୍ରମଣ ବଢିବା ଆଶଙ୍କା ରହିଛି। ତେଣୁ ସଂକ୍ରମଣ ଏଡାଇବା ପାଇଁ କେନ୍ଦ୍ର ସରକାର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ମୁକାବିଲା ଲାଗି ମକଡ୍ରିଲ ପାଇଁ ପରାମର୍ଶ ଦିଆଯାଇଛି। ଏହିକ୍ରମରେ ମଙ୍ଗଳବାର କ୍ୟାପିଟାଲ ହସ୍ପିଟାଲରେ କୋଭିଡ୍ ମକଡ୍ରିଲ କରାଯାଇଥିଲା। ଏନେଇ କ୍ୟାପିଟାଲ ହସ୍ପିଟାଲର ନିର୍ଦ୍ଦେଶକ ଲକ୍ଷ୍ମୀଧର ସାହୁ କହିଛନ୍ତି, କେନ୍ଦ୍ରର ନିର୍ଦ୍ଦେଶ ଅନୁଯାୟୀ ଜାତୀୟ ପୋର୍ଟାଲରେ ଆମର ପ୍ରସ୍ତୁତି ନେଇ ସମସ୍ତ ତଥ୍ୟ ଅପଲୋଡ୍ କରାଯାଇଛି। କ୍ୟାପିଟାଲ ହସ୍ପିଟାଲ ଏକ କୋଭିଡ୍ ହସ୍ପିଟାଲ ନୁହେଁ। ମୁଖ୍ୟତଃ ଏଠି କରୋନା ପରୀକ୍ଷା କରାଯାଏ। ପଜିଟିଭ୍ ଚିହ୍ନଟ ହେବା ପରେ ଏଠାରୁ କରୋନା ରୋଗୀଙ୍କୁ ବିଭିନ୍ନ ହସ୍ପିଟାଲକୁ ପଠାଯାଇଥାଏ। ମାତ୍ର ଆପାତକାଳୀନ ସ୍ଥିତିକୁ ଦେଖି ଏଠାରେ କରୋନା ରୋଗୀଙ୍କ ପାଇଁ ୧୦ଟି ଆଇସୋଲେଶନ ବେଡ୍ ପ୍ରସ୍ତୁତ ରହିଛି। ବର୍ତ୍ତମାନ ଦିନକୁ ମାତ୍ର ୨୦ରୁ ୨୫ କୋଭିଡ୍ ଟେଷ୍ଟ କରାଯାଉଛି। ଆବଶ୍ୟକ ପଡ଼ିଲେ ପରୀକ୍ଷା ସଂଖ୍ୟା ବଢାଯିବ। ତେବେ ଏଥିପାଇଁ ଟେଷ୍ଟ କିଟ୍‌ର ଆବଶ୍ୟକତା ବଢିବା ସହ କୋଭିଡ୍ ସୁପରିଚାଳନା ପାଇଁ ଅଧିକ ମାନବ ସମ୍ବଳର ଆବଶ୍ୟକତା ରହିବ ବୋଲି ଡା. ସାହୁ କହିଛନ୍ତି।





କ୍ୟାପିଟାଲ ହସ୍ପିଟାଲରେ ମଙ୍ଗଳବାର ଟିକଟ ପାଇଁ କାଉଣ୍ଟରରେ ଲୋକଙ୍କ ଭିଡ ।

## ଶିଳ୍ପୀ ରବି ରଥ ପାଇବେ କୃଷ୍ଣଚନ୍ଦ୍ର ରଥ କଳା ସମ୍ମାନ

କଟକ ଅଫିସ: ବିଶିଷ୍ଟ ଚିତ୍ର ଓ ଭାସ୍କର୍ଯ୍ୟ ଶିଳ୍ପୀ ରବି ରଥ ଚଳିତବର୍ଷର ମର୍ଯ୍ୟାଦାଜନକ କୃଷ୍ଣଚନ୍ଦ୍ର ରଥ କଳା ସମ୍ମାନ ପାଇବା ପାଇଁ ମନୋନୀତ ହୋଇଛନ୍ତି। ଜ୍ୟୋତିଷ୍କ ଶିଳ୍ପୀ କୃଷ୍ଣଚନ୍ଦ୍ର ରଥଙ୍କ ଜୟନ୍ତୀ ଉତ୍ସବ କଟକ ଶତାବ୍ଦୀଭବନରେ ବୁଧବାର ଅନୁଷ୍ଠିତ ହେବ। ଏଥିରେ ଶିଳ୍ପୀ ରଥଙ୍କୁ ଉକ୍ତ ସମ୍ମାନ ପ୍ରଦାନ କରାଯିବ ବୋଲି ଅନୁଷ୍ଠାନର ସଭାପତି ଗୀତିକବି ଗୌର ପଟ୍ଟନାୟକ ଓ ସମ୍ପାଦକ ନାଟ୍ୟକାର ସଞ୍ଜିତ୍ କୁମାର ପଟ୍ଟନାୟକ ମଙ୍ଗଳବାର ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି।

## ଆଜି କ'ଣ କେଉଁଠି

**କଟକ**

- ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ଡ୍ରାମାଟିକ୍ ସୋସାଇଟିର ବାର୍ଷିକ ଉତ୍ସବ, କଲେଜ ଅଡିଟୋରିୟମ, ପୂର୍ବାହ୍ନ ୧୦ଟା।
- ପ୍ୟାରୀମୋହନ ଏକାଡେମୀ ପୁରାତନ ଛାତ୍ର ସଂସଦ ପକ୍ଷରୁ ପ୍ୟାରୀମୋହନ ଆଚାର୍ଯ୍ୟଙ୍କ ୧୪୧ତମ ଶ୍ରାଦ୍ଧବାର୍ଷିକ, ଦରଘା ବଜାରସ୍ଥିତ ବିଦ୍ୟାଳୟ ପରିସର, ଅପରାହ୍ନ ୪ଟା।
- ସାରଳା ସାହିତ୍ୟ ସଂସଦ ପକ୍ଷରୁ ଆଇନଜ୍ଞ ବିଶ୍ୱନାଥ ପଶାୟତଙ୍କ ସ୍ମୃତିରେ ସାରସ୍ୱତ ଉତ୍ସବ, ସାରଳା ଭବନ, ସନ୍ଧ୍ୟା ୫ଟା ୩୦।
- ୧୭ତମ ମହାନଦୀ ଫେଷ୍ଟିଭାଲର ଉଦ୍‌ଯାପନୀ ସନ୍ଧ୍ୟା, ନେତାଜୀ ଖେଳପଡ଼ିଆ, ପୋତାପୋଖରୀ, ନୂଆବଜାର, ସନ୍ଧ୍ୟା ୬ଟା।
- ଶିଳ୍ପୀ କୃଷ୍ଣଚନ୍ଦ୍ର ରଥଙ୍କ ୧୦୧ତମ ଜୟନ୍ତୀ ଉତ୍ସବ, ଶତାବ୍ଦୀ ଭବନ, ସନ୍ଧ୍ୟା ୬ଟା।
- ବାଇମୁଣ୍ଡି ସଙ୍ଗଠନ ପକ୍ଷରୁ ପଥପ୍ରାନ୍ତ ସଭା ଏବଂ ଦସ୍ତଖତ ସଂଗ୍ରହ ଅଭିଯାନ, ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ନିକଟ, କଲେଜ ଛକ, ସନ୍ଧ୍ୟା ୬ଟା।

**ଟିଗିରିଆ**

- ନୂଆପାଟଣା ସେବା ସମବାୟ ସମିତି ପକ୍ଷରୁ ଧାନମଣ୍ଡି ଶୁଭାରମ୍ଭ, ନୂଆପାଟଣା ସେବା ସମବାୟ ସମିତି ପରିସର, ସକାଳ ୯ ଟା।
- ୭ମ ପାଞ୍ଚଗାଁ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ, ପାଞ୍ଚଗାଁ ମିନି ଷ୍ଟାଡିୟମ୍, ଅପରାହ୍ନ ୩ ଟା।

# ଭଙ୍ଗାଯାଉନି ବିପଦସଙ୍କୁଳ ଅଙ୍ଗନୱାଡି ଗୃହ

- ବାରଣ୍ଡାରେ ଚାଲିଛି ପିଲାଙ୍କ ପାଠପଢ଼ା
- ନୂତନ ଗୃହ ପାଇଁ ୭ ଲକ୍ଷ ମଞ୍ଜୁର ହୋଇଛି

ସାଲେପୁର,୨୭।୧୨(ଡି.ଏନ୍.ଏ.)



ପିଲାମାନଙ୍କୁ ଉନ୍ନତ ଶିକ୍ଷା ଯୋଗାଇ ଦେବା ପାଇଁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି। ମାତ୍ର ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ନୀତି ଯୋଗୁ ଏସବୁ ଯୋଜନା ଲାଭ ପିଲାମାନେ ଉଠାଇପାରୁନାହାନ୍ତି। ଏହାର ଉଦାହରଣ ସାଲେପୁର ବ୍ଲକ ଅନ୍ତର୍ଗତ ସତ୍ୟଭାମାପୁର ପଞ୍ଚାୟତର ଗଣେଶ୍ୱରପୁର ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ଏଠାରେ ଚାଲିଥିବା ଅଙ୍ଗନୱାଡି କେନ୍ଦ୍ରଗୃହ ବିପଦସଙ୍କୁଳ ହୋଇପଡ଼ିଛି। ଏନେଇ ୭ ବର୍ଷ ହେବ ପିଲାମାନେ ବାରଣ୍ଡାରେ ବସି ପାଠ ପଢୁଛନ୍ତି। ମାତ୍ର ବିଦ୍ୟାଳୟ ଗୃହକୁ ଭାଙ୍ଗି ନୂତନ ନିର୍ମାଣ କରାଯାଉ ନାହିଁ। ଫଳରେ କୁନି ପିଲାମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗୃହ ନ ଥିବାରୁ ସେମାନେ ଖରା, ବର୍ଷା ଓ ଶୀତରେ ପାଠ ପଢ଼ିବାକୁ ବାଧ ହେଉଛନ୍ତି। ଅଙ୍ଗନୱାଡି ଗୃହ ନିର୍ମାଣ ପାଇଁ ୨ବର୍ଷ ହେବ ୭ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ବେଳେ ନୂଆ ଜାଗା ଚିହ୍ନଟ ହୋଇଛି। କିନ୍ତୁ ପ୍ରଶାସନ ପକ୍ଷରୁ ପୁରାତନ ଗୃହ ଭଙ୍ଗା ଯିବା ପାଇଁ ଅନୁମତି ମିଳୁନାହିଁ। ଫଳରେ ନୂତନଗୃହ ନିର୍ମାଣ ହୋଇପାରୁନାହିଁ ବୋଲି ଗ୍ରାମର ଲିଙ୍ଗରାଜ ପାଣି, ରାମଚନ୍ଦ୍ର ପାଣି, ରଞ୍ଜନ ବିଶ୍ୱାଳ, ଗୋଲଖ ଚନ୍ଦ୍ର ବିଶ୍ୱାଳ, ବାବାଜୀ ଦାସ, ଦୀପକ ପାଣି, ସତ୍ୟରନ ପ୍ରଧାନ, ସରପଞ୍ଚ ସୁଧାଂଶୁବାଳା ଜେନା, ସମିତିସଭ୍ୟ ସରୋଜ ମହାନ୍ତି ପ୍ରମୁଖ ଅଭିଯୋଗ କରିଛନ୍ତି। ଏନେଇ ବାରମ୍ବାର ବିଡିଓ ଏବଂ ବ୍ଲକ ଶିକ୍ଷା ଅଧିକାରୀ(ବିଇଓ)ଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ତୁରନ୍ତ ଏନେଇ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବାକୁ ଗ୍ରାମବାସୀ ପକ୍ଷରୁ ଚେତାବନୀ ଦିଆଯାଇଛି। ଏନେଇ ବିଡିଓଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# କେନ୍ଦ୍ରର ମାଗଣା ଖାଦ୍ୟ ଯୋଗାଣକୁ ନେଇ ଦ୍ୱନ୍ଦ୍ୱ

କଟକ ସଦର,୨୭।୧୨(ଡି.ଏନ୍.ଏ.)

୨୦୨୩ ଜାନୁୟାରୀରୁ ବର୍ଷ ଶେଷ ପର୍ଯ୍ୟନ୍ତ ଜାତୀୟ ଖାଦ୍ୟ ନିରାପତ୍ତା କାର୍ଡଧାରୀଙ୍କୁ ମାଗଣାରେ ଖାଦ୍ୟ ଯୋଗାଇ ଦିଆଯିବ ବୋଲି କେନ୍ଦ୍ର ସରକାର ଘୋଷଣା କରିଛନ୍ତି। ମାତ୍ର ଏହି ମାଗଣା ଖାଦ୍ୟ ଯୋଗାଇ ଦିଆଯାଉଥିବା ନିୟମିତ ଟଙ୍କିକିଆ ଚାଉଳ ଓ ଗହମଠାରୁ ଅଲଗା କି ନାହିଁ, ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରୁ ନାହିଁ। କାରଣ ମହାମାରୀ କରୋନା ବେଳେ ୨୦୨୦ ଏପ୍ରିଲରୁ ୨୦୨୨ ଡିସେମ୍ବର ପର୍ଯ୍ୟନ୍ତ ନିୟମିତ କୋଟା ବାବଦ ମାସିକ ମୁଣ୍ଡ ପିଛା ୫ କିଲୋ ବିଭିନ୍ନ ଖାଦ୍ୟ ରିଲିଫ ଆକାରରେ ମାଗଣାରେ ଦିଆଯାଇଥିଲା। ବର୍ତ୍ତମାନର ଘୋଷଣା ଖାଉଟିମାନଙ୍କୁ ଦ୍ୱନ୍ଦ୍ୱରେ ପକାଇଦେଇଛି। ମାତ୍ର ବୈଦ୍ୟୁତିକ ଗଣମାଧ୍ୟମରେ କେନ୍ଦ୍ର ମନ୍ତ୍ରୀ ପୀୟୂଷ ଗୋୟଲଙ୍କ ବିବୃତି ଅନୁଯାୟୀ କେନ୍ଦ୍ର ସରକାର ରାଜ୍ୟକୁ ଗହମ କିଲୋ ୨ଟଙ୍କା, ଚାଉଳ ୩ଟଙ୍କା ଓ ମୋଟ ଚାଉଳ ୧ ଟଙ୍କା ଦରରେ ଯୋଗାଇଦେଇ ଆସୁଛନ୍ତି। ସେହି ଖାଦ୍ୟକୁ ଓଡ଼ିଶା ସରକାର ସବ୍‌ସିଡିରେ ମାତ୍ର ୧ଟଙ୍କା ମୂଲ୍ୟରେ ରାଜ୍ୟ ମଧ୍ୟରେ ଥିବା ଜାତୀୟ ଖାଦ୍ୟ ନିରାପତ୍ତା କାର୍ଡଧାରୀଙ୍କୁ ଯୋଗାଇ ଆସୁଛନ୍ତି। ବର୍ତ୍ତମାନର ଘୋଷଣା ଦ୍ୱାରା ରାଜ୍ୟ କୋଟା ବାବଦକୁ ଆଉ ରାଜ୍ୟ ସରକାରଙ୍କୁ କୌଣସି ଦେୟ କେନ୍ଦ୍ରକୁ ଦେବାକୁ ପଡିବ ନାହିଁ ବୋଲି କେନ୍ଦ୍ର ମନ୍ତ୍ରୀ ଗୋୟଲଙ୍କ ବିବୃତିରୁ ବୁଝାପଡୁଛି। ଏ ସମ୍ପର୍କରେ କଟକ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ମାନସ ରଞ୍ଜନ ମହାପାତ୍ରଙ୍କୁ ପଚାରିବାରୁ ସେ ମଧ୍ୟ ସମ୍ପୂର୍ଣ୍ଣ ଭାବେ ଅବଗତ ନାହାନ୍ତି ବୋଲି କହିଥିଲେ। ତେଣୁ ରାଜ୍ୟ ଖାଦ୍ୟ, ଯୋଗାଣ ଓ ଖାଉଟି ବ୍ୟାପାର ବିଭାଗ ବିବୃତି ଦେଇ କାର୍ଡଧାରୀମାନଙ୍କ ଦ୍ୱନ୍ଦ୍ୱ ଦୂର କରିବାକୁ ନିବେଦନ କରାଯାଉଛି।

# 'ଶିଶୁ ହସିଲେ ଦୁନିଆ ହସିବ'



ଉତ୍ସବରେ ବିଧାୟକ ମହମ୍ମଦ ମୋକିମ, ସିଏମ୍‌ସି ମେୟର ସୁବାସ ସିଂଙ୍କ ସହ ଅନ୍ୟମାନେ।

## ଓଷ୍ଟାର ରାଜ୍ୟସ୍ତରୀୟ ଶିଶୁ ଉତ୍ସବ

କଟକ ଅଫିସ, ୨୭।୧୨

କଟକ ସହିଦ ଭବନରେ ଓଡ଼ିଶା ମାଧ୍ୟମିକ ସ୍କୁଲ୍ ଶିକ୍ଷକ ସଂଘ(ଓଷ୍ଟା)ର ରାଜ୍ୟସ୍ତରୀୟ ଶିଶୁଉତ୍ସବ ଦ୍ୱିତୀୟ ଦିବସର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଓଷ୍ଟାର ସଭାପତି ବିନୋଦ ବିହାରୀ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସିଏମ୍‌ସି ମେୟର ସୁବାସ ସିଂ ଯୋଗଦେଇ କହିଥିଲେ, ଶିଶୁ ହସିଲେ ଦୁନିଆ ହସିବ। ଶିଶୁ ହେଉଛି ଆଗାମୀ କାଲିର ଭବିଷ୍ୟତ। ସେମାନଙ୍କର ଲାଳନପାଳନ ସମସ୍ତଙ୍କର ପ୍ରଧାନ କର୍ତ୍ତବ୍ୟ ହେବା ଉଚିତ ବୋଲି ସିଂ କହିଥିଲେ। ଏଥିରେ ବିଶିଷ୍ଟ ଅତିଥି ଭାବେ ଇଂ. ମହମ୍ମଦ ମୋକିମ୍ ଯୋଗଦେଇ କହିଥିଲେ, ଏହି ଉତ୍ସବ ରାଜ୍ୟର ପିଲାମାନଙ୍କର ଅନ୍ତର୍ନିହିତ ପ୍ରତିଭାର ବିକାଶରେ ସହାୟକ ହେବ। ପୂର୍ବତନ ବିଧାୟକ ଡ. ଦିଲ୍ଲୀପ ଶ୍ରୀଚନ୍ଦନ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସଙ୍ଗଠନ ଓ ସମାଜପ୍ରତି ଜୀବନବ୍ୟାପୀ ସାଧନା ପାଇଁ ସୁରଜିତା ନାୟକଙ୍କୁ ଦିବ୍ୟସିଂ ପଟ୍ଟନାୟକ କୃତି ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ଓଷ୍ଟାର ଉପସଭାପତି ଅଧିକାରୀ ରାଧାକାନ୍ତ ଦାସଙ୍କୁ ଅବନୀ ବରାଳ ସମ୍ମାନ, ବିଜୟ କୁମାର ବେହେରାଙ୍କୁ କୈଳାସ ଚନ୍ଦ୍ର ମହାପାତ୍ର କୃତୀ ସଙ୍ଗଠକ ସମ୍ମାନ, ବିକାଶ କୁମାର ପଣ୍ଡାଙ୍କୁ ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରୀ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏଥିସହ ବିଶିଷ୍ଟ ଶିକ୍ଷାବିତ୍ ବିଷ୍ଣୁମୋହନ ମହାନ୍ତି, ଅଭିନେତ୍ରୀ ସୁଶ୍ରୀ ତୃପ୍ତି ମିରାମ୍ବିକା ସାହୁ, କଳାକାର ସର୍ବେଶ୍ୱର ଭୋଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସନ୍ତୋଷ କୁମାର ନାୟକ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ, ଅକ୍ଷୟ କୁମାର ହୋତା ଅତିଥି ପରିଚୟ, ଓଷ୍ଟାର ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଭରତ ଚନ୍ଦ୍ର ବରାଳ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଓଷ୍ଟା କାର୍ଯ୍ୟକାରୀ ସଭାପତି ଭିକାରୀ ଚରଣ ସାହୁ, ଯୁଗ୍ମ ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ, କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ଶଙ୍କର କୁମାର ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ। ସଙ୍ଗଠନ ସମ୍ପାଦିକା ଯୁଗପ୍ରଭା ସାବତ ଧନ୍ୟବାଦ୍ ଦେଇଥିଲେ।

# ପୂଜକ ସମିତିଙ୍କୁ ଭେଟିଲେ ମାନବାଧିକାର କର୍ମୀ ବିଶ୍ୱଜିତ

## ଦ୍ୱିତୀୟ ଦିନରେ ଧବଳେଶ୍ୱର ପୂଜକ ସମାଜର ଧାରଣା

ଖୁଣ୍ଟୁଣୀ,୨୭।୧୨(ଡି.ଏନ୍.ଏ.)

୫ଦଫା ଦାବି ନେଇ ଆଠଗଡ଼ର ପ୍ରସିଦ୍ଧ ବାବା ଧବଳେଶ୍ୱରଙ୍କ ପୂଜକ ସମାଜ ସମିତି ସୋମବାରଠାରୁ ଆରମ୍ଭ କରିଥିବା ଅହିଂସା ଧର୍ମଘଟ ଧାରଣା ମଙ୍ଗଳବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଧାରଣା ସ୍ଥଳକୁ ମଙ୍ଗଳବାର ରାଜ୍ୟ ମାନବାଧିକାର ସଦସ୍ୟ ବିଶ୍ୱଜିତ ସୂର୍ଯ୍ୟବଂଶୀ ଆସି ପୂଜକ ସମାଜ ଦାବିକୁ ପୂର୍ଣ୍ଣ ସହଯୋଗ କରାଯିବ ବୋଲି କହିଥିବା ପୂଜକ ସମାଜ ସମ୍ପାଦକ ନରେନ୍ଦ୍ର ପଣ୍ଡା କହିଛନ୍ତି। ପୂଜକ ସମାଜଙ୍କ ଦାବି ମୁତାବକ, ଝୁଲାପୋଲ ଯୋଗୁ ମନ୍ଦିରରେ ୧୪୪ଧାରା ଲାଗିଛି। ଏଥିଯୋଗୁ ପୂଜକ ସମାଜ ନାନା କ୍ଷତି ସହୁଛନ୍ତି। ଏଥିସହ ଦ୍ୱିତୀୟ କୋଭିଡ୍ ବେଳର କ୍ଷତିପୂରଣ ପ୍ରଦାନ, ପଞ୍ଝକ ଓ ବଡ଼ଓଷା ପାଇଁ ୧୧୭ ପୂଜକ ପରିବାରଙ୍କୁ ପ୍ରତ୍ୟେକଙ୍କୁ ୫୦ ହଜାର ଟଙ୍କା ପ୍ରଦାନ, ନଭେମ୍ବର ୧ରୁ ଏପର୍ଯ୍ୟନ୍ତ ମନ୍ଦିର ବନ୍ଦ ଥିବାରୁ ପୂଜକ ପରିବାରଙ୍କୁ ଆର୍ଥିକ ସହାୟତା ପ୍ରଦାନ, ଆଗାମୀ ନୂଆବର୍ଷରୁ ଭକ୍ତଙ୍କୁ ଧଳେଶ୍ୱରଙ୍କ ଦର୍ଶନ ପାଇଁ ଅନୁମତି ଦେବା ଓ ପୀଠ ପରିସରରେ ଚାଲିଥିବା ସମସ୍ତ ଉନ୍ନୟନ କାର୍ଯ୍ୟରେ ପୂଜକ ସମାଜଙ୍କୁ ପ୍ରତିନିଧିତ୍ୱ ପ୍ରଦାନ ଆଦି ଅନ୍ତର୍ଭୁକ୍ତ। ସୋମବାର ଜିଲାପାଳ ଭବାନୀ ଶଙ୍କର ଚୟନୀ, ଆଠଗଡ଼ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ ଓ ତହସିଲଦାର ପ୍ରିୟବ୍ରତ ଦାସ ପ୍ରମୁଖ ଧାରଣାସ୍ଥଳକୁ ଆସି ପୂଜକ ସମାଜ ସହିତ ଆଲୋଚନା କରିଥିଲେ ମଧ୍ୟ ତାହା ସଫଳ ହୋଇପାରି ନ ଥିଲା। ବୁଧବାର ଉପଜିଲାପାଳଙ୍କ ନେତୃତ୍ୱରେ ପୂଜକ ସମାଜ ସଭାପତି ବିଷ୍ଣୁଚରଣ ପତ୍ରି, ସମ୍ପାଦକ ନରେନ୍ଦ୍ର ପଣ୍ଡା, ଚିରଞ୍ଜନ ପତ୍ରି ଓ ତ୍ରିଲୋଚନ ପତ୍ରି ପ୍ରମୁଖ ଦେବୋତ୍ତର କମିଶନର ଭୁବନେଶ୍ୱରଙ୍କ ନିକଟକୁ ଯାଇ ସେଠାରେ ଦାବି ଉପରେ ଆଲୋଚନା ହୋଇ ଯାହା ପଦକ୍ଷେପ ନିଆଯିବ ବୋଲି ସମ୍ପାଦକ ପଣ୍ଡା କହିଛନ୍ତି।

# ୪୦ ହଜାର ଟଙ୍କାର ଧାନ ପୋଡ଼ିଗଲା

## ଜ୍ୱାଇଁ ନିଆଁ ଲଗାଇଥିବା ଅଭିଯୋଗ

ଖୁଣ୍ଟୁଣୀ,୨୭।୧୨(ଡି.ଏନ୍.ଏ.)

ଖୁଣ୍ଟୁଣୀ ଥାନା ଡାଲୁଆ ଗ୍ରାମର ସହଦେବ ନାୟକଙ୍କ ବିଲରେ ସୋମବାର ବିଳମ୍ବିତ ରାତିରେ କେହି ନିଆଁ ଲଗାଇଛନ୍ତି। ଫଳରେ ବିଲରେ ଥିବା ୨୪୨ ବିଡା ଧାନ ହଳାରେ ନିଆଁ ଲାଗି ନଷ୍ଟ ହୋଇଯାଇଥିବା ବେଳେ ପ୍ରାୟ ୪୦ହଜାର ଟଙ୍କାର ଧାନ ପୋଡ଼ିଯାଇଛି। ତେବେ ଝିଅକୁ ନ ଛାଡ଼ିବାରୁ ରାଗ ରଖି ଜ୍ୱାଇଁ ଏହି ନିଆଁ ଲଗାଇଥିବା ନେଇ ସହଦେବ ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ପ୍ରାଥମିକ ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ସହଦେବ ତାଙ୍କ ଝିଅକୁ ଢେଙ୍କାନାଳ ସଦର ଥାନା ଅଞ୍ଚଳର ଯୁବକଙ୍କ ସହିତ ଗତ ୭ ବର୍ଷ ତଳେ ବିବାହ କରାଇଥିଲେ। ହେଲେ ବିବାହର ୩ ମାସ ପରେ ଜ୍ୱାଇଁ ଝିଅକୁ ମାନସିକ ଓ ଶାରୀରିକ ଭାବେ ନିର୍ଯାତନା ଦେଇଥିଲେ । ଏପରିକି ମାଡ଼ମାରି ହାତ ଭାଙ୍ଗି ଦେଇଥିଲେ । ଏହା ଜାଣିବା ପରେ ସହଦେବ ତାଙ୍କ ଝିଅକୁ ଘରକୁ ନେଇଆସିଥିଲେ। ଜ୍ୱାଇଁ ଅନେକଥର ଆସି ଝିଅକୁ ନେବାକୁ କହି ଫେରିଯାଆନ୍ତି। ଗତ ୨୫ ତାରିଖରେ ଜ୍ୱାଇଁ ହଠାତ୍ ଘରକୁ ଆସି ଝିଅକୁ ନେବା ପାଇଁ କହିବା ସହ ନ ଛାଡ଼ିଲେ ଘରେ ଓ ଧାନ ଗଦାରେ ନିଆଁ ଲଗାଇ ଦେବାକୁ ଧମକ ଦେଇଥିଲେ। ସୋମବାର ରାତିରେ ବିଲରେ ନିଆଁ ଲାଗିଯାଇଥିଲା। ଖବରପାଇ ଦମକଳ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ତେବେ ନଷ୍ଟ ହୋଇଥିବା ଧାନ ପ୍ରାୟ ୪୦ ହଜାର ଟଙ୍କା ହେବ ବୋଲି ଆକଳନ ହୋଇଛି। ତେଣୁ ଏହି ନିଆଁ ଲଗାଇ ଜ୍ୱାଇଁ ଫେରାର ହୋଇଯାଇଥିବା ସହଦେବ ଅଭିଯୋଗରେ ଦର୍ଶାଇଛନ୍ତି।

# ଶାରୀରିକ,ମାନସିକ ସୁସ୍ଥତା ପାଇଁ କ୍ରୀଡ଼ା ଜରୁରୀ



ଚାମ୍ପିୟନ୍ ବିବେକାନନ୍ଦ ହାଉସ୍‌ର ଛାତ୍ରୀଛାତ୍ରଙ୍କ ସହ ଅନ୍ୟ କୃତୀ ପ୍ରତିଯୋଗୀମାନେ।

ବଡ଼ମ୍ବା,୨୭।୨୨(ଡି. ଏନ. ଏ)

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ସୁନାପାଳସ୍ଥିତ ଡି.ଏ.ଭି. ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ୨ ଦିନ ଧରି ଚାଲିଥିବା ଏହି ଉତ୍ସବରେ ଦୌଡ, ଛୋଟ ଡିଆଁ, ଲମ୍ବ ଡିଆଁ, ଅଖା ଡିଆଁ ଓ ସାଇକେଲ ରେସ୍ ଆଦି ପ୍ରତିଯୋଗିତା କରାଯାଇଥିଲା। ଏଥିରେ ବିବେକାନନ୍ଦ ହାଉସ୍‌ର ଛାତ୍ରୀଛାତ୍ର ଚାମ୍ପିୟନ ହୋଇ ପୁରସ୍କୃତ ହୋଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥ ଭାବେ ଆଠଗଡ଼ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ, ମୁଖ୍ୟବକ୍ତା ସ୍କୁଲ ପରିଚାଳନା କମିଟି ସଭାପତି ଅବସରପ୍ରାପ୍ତ ପ୍ରଫେସର ଡ଼. ବଳରାମ ସାହୁ ଓ ସମ୍ମାନିତ ଅତିଥିଭାବେ ଶିବ ନାରାୟଣ ମିଶ୍ର ଓ ନରସିଂହ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଡ଼ମ୍ବା ତହସିଲଦାର ନୀଳକଣ୍ଠ ବେହେରା ଯୋଗ ଦେଇ ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ କ୍ରୀଡ଼ା ଜରୁରୀ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବଡ଼ମ୍ବା ଥାନା ଏସ୍‌ଆଇ ଉତ୍କଳ ପ୍ରଧାନ ଯୋଗଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ ପଟ୍ଟନାୟକ ଏଥିରେ ପୌରୋହିତ୍ୟ କରିଥିଲେ। ପୁଣ୍ୟତୋୟା ସାମଲ, ଶିବ ପ୍ରସାଦ ମିଶ୍ର, ବିରାଟ କିଶୋର ପାତ୍ର, ବିକାଶଚନ୍ଦ୍ର ମିଶ୍ର, ରାମକୃଷ୍ଣ ପଟ୍ଟନାୟକ ଏଥିରେସହଯୋଗ କରିଥିଲେ।

## ସଂକ୍ଷେପରେ

### ମକରମେଳା ପ୍ରସ୍ତୁତି ବୈଠକ

ଚୌଦ୍ୱାର,୨୭।୧୨(ଡି.ଏନ୍.ଏ.): ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ବେରେଣା-କୋଚିଲାନୂଆଗାଁସ୍ଥିତ ଡମଡମଣୀ ପୀଠରେ ଆସନ୍ତା ଜାନୁୟାରୀ ୨୩ରେ ମକର ମେଳା ଅନୁଷ୍ଠିତ ହେବ। ଏହାକୁ ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଡମଡମଣୀ ପୀଠରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିଚାଳନା କମିଟି ସଭାପତି ଜୟନ୍ତ କୁମାର ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଚୌଦ୍ୱାର ଥାନା ଏସ୍‌ଆଇ ଦିଲ୍ଲୀପ ମର୍ଦ୍ଦରାଜ ଭୂୟାଁ, ମାନସ କୁମାର ମହାରଣା, ମଙ୍ଗରାଜପୁର ବନପାଳ ସଞ୍ଜୀବ ବୈପୋଇଙ୍କ ସମେତ କମିଟି ସଦସ୍ୟମାନେ ଯୋଗଦେଇ ଶାନ୍ତିଶୃଙ୍ଖଳାରେ କାର୍ଯ୍ୟ ସମାପନ କରିବା ପାଇଁ ଆଲୋଚନା କରିଥିଲେ। ୨ବର୍ଷ ପରେ ଏହି ମେଳା ଅନୁଷ୍ଠିତ ହେବାକୁ ଥିବାରୁ ଚଳିତବର୍ଷ ବହୁସଂଖ୍ୟକ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ଆସିବା ସମ୍ଭାବନା ରହିଛି। ତେଣୁ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ ପାଇଁ କମିଟି ପକ୍ଷରୁ ଅନୁରୋଧ କରାଯାଇଥିଲା। ସେହିପରି ଭକ୍ତମାନଙ୍କୁ ସେବା ଯୋଗାଇ ପାଇଁ ଗାୟତ୍ରୀ ପରିବାରର ସଦସ୍ୟ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କୁ କୁହାଯାଇଥିଲା। ପାହାଡ ଜଙ୍ଗଲ ଘେରା ଏହି ପୀଠରେ ହାତୀ ଭୟ ରହିଥିବାରୁ ବନ ବିଭାଗ ସଜାଗ ରହିବା ସହିତ ଅଧିକ ସଂଖ୍ୟକ ବନ କର୍ମଚାରୀ ମେଳାରେ ନିୟୋଜିତ ରହିବା ପାଇଁ ଆଲୋଚନା ହୋଇଥିଲା। ଏହି ବୈଠକରେ କମିଟି ସମ୍ପାଦକ ରବୀନ୍ଦ୍ର କୁମାର ରାଉତ, ମଙ୍ଗରାଜପୁର ସରପଞ୍ଚ ଦେବେନ୍ଦ୍ର ପାଣ୍ଡବଙ୍କ ସମେତ ପଞ୍ଚାୟତର ପ୍ରତିନିଧି ଉପସ୍ଥିତ ଥିଲେ।

# 'ସ୍ନେହ, ପ୍ରେମ ଦ୍ୱାରା ସଂସ୍କୃତିସମ୍ପନ୍ନ ହେବ ପରିବାର'

## ପାରିବାରିକ ହିଂସାର ବିଲୋପ ଶୀର୍ଷକ ଆଲୋଚନାଚକ୍ର

କଟକ ଅଫିସ, ୨୭।୧୨:

ଓଡ଼ିଶା ନାରୀ ସେବା ସଂଘର ପରିବାର ପରାମର୍ଶ କେନ୍ଦ୍ର ପକ୍ଷରୁ ଝାଞ୍ଜିରିମଙ୍ଗଳା ଖଣ୍ଡାୟତ ସାହିସ୍ଥିତ ଗୋଷ୍ଠୀ ଗୃହରେ 'ପାରିବାରିକ ହିଂସାର ବିଲୋପ' ଶୀର୍ଷକ ଆଲୋଚନାଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଡ. ପ୍ରତିମା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସମ୍ପାଦିକା ମୀରା ବେଉରା ଯୋଗଦେଇ ପରିବାରରେ ପରସ୍ପର ମଧ୍ୟରେ ସ୍ନେହ, ପ୍ରେମ, ଭଲ ପାଇବା ଓ ସହଯୋଗ ରହିଲେ ହିଁ ସମାଜ ତଥା ପରିବାର ସଂସ୍କୃତିସମ୍ପନ୍ନ ହୋଇ ପ୍ରଗତିଶୀଳ ହୋଇପାରିବ ବୋଲି କହିଥିଲେ। କବି ପୁଷ୍ପକାନ୍ତି ମହାନ୍ତି ବକ୍ତବ୍ୟ ପ୍ରଦାନ କରିଥିଲେ। ପରିବାର ପରାମର୍ଶ କେନ୍ଦ୍ରର କାଉନସିଲର୍ ସରୋଜିନୀ ଓଝା, ଅମ୍ବିକା ପଲାଇ, ଜ୍ୟୋତିର୍ମୟୀ ନନ୍ଦୀ, ସଂଘ କୋଷାଧ୍ୟକ୍ଷା ନୟନତାରା ନନ୍ଦ, ମଞ୍ଜୁ ସିଂ, ଗୀତାଶ୍ରୀ ଦାସ, ବୈଜୟନ୍ତୀ ମାଲା ଖଟୁଆ, ପଦ୍ମଜା ତ୍ରିପାଠୀ, ସ୍ଥାନୀୟ କର୍ପୋରେଟର ସୁମିତ୍ରା ବସ୍ତିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଙ୍ଗଠନ ସହ ସମ୍ପାଦିକା ଇନ୍ଦିରା ଅରୋରା ଧନ୍ୟବାଦ ଦେଇଥିଲେ।

### କଟକ କେନ୍ଦ୍ର ମତ୍ସ୍ୟଜୀବୀ ସମବାୟ ସମିତିର ସାଙ୍ଗଠନିକ ସଭା

କଟକ ଅଫିସ, ୨୭।୧୨:କଟକ କେନ୍ଦ୍ର ମତ୍ସ୍ୟଜୀବୀ ସମବାୟ ସମିତିର ଦ୍ୱିତୀୟ ସାଙ୍ଗଠନିକ ସଭା ମାଛୁଆବଜାରସ୍ଥିତ ସର୍କିଟ ହାଉସଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ଦେବେନ୍ଦ୍ର କାହାଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମତ୍ସ୍ୟ ବିଭାଗ କେନ୍ଦ୍ରାଞ୍ଚଳର ଉପନିର୍ଦ୍ଦେଶକ ସୀମାଞ୍ଚଳ ବେହେରା, ସମବାୟ ସମିତି ସମୂହ ଉପନିର୍ଦ୍ଦେଶକ ପ୍ରମୋଦ କୁମାର ବରିହା, ଜିଲା ମତ୍ସ୍ୟ ଅଧିକାରୀ ଇତିଶ୍ରୀ ରଥ, ସମବାୟ ନିରୀକ୍ଷକ ଅରବିନ୍ଦ ତରାଇ ଯୋଗଦେଇ କେନ୍ଦ୍ର ସମିତି ଗଠନର ନିୟମ, କାର୍ଯ୍ୟକାରିତା ସମ୍ବନ୍ଧରେ ବିବରଣୀ ପ୍ରଦାନ କରିଥିଲେ। ଉକ୍ତ ସଭାରେ ସଂଘ କର୍ମକର୍ତ୍ତା ମନୋନୀତ କରାଯାଇଥିଲା। ଏଥିରେ ସଭାପତି ଭାବେ ଦେବେନ୍ଦ୍ର କାହାଲୀ, ଉପସଭାପତି ସୁଷମା ବେହେରା, ସଭ୍ୟ ଭାବେ ସନାତନ ବେହେରା, ଅକ୍ଷୟ ମଲିକ, ବାସୁଦେବ ଗୁରୁ, ବିଜୟ କୁମାର ଘଡାଇ, ବାଉରିବନ୍ଧୁ ମାହାଳି, ସମ୍ରାଟ ବେହେରା, ମଙ୍ଗରାଜ ବେହେରା, ସୁରେଶ କୁମାର ଦଳାଇ, ସଭ୍ୟା ଭାବେ ସଙ୍ଗୀତା ଦାସ, ରୁବି ବେହେରା, ସୁବନି ବେହେରା ମନୋନୀତ ହୋଇଥିଲେ। ସମ୍ପାଦକ ପରମାନନ୍ଦ ସାହୁ ଧନ୍ୟବାଦ ଦେଇଥିଲେ।

# ଏବିଡିଓଙ୍କ ଆଦେଶକୁ କାଏମ ରଖିଲେ ବିଡିଓ

## ରାଜହଂସ ଅଙ୍ଗନୱାଡି ଫାଇଲ ଗାଏବ ଘଟଣା

କଟକ ସଦର,୨୭।୧୨(ଡି.ଏନ୍.ଏ.)

୨୦୧୭- ୨୦୧୮ ଆର୍ଥିକ ବର୍ଷରେ କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସ ପଞ୍ଚାୟତ ରାଜହଂସ ଅଙ୍ଗନୱାଡି କେନ୍ଦ୍ର ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କରାଯାଇଥିଲା। ଏଥିସହ ପଞ୍ଚାୟତ ପାଣ୍ଠି ଓ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅର୍ଥ ମଧ୍ୟ ଖର୍ଚ୍ଚ କରାଯାଇ କାମ ସମ୍ପୂର୍ଣ୍ଣ କରାଯାଇଥିଲା। ଏ ନେଇ ଉକ୍ତ ପଞ୍ଚାୟତର ପୂର୍ବତନ ସରପଞ୍ଚ ଅନିରୁଦ୍ଧ ରାଉଳ ସୂଚନା ଅଧିକାର ଆଇନ ବଳରେ ଏହି କେନ୍ଦ୍ର ଖର୍ଚ୍ଚ ସମ୍ପର୍କରେ ତଥ୍ୟ ମାଗିଥିଲେ। ମାତ୍ର ତଥ୍ୟ ନ ମିଳିବାରୁ ବିଡିଓ ତଥା ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିଥିଲେ। ସୋମବାର ଏହି ଆବେଦନର ଶୁଣାଣି କରି ବିଡିଓ ରାଜୀବ ଲୋଚନ ପରିଡ଼ା ଫାଇଲ ଗାଏବ ହୋଇଯାଇଥିବା କହିଛନ୍ତି ବୋଲି ଆବେଦନକାରୀ ରାଉଳ ସୂଚନା ଦେଇଛନ୍ତି। ଏହି ବ୍ଲକ କାର୍ଯ୍ୟାଳୟରେ ମିଳୁ ନାହିଁ ବୋଲି ଲୋକ ସୂଚନା ଅଧିକାରୀ ତଥା ଏବିଡିଓ ଝାଡ଼େଶ୍ୱର ଦାସ ପତ୍ର ସଂଖ୍ୟା ୩୫୨୦/୨୫।୧୧।୨୦୨୨ ରେ ଜଣାଇଥିଲେ। ତେଣୁ ଆବେଦନକାରୀ ଜଣକ ପ୍ରଥମ ଅପିଲ କରିଥିଲେ। ସେହିପରି ୨୦୧୯ ମସିହା ବାତ୍ୟା ଫନୀରେ ୨୨ଟି ପଞ୍ଚାୟତ କାର୍ଯ୍ୟାଳୟ ଓ ବଛା ବଛା ସ୍କୁଲ ଘର ଭାଙ୍ଗିଯାଇଥିବା ରିପୋର୍ଟ ତତ୍କାଳୀନ ବିଡିଓ ପ୍ରଦାନ କରିବା ପରେ ସରକାର ୨କୋଟି ୧୨ ଲକ୍ଷ ଟଙ୍କା ଦେଇଥିଲେ। ଏହି କାମ ୨୦୨୦ ମସିହାରେ ଶେଷ ହୋଇଥିଲା। ସବୁ ପଞ୍ଚାୟତ ଗୃହ ପକ୍କା ହୋଇଥିବାରୁ ସୌନ୍ଦର୍ଯ୍ୟକରଣରେ ଖର୍ଚ୍ଚ କରାଯାଇଥିଲା। ଏହି ସମୟରେ ପ୍ରଥମ ଅପିଲ କର୍ତ୍ତୃପକ୍ଷ ରାଜୀବ ଲୋଚନ ପରିଡ଼ା ପ୍ରାକ୍ ଆକଳନ ଫାଇଲ ମିଳୁ ନାହିଁ ବୋଲି ପତ୍ର ସଂଖ୍ୟା ୨୪୧୭/୩।୮।୨୦୨୧ ରେ ସୂଚନା ଦେଇଥିଲେ। ଫାଇଲ ମିଳିଲେ ଜଣାଇ ଦିଆଯିବ ବୋଲି ଲିଖିତ ଆକାରରେ ଜଣାଇଥିଲେ। ଇତିମଧ୍ୟରେ ୧ବର୍ଷ ୪ ମାସ ହୋଇଯାଇଥିଲେ ସୁଦ୍ଧା ତଥ୍ୟ ମିଳିନାହିଁ। ବ୍ଲକ କାର୍ଯ୍ୟାଳୟରୁ ଫାଇଲ ଗାଏବ ହେବା ଭଳି ଜବାବ ବ୍ଲକ ପ୍ରଶାସନ ଦେବା ଘଟଣା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି।

# 'ପରିବର୍ତ୍ତନ ପାଇଁ ପ୍ରଯୁକ୍ତିବିଦ୍ୟାର ଆବଶ୍ୟକତା ରହିଛି'

## ବିପିୟୁଟି ଏକାଡେମିକ ମିଟ୍

ଭୁବନେଶ୍ୱର,୨୭।୧୨(ବ୍ୟୁରୋ)



ଲୋକସେବା ଭବନ ସମ୍ମିଳନୀ କକ୍ଷରେ ବିପିୟୁଟିର ଏକାଡେମିକ ମିଟ୍‌ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

ଏକବିଂଶ ଶତାବ୍ଦୀରେ ପରିବର୍ତ୍ତନ ପାଇଁ ପ୍ରଯୁକ୍ତିବିଦ୍ୟାକୁ ଧ୍ୟାନ ଦେବାର ଆବଶ୍ୟକତା ରହିଛି। ପ୍ରଯୁକ୍ତିବିଦ୍ୟା ଆମ ସମାଜର ପ୍ରତ୍ୟେକ ଅଂଶ ଉପରେ ପ୍ରାଧାନ୍ୟ ବିସ୍ତାର କରୁଛି। ସଭ୍ୟତାର ଭବିଷ୍ୟତ ହିଁ ଶିକ୍ଷାର ଦିଗ ଓ ଗୁଣବତ୍ତା ଉପରେ ନିର୍ଭର କରେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ମଙ୍ଗଳବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ବିଜୁ ପଟ୍ଟନାୟକ ୟୁନିଭର୍ସିଟିଅଫ୍‌ଟେକ୍ନୋଲୋଜି (ବିପିୟୁଟି)ର ଏକାଡେମିକ ମିଟ୍‌ରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ 'ନୂତନ ଶିକ୍ଷାନୀତି ୨୦୨୦ରେ ବୈଷୟିକ ତଥା ବୃତ୍ତିଗତ ଶିକ୍ଷାର ରୂପାନ୍ତର' ଉପରେ ମତ ରଖିଥିଲେ। ସେ କହିଲେ, ଜାତୀୟ ଶିକ୍ଷା ନୀତି ୨୦୨୦ ଏକ ଅର୍ଥପୂର୍ଣ୍ଣ ପ୍ରୟାସ ଏବଂ ଶିକ୍ଷାର ସମସ୍ତ ସ୍ତରରେ ଦିଗ ସ୍ଥିର କରିଛି। ବିଶିଷ୍ଟ ବୈଜ୍ଞାନିକ କେ. କସ୍ତୁରୀରଙ୍ଗାନଙ୍କ ଦ୍ୱାରା ପ୍ରସ୍ତୁତ ଏହି ନୀତି ଆମର ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାକୁ ଲକ୍ଷ୍ୟ ରଖିଛି। ଏହି ବୈଠକ ଶିକ୍ଷା ନୀତି ମଧ୍ୟରେ ନୂତନ ନୀତି ଉପରେ ସଚେତନତା ଆଣିବାରେ ସାହାଯ୍ୟ କରିବ। ବୈଷୟିକ ଶିକ୍ଷାର ରୂପାନ୍ତର ପ୍ରୟାସରେ ରାଜ୍ୟ ସରକାର ସମସ୍ତ ଆବଶ୍ୟକ ସହାୟତା ଯୋଗାଇବାକୁ ପ୍ରସ୍ତୁତ ବୋଲି ସେ କହିଛନ୍ତି।

ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡ଼େଇ ଯୋଗଦେଇ ୫-ଟି ପ୍ରୟୋଗ ଦ୍ୱାରା ବିଭିନ୍ନ କ୍ଷେତ୍ରରେ ରାଜ୍ୟରେ ହୋଇଥିବା ପରିବର୍ତ୍ତନ ବିଷୟରେ କହିଥିଲେ। ବିପିୟୁଟି କୁଳପତି ପ୍ରଫେସର ବଂଶୀଧର ମାଝି ସ୍ୱାଗତ ଭାଷଣ ଓ ରେଜିଷ୍ଟ୍ରାର ଧନ୍ୟବାଦ ଦେଇଥିଲେ। ୫-ଟି ସଚିବ ଭି.କେ. ପାଣ୍ଡିଆନ୍, ମୁଖ୍ୟ ସଚିବ ଉଷା ପାଢ଼ୀ, ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ୍ କରମଲ୍‌କର, ଆଇଆଇଏସ୍‌ସି ବେଙ୍ଗାଲୁରୁର ପୂର୍ବତନ ପ୍ରଫେସର ଏନ୍.ସି. ଶିବପ୍ରକାଶ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏସ୍.କେ. ନାୟକ ଏବଂ ପେରି ଏଣ୍ଟରପ୍ରାଇଜେସ୍‌ର ସିଇଓ ଆର୍.ଆର୍. ମହାପାତ୍ର ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ବିଶ୍ୱବିଦ୍ୟାଳୟର ନୂତନ ଶିକ୍ଷା ନୀତି କାର୍ଯ୍ୟକାରୀ କରିବା ଏବଂ ଏହାର ବିଭିନ୍ନ ଦିଗ ଯେପରିକି ବହୁ-ଶୃଙ୍ଖଳିତ ପାଠ୍ୟକ୍ରମର ପ୍ରବର୍ତ୍ତନ, ଅନୁସନ୍ଧାନ, ଇନୋଭେଶନ ଏବଂ ର୍‍ୟାଙ୍କିଙ୍ଗରେ ଉନ୍ନତି ଆଣିବା, ଦକ୍ଷତା ବୃଦ୍ଧି, ବୈଷୟିକ ପାଇଁ ବ୍ୟାପକ ଢାଞ୍ଚା ସୃଷ୍ଟି ପାଇଁ ଯୋଜନା ରହିଛି। ବୈଷୟିକ ଶିକ୍ଷାରେ ସ୍ଥାନୀୟ ଭାଷାକୁ ମଧ୍ୟ ଗୁରୁତ୍ୱ ଦିଆଯିବ ବୋଲି ବିପିୟୁଟି ପକ୍ଷରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ନନ୍ଦନକାନନ ବୁଲିଲେ ୪୦,୨୭୬ ପର୍ଯ୍ୟଟକ

ବାରଙ୍ଗ,୨୭।୧୨(ଡି.ଏନ୍.ଏ.)- ବଡ଼ଦିନଠାରୁ ନନ୍ଦନକାନନ ଓ ବଟାନିକାଲ ଗାର୍ଡେନରେ ପର୍ଯ୍ୟଟକଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ମଙ୍ଗଳବାରରେ ୪୦ହଜାର ୨୭୬ ପର୍ଯ୍ୟଟକ ନନ୍ଦନକାନନ ଆସିଥିବା ସୂଚନା ମିଳିଛି। ତେବେ ଅଫଲାଇନରେ ୩୬ହଜାର ୪୦୮, ଅନ୍‌ଲାଇନରେ ୩ହଜାର ୮୬୨ ପର୍ଯ୍ୟଟକ ଟିକେଟ ସଂଗ୍ରହ କରିଥିଲାବେଳେ ୬ଜଣ ଦିବ୍ୟାଙ୍ଗ ବିନା ଦେୟରେ ପ୍ରବେଶ କରିଥିଲେ ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ସଞ୍ଜିତ କୁମାର କହିଛନ୍ତି।

### ରମେଶଚନ୍ଦ୍ର ପରିଡ଼ା ପାଇବେ ଝୁମୁକା ପୁରସ୍କାର

ଭୁବନେଶ୍ୱର,୨୭।୧୨(ବ୍ୟୁରୋ): ସାହିତ୍ୟ ପତ୍ରିକା ଝୁମୁକା ପକ୍ଷରୁ ମଙ୍ଗଳବାର ଝୁମୁକା ପୁରସ୍କାର ୨୦୨୨ ଘୋଷଣା କରାଯାଇଛି। ବିଜ୍ଞାନ ଲେଖକ ପ୍ରଫେସର ରମେଶଚନ୍ଦ୍ର ପରିଡ଼ାଙ୍କୁ ଚଳିତ ବର୍ଷ 'ଝୁମୁକା ପୁରସ୍କାର' ପ୍ରଦାନ କରାଯିବ। ଏହା ବ୍ୟତୀତ ଲେଖିକା ତଥା ଅନୁବାଦିକା ଡ. ସଂଘମିତ୍ରା ଭଞ୍ଜ, ନଗେନ୍ଦ୍ରନାଥ ପଟ୍ଟନାୟକ ଓ ରବିନାରାୟଣ ସାହୁଙ୍କୁ 'ଝୁମୁକା ସାରସ୍ୱତ ସମ୍ମାନ'ରେ ସମ୍ମାନିତ କରାଯିବ। ଆସନ୍ତା ଡିସେମ୍ବର ୩୦ରେ ସ୍ଥାନୀୟ ବୁଦ୍ଧ ମନ୍ଦିରଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ପୁରସ୍କାର ଦିଆଯିବ।

### ମାତାପିତାଙ୍କ ସ୍ମୃତିରେ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆମ୍ବୁଲାନ୍ସ ପ୍ରଦାନ

ଜଟଣୀ,୨୭।୧୨(ଡି.ଏନ୍.ଏ.): ଡେଲାଙ୍ଗ ବ୍ଲକ ହରିରାଜପୁର ପଞ୍ଚାୟତର ହୀରାଲାଲ ଶର୍ମା ତାଙ୍କ ସ୍ୱର୍ଗତ ମାତା ଗିନ୍ଦୋ ଦେବୀ ଏବଂ ପିତା ପଣ୍ଡିତ ରାମେଶ୍ୱର ଲାଲ୍ ଶର୍ମାଙ୍କ ସ୍ମୃତିରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏକ ଆମ୍ବୁଲାନ୍ସ ପ୍ରଦାନ କରିଛନ୍ତି। ହରିରାଜପୁର ମେଳନ ପଡ଼ିଆରେ ଏହି ଆମ୍ବୁଲାନ୍ସ ସେବାକୁ ଓଡ଼ିଶାର ଶକ୍ତି ଏବଂ ଶିଳ୍ପମନ୍ତ୍ରୀ ପ୍ରତାପ କେଶରୀ ଦେବ, ବିଧାୟକ ରୁଦ୍ରପ୍ରତାପ ମହାରଥୀ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉନ୍ନୟନ ଅଧିକାରୀ ଦିଲୀପ ଷଡ଼ଙ୍ଗୀ, ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବାସା ନିଶଙ୍କ, ୧୫ ନଂ. ଜୋନ ଜିଲା ପରିଷଦସଭ୍ୟା ପ୍ରଜ୍ଞା ଛୋଟରାୟ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ତପନ ଦାଶ, ସରପଞ୍ଚ ରୀନାରାଣୀ ରାଉତରାୟ, ପୂର୍ବତନ ସରପଞ୍ଚ ପ୍ରସନ୍ନ ମହାରଥୀ, ସାମାଜିକ କର୍ମୀ ମହାଦେବ ରାଉତରାୟଙ୍କ ସମେତ ପଞ୍ଚାୟତର ବହୁ ଜନସାଧାରଣ ଯୋଗଦେଇଥିଲେ। ଅନେକ ସମୟରେ ଗୁରୁତର ରୋଗୀମାନେ ଚିକିତ୍ସା ପାଇଁ ଅନ୍ୟ ଡାକ୍ତରଖାନାକୁ ଅସୁବିଧାର ସମ୍ମୁଖୀନ ହୋଇ ଯାଇଥା'ନ୍ତି। କିନ୍ତୁ ଏବେ ଏହି ଆମ୍ବୁଲାନ୍ସ ଆସିବା ପରେ ଅଧିକ ଚିକିତ୍ସା ପାଇଁ ଲୋକେ ସୁବିଧାରେ ଅନ୍ୟ ଡାକ୍ତରଖାନାକୁ ଯାଇପାରିବେ। ଏଥିନେଇ ଜନସାଧାରଣ ହୀରାଲାଲ୍‌ଙ୍କୁ ପ୍ରଶଂସା କରିଛନ୍ତି।

# 'ପରିବର୍ତ୍ତନ ପାଇଁ ପ୍ରଯୁକ୍ତିବିଦ୍ୟାର ଆବଶ୍ୟକତା ରହିଛି'

## ବିପିୟୁଟି ଏକାଡେମିକ ମିଟ୍

ଭୁବନେଶ୍ୱର,୨୭।୧୨(ବ୍ୟୁରୋ)



ଲୋକସେବା ଭବନ ସମ୍ମିଳନୀ କକ୍ଷରେ ବିପିୟୁଟିର ଏକାଡେମିକ ମିଟ୍‌ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

ଏକବିଂଶ ଶତାବ୍ଦୀରେ ପରିବର୍ତ୍ତନ ପାଇଁ ପ୍ରଯୁକ୍ତିବିଦ୍ୟାକୁ ଧ୍ୟାନ ଦେବାର ଆବଶ୍ୟକତା ରହିଛି। ପ୍ରଯୁକ୍ତିବିଦ୍ୟା ଆମ ସମାଜର ପ୍ରତ୍ୟେକ ଅଂଶ ଉପରେ ପ୍ରାଧାନ୍ୟ ବିସ୍ତାର କରୁଛି। ସଭ୍ୟତାର ଭବିଷ୍ୟତ ହିଁ ଶିକ୍ଷାର ଦିଗ ଓ ଗୁଣବତ୍ତା ଉପରେ ନିର୍ଭର କରେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ମଙ୍ଗଳବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ବିଜୁ ପଟ୍ଟନାୟକ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି (ବିପିୟୁଟି)ର ଏକାଡେମିକ ମିଟ୍‌ରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ 'ନୂତନ ଶିକ୍ଷାନୀତି ୨୦୨୦ରେ ବୈଷୟିକ ତଥା ବୃତ୍ତିଗତ ଶିକ୍ଷାର ରୂପାନ୍ତର' ଉପରେ ମତ ରଖିଥିଲେ। ସେ କହିଲେ, ଜାତୀୟ ଶିକ୍ଷା ନୀତି ୨୦୨୦ ଏକ ଅର୍ଥପୂର୍ଣ୍ଣ ପ୍ରୟାସ ଏବଂ ଶିକ୍ଷାର ସମସ୍ତ ସ୍ତରରେ ଦିଗ ସ୍ଥିର କରିଛି। ବିଶିଷ୍ଟ ବୈଜ୍ଞାନିକ କେ. କସ୍ତୁରୀରଙ୍ଗାନଙ୍କ ଦ୍ୱାରା ପ୍ରସ୍ତୁତ ଏହି ନୀତି ଆମର ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାକୁ ଲକ୍ଷ୍ୟ ରଖିଛି। ଏହି ବୈଠକ ଶିକ୍ଷା ନୀତି ମଧ୍ୟରେ ନୂତନ ନୀତି ଉପରେ ସଚେତନତା ଆଣିବାରେ ସାହାଯ୍ୟ କରିବ। ବୈଷୟିକ ଶିକ୍ଷାର ରୂପାନ୍ତର ପ୍ରୟାସରେ ରାଜ୍ୟ ସରକାର ସମସ୍ତ ଆବଶ୍ୟକ ସହାୟତା ଯୋଗାଇବାକୁ ପ୍ରସ୍ତୁତ ବୋଲି ସେ କହିଛନ୍ତି।

ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡ଼େଇ ଯୋଗଦେଇ ୫-ଟି ପ୍ରୟୋଗ ଦ୍ୱାରା ବିଭିନ୍ନ କ୍ଷେତ୍ରରେ ରାଜ୍ୟରେ ହୋଇଥିବା ପରିବର୍ତ୍ତନ ବିଷୟରେ କହିଥିଲେ। ବିପିୟୁଟି କୁଳପତି ପ୍ରଫେସର ବଂଶୀଧର ମାଝି ସ୍ୱାଗତ ଭାଷଣ ଓ ରେଜିଷ୍ଟ୍ରାର ଧନ୍ୟବାଦ ଦେଇଥିଲେ। ୫-ଟି ସଚିବ ଭି.କେ. ପାଣ୍ଡିଆନ୍, ମୁଖ୍ୟ ସଚିବ ଉଷା ପାଢ଼ୀ, ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ୍ କରମଲ୍‌କର, ଆଇଆଇଏସ୍‌ସି ବେଙ୍ଗାଲୁରୁର ପୂର୍ବତନ ପ୍ରଫେସର ଏନ୍.ସି. ଶିବପ୍ରକାଶ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏସ୍.କେ. ନାୟକ ଏବଂ ପେରି ଏଣ୍ଟରପ୍ରାଇଜେସ୍‌ର ସିଇଓ ଆର୍.ଆର୍. ମହାପାତ୍ର ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ବିଶ୍ୱବିଦ୍ୟାଳୟର ନୂତନ ଶିକ୍ଷା ନୀତି କାର୍ଯ୍ୟକାରୀ କରିବା ଏବଂ ଏହାର ବିଭିନ୍ନ ଦିଗ ଯେପରିକି ବହୁ-ଶୃଙ୍ଖଳିତ ପାଠ୍ୟକ୍ରମର ପ୍ରବର୍ତ୍ତନ, ଅନୁସନ୍ଧାନ, ଇନୋଭେଶନ ଏବଂ ର୍‍ୟାଙ୍କିଙ୍ଗରେ ଉନ୍ନତି ଆଣିବା, ଦକ୍ଷତା ବୃଦ୍ଧି, ବୈଷୟିକ ପାଇଁ ବ୍ୟାପକ ଢାଞ୍ଚା ସୃଷ୍ଟି ପାଇଁ ଯୋଜନା ରହିଛି। ବୈଷୟିକ ଶିକ୍ଷାରେ ସ୍ଥାନୀୟ ଭାଷାକୁ ମଧ୍ୟ ଗୁରୁତ୍ୱ ଦିଆଯିବ ବୋଲି ବିପିୟୁଟି ପକ୍ଷରୁ ସୂଚନା ଦିଆଯାଇଛି।

# ମହିଳା ଟ୍ରାଫିକ୍ କର୍ମଚାରୀଙ୍କ ମହାନତା

## ଦୁର୍ଘଟଣାଗ୍ରସ୍ତଙ୍କୁ ପ୍ରାଥମିକ ଚିକିତ୍ସା କଲେ

ଭୁବନେଶ୍ୱର, ୨୭।୧୨ (ବ୍ୟୁରୋ)



ଟ୍ରାଫିକ କର୍ମଚାରୀ ସନ୍ତୋଷୀ ମଲ୍ଲିକ ଆହତ ବ୍ୟକ୍ତିଙ୍କ ପ୍ରାଥମିକ ଚିକିତ୍ସା କରୁଛନ୍ତି।

ଭୁବନେଶ୍ୱର ନାଲ୍‌କୋ ଛକରେ କାର୍ଯ୍ୟରତ ମହିଳା ଟ୍ରାଫିକ କର୍ମଚାରୀ ସନ୍ତୋଷୀ ମଲ୍ଲିକ ମଙ୍ଗଳବାର ମହାନତା ଦେଖାଇଛନ୍ତି। ସେ ଜଣେ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ଚିକିତ୍ସା ଯୋଗାଇ ଉପସ୍ଥିତ ଲୋକଙ୍କ ହୃଦୟ ଜିଣିଛନ୍ତି। ତେବେ ଆହତ ବ୍ୟକ୍ତି ଜଣଙ୍କ ପରିଚୟ ଜଣାପଡ଼ିନାହିଁ। ସୂଚନା ଅନୁଯାୟୀ, ମଙ୍ଗଳବାର ଅପରାହ୍ନରେ ସନ୍ତୋଷୀ ଡ୍ୟୁଟି କରୁଥିବାବେଳେ ଉକ୍ତ ପଥଚାରୀଙ୍କୁ ଏକ ଗାଡ଼ି ଧକ୍କା ଦେବାରୁ ସେ ତଳେ ପଡ଼ିଯାଇଥିଲେ। ତାଙ୍କର ମୁଣ୍ଡ ଫାଟିଯାଇ ରକ୍ତସ୍ରାବ ହୋଇଥିଲା। ସନ୍ତୋଷୀ ତୁରନ୍ତ ତାଙ୍କୁ ଉଠାଇ ସୁରକ୍ଷିତ ସ୍ଥାନକୁ ନେଇ ମୁଣ୍ଡରେ କପଡ଼ା ଭିଡ଼ିବା ସହ ଔଷଧ ଲଗାଇ ପ୍ରାଥମିକ ଚିକିତ୍ସା କରାଇଥିଲେ। ପରେ ମେଡିକାଲ ପଠାଇଥିଲେ। ତେବେ କେହି ଏହା ଭିଡିଓ ଶୁଟ୍ କରି ସୋସିଆଲ ମିଡିଆରେ ଛାଡ଼ିଥିଲେ। ଏହା ଏବେ ଭାଇରାଲ ହୋଇଥିବାବେଳେ ବିଭିନ୍ନ ମହଲରେ ସମ୍ପୃକ୍ତ ଟ୍ରାଫିକ କର୍ମଚାରୀଙ୍କୁ ପ୍ରଶଂସା କରାଯାଉଥିବା ଦେଖାଯାଇଛି।





ବିଶ୍ୱକପ୍ ହକିକୁ ସ୍ୱାଗତ ଜଣାଇ ଅଟୋ ମହାସଂଘ ପକ୍ଷରୁ ଆୟୋଜିତ ଶୋଭାଯାତ୍ରାକୁ ବିଏମ୍‌ସି ମେୟର ସୁଲୋଚନା ଦାସ ଓ ସିଏମ୍‌ସି ମେୟର ସୁବାସ ସିଂ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

# ବିଶ୍ୱକପ୍ ହକିକୁ ଶୋଭାଯାତ୍ରାରେ ସ୍ୱାଗତ

ଭୁବନେଶ୍ୱର, ୨୭।୧୨ (ବ୍ୟୁରୋ)

ଜାନୁୟାରୀରୁ ଆରମ୍ଭ ହେଉଛି ବିଶ୍ୱକପ୍ ପୁରୁଷ ହକି। ଏହାକୁ ସଫଳ କରାଇବା ସହ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ଏକ ଉଦାହରଣ ସୃଷ୍ଟି କରିବା ପାଇଁ ଜୋର୍‌ଦାର ପ୍ରସ୍ତୁତି ଚାଲିଛି। ରାଜ୍ୟରେ ଦ୍ୱିତୀୟଥର ପାଇଁ ବିଶ୍ୱକପ୍ ହକି ଆୟୋଜିତ ହେଉଥିବାରୁ ରାଜ୍ୟବାସୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳୁଛି। ଖେଳକୁ ଆଉ ୧୬ଦିନ ଥିବାବେଳେ ଏବେଠାରୁ ଉତ୍କଣ୍ଠା ଆରମ୍ଭ ହୋଇଗଲାଣି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଭୁବନେଶ୍ୱର ଅଟୋ ମହାସଂଘ ପକ୍ଷରୁ ଶୋଭାଯାତ୍ରା କରାଯାଇଥିଲା। ବିଏମ୍‌ସି ମେୟର ସୁଲୋଚନା ଦାସ ଏବଂ ସିଏମ୍‌ସି ମେୟର ସୁବାଷ ସିଂ ଏଥିରେ ଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ସ୍ୱାଗତ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରା ଆଚାର୍ଯ୍ୟ ବିହାରଠାରୁ ବାହାରି ବାଣୀବିହାର, ରାମ ମନ୍ଦିର, ରେଳ ଷ୍ଟେଶନ, ରାଜମହଲ, କଳିଙ୍ଗଷ୍ଟାଡିୟମ୍‌ରୁ ଜୟଦେବ ବିହାର ଯାଏ ଯାଇଥିଲା। ଏଥିସହ ଖେଳ ଦେଖିବାକୁ ବାହାରୁ ଆସିବାକୁ ଥିବା ପର୍ଯ୍ୟଟକ ଓ ଦର୍ଶକଙ୍କୁ ଭଲ ବ୍ୟବହାର ଦେଖାଇବା, ସେମାନଙ୍କୁ ବିଭିନ୍ନ ସେବା ଯୋଗାଇ ଉଚିତ ମୂଲ୍ୟ ବା ଟଙ୍କା ନେବା ସହ ଅଟୋଷ୍ଟାଣ୍ଡ୍‌କୁ କିଭଳି ସ୍ୱଚ୍ଛ ରଖାଯିବ ସେଥିପ୍ରତି ସତର୍କ ରହିବାକୁ ମହାସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା।

ସୂଚନାଯୋଗ୍ୟ, ଜାନୁୟାରୀ ୧୩ରୁ ୨୯ ଯାଏ ବିଶ୍ୱକପ୍ ହକି ଅନୁଷ୍ଠିତ ହେବ। ଭୁବନେଶ୍ୱର ଓ ରାଉରକେଲାରେ ମ୍ୟାଚ୍ ଖେଳାଯିବ। ଏଥିରେ ୧୬ ଦେଶର ଟିମ୍ ଅଂଶଗ୍ରହଣ କରିବେ।

# ଅତିରିକ୍ତ ପୋଲିସ କମିଶନରଙ୍କ ଉପରେ ଟ୍ରାଫିକ୍ ଭାର

ଭୁବନେଶ୍ୱର, ୨୭।୧୨ (ବ୍ୟୁରୋ)

ଆସନ୍ତା ଜାନୁୟାରୀ ୧୩ରୁ ୨୯ ପର୍ଯ୍ୟନ୍ତ ଓଡ଼ିଶାରେ ହକି ବିଶ୍ୱକପ୍ ଅନୁଷ୍ଠିତ ହେବ। ରାଉରକେଲା ଓ ଭୁବନେଶ୍ୱରରେ ମ୍ୟାଚ୍ ଖେଳାଯିବାକୁ ଥିବାବେଳେ କମିଶନରେଟ ପୋଲିସ ପକ୍ଷରୁ ରାଜଧାନୀ ପାଇଁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏନେଇ ଟ୍ରାଫିକ ଡିସିପି ଠାକୁର ପ୍ରସାଦ ପାତ୍ର ଖବରଦାତା ସମ୍ମିଳନୀରେ ସୂଚନାଦେଇ କହିଛନ୍ତି, ଟ୍ରାଫିକ୍ ପରିଚାଳନା ପାଇଁ ୫ଜଣ ଡିଏସ୍‌ପିଙ୍କ ନେତୃତ୍ୱରେ ୧୮ଜଣ ଏସ୍‌ଆଇ/ଏଏସ୍‌ଆଇ ଏବଂ ୧୫ଜଣ କନଷ୍ଟେବଳ ନିୟୋଜିତ କରାଯାଇଛି। ସହରରେ ମୋଟ ୧୫ରୁ ୨୦ ପ୍ଲାଟୁନ୍ ଫୋର୍ସ ଟ୍ରାଫିକ ଦାୟିତ୍ୱରେ ରହିବେ। ଦାୟିତ୍ୱରେ ଥିବା ୫ଜଣ ଡିଏସ୍‌ପିଙ୍କୁ ବିଭିନ୍ନ ଅଞ୍ଚଳରେ ମୁତୟନ କରାଯାଇଛି। ବର୍ତ୍ତମାନ ସେମାନେ ବିଏମ୍‌ସି ଏଭିକ୍‌ଶନ୍ ଟିମ୍ ସହ ଟ୍ରାଫିକ୍ ପରିଚାଳନା କରୁଛନ୍ତି। ଅତିରିକ୍ତ କମିଶନର ଉମାଶଙ୍କର ଦାଶ ଟ୍ରାଫିକ ପରିଚାଳନାର ସମ୍ପୂର୍ଣ୍ଣ ଦାୟିତ୍ୱ ନେଇଛନ୍ତି। କୌଣସି ସ୍ଥାନରେ ଯେପରି ବେଆଇନ ପାର୍କିଂ, ଭେଣ୍ଡିଂ ଓ ଟ୍ରାଫିକ ସମସ୍ୟା ନ ଉପୁଜିବ ସେଥିପ୍ରତି ବ୍ୟବସ୍ଥା କରାଯାଉଛି।

## ହକି ବିଶ୍ୱକପ୍ ପାଇଁ ସ୍ୱତନ୍ତ୍ର ଟ୍ରାଫିକ୍ ବ୍ୟବସ୍ଥା





ଟ୍ରାଫିକ ପାଇଁ ଏକ କଣ୍ଟ୍ରୋଲ ରୁମ୍‌ର ବ୍ୟବସ୍ଥା ହୋଇଛି। ଏଥିସହ ଗୋଟିଏ ମିଡିଆ ସେଲ୍ ମଧ୍ୟ ରଖାଯିବ। କୌଣସି ସ୍ଥାନରେ ସମସ୍ୟା ହେଲେ ମିଡିଆ ସେଲ୍ ମାଧ୍ୟମରେ ନିକଟସ୍ଥ ଥାନାକୁ ଯୋଗାଯୋଗ କରାଯାଇପାରିବ। ଆମ୍ବୁଲାନ୍ସ ପାଇଁ ଗ୍ରୀନ୍ କରିଡର କରାଯିବ। ପ୍ରତ୍ୟେକ ହକି ଟିମ୍ ପାଇଁ ପାଇଲଟ ପ୍ରୋଟେକ୍ସନ ଯୋଗାଇ ଦିଆଯିବ। ସହରର ୭ସ୍ଥାନରେ ପାର୍କିଂ ବ୍ୟବସ୍ଥା କରାଯାଇଛି। ଲୋକଙ୍କ ଯାତାୟାତ ପାଇଁ ସମସ୍ୟା ନ ଉପୁଜିବା ଲାଗି ଦୃଷ୍ଟି ମଧ୍ୟ ଦିଆଯାଇଛି। ଏଥିସହ ସୋସିଆଲ ମିଡିଆ ଜରିଆରେ ଲୋକଙ୍କୁ ଟ୍ରାଫିକ ବ୍ୟବସ୍ଥା ନେଇ ସଚେତନ କରାଯିବ ବୋଲି ସେ କହିଛନ୍ତି।

# ମୁକ୍ତାକାଶ କାରାଶ୍ରମରେ କଏଦୀ ସଂଖ୍ୟା ହ୍ରାସ

ବାରଙ୍ଗ,୨୭।୧୨(ଡି.ଏନ୍.ଏ.)

ଯାମୁଝରିସ୍ଥିତ ବିଜୁ ପଟ୍ଟନାୟକ ମୁକ୍ତାକାଶ କାରାଶ୍ରମ ପରିସରରେ ଏବେ କଏଦୀ ସଂଖ୍ୟା ହ୍ରାସ ପାଇ ୨୮ରେ ପହଞ୍ଚିଛି। କିଛିଦିନ ପୂର୍ବେ କାରାଶ୍ରମରେ ୩୪ଜଣ କଏଦୀ ଥିଲେ। ଜଣେ କଏଦୀ ବେଲ୍‌ରେ ଚାଲିଯିବା ପରେ ଏମାନଙ୍କ ସଂଖ୍ୟା ହ୍ରାସ ପାଇ ୩୩ରେ ପହଞ୍ଚିଥିଲା। ଏହା ମଧ୍ୟରୁ ଦୁଇଜଣ କଏଦୀ ନବୀନ ପାତ୍ର ଓ ଜୁବୁଲ ଟିପୋ ଫେରାର ହୋଇଯାଇଥିଲେ। ସେହିଦିନ ସମ୍ବଲପୁରରୁ ଆସିଥିବା ବାସୁଦେବ ସାହା, ବଲାଙ୍ଗୀରରୁ ଆସିଥିବା ସୁରେନ୍ଦ୍ର ସା ଓ ବାରିପଦାରୁ ଆସିଥିବା ବ୍ରଜକିଶୋର ମହନ୍ତ ନାମକ କଏଦୀ ଜେଲ ପରିସରରେ ନିଶାସେବନ କରୁଥିବାର ଜଣାପଡିବାପରେ ସେମାନଙ୍କୁ ଆସିଥିବା ଜେଲକୁ ପୁନର୍ବାର ପ୍ରତ୍ୟାବର୍ତ୍ତନ କରାଯାଇଥିଲା। ଫଳରେ କଏଦୀ ସଂଖ୍ୟା ହ୍ରାସ ପାଇ ଏବେମାତ୍ର ୨୮ଜଣ ରହୁଛନ୍ତି। କମ୍ ସଂଖ୍ୟକ କଏଦୀ ରହିବା ଫଳରେ ପୂର୍ବଭଳି ଚାଷକାର୍ଯ୍ୟ ହୋଇପାରୁନାହିଁ କି ଆଭ୍ୟନ୍ତରୀଣ ସଫେଇ ଠିକ୍ ଭାବେ ହୋଇପାରୁ ନାହିଁ। ଏହି କାରାଶ୍ରମରେ ୧୨୫ଜଣ କଏଦୀ ରହିବାର ବ୍ୟବସ୍ଥା ଥିବାବେଳେ ମାତ୍ର ୨୮ଜଣଙ୍କୁ ରଖାଯାଇଛି।

# ଉଦ୍ୟମ ହେଉଛି ସଫଳତାର ମୂଳମନ୍ତ୍ର

## ପ୍ରଭୁଜୀର ୩୪ତମ ବାର୍ଷିକ ଉତ୍ସବ

ଭୁବନେଶ୍ୱରର, ୨୭।୧୨(ବ୍ୟୁରୋ)





ଭିଏସ୍‌ଏସ୍‌ନଗରସ୍ଥିତ ପ୍ରଭୁଜୀ ଇଂଲିଶ ମିଡିୟମ ସ୍କୁଲ୍‌ର ୩୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପାରମ୍ପରିକ ରୀତିରେ ବେଦମନ୍ତ୍ର ପାଠ ଓ ସାମୂହିକ ସଙ୍ଗୀତ ଗାନ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ସବିତା ଆଚାର୍ଯ୍ୟ ଓ ସମ୍ମାନିତ ଅତିଥି ରୂପେ ଆଇଏଏସ୍ ଅଫିସର ମନୋଜ କୁମାର ପଟ୍ଟନାୟକ ଯୋଗଦେଇଥିଲେ। ଉଦ୍ୟମ ହିଁ ସଫଳତାର ମହାମନ୍ତ୍ର। ପିଲାମାନଙ୍କୁ ଆଶୀର୍ବଚନ ଦେବା ସହ ନିଷ୍ଠାର ସହ ଯେକୌଣସି କାର୍ଯ୍ୟକଲେ ସଫଳତା ନିଶ୍ଚିତ ପାଇବେ ବୋଲି କହିଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ବାବାଶଙ୍କରା ନନ୍ଦ ଗିରିମହାରାଜ, ସମ୍ପାଦିକା ଡ. ବୀଣାପାଣି ରଥ, ପରିଚାଳନା ସମିତି ସଦସ୍ୟା ବୀଣାପାଣି ମହାପାତ୍ର ଓ କୋଷାଧ୍ୟକ୍ଷ ଶୋଭାକର ଦାସ ଫତେସିଂହ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଅଭୟ କୁମାର ରଥ ବିବରଣୀ ପାଠ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ର ତଥା ସିବିଏସ୍‌ଇ ଦ୍ୱାଦଶ ବିଜ୍ଞାନରେ ଯୁଗ୍ମ ସ୍କୁଲ୍ ଟପ୍ପର ହୋଇଥିବା ତନ୍ମୟୀ ତନୁସ୍ମିତା ଓ ଆଦ୍ୟାଶା ପଟ୍ଟନାୟକ, ବାଣିଜ୍ୟରେ ସ୍ୱସ୍ତିକା ପାଢୀ ଏବଂ କଳାରେ ଏନ୍. ବିଦ୍ୟାଶ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ଶିକ୍ଷକ କିଶୁଚାନ୍ଦ ପୃଷ୍ଟି ପରିଚୟ ଓ ବରିଷ୍ଠ ଶିକ୍ଷୟିତ୍ରୀ ଇନ୍ଦିରା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶୀ ନୃତ୍ୟର ମୌଳିକତା ବଜାୟ ରଖିଥିଲେ ଧୀରେନ୍ଦ୍ରନାଥ

ଭୁବନେଶ୍ୱର,୨୭।୧୨(ବ୍ୟୁରୋ)





ସ୍ମୃତିସଭାରେ ଯୋଗଦେଇଥିବା ଅତିଥି।

ଓଡ଼ିଶୀ ନୃତ୍ୟ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର କ୍ଷେତ୍ରରେ ସ୍ୱର୍ଗତ ଧୀରେନ୍ଦ୍ରନାଥ ପଟ୍ଟନାୟକଙ୍କ ଅବଦାନ ଅତୁଳନୀୟ ରହିଥିଲା। ଓଡ଼ିଶାର ସଂସ୍କୃତି, ଓଡ଼ିଶୀ ଏବଂ ଛଉନୃତ୍ୟ ଆଦି ସମ୍ପର୍କିତ ବିଭିନ୍ନ ପୁସ୍ତକ ରଚନା କରି ସେ ସ୍ୱତନ୍ତ୍ର ପରିଚୟ ହାସଲ କରିଥିଲେ ବୋଲି ଅତିଥିମାନେ କହିଛନ୍ତି। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ପୂର୍ବତନ ସଭାପତି, କେନ୍ଦ୍ର ଓ ରାଜ୍ୟ ସଙ୍ଗୀତ ଏକାଡେମୀ ପୁରସ୍କାରପ୍ରାପ୍ତ ତଥା ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ସ୍ୱର୍ଗତ ପଟ୍ଟନାୟକଙ୍କ ଚତୁର୍ଦ୍ଦଶ ଶ୍ରାଦ୍ଧ ଦିବସ ମଙ୍ଗଳବାର ନୟାପଲ୍ଲୀସ୍ଥିତ ମୟୂର ଆର୍ଟ ସେଣ୍ଟରଠାରେ ପାଳିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସାମ୍ବାଦିକ ତଥା ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକ ଯୋଗଦେଇ କହିଲେ, ଓଡ଼ିଶୀ ନୃତ୍ୟର ମୌଳିକତା ବଜାୟ ରଖିବା ତଥା ଓଡ଼ିଶା ସଂସ୍କୃତିର ସୁରକ୍ଷା ଦିଗରେ ଧୀରେନ୍ଦ୍ରନାଥ ଥିଲେ ଜଣେ ସମର୍ପିତ ବ୍ୟକ୍ତିତ୍ୱ। ସମ୍ମାନିତ ଅତିଥି ଭାବେ ଲୋକପ୍ରିୟ ସିନେ ସମୀକ୍ଷକ ଦିଲୀପ ହାଲି ଯୋଗଦେଇ ଜଣେ ନୀତିନିଷ୍ଠ ସାଧକ ଭାବରେ ଓଡ଼ିଶୀ ଓ ଛଉନୃତ୍ୟକୁ ଦେଶ ବିଦେଶରେ ପ୍ରତିଷ୍ଠିତ କରାଇବାରେ ସେ ଅନନ୍ୟ ଭୂମିକା ନିର୍ବାହ କରିଥିଲେ ବୋଲି କହିଥିଲେ। ମୟୂର ଆର୍ଟ ସେଣ୍ଟର ସଭାପତି ବିଜୟ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସ୍ମୃତି ସଭାରେ ଅତିଥି ଭାବେ ନୃତ୍ୟଗୁରୁ ଅଶୋକ ଘୋଶାଲ, ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଦୀପ କୁମାର ମିଶ୍ର, ଗୁରୁ ବିମ୍ବାଧର ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପଟ୍ଟନାୟକଙ୍କ ଅବଦାନ ସମ୍ପର୍କରେ କହିଥିଲେ। ରତ୍ନାକର ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।





ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଆନ୍ଦୋଳନ ଚଳାଇଥିବା କଳା ଓ କ୍ରୀଡ଼ା ଶିକ୍ଷକମାନେ ଧାରଣାସ୍ଥଳ ସମ୍ମୁଖରେ ହକି ଷ୍ଟିକ୍ ରଖି ଅଭିନବ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।





ରାଜ୍ୟ ପ୍ରାଥମିକ ଶିକ୍ଷକ (ଏକ୍ସ କ୍ୟାଡର) ମହାସଂଘ ପକ୍ଷରୁ ୮ ଦଫା ଦାବି ନେଇ ଶିକ୍ଷକମାନେ ମଙ୍ଗଳବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ କରୁଛନ୍ତି।




୨୭।୧୨।୨୦୨୨

| | |
|---|---|
| ୫,୯୭,୩୩୦ ଟଙ୍କା | |
| ସୁନା | ୨.୨୫୦ ଗ୍ରାମ |
| ରୁପା | ୧୦୩. ୪୦୦ ଗ୍ରାମ |

# 'ପରିବର୍ତ୍ତନ ପାଇଁ ପ୍ରଯୁକ୍ତିବିଦ୍ୟାର ଆବଶ୍ୟକତା ରହିଛି'

ଭୁବନେଶ୍ୱର,୨୭।୧୨(ବ୍ୟୁରୋ)

**ବିପିୟୁଟି ଏକାଡେମିକ ମିଟ୍**

ଏକବିଂଶ ଶତାବ୍ଦୀରେ ପରିବର୍ତ୍ତନ ପାଇଁ ପ୍ରଯୁକ୍ତିବିଦ୍ୟାକୁ ଧ୍ୟାନ ଦେବାର ଆବଶ୍ୟକତା ରହିଛି। ପ୍ରଯୁକ୍ତିବିଦ୍ୟା ଆମ ସମାଜର ପ୍ରତ୍ୟେକ ଅଂଶ ଉପରେ ପ୍ରାଧାନ୍ୟ ବିସ୍ତାର କରୁଛି। ସଭ୍ୟତାର ଭବିଷ୍ୟତ ହିଁ ଶିକ୍ଷାର ଦିଗ ଓ ଗୁଣବତ୍ତା ଉପରେ ନିର୍ଭର କରେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ମଙ୍ଗଳବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ବିଜୁ ପଟ୍ଟନାୟକ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି (ବିପିୟୁଟି)ର ଏକାଡେମିକ ମିଟ୍‌ରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ 'ନୂତନ ଶିକ୍ଷାନୀତି ୨୦୨୦ରେ ବୈଷୟିକ ତଥା ବୃତ୍ତିଗତ ଶିକ୍ଷାର ରୂପାନ୍ତର' ଉପରେ ମତ ରଖିଥିଲେ। ସେ କହିଲେ, ଜାତୀୟ ଶିକ୍ଷା ନୀତି ୨୦୨୦ ଏକ ଅର୍ଥପୂର୍ଣ୍ଣ ପ୍ରୟାସ ଏବଂ ଶିକ୍ଷାର ସମସ୍ତ ସ୍ତରରେ ଦିଗ ସ୍ଥିର କରିଛି। ବିଶିଷ୍ଟ ବୈଜ୍ଞାନିକ କେ. କସ୍ତୁରୀରଙ୍ଗାନଙ୍କ ଦ୍ୱାରା ପ୍ରସ୍ତୁତ ଏହି ନୀତି ଆମର ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାକୁ ଲକ୍ଷ୍ୟ ରଖିଛି। ଏହି ବୈଠକ ଶିକ୍ଷା ନୀତି ମଧ୍ୟରେ ନୂତନ ନୀତି ଉପରେ ସଚେତନତା ଆଣିବାରେ ସାହାଯ୍ୟ କରିବ। ବୈଷୟିକ ଶିକ୍ଷାର ରୂପାନ୍ତର ପ୍ରୟାସରେ ରାଜ୍ୟ ସରକାର ସମସ୍ତ ଆବଶ୍ୟକ ସହାୟତା ଯୋଗାଇବାକୁ ପ୍ରସ୍ତୁତ ବୋଲି ସେ କହିଛନ୍ତି।

ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡ଼େଇ ଯୋଗଦେଇ ୫-ଟି ପ୍ରୟୋଗ ଦ୍ୱାରା ବିଭିନ୍ନ କ୍ଷେତ୍ରରେ ରାଜ୍ୟରେ ହୋଇଥିବା ପରିବର୍ତ୍ତନ ବିଷୟରେ କହିଥିଲେ। ବିପିୟୁଟି କୁଳପତି ପ୍ରଫେସର ବଂଶୀଧର ମାଝି ସ୍ୱାଗତ ଭାଷଣ ଓ ରେଜିଷ୍ଟ୍ରାର ଧନ୍ୟବାଦ ଦେଇଥିଲେ। ୫-ଟି ସଚିବ ଭି.କେ. ପାଣ୍ଡିଆନ୍, ମୁଖ୍ୟ ସଚିବ ଉଷା ପାଢ଼ୀ, ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ୍ କରମଲ୍‌କର, ଆଇଆଇଏସ୍‌ସି ବେଙ୍ଗାଲୁରୁର ପୂର୍ବତନ ପ୍ରଫେସର ଏନ୍.ସି. ଶିବପ୍ରକାଶ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏସ୍.କେ. ନାୟକ ଏବଂ ପେରି ଏଣ୍ଟରପ୍ରାଇଜେସ୍‌ର ସିଇଓ ଆର୍.ଆର୍. ମହାପାତ୍ର ଉପସ୍ଥିତ ଥିଲେ।


ଲୋକସେବା ଭବନ ସମ୍ମିଳନୀ କକ୍ଷରେ ବିପିୟୁଟିର ଏକାଡେମିକ ମିଟ୍‌ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

## ମୁକ୍ତାକାଶ କାରାଶ୍ରମରେ କଏଦୀ ସଂଖ୍ୟା ହ୍ରାସ

ବାରଙ୍ଗ,୨୭।୧୨ (ଡି.ଏନ୍.ଏ.)

ଯାମୁଝରିସ୍ଥିତ ବିଜୁ ପଟ୍ଟନାୟକ ମୁକ୍ତାକାଶ କାରାଶ୍ରମ ପରିସରରେ ଏବେ କଏଦୀ ସଂଖ୍ୟା ହ୍ରାସ ପାଇ ୨୮ରେ ପହଞ୍ଚିଛି। କିଛିଦିନ ପୂର୍ବେ କାରାଶ୍ରମରେ ୩୪ଜଣ କଏଦୀ ଥିଲେ। ଜଣେ କଏଦୀ ବେଲ୍‌ରେ ଚାଲିଯିବା ପରେ ଏମାନଙ୍କ ସଂଖ୍ୟା ହ୍ରାସ ପାଇ ୩୩ରେ ପହଞ୍ଚିଥିଲା। ତନ୍ମଧ୍ୟରୁ ନବୀନ ପାତ୍ର ଓ ଜୁବୁଲ ଟିପୋ ଫେରାର ହୋଇଯାଇଥିଲେ। ଉକ୍ତଦିନ ସମ୍ବଲପୁରରୁ ଆସିଥିବା ବାସୁଦେବ ସାହା, ବଲାଙ୍ଗୀରରୁ ଆସିଥିବା ସୁରେନ୍ଦ୍ର ସା ଓ ବାରିପଦାରୁ ଆସିଥିବା ବ୍ରଜକିଶୋର ମହନ୍ତ ଜେଲ ପରିସରରେ ନିଶାସେବନ କରୁଥିବା ଜଣାପଡିବାପରେ ସେମାନଙ୍କୁ ଆସିଥିବା ଜେଲକୁ ପୁଣି ପ୍ରତ୍ୟାବର୍ତ୍ତନ କରାଯାଇଥିଲା। ଫଳରେ କଏଦୀ ସଂଖ୍ୟା ହ୍ରାସ ପାଇ ଏବେ ୨୮ଜଣ ରହୁଛନ୍ତି।

**ସଂକ୍ଷେପରେ**

### ସ୍ୱଚ୍ଛତା ହିଁ ସାମାଜିକ ସମୃଦ୍ଧିର କାରଣ

କଣାସ,୨୭।୧୨(ସ୍ୱ.ପ୍ର.): ସ୍ୱଚ୍ଛତା ହିଁ ସମୃଦ୍ଧିର ନିୟାମକ। ପରିବେଶ, ପରିବାର ତଥା ବ୍ୟକ୍ତିର ସ୍ୱଚ୍ଛତା ହିଁ ସାମାଜିକ ସମୃଦ୍ଧିର କାରଣ। କାଦୁଆ ଗ୍ରାମପଞ୍ଚାୟତର ସାନଓରା ଗ୍ରାମରେ ଅବସ୍ଥିତ ସାନଓରା ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ବିଦ୍ୟାଳୟ ପରିସରରେ ଏକ ସଚେତନତା ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଭାରେ ପ୍ରଧାନ ଶିକ୍ଷକ ଦିଲୀପ ଶ୍ରୀଚନ୍ଦନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏଥିରେ ଗ୍ରାମ୍ୟ କମିଟି, ବିଦ୍ୟାଳୟ ଶିକ୍ଷା କମିଟି, ପୁରାତନ ଛାତ୍ରୀଛାତ୍ର ଓ ଛାତ୍ର କ୍ୟାବିନେଟ୍ ସଦସ୍ୟ ଯୋଗ ଦେଇଥିଲେ। ଦାଶରଥି ସାହୁ ବୈଠକ ସମ୍ପର୍କରେ ଆଲୋଚନା କରିଥିଲେ। ଭାଗ୍ୟଧର ସାମନ୍ତରାୟ, ପ୍ରଫୁଲ୍ଲ ସାହୁ, ବିଷ୍ଣୁ ଚରଣ ସାହୁ, ସସ୍ମିତା ପ୍ରତାପସିଂ ପ୍ରମୁଖ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମନୋରମା ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।

### ଖବରଦାତା ବାଦଲ ଦାଶଙ୍କ ସ୍ମୃତିସଭା

କୋଣାର୍କ,୨୭।୧୨(ଡି.ଏନ୍.ଏ.): କୋଣାର୍କ ଅଞ୍ଚଳର ବରିଷ୍ଠ ସାମ୍ବାଦିକ ବାଦଲ ଦାଶଙ୍କ ଦଶାହ ଅବସରରେ କୋଣାର୍କ ରିଂରୋଡସ୍ଥିତ ବାସଭବନରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ସେ ଅଞ୍ଚଳର ସମସ୍ତଙ୍କ ପ୍ରିୟ, ମେଳାପୀ, ପରୋପକାରୀ ମଣିଷଟିଏ ଥିଲେ। କୋଣାର୍କ ଅଞ୍ଚଳବାସୀଙ୍କ ପାଇଁ ତ୍ୟାଗପୁତ କାର୍ଯ୍ୟ ପାଇଁ ସେ ସମସ୍ତଙ୍କ ନିକଟରେ ଚିରସ୍ମରଣୀୟ। କୋଣାର୍କକୁ ଉଚ୍ଚ ସ୍ଥାନରେ ରଖିବା ଓ ସମ୍ମାନର ସହ ବଞ୍ଚିବାକୁ ନେଇ କୋଣାର୍କବାସୀଙ୍କ ପାଇଁ ୨୩ ବର୍ଷ ଧରି ସଂଗ୍ରାମ କରି ସେ ଅନେକ ସଫଳତାର ଶୀର୍ଷରେ ପହଞ୍ଚିଥିଲେ। କୋଣାର୍କ ପାଇଁ ତାଙ୍କର ଅବଦାନ ଅତୁଳନୀୟ। ଏକାଧାରରେ ନିର୍ଭୀକ ଖବରଦାତା, ସମାଜସେବୀ, ଦୃଢ଼ ସଂଗଠକ ଭାବେ ସେ ଖୁବ୍ ପରିଚିତ। ଏହି ଅବସରରେ ଏହି ସ୍ମୃତି ସଭାରେ ଏକ ସ୍ମରଣିକା ଉନ୍ମୋଚନ ମଧ କରାଯାଇଥିଲା। ସଭାରେ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ତାଙ୍କ ସ୍ମୃତିଚାରଣ କରିଥିଲେ। ବିଶେଷଭାବେ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ସାଧାରଣ ସମ୍ପାଦକ ରମ୍ଭୁପାତ୍ର, ପୁରୀ ଜିଲା ଯାଦବ ମହାସଂଘ ସଭାପତି ଗୋପାଳଚନ୍ଦ୍ର ବେହେରା, ପୂର୍ବତନ ସରପଞ୍ଚ ବିଜୟ ସ୍ୱାଇଁ, ପୁରୀ ଜିଲା ସାଧାରଣ ସମ୍ପାଦକ ରାଜକିଶୋର ମହାପାତ୍ର, ପୁରୀର ପେସାଦାର ସାମ୍ବାଦିକ ସଂଘ ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ପ୍ରଫୁଲ୍ଲ ପାତ୍ର, କାଉନସିଲର ଇଞ୍ଜିନିୟର ନିହାର ରଞ୍ଜନ ବେଉରା, ରାଜ୍ୟ ବିଜୁ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ପୁଷ୍ପରାଣୀ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।


ନିମାପଡ଼ା ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ମନ ମୋହିଲା କଥକ ନୃତ୍ୟ

ନିମାପଡ଼ା,୨୭।୧୨(ଡି.ଏନ୍.ଏ.)

**୨୨ତମ ନିମାପଡ଼ା ମହୋତ୍ସବ ଉଦ୍‌ଯାପିତ**

- ଦ୍ରୌପଦୀ ନାୟକଙ୍କୁ କପିଳ ଗୌରବ ସମ୍ମାନ
- ରଞ୍ଜନ ପଟ୍ଟନାୟକଙ୍କୁ ଉଦୟଭାନୁ ସେବା ସମ୍ମାନ

ନିମାପଡ଼ା ମହୋତ୍ସବ କମିଟି ଓ ହେଲ୍ପ ଲାଇନ ପକ୍ଷରୁ ସ୍ଥାନୀୟ ମୁକ୍ତାକାଶ ରଙ୍ଗମଞ୍ଚରେ ଆୟୋଜିତ ୩ ଦିନିଆ ୨୨ତମ ନିମାପଡ଼ା ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଅତିଥି ଭାବେ ବିଧାୟକ ଉମାକାନ୍ତ ସାମନ୍ତରାୟ, ବିଧାୟକ ରୁଦ୍ରପ୍ରତାପ ମହାରଥୀ, ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ଶିକ୍ଷାବିତ୍ ତଥା ନିମାପଡ଼ା କଲେଜ ପରିଚାଳନା ସଭାପତି ଜଗତ ପ୍ରସାଦ ସାବୁତ୍, ବିଜେଡି ନଗର ସଭାପତି ଜୀବନାନନ୍ଦ ମହାପାତ୍ର, ହେଲ୍ପ ଲାଇନର ସଭାପତି ଅକ୍ଷୟ ସାହୁ, ସମ୍ପାଦକ ନିଗମାନନ୍ଦ ସାହୁ, ପୂର୍ବତନ ସମ୍ପାଦକ ପ୍ରତାପ ପାତ୍ର ପ୍ରମୁଖ ଉପସ୍ଥିତ ରହି ଏହି ମହୋତ୍ସବର ସଫଳତା, ଦୀର୍ଘାୟୁ, ବିକାଶ କାମନା କରିଥିଲେ। ମହୋତ୍ସବ କମିଟି ସଭାପତି ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଉତ୍ସବରେ ଅଧ୍ୟକ୍ଷତା କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମହୋତ୍ସବ ପକ୍ଷରୁ ଜୀବନବ୍ୟାପୀ ସାଧନା ପାଇଁ ଚାଟଶାଳୀ ଶିକ୍ଷୟିତ୍ରୀ ଦ୍ରୌପଦୀ ନାୟକଙ୍କୁ କପିଳ ଗୌରବ ସମ୍ମାନ, ହେଲ୍ପ ଲାଇନ ପ୍ରତିଷ୍ଠାତା ସମ୍ପାଦକ ରଞ୍ଜନ ପଟ୍ଟନାୟକଙ୍କୁ ଉଦୟଭାନୁ ସେବା ସମ୍ମାନ, ବାଲୁକାଶିଳ୍ପୀ ଶିକ୍ଷକ ଶ୍ରୀଚରଣ ରାଉତ ଓ ଜାତୀୟସ୍ତରରେ କୃତୀ ଭଲିବଲ୍ ଖେଳାଳି ଜ୍ଞାନ ରଞ୍ଜନ ମହାପାତ୍ରଙ୍କୁ ସମ୍ମାନ ପ୍ରଦାନ, ମାନପତ୍ର, ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

ଏହି ଅବସରରେ ଶିକ୍ଷାବିତ୍ ସ୍ୱର୍ଗତ ରମେଶ ପରିଡ଼ାଙ୍କ ପରିବାରଙ୍କ ପକ୍ଷରୁ ରଚିତ ପୁସ୍ତକ 'ପରହିତୈଷୀ ରମେଶ' ଓ କବି, ସାହିତ୍ୟିକ, ଲେଖକ, ଔପନ୍ୟାସିକ, ଶିକ୍ଷକ ସୁବାସ ଚନ୍ଦ୍ର ପ୍ରଧାନଙ୍କ ରଚିତ ଉପନ୍ୟାସ 'ଅଦୃଶ୍ୟ ଭଉଁରୀ' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ସାଂସ୍କୃତିକ ସମାରୋହରେ କୋଲ୍‌କାତାର ନୃତ୍ୟ କଥା ଡ୍ୟାନ୍ସ ଗ୍ରୁପ ପକ୍ଷରୁ କଳାକାରଙ୍କ ଦ୍ୱାରା ନୃତ୍ୟ ଗୁରୁ ମାନବ ପରାଇଙ୍କ ନିର୍ଦ୍ଦେଶିତ ଶ୍ରୀରାଧିକା ଓ ପ୍ରଭୁ ଶ୍ରୀକୃଷ୍ଣ ପ୍ରେମ ଓ ରାସଲୀଳା ଉପରେ ଆଧାରିତ ଆକର୍ଷଣୀୟ କଥକ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗର ଲକ୍ଷ୍ମୀପ୍ରିୟା ଗୋଟିପୁଅ ନୃତ୍ୟକେନ୍ଦ୍ର ପକ୍ଷରୁ ଗୋଟିପୁଅ ନୃତ୍ୟ, ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ କଟକ ମା' ଭୈରବୀ ପାଇକ ଆଖଡ଼ା ସଂଘ ପକ୍ଷରୁ ପାଇକ ଆଖଡ଼ା ନୃତ୍ୟ, ନିମାପଡ଼ା ଷ୍ଟେଞ୍ଜର ଡ୍ୟାନ୍ସ ଗ୍ରୁପ ପକ୍ଷରୁ ଚିତ୍ତାକର୍ଷକ ଡ୍ୟାନ୍ସ ଡ୍ରାମା ପରିବେଶିତ ହୋଇଥିଲା। ଉତ୍ସବସ୍ଥଳରେ ବାଲୁକାଶିଳ୍ପୀ ରାଉତଙ୍କ ଆଗାମୀ ନବବର୍ଷ ଅବସରରେ ଅଗଣିତ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଶୁଭକାମନା ଅବସରରେ ବାଲୁକାକଳା ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମୂର୍ତ୍ତି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ପୁରୀ ଡିଆର୍‌ଡିଓ ଓ ଓର୍‌ମାସ୍ ପକ୍ଷରୁ ଆୟୋଜିତ ପଲ୍ଲିଶ୍ରୀ ମେଳା, ମୀନାବଜାର, ବାରବାଟୀ ପଡ଼ିଆ ଗ୍ରାଉଣ୍ଡରେ ଆୟୋଜିତ ଶହଶହ ବିଭିନ୍ନ କିସମର ଷ୍ଟଲ୍‌ରେ ଜନସାଧାରଣଙ୍କ ପ୍ରବଳ ଭିଡ଼ ଜମିଥିଲା। ୩ ଦିନିଆ ମହୋତ୍ସବ ଅବସରରେ ସୁସଜ୍ଜିତ ଆଲୋକମାଳାରେ ସମଗ୍ର ନିମାପଡ଼ା ସହର, ବଜାର ଝଲସି ଉଠୁଥିଲା। ଏହି ଅବସରରେ ନିମାପଡ଼ା ଟାଉନହଲ୍‌ଠାରେ ମହୋତ୍ସବ କମିଟି ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଶିବିରରୁ ୩୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।


ମହୋତ୍ସବରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥୀ ଏବଂ ଅନ୍ୟ ଅତିଥି।

## ଗୁଣାତ୍ମକ ଶିକ୍ଷା, ଭିତ୍ତିଭୂମି ଓ ସମୟାନୁବର୍ତ୍ତିତା ଉପରେ ଗୁରୁତ୍ୱ

**କାର୍ଯ୍ୟରେ ଅବହେଳା କଲେ କାର୍ଯ୍ୟାନୁଷ୍ଠାନ**

ଗୋପ,୨୭।୧୨(ଡି.ଏନ୍.ଏ.)

ମହାବିଦ୍ୟାଳୟରେ ଶିକ୍ଷା, ଭିତ୍ତିଭୂମି ଓ ସମୟାନୁବର୍ତ୍ତୀ ହେବାକୁ ଗୋପ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ତଥା ପରିଚାଳନା କମିଟି ସଭାପତି ପ୍ରକାଶ ଚନ୍ଦ୍ର ଖଟୋଇ ମଙ୍ଗଳବାର କଲେଜରେ ଅନୁଷ୍ଠିତ ଏକ ବୈଠକରେ ଉପସ୍ଥିତ ସମସ୍ତ ଅଧ୍ୟାପକ, ଅଧ୍ୟାପିକାଙ୍କୁ ପରାମର୍ଶ ଦେଇଛନ୍ତି। ପ୍ରକାଶ ଯେ, କିଛିଦିନ ଧରି ଗୋପ ମହାବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ରମାନଙ୍କୁ ଠିକ୍ ଭାବରେ ବିଭିନ୍ନ ବିଭାଗର ଅଧ୍ୟାପକ ଅଧ୍ୟାପିକାମାନେ ପାଠ ନ ପଢ଼ାଇବା, ଠିକ୍ ସମୟରେ କଲେଜ କୁ ନ ଆସିବା ଭଳି ଅଭିଯୋଗ ହେଉଥିଲା। ଏଥିସହ ଆଉ କେତେକ ଅଧ୍ୟାପକ କଲେଜକୁ ଆସୁଥିବା ଉନ୍ନୟନ ଅର୍ଥକୁ ଠିକ୍ ଭାବେ ବିନିଯୋଗ ନ କରିବା ଭଳି ଅଭିଯୋଗ ହୋଇ ଆସୁଥିଲା। ଏହାକୁ ନେଇ ବିଭିନ୍ନ ସମୟରେ କଲେଜରେ ଆନ୍ଦୋଳନ ସହିତ ବିବାଦ ମୁଣ୍ଡ ଟେକିଥିଲା। ଫଳରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମୁତାବକ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ସୁପାରିସକ୍ରମେ ରାଜ୍ୟ ସରକାର ପୂର୍ବତନ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ଖଟୋଇଙ୍କୁ ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି ଭାବେ ନିଯୁକ୍ତି ଦେଇଥିଲେ।

ଏହି ନିଯୁକ୍ତି ପରେ ପ୍ରଥମ କରି କମିଟି ସଭାପତି ଖଟୋଇ ମହାବିଦ୍ୟାଳୟରେ ଶୃଙ୍ଖଳିତ ଭାବରେ ଶିକ୍ଷାଦାନ, କଲେଜ ଭିତ୍ତିଭୂମିର ବିକାଶ ସହିତ ଅଧ୍ୟାପକ, ଅଧ୍ୟାପିକା ଯେପରି କଲେଜ ଆସିବା ସମୟାନୁବର୍ତ୍ତୀ ହେବା ପାଇଁ ପରାମର୍ଶ ଦେଇଛନ୍ତି। ଯଦିଓ ଏହି ପରାମର୍ଶକୁ କେହି ଗ୍ରହଣ ନ କରି ପୂର୍ବପରି କାର୍ଯ୍ୟ କରନ୍ତି, ତେବେ ସେମାନଙ୍କ ବିରୋଧରେ ନିଶ୍ଚିତ ଭାବରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ଏ ପ୍ରସଙ୍ଗରେ ପରିଚାଳନା କମିଟି ସଭାପତି ପ୍ରକାଶ ଚନ୍ଦ୍ର ଖଟୋଇଙ୍କୁ ପଚାରିବାରେ ଛାତ୍ରୀଛାତ୍ରମାନଙ୍କ ଭବିଷ୍ୟତ ଚରିତ୍ର ଗଠନ କରିବା ଆମର କର୍ତ୍ତବ୍ୟ ସହିତ କଲେଜ ର ଉନ୍ନତି ଓ ସମୟାନୁବର୍ତ୍ତୀ ହେବା ଆମର ଲକ୍ଷ ରହିବା ଦରକାର ବୋଲି କହିଛନ୍ତି।

# ଏନ୍‌ଏଚ୍‌ଆର୍‌ସିରେ ମାମଲା

ପୁରୀ ଅଫିସ, ୨୭।୧୨

**■ ପୋଲିସ ନିର୍ଯାତନାର ଶିକାର ୩୦ ପୀଡ଼ିତ ପରିବାର**

ହତ୍ୟା, ଶିଶୁ ଅପହରଣ, ଶିଶୁ ଅଙ୍ଗତସ୍କରୀ ଭଳି ମାମଲାରେ ବର୍ଷ ବର୍ଷ ଧରି ସରକାରଙ୍କ ଠାରୁ ନ୍ୟାୟ ନ ପାଇ ପ୍ରାୟ ୩୦ ପୀଡ଼ିତ ପରିବାର ଦୁଃଖକଷ୍ଟରେ ରହିଛନ୍ତି। ଏହି ପରିବାର ଗୁଡ଼ିକ ପକ୍ଷରୁ ସୋମବାର ଶାନ୍ତି ଶୋଭାଯାତ୍ରା ଆୟୋଜନ ସହ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସମାଧିରେ ପୁଷ୍ପମାଲ୍ୟ ଅର୍ପଣ ଏବଂ ଶ୍ରୀମନ୍ଦିର ସମ୍ମୁଖରେ ଦୀପ ପ୍ରଜ୍ଜଳନ କରିବାର କାର୍ଯ୍ୟକ୍ରମ ରହିଥିଲା। ତେବେ ପୋଲିସ ସେମାନଙ୍କୁ ରାସ୍ତାରୁ ଉଠାଇ ନେଇଥିଲା। ପୀଡ଼ିତ ପରିବାରର ମହିଳାମାନଙ୍କୁ ପୋଲିସ କର୍ମଚାରୀମାନେ ଗାଳିଗୁଲଜ କରି ବଡ଼ଦାଣ୍ଡରେ ଘୋଷାଡ଼ି ଉଠାଇନେଇଥିଲେ ବୋଲି ଅଭିଯୋଗ ହେଉଛି। ଏହା ମାନବ ଅଧିକାର ନିୟମର ଉଲ୍ଲଂଘନ। ପୋଲିସର ଏଭଳି କାର୍ଯ୍ୟକୁ ବିରୋଧ କରି ନ୍ୟାୟ ପାଇଁ 'ଲଢେଇ ପରିବାର'ର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ ମଙ୍ଗଳବାର ଜାତୀୟ ମାନବିକ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏ ନେଇ ସେ କମିଶନରେ ଏକ ମାମଲା (ନଂ.୨୧୬୪୭/ଇନ୍/୨୦୨୨) ରୁଜୁ କରିଛନ୍ତି।

ଦାଶ କହିଛନ୍ତି, ରାଜ୍ୟର ପ୍ରାୟ ୩୦ ପୀଡ଼ିତ ପରିବାର ଜଘନ୍ୟ ହତ୍ୟା ଓ ଶିଶୁ ଅପହରଣ, ଶିଶୁ ଅଙ୍ଗତସ୍କରୀ ଭଳି ମାମଲାରେ ବର୍ଷ ବର୍ଷ ଧରି ରାଜ୍ୟ ସରକାରଙ୍କ ଠାରୁ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି।

ପୋଲିସ ବିଭାଗ ନିଜ କ୍ଷମତାର ଅପବ୍ୟବହାର କରି କୌଣସି ପୀଡ଼ିତ ପରିବାରଙ୍କୁ ନ୍ୟାୟ ଦେଉନାହିଁ। ପୀଡ଼ିତ ପରିବାରମାନେ ଗତ ୨୬ ତାରିଖରେ ଏକାଠି ହୋଇ ପୁରୀରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ଦୁଃଖ ଜଣାଇ ସମୂହ ଦୀପଦାନ କରିବାକୁ ଯାଉଥିବା ସମୟରେ ପୋଲିସ ପୀଡ଼ିତ ପରିବାରମାନଙ୍କୁ ଗାଳିଗୁଲଜ କରିବା ସହ ରାସ୍ତାରେ ଘୋଷାଡ଼ି ଉଠାଇ ନେଇ ଦିନସାରା ପୋଲିସ ଗାଡ଼ିରେ ପୁରୀ ସହର ସାରା ବୁଲାଇ ସନ୍ଧ୍ୟା ୫ଟା ବେଳେ ପିଆର୍ ବଣ୍ଡରେ ଜୋର ଜବରଦସ୍ତ ଦସ୍ତଖତ କରି ଛାଡ଼ିଥିଲେ। ଏହା ମାନବ ଅଧିକାର ଉଲ୍ଲଂଘନ। ଏହି ଘଟଣାରେ ପୁରୀ ପୋଲିସ ଏବଂ ମୁଖ୍ୟ ସୂତ୍ରଧରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।

## ମାତାପିତାଙ୍କ ସ୍ମୃତିରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆମ୍ବୁଲାନ୍ସ ଦେଲେ




ଡେଲାଙ୍ଗ,୨୭।୧୨(ଡି.ଏନ୍.ଏ.)

ଡେଲାଙ୍ଗ ବ୍ଲକ ହରିରାଜପୁର ପଞ୍ଚାୟତର ହୀରାଲାଲ ଶର୍ମା ତାଙ୍କ ସ୍ୱର୍ଗତ ମାତା ଗିନ୍ନୋ ଦେବୀ ଏବଂ ପିତା ପଣ୍ଡିତ ରାମେଶ୍ୱର ଲାଲ୍ ଶର୍ମାଙ୍କ ସ୍ମୃତିରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏକ ଆମ୍ବୁଲାନ୍ସ ପ୍ରଦାନ କରିଛନ୍ତି। ହରିରାଜପୁର ମେଳନ ପଡ଼ିଆରେ ଏହି ଆମ୍ବୁଲାନ୍ସ ସେବାକୁ ଓଡ଼ିଶାର ଶକ୍ତି ଏବଂ ଶିଳ୍ପମନ୍ତ୍ରୀ ପ୍ରତାପ କେଶରୀ ଦେବ, ବିଧାୟକ ରୁଦ୍ରପ୍ରତାପ ମହାରଥୀ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉନ୍ନୟନ ଅଧିକାରୀ ଦିଲୀପ ଷଡ଼ଙ୍ଗୀ, ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବାସା ନିଶଙ୍କ, ୧୫ ନଂ. ଜୋନ ଜିଲା ପରିଷଦସଭ୍ୟା ପ୍ରଜ୍ଞା ଛୋଟରାୟ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ତପନ ଦାଶ, ସରପଞ୍ଚ ରୀନାରାଣୀ ରାଉତରାୟ, ପ୍ରସନ୍ନ ମହାରଥୀ, ମହାଦେବ ରାଉତରାୟଙ୍କ ସମେତ ବହୁ ଜନସାଧାରଣ ଯୋଗଦେଇଥିଲେ। ଏହି ଆମ୍ବୁଲାନ୍ସ ଆସିବା ପରେ ଅଧିକ ଚିକିତ୍ସା ପାଇଁ ଲୋକେ ସୁବିଧାରେ ଅନ୍ୟ ଡାକ୍ତରଖାନାକୁ ଯାଇପାରିବେ। ଏନେଇ ସ୍ଥାନୀୟ ଜନସାଧାରଣ ହୀରାଲାଲ୍‌ଙ୍କୁ ପ୍ରଶଂସା କରିଛନ୍ତି।

# 'ରାହୁ'ର କରାଳ ଦୃଷ୍ଟିରେ ଶିକାର ହେଲେ

ପୁରୀ ଅଫିସ, ୨୭।୧୨

ସ୍ଥାନୀୟ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଦୁର୍ଗାଚରଣ ସ୍ମୃତି ସଂସଦ ଆନୁକୂଲ୍ୟରେ ତୃତୀୟ ବାର୍ଷିକ ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଜୁ ଯୁବ ଜନତା ଦଳ ଉପସଭାପତି ଶୁଭାଶିଷ ଖୁଣ୍ଟିଆ, ଅତିଥିଭାବେ ସାମାଜିକ କର୍ମୀ ପ୍ରଦ୍ୟୁମ୍ନ ମିଶ୍ର ଓ ଚକ୍ରଧର ମହାପାତ୍ର ଉପସ୍ଥିତ ଥିଲେ। ଅନୁଷ୍ଠାନର ସମ୍ପାଦକ ସତ୍ୟନାରାୟଣ ଶତପଥୀ ସଭା ପରିଚାଳନା କରିଥିଲେ। ପୁରୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଗୁରୁ ନାରାୟଣ ପାଣ୍ଡେଙ୍କ ନିର୍ଦ୍ଦେଶନାରେ ରାସଲୀଳା ମଞ୍ଚସ୍ଥ ହୋଇଥିଲା। ପରେ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ନାଟକ 'ରାହୁ' ମଞ୍ଚସ୍ଥ ହୋଇଥିଲା। ଏକ ଗରିବ ପରିବାରର ମୁରବି ନିଜର ଦୁଇପୁଅ ଓ ଏକମାତ୍ର କନ୍ୟାକୁ ନେଇ ଦୁଃଖକଷ୍ଟରେ ଚଳୁଥିଲେ। ଏହି ସମୟରେ ତାଙ୍କ ପରିବାରକୁ କିପରି ସମୟର ରାହୁ ଗ୍ରାସ କରିଛି ତାହା ନାଟକରେ ଦର୍ଶାଯାଇଛି। ରାହୁ ଆଉ କେହି ନୁହେଁ ବରଂ ସେହି ଗାଁର ଜମିଦାର। ସମ୍ପୃକ୍ତ ବ୍ୟକ୍ତି ନିଜ ପୁଅକୁ ସହରକୁ ପାଠ ପଢ଼ାଇବା ପାଇଁ ଛାଡ଼ିଥିବାବେଳେ ଜଣେ ଶିଳ୍ପପତି ତାଙ୍କ କନ୍ୟା ମାଧମରେ ତାଙ୍କୁ ନିଜ କାର୍ଯ୍ୟରେ ବ୍ୟବହାର କରିଛନ୍ତି। ପରେ ସମ୍ପୃକ୍ତ ଶିଳ୍ପପତି ଓ ଜମିଦାର ଏକତ୍ର ହୋଇ କିପରି ସେ ପରିବାରକୁ ନଷ୍ଟ କରୁଛନ୍ତି। ପରବର୍ତ୍ତୀ ସମୟରେ ଶିଳ୍ପପତି ଓ ଜମିଦାର ରାହୁର କରାଳ ଦୃଷ୍ଟିରେ ନିଜେ ଶିକାର ହୋଇଛନ୍ତି। ସେହି ପରିବାରର କ୍ଷତି କରିଥିବା ବ୍ୟକ୍ତିମାନେ ଭୁଲ୍ ବୁଝିପାରିଛନ୍ତି ଏହା ହିଁ ଥିଲା ନାଟକର ବିଷୟବସ୍ତୁ। ବଟରାଜ ଦେବ ଗୋସ୍ୱାମୀ ନାଟକ ରଚନା କରିଥିବାବେଳେ ବୀରେନ୍ଦ୍ର ନାରାୟଣ ଗୋଚ୍ଛିକାର ନିର୍ଦ୍ଦେଶନା ଦେଇଥିଲେ।


ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ପରିବେଷିତ ନାଟକ 'ରାହୁ'ର ଏକ ଦୃଶ୍ୟ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ଗାଁସାଥୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଗୋପ,୨୭।୧୨(ଡି.ଏନ୍.ଏ.)

**୧୧୪ ଗାଁସାଥୀଙ୍କୁ ମିଳିଲା ପରିଚୟପତ୍ର**

ଗୋପ ବ୍ଲକର ବିଭିନ୍ନ ପଞ୍ଚାୟତରେ ହେଉଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ଗାଁ ସାଥୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ୨୦୦୮ ମସିହାରୁ ଏପର୍ଯ୍ୟନ୍ତ ବିନା ପାରିଶ୍ରମିକରେ ଦୀର୍ଘ ୧୪ ବର୍ଷ ଧରି କାର୍ଯ୍ୟ କରୁଛନ୍ତି ଗାଁ ସାଥୀମାନେ। ଗାଁ ସାଥୀମାନଙ୍କ ଦାବିକୁ ରାଜ୍ୟ ସରକାର ନିହାତି ଦୃଷ୍ଟି ଦେବାର ଆବଶ୍ୟକତା ରହିଛି ବୋଲି ମଙ୍ଗଳବାର ଗୋପ ବ୍ଲକ ବୈଠକ ଗୃହରେ ଅନୁଷ୍ଠିତ ପରିଚୟପତ୍ର ବଣ୍ଟନ ଅବସରରେ ବିଡିଓ ଦୀପ୍ତିରାଣୀ ଦାସ ସୂଚନା ଦେଇଥିଲେ। ଗୋପ ବ୍ଲକ ଗାଁ ସାଥୀ ସଂଘ ସଭାପତି ବିଚିତ୍ରାନନ୍ଦ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ବ୍ଲକରେ କାର୍ଯ୍ୟରତ ୨୮୦ଜଣ ଗାଁ ସାଥୀ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଥମ ପର୍ଯ୍ୟାୟରେ ୧୧୪ଜଣ ଗାଁ ସାଥୀଙ୍କୁ ବିଡିଓ ଦାସ ପରିଚୟପତ୍ର ପ୍ରଦାନ କରିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଅନ୍ୟ ଗାଁ ସାଥୀମାନଙ୍କୁ ପରିଚୟପତ୍ର ଦିଆଯିବ ବୋଲି ବିଡିଓ ମଧ ସୂଚନା ଦେଇଥିଲେ। ଗୋପ ବ୍ଲକ ଗାଁ ସାଥୀ ସଭାପତି ପ୍ରଧାନ କହିଥିଲେ, ଆମ ସଂଘର କାର୍ଯ୍ୟରତ ସମସ୍ତ ଗାଁ ସାଥୀ ଦୀର୍ଘ ବର୍ଷ ଧରି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ବିନା ପାରିଶ୍ରମିକରେ କାର୍ଯ୍ୟ କରୁଛନ୍ତି। ତୁରନ୍ତ ରାଜ୍ୟ ସରକାର ଆମ ପ୍ରତି ଗୁରୁତ୍ୱ ଦେବାକୁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ପ୍ରଶାସନିକ ଅଧିକାରୀଙ୍କ ସହିତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ କାର୍ତ୍ତିକ ମଲ୍ଲିକ, ବିନୋଦିନୀ ସ୍ୱାଇଁ, ନଳିନୀକାନ୍ତ ଦାସ, ସୁମିତ୍ରା ସ୍ୱାଇଁ, ମାୟାଧର ବିଶ୍ୱାଳ, ଅନିତା ନାୟକଙ୍କ ସହିତ ଅନ୍ୟ ଗାଁ ସାଥୀ ପରିଚାଳନା କରିଥିଲେ।


କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବିଡିଓ ଏବଂ ଅନ୍ୟମାନେ।

# ହାର୍ଦ୍ଦିକ ପାଣ୍ଡ୍ୟା ଟି୨୦ ଅଧିନାୟକ

**ନୂଆଦିଲ୍ଲୀ, ୨୭।୧୨ (ପି.ଟି.)**

ଆଗାମୀ ଶ୍ରୀଲଙ୍କା ବିପକ୍ଷ ୩ ମ୍ୟାଚ୍‌ବିଶିଷ୍ଟ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ସିରିଜ ପାଇଁ ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଭାରତୀୟ ଦଳର ଅଧିନାୟକ ମନୋନୀତ କରାଯାଇଛି। ରୋହିତ ଶର୍ମା କିନ୍ତୁ ଅନ୍ତର୍ଜାତୀୟ ଦିନିକିଆ ଦଳର ଅଧିନାୟକ ରହିବେ। ବିରାଟ କୋହଲି ଓ କେ.ଏଲ୍. ରାହୁଲଙ୍କୁ ଦଳରେ ସ୍ଥାନ ମିଳିନାହିଁ। ଏହି ଦୁଇଜଣଙ୍କ ବ୍ୟତୀତ ରୋହିତ୍‌ଙ୍କୁ ୨୦୨୪ରେ ହେବାକୁଥିବା ଟି୨୦ ବିଶ୍ୱକପ୍ ପାଇଁ ଦଳରେ ନିଆଯାଇ ନ ପାରେ ବୋଲି ଏକ ସୂଚନା ମିଳୁଛି। ପାଣ୍ଡ୍ୟାଙ୍କୁ ପଦୋନ୍ନତି ଦିଆଯିବା ପଛରେ ଭିତିରି କାରଣ ଥିବା କୁହାଯାଉଛି। ଶ୍ରୀଲଙ୍କା ବିପକ୍ଷରେ ଖେଳାଯିବାକୁଥିବା ଅନ୍ତର୍ଜାତୀୟ ଦିନିକିଆ ସିରିଜ ପାଇଁ ତାଙ୍କୁ ରୋହିତ୍‌ଙ୍କ ଡେପୁଟି ଭାବେ ମନୋନୀତ କରାଯାଇଛି। ଅନ୍ୟପକ୍ଷରେ ଚଳିତବର୍ଷ ପ୍ରଭାବୀ ପ୍ରଦର୍ଶନ କରିଆସୁଥିବା ସୂର୍ଯ୍ୟକୁମାର ଯାଦବଙ୍କୁ ଅନ୍ତର୍ଜାତୀୟ ଟି୨୦ ଦଳର ନୂଆ ଉପଅଧିନାୟକ କରାଯାଇଛି। ଗତ ଟି୨୦ ବିଶ୍ୱକପ୍ ସେମିଫାଇନାଲରେ ଇଂଲଣ୍ଡଠାରୁ ପରାଜିତ ହେବା ପରେ ସେତେବେଳେ ରୋହିତଙ୍କ ସ୍ଥାନରେ ପାଣ୍ଡ୍ୟାଙ୍କୁ ଅଧିନାୟକ କରାଯିବା ଉଚିତ ବୋଲି ମତ ପ୍ରକାଶ ପାଇଥିଲା। ପାଣ୍ଡ୍ୟାଙ୍କ ନେତୃତ୍ୱରେ ଗୁଜରାଟ ଟାଇଟନ୍ସ ଆଇପିଏଲ୍‌ର ଗତ ସଂସ୍କରଣ ଟାଇଟଲ ବିଜୟୀ ହୋଇଥିଲା। ରୋହିତଙ୍କ ବୃଦ୍ଧାଙ୍ଗୁଳିରେ ଯେଉଁ ଆଘାତ ଲାଗିଥିଲା ସେଥିରୁ ସେ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସୁସ୍ଥ ହୋଇପାରିନାହାନ୍ତି। କିନ୍ତୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପ୍ରେସ୍ ରିଲିଜ୍‌ରେ ଗୋଟିଏ ସିରିଜ ପାଇଁ ନା ସ୍ଥାୟୀ ଭାବେ ଦଳରେ ପରିବର୍ତ୍ତନ କରାଯାଇଛି ତାହା ସ୍ପଷ୍ଟ କରାଯାଇନାହିଁ। ଅନ୍ତର୍ଜାତୀୟ ଟି୨୦ ଦଳରେ ପ୍ରଥମଥର ଦୁଇ ପେସ୍ ବୋଲର ଶିବମ୍ ମାଭି ଓ ମୁକେଶ କୁମାର ସ୍ଥାନ ପାଇଛନ୍ତି। ଏଥର ଆଇପିଏଲ୍ ନିଲାମିରେ ମାଭିଙ୍କୁ ୬ କୋଟିରେ କ୍ରୟ କରିଛି ଟାଇଟନ୍ସ। ସେହିପରି ଦିଲ୍ଲୀ କ୍ୟାପିଟାଲ୍ସ ୫.୫୦ କୋଟି ଟଙ୍କାରେ ବେଙ୍ଗଲର ମୁକେଶଙ୍କୁ କ୍ରୟ କରିଛି। ଆଇପିଏଲ୍‌ରେ ଭଲ ପ୍ରଦର୍ଶନ କରିଥିବା ଋତୁରାଜ ଗାଏକ୍ୱାଡ୍ ଓ ରାହୁଲ ତ୍ରିପାଠୀଙ୍କୁ ମଧ୍ୟ ଟି୨୦ ଦଳରେ ନିଆଯାଇଛି। ଅନ୍ତର୍ଜାତୀୟ ଦିନିକିଆ ଦଳକୁ ଅଭିଜ୍ଞ ମହମ୍ମଦ ସାମି ଫେରିଛନ୍ତି। କାନ୍ଧରେ ଆଘାତପ୍ରାପ୍ତ ଯୋଗୁ ସେ କିଛିଦିନ କ୍ରିକେଟ୍‌ରୁ ଦୂରେଇ ରହିଥିଲେ। ଅନ୍ତର୍ଜାତୀୟ ଦଳର ଶିଖର ଧାୱନ ବାଦ୍ ପଡ଼ିଛନ୍ତି, ଯାହାକି ଆଶା କରାଯାଉଥିଲା।

**ଶ୍ରୀଲଙ୍କା ବିପକ୍ଷ ଟି୨୦ ସିରିଜ ପାଇଁ ଭାରତୀୟ ଦଳ:** ହାର୍ଦ୍ଦିକ ପାଣ୍ଡ୍ୟା (ଅଧିନାୟକ), ଇଶାନ କିଶନ (ଉଇକେଟ୍‌କିପର), ଋତୁରାଜ ଗାଏକ୍ୱାଡ୍, ଶୁବମନ ଗିଲ୍, ସୂର୍ଯ୍ୟକୁମାର ଯାଦବ (ଉପଅଧିନାୟକ), ଦୀପକ ହୁଡା, ରାହୁଲ ତ୍ରିପାଠୀ, ସଞ୍ଜୁ ସାମ୍‌ସନ, ୱାଶିଂଟନ ସୁନ୍ଦର, ୟୁଜ୍‌ବେନ୍ଦ୍ର ଚହଲ, ଅକ୍ଷର ପଟେଲ, ଅର୍ଶଦୀପ ସିଂ, ହର୍ଶଲ ପଟେଲ, ଉମ୍‌ରାନ ମଲିକ, ଶିବମ୍ ମାଭି ଓ ମୁକେଶ କୁମାର।

**ଅନ୍ତର୍ଜାତୀୟ ଦିନିକିଆ ଦଳ:** ରୋହିତ୍ ଶର୍ମା (ଅଧିନାୟକ), ଶୁବମନ ଗିଲ୍, ବିରାଟ କୋହଲି, ସୂର୍ଯ୍ୟକୁମାର ଯାଦବ, ଶ୍ରେୟାସ ଆୟର, କେ.ଏଲ୍. ରାହୁଲ (ଉଇକେଟ୍‌କିପର), ଇଶାନ କିଶନ (ଉଇକେଟ୍‌କିପର), ହାର୍ଦ୍ଦିକ ପାଣ୍ଡ୍ୟା (ଉପଅଧିନାୟକ), ୱାଶିଂଟନ ସୁନ୍ଦର, ୟୁଜ୍‌ବେନ୍ଦ୍ର ଚହଲ, କୁଲ୍‌ଦୀପ ଯାଦବ, ଅକ୍ଷର ପଟେଲ, ମହମ୍ମଦ ଶାମି, ସିରାଜ, ଉମ୍‌ରାନ ମଲିକ ଓ ଅର୍ଶଦୀପ ସିଂ।


ହାର୍ଦ୍ଦିକ ପାଣ୍ଡ୍ୟା

## ଶ୍ରୀଲଙ୍କା ଟୁର୍ ପାଇଁ ଟି୨୦ ଓ ଦିନିକିଆ ଦଳ

- ସୂର୍ଯ୍ୟକୁମାର ଉପ ଅଧିନାୟକ
- ଶିବମ୍, ମୁକେଶ ନୂଆ ମୁହଁ


ଶିବମ୍ ମାଭି


ମୁକେଶ କୁମାର

# କୋରିଆକୁ ପରାସ୍ତ କଲା ଭାରତ

## ଅଙ୍ଗଦବୀରଙ୍କ ଡବଲ୍ ଗୋଲ୍

**ଭୁବନେଶ୍ୱର, ୨୭।୧୨ (ସ୍ପୋର୍ଟ୍ସ ବ୍ୟୁରୋ):** ରାଉରକେଲାର ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ କୋରିଆ ଜୁନିୟର ଦଳକୁ ପରାସ୍ତ କରିଛି ଭାରତ। ଅଙ୍ଗଦବୀର ସିଂଙ୍କ ଡବଲ୍ ଗୋଲ ବଳରେ କୋରିଆକୁ ଦଳ ୫-୨ରେ ପରାସ୍ତ କରିଛି। ମଙ୍ଗଳବାର ମଧ୍ୟ ଭାରତ ୧୧-୨ର ବୃହତ ବ୍ୟବଧାନରେ ବିଜୟୀ ହୋଇଥିଲା। ଅଙ୍ଗଦବୀର (୧୪ ଓ ୪୬) ଦୁଇଟି ଗୋଲ ସ୍କୋର କରିଥିବା ବେଳେ ରୋହିତ(୫୦), ଅରୁଣ ସାହାଣୀ(୩୧) ଓ ସାରଦା ନନ୍ଦ ତିୱାରୀ(୩୧) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପ୍ରଥମ କ୍ୱାର୍ଟରର ଷଷ୍ଠ ମିନିଟରେ କୋରିଆ ପକ୍ଷରୁ ଲିମ୍ ଜୁନ୍ ୟେଓଲ୍ ପ୍ରଥମ ଗୋଲ ଦେଇ ଅଗ୍ରଣୀ କରିଥିଲେ। ଏହାର ୮ ମିନିଟରେ ଅଙ୍ଗଦବୀର ଗୋଲ ପରିଶୋଧ କରିଥିଲେ। ଦ୍ୱିତୀୟ କ୍ୱାର୍ଟରଟି ଗୋଲ ଶୂନ୍ୟ ରହିବା ପରେ ତୃତୀୟ କ୍ୱାର୍ଟରରେ ଅରୁଣ ସାହାଣୀ ଓ ସାରଦା ନନ୍ଦ ତିୱାରୀ ଗୋଟିଏ ଲେଖାଏ ଗୋଲ ଦେଇ ଭାରତକୁ ୩-୧ରେ ଆଗୁଆ କରିଥିଲେ। ଅନ୍ତିମ କ୍ୱାର୍ଟରରେ ଅଙ୍ଗଦବୀର ଓ ରୋହିତ ଭାରତ ପାଇଁ ସ୍କୋର କରିଥିବା ବେଳେ କୋରିଆ ପକ୍ଷରୁ ନୋହ ଓନ୍ ହୋ ଗୋଲ ଦେଇଥିଲେ। ଏହି ମ୍ୟାଚରେ ଓଡ଼ିଆ ଅଫିସିଆଲ ମାନେ ମ୍ୟାଚ ପରିଚାଳନା କରିଥିଲେ। ଗୌତା ପ୍ରିୟେଶ ଓ ରାଜେନ ଏକ୍କା ଅମ୍ପାୟାର ଦାୟିତ୍ୱରେ ରହିଥିବା ବେଳେ ନିଶାନ ଜ୍ୟୋତି ମହାନ୍ତି ଓ ପ୍ରଫୁଲ୍ଲ ତର୍କି ବିଚାରକ, ନିଶାନ ଜ୍ୟୋତି ମହାନ୍ତି ବିଶ୍ୱରଞ୍ଜନ ଷଡଙ୍ଗୀ ଓ ରାଜକୁମାର ଝା ରିଜର୍ଭ ଅମ୍ପାୟାର ରହିଥିଲେ।

# ବ୍ରିଜେଶ ଦମାନି ଜାତୀୟ ବିଲିୟାର୍ଡ୍ସ ଚାମ୍ପିୟନ



ଟ୍ରଫି ସହ ବ୍ରିଜେଶ ଦମାନି।

**ନୂଆଦିଲ୍ଲୀ, ୨୭।୧୨(ପି.ଟି.)**

ଇନ୍ଦୋରରେ ପିଏସ୍‌ପିବି (ପେଟ୍ରୋଲିୟମ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ)ର ଧ୍ରୁବ ସିଟ୍‌ୱାଲଙ୍କୁ ୫-୩ରେ ହରାଇ ଏସିଆନ ଗେମ୍ସ ରୌପ୍ୟ ବିଜେତା ବ୍ରିଜେଶ ଦମାନି ପ୍ରଥମ ଥର ଜାତୀୟ ବିଲିୟାର୍ଡ୍ସ ଚାମ୍ପିୟନଶିପ୍ ଜିତିଛନ୍ତି। ଇଣ୍ଡିଆନ ଅଏଲ୍ସର ବ୍ରିଜେଶ କ୍ୱାର୍ଟରଫାଇନାଲ ଓ ସେମିଫାଇନାଲରେ ଯଥାକ୍ରମେ କର୍ନାଟକର ବି. ଭାସ୍କର ଏବଂ ବିଶ୍ୱ ୬ରେଡ୍ ଚାମ୍ପିୟନ ଏସ୍. ଶଶିକିରଣଙ୍କୁ ପରାସ୍ତ କରିଥିଲେ। ବ୍ରିଜେଶ ଇତିମଧ୍ୟରେ ୬ ଅନ୍ତର୍ଜାତୀୟ ପଦକ ଜିତିସାରିଛନ୍ତି। ତନ୍ମଧ୍ୟରେ ୨୦୧୦ ଗୁଆଙ୍ଗଝୋ ଏସିଆନ ଗେମ୍ସରେ ଏକ ରୌପ୍ୟ ପଦକ ସାମିଲ ଥିଲା।

**ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ,ଖଣ୍ଡପଡ଼ା**
**OFFICE OF THE NOTIFIED AREA COUNCIL KHANDAPADA**
E-Mail Id-nackpg89@gmail.com
Letter No - 2386 Date.26/12/2022
**QUOTATION CALL NOTICE**
**No.C-2118:**Sealed quotations are invited from the intending authorized dealers / intending firms / EPM Rate contractors / other authorized reputed Companies to Supply following items for official use of N.A.C, Khandapara . The rate should be quoted inclusive of all taxes, GST, PAN & delivery charges at Khandapada MAC against each item.The quotations will be received from 10.00 A.M of 26/12/2022 to 3.00P.M of 04/01/2023 by mode of Regd. Post or Speed Post only and shall be opened on the same day at 4.00P.M on Dt.04/01/2023 in presence of quotationer or their authorized agents who may wish to remain present at the time of opening. The undersigned reserves the right to accept or reject any or all the quotations without assigning any reason thereof. The bidders can download the details from the website i.e.http:// www.khandapadanac.in and nayagarh.nic.in.
**Sd/- Executive Officer, Khandapada NAC**
OIPR-13147/11/0017/2223

# ଦକ୍ଷିଣ ଆଫ୍ରିକାକୁ ହରାଇଲା ଭାରତ

**ପ୍ରିଟୋରିଆ (ଦକ୍ଷିଣ ଆଫ୍ରିକା), ୨୭।୧୨ (ପି.ଟି.)**

ଭାରତର ୧୯ ବର୍ଷରୁ କମ୍ ମହିଳା କ୍ରିକେଟ ଦଳ ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚକୁ ୫୪ରନରେ ଜିତି ୫ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ଲାଭ କରିଛି। ଆସନ୍ତା ଜାନୁୟାରୀ ୧୪ରୁ ୨୯ ଦକ୍ଷିଣ ଆଫ୍ରିକାରେ ଆଇସିସି ୧୯ ବର୍ଷରୁ କମ୍ ମହିଳା ଟି୨୦ ବିଶ୍ୱକପ୍ ଖେଳାଯିବାକୁ ଥିବା ବେଳେ ପ୍ରସ୍ତୁତି ପାଇଁ ଏହି ସିରିଜର ଆୟୋଜନ କରାଯାଇଛି। ମଙ୍ଗଳବାର ଖେଳାଯାଇଥିବା ଏହି ମ୍ୟାଚରେ ଓପନର ଶ୍ୱେତା ଶେରାୱତ ଓ ସୌମ୍ୟା ତିୱାରୀ ଯଥାକ୍ରମେ ୩୯ ଓ ୪୬ ବଲ୍‌ରୁ ୪୦ରନ ଲେଖାଏ ସଂଗ୍ରହ କରିଥିଲେ। ଦଳ ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ବିନିମୟରେ ୧୩୭ ରନ କରିଥିଲା। ମ୍ୟାଚରେ ଭାରତର ଆରମ୍ଭ ଭଲ ନ ଥିଲା। ମ୍ୟାଚର ପ୍ରଥମ ବଲ୍‌ରେ ଅଧିନାୟିକା ଶେଫାଳି ବର୍ମା ଆଉଟ ହୋଇଯାଇଥିଲେ। କିନ୍ତୁ ଦ୍ୱିତୀୟ ଉଇକେଟରେ ଶେରାୱତ ଓ ତିୱାରୀ ୭୪ ବଲରୁ ୭୦ ରନ ସଂଗ୍ରହ କରି ଭାରତର ମୂଳଦୁଆ ପକାଇଥିଲେ। ଶେରାୱତ ତାଙ୍କ ଇନିଂସରେ ୫ ଚୌକା ଲଗାଇଥିବା ବେଳେ ତିୱାରି ୩ ଚୌକା ଓ ଗୋଟିଏ ଛକା ମାରିଥିଲେ। ଏହି ଦୁଇଜଣଙ୍କ ବ୍ୟତୀତ ଶେଷ ଭାଗରେ ରିଚା ଘୋଷ (୧୫), ତିତାସ ସାନ୍ଧୁ (୧୩*) ଓ ହାର୍ଲି ଗାଲା (୧୧*)ଙ୍କ ଯୋଗଦାନ ରହିଥିଲା। ଘରୋଇ ଦଳ ପକ୍ଷରୁ କେଲା ରେନେକ୍ (୨/୧୩) ଓ ଆୟାଣ୍ଡା ହ୍ଲୁବି (୨/୨୨) ପ୍ରତ୍ୟେକ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ନିୟମିତଭାବେ ଉଇକେଟ ହରାଇ ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ବିନିମୟରେ ୮୩ରନ କରିବାରେ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ କେବଳ ୩ଜଣ ବ୍ୟାଟର ଦୁଇ ଅଙ୍କ ବିଶିଷ୍ଟ ସ୍କୋର କରିପାରିଥିଲେ। ସେମାନେ ହେଲେ କେଲା ରେନେକି (୨୦), ମାଡିସନ ଲାଣ୍ଡ୍ସମ୍ୟାନ (୧୦) ଓ ଜେମା ବୋଥା (୧୦*)। ଭାରତ ତରଫରୁ ମିଡିୟମ ପେସ୍ ବୋଲର ଶବନମ ଶକିଲ (୩/୧୫) ଓ ଅଫ୍ ସ୍ପିନର ଅର୍ଚ୍ଚନା ଦେବୀ (୩/୧୪) ଚମତ୍କାର ବୋଲିଂ କରି ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ: ୧୩୭/୫ (ଶ୍ୱେତା ଶେରାୱତ-୪୦, ସୌମ୍ୟା ତିୱାରୀ-୪୦ ; କେଲା ରେନେକି-୨/୧୩)। ଦକ୍ଷିଣ ଆଫ୍ରିକା: ୮୩/୮ (କେଲା ରେନେକି-୨୦ ; ଅର୍ଚ୍ଚନା ଦେବୀ-୩/୧୪)।


ଶବନମ ଶକିଲ ଓ ଅର୍ଚ୍ଚନା ଦେବୀ।

**୧୯ ବର୍ଷରୁ କମ୍ ମହିଳା କ୍ରିକେଟ**

# ରୋଲ୍ ବଲ୍ ଚାମ୍ପିୟନଶିପ ପାଇଁ ଓଡ଼ିଶା ଦଳ


ଓଡ଼ିଶା ରୋଲ୍ ବଲ୍ ବାଳକ ଓ ବାଳିକା ଦଳ।

**ଭୁବନେଶ୍ୱର,୨୭।୧୨ (ସ୍ପୋର୍ଟ୍ସ ବ୍ୟୁରୋ)**

ରାଜସ୍ଥାନର ଜୟପୁରରେ ହେବାକୁ ଥିବା ୧୫ ତମ ଜାତୀୟ ସବ୍ ଜୁନିୟର ରୋଲ୍ ବଲ୍ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିଛନ୍ତି ଓଡ଼ିଶା ବାଳକ ଓ ବାଳିକା ଦଳ। ସାଇ ଶ୍ରୀୟାଂଶୁ ରାଉତଙ୍କ ନେତୃତ୍ୱରେ ୧୦ ଜଣିଆ ବାଳକ ଦଳ ଓ ୭ ଜଣିଆ ବାଳିକା ଦଳ ଏହି ଟୁର୍ନାମେଣ୍ଟରେ ଓଡ଼ିଶାର ପ୍ରତିନିଧିତ୍ୱ କରୁଛନ୍ତି। ଓଡ଼ିଶା ସମେତ ୨୧ଟି ରାଜ୍ୟ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରୁଛନ୍ତି। ପ୍ରତୀକ ଅର୍ଣ୍ଣବ ଜେନା, ସାଇ ଶ୍ରୀୟାଂଶୁ ରାଉତ, ଅଂଶୁମାନ ପାତ୍ର, ସ୍ଥିତପ୍ରଜ୍ଞ ଜେନା, ହିତାଂଶୁ ସାମନ୍ତରାୟ, ସ୍ୱସ୍ତିକ କୁମାର ପ୍ରହରାଜ, ବୀରେନ୍ ଦାସ, ଅଭିଶାନ୍ତ ପାଣିଗ୍ରାହୀ, ଅନିଶ ତ୍ରିପାଠୀ ଓ ସୂର୍ଯ୍ୟ ପ୍ରତ୍ୟୁଷ ନାୟକ ବାଳକ ଦଳର ସଦସ୍ୟ ରହିଛନ୍ତି। ଭାବ୍ୟା ଇଶାନା ରାଉତ, କମଳ କ୍ରିଷ୍ଣା, ଐଶ୍ୱର୍ଯ୍ୟା ପାତ୍ର, ତନୁଶ୍ରୀ ସାହୁ, ରିଦ୍ଧାନ୍ୟା ସଚ୍ଚିଦାନନ୍ଦମ, ଶ୍ରୀତିଶା ମିଶ୍ର, ଆଧ୍ୟା ଟୋଶାନି ବାଳିକା ଦଳର ସଦସ୍ୟ ରହିଛନ୍ତି। କୋଚ୍ ଭାବରେ ଅଭିଜିତ୍ ସ୍ୱାଇଁ ଏବଂ ସୁଶାନ୍ତ ସାହୁ ଦଳ ସହିତ ରହିଛନ୍ତି। ଓଡ଼ିଶା ଦଳର ଖେଳାଳିଙ୍କୁ ରୋଲ୍ ବଲ୍ ସଂଘର ସମ୍ପାଦିକା ସୌଦାମିନୀ ପାତ୍ର ଓ ପ୍ରତିଷ୍ଠାତା ପାର୍ଥ ସାରଥି ଜେନା ଶୁଭେଚ୍ଛା ଜଣାଇଛନ୍ତି।

# ଅଷ୍ଟ୍ରେଲିଆ ୧୯୭ ରନରେ ଆଗୁଆ

**ମେଲବୋର୍ନ,୨୭।୧୨(ପି.ଟି)**

ଶତକୀୟ ଟେଷ୍ଟରେ ଓପନର ଡେଭିଡ୍ ୱାର୍ନରଙ୍କ ଦ୍ୱିଶତକ ବଳରେ ଦୃଢ ସ୍ଥିତିରେ ରହିଛି ଅଷ୍ଟ୍ରେଲିଆ। ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ ୧୮୯ ରନରେ ଅଲଆଉଟ ହୋଇଥିବା ବେଳେ ଦ୍ୱିତୀୟ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ଅଷ୍ଟ୍ରେଲିଆ ୩ ଉଇକେଟରେ ୩୮୬ ରନ୍ କରିବା ସହିତ ୧୯୭ ରନରେ ଆଗୁଆ ରହିଛି। ପ୍ରଥମ ଦିନର ଅସମାପ୍ତ ସ୍କୋର ୪୫/୧ରୁ ଖେଳ ଆରମ୍ଭ କରିଥିଲା ଅଷ୍ଟ୍ରେଲିଆ। ମାର୍ନସ ଲାବୁଶେନ୍ ୧୪ ଓ ଷ୍ଟିଭେନ୍ ସ୍ମିଥ୍ ୮୫ ରନ୍ କରିଥିଲେ। ୨୫୪ ବଲ ଖେଳିଥିବା ୱାର୍ନର ୧୬ ଚୌକା ଓ ୨ ଛକା ସହିତ ୨୦୦ ରନ୍ କରି ରିଟାୟର୍ଡ ହର୍ଟ ହୋଇଥିଲେ। ଖେଳ ଶେଷ ହେବା ବେଳକୁ ଆଲେକ୍ସ କେରୀ ୯ ଓ ଟ୍ରାଭିସ୍ ହେଡ୍ ୪୮ ରନରେ ଅପରାଜିତ ରହିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ଆନରିଚ୍ ନର୍ଜେ ଓ କାଗିସୋ ରବାଡା ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି।

**ୱାର୍ନରଙ୍କ ଦ୍ୱିଶତକ**



**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୬୮.୪ ଓଭରରେ ୧୮୯/୧୦ (ମାର୍କୋ ଜାନସେନ୍-୫୯, କାଇଲ ଭେରେୟିନ୍-୫୨, ଡିନ୍ ଏଲଗାର -୨୬, କାମେରନ୍ ଗ୍ରୀନ୍-୫/୨୭, ମିଚେଲ୍ ଷ୍ଟାର୍କ-୨/୩୯, ସ୍କଟ୍ ବୋଲାଣ୍ଡ-୧/୩୪)। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ-୯୧ ଓଭରରେ ୩୮୬/୩ (ଡେଭିଡ୍ ୱାର୍ନର-୨୦୦ ରିଟାୟର୍ଡ, ଷ୍ଟିଭେନ୍ ସ୍ମିଥ୍-୮୫, ଟ୍ରାଭିସ୍ ହେଡ୍-୪୮*, କାଗିସୋ ରବାଡା- ୧/୯୪, ଆନରିଚ୍ ନର୍ଜେ-୧/୫୦)।

# ଦୃଷ୍ଟିବାଧିତ ମହିଳା କ୍ରିକେଟ ଦଳର ପ୍ରସ୍ତୁତି ଶିବିର



ପ୍ରସ୍ତୁତି ଶିବିରରେ କୋଚ୍ ଓ ଅତିଥିଙ୍କ ସହ ଖେଳାଳି।

**ଭୁବନେଶ୍ୱର,୨୭।୧୨ (ସ୍ପୋର୍ଟ୍ସ ବ୍ୟୁରୋ):** ଜାତୀୟ ଦୃଷ୍ଟିବାଧିତ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ସଂସ୍କରଣ ପାଇଁ ପ୍ରସ୍ତୁତି ଆରମ୍ଭ କରିଛି ଓଡ଼ିଶା ମହିଳା ଦଳ। ଦଳରେ ସାମିଲ ହେବାକୁ ଥିବା ୨୦ ଜଣିଆ ସମ୍ଭାବ୍ୟ ଖେଳାଳିଙ୍କୁ ନେଇ ଏହି ପ୍ରସ୍ତୁତି ଶିବିର ଅନୁଷ୍ଠିତ ହେଉଛି। ଦୃଷ୍ଟିବାଧିତ କ୍ରିକେଟ ସଙ୍ଗଠନ(କାଭି), କେଟି ଗ୍ଲୋବାଲ ସ୍କୁଲ ଏବଂ ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ ପକ୍ଷରୁ ମିଳିତ ଭାବରେ ଏହି ଶିବିର ଅନୁଷ୍ଠିତ ହୋଇଛି। ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ପ୍ରସ୍ତୁତି ଶିବିର ଜାନୁୟାରୀ ୬ ତାରିଖ ଯାଏ ଜାରି ରହିବ। ପ୍ରଥମ ଦିନର ପ୍ରସ୍ତୁତି ଶିବିରରେ କେଟି ଗ୍ଲୋବାଲ ସ୍କୁଲ ନିର୍ଦ୍ଦେଶକ ପୂର୍ଣ୍ଣାଶିଷ ରଥ ଓ ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ ନିର୍ଦ୍ଦେଶକ ଚିନ୍ମୟ ପ୍ରଧାନ, ଓଡ଼ିଶା ମହିଳା ଦଳର କୋଚ୍ ଦେବାଶିଷ ଜେନା ଓ କାଭି ସଭାପତି ଏମ୍‌ଡି ଜାଫର ଇକ୍‌ବାଲ ପ୍ରମୁଖ ଯୋଗ ଦେଇଥିଲେ। ଓଡ଼ିଶାରେ ଦୃଷ୍ଟିବାଧିତ କ୍ରିକେଟର ପ୍ରଚାର ପ୍ରସାର ଦିଗରେ କାର୍ଯ୍ୟ କରୁଥିବାରୁ କେଟି ଗ୍ଲୋବାଲ ସ୍କୁଲ ଏବଂ ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀକୁ ଧନ୍ୟବାଦ ଜଣାଇଛନ୍ତି ଜାଫର ଇକବାଲ୍।

**GOVERNMENT OF ODISHA** email:serwsbd2003@yahoo.com
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNABEDA**
No. **e-Procurement Notice for Road & Bridge Works** Date:
**No.O-1530:**1. Name of the Work: Construction of Road & Bridges as per Annexure (27 Nos.) 2. Class of Contractor: "B", "A" & Special Class of (Odisha PWD) or relevant class of other licesing authority.3. Estimated Cost: Varies from Rs.127.98 Lakhs to Rs.813.73 Lakhs (Approximately). 4. Details projects as per Annexure attached.

| Procurement Officer | Bid Identificaton No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle,Sunabeda | CCERWCSBD-Online- 39/ 2022-23 | 30.12.2022 at 11.00 AM | 16.01.2023 upto 5.30 PM | 15.01.2023 upto 2.00 PM | 17.01.2023 at 11.00 AM | To be intimated separately |

5. The details of works can be seen from the website: https://www.tendersodisha.gov.in.
6. Any Corrigendum/Addendum will be displayed in the above e-tender website.
OIPR-25182/11/0050/2223 **Sd./- Chief Construction Engineer, Rural Works Circle, Sunabeda**

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
**(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)**
**ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮**
**ଭୁବନେଶ୍ୱର-୭୫୧୦୧୨**
ସଂଖ୍ୟା 23917/IND-II-PH-1110 ତାରିଖ 27.12.2022
No. CAD-4293
**ବିଜ୍ଞାପନ**
ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଶ୍ରୀ ସୁନୀଲ କୁମାର ପ୍ରଧାନ ଏବଂ ଶ୍ରୀ ଶାନ୍ତନୁ କୁମାର ବେହେରା ଓଡ଼ିଶାର ଗଞ୍ଜାମ ଜିଲ୍ଲା, ବେଲଗୁଣ୍ଠା ତହସିଲ ଅନ୍ତର୍ଗତ ବେନୀପଲ୍ଲୀ ଏବଂ ଗିରିସୋଲା ଗ୍ରାମରେ ୧୨.୪୪୫ ହେକ୍ଟର ପରିମିତ କ୍ଲଷ୍ଟର କ୍ଷେତ୍ରରେ ସ୍ଥିତ ବେନୀପଲ୍ଲୀ ଏବଂ ଗିରିସୋଲା ବାଲିଘାଟ ପାଇଁ ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ପାଇଁ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ (State Environment Impact Assessment Authority (SEIAA)) ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି ।
ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତିପତ୍ର ଆହ୍ୱାନ କରୁଛନ୍ତି । ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:
(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।
ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ । ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୩୧।୦୧।୨୦୨୩ରିଖ ଦିବା ୧୧.୦୦ ଘଟିକା ସମୟରେ **ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ତହସିଲ ଅନ୍ତର୍ଗତ ବେନୀପଲ୍ଲୀ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ସଂଲଗ୍ନ ଖାତା ନଂ. ୮୫୮, ପ୍ଲଟ ନଂ.୧୪୯ ଅନ୍ତର୍ଗତ ୦.୨୨୫ ଏକର ଅଞ୍ଚଳରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।
ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।
୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ଗଞ୍ଜାମ** ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ଗଞ୍ଜାମ**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ଗଞ୍ଜାମ**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **ବ୍ରହ୍ମପୁର**।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।
ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ୍ୟ ମିଳିପାରିବ।
ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, **ବ୍ରହ୍ମପୁର**ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।
**ସ୍ୱା./-ସଦସ୍ୟ ସଚିବ**
OIPR-08012/11/0388/2223

# 'ଘରୋଇ ପରିବେଶରୁ ଫାଇଦା ନେବୁ'


ଭୁବନେଶ୍ୱର ବିମାନବନ୍ଦରରୁ ପ୍ରସ୍ଥାନ ଅବସରରେ ଭାରତୀୟ ଖେଳାଳି।

**୨୦୨୩ ହକି ବିଶ୍ୱକପ**

## ଓଡ଼ିଶାରେ ପହଞ୍ଚିଲା ଭାରତୀୟ ହକି ଦଳ

**ଭୁବନେଶ୍ୱର, ୨୭।୧୨ (କ୍ରୀଡ଼ା ପ୍ରତିନିଧି)**

୨୦୨୩ ଜାନୁୟାରୀ ୧୩ରୁ ୨୯ ପର୍ଯ୍ୟନ୍ତ ହକି ବିଶ୍ୱକପ୍ ଭୁବନେଶ୍ୱର ଏବଂ ରାଉରକେଲାରେ ଅନୁଷ୍ଠିତ ହେବ। ହକିର ଏହି ମହାକୁମ୍ଭରେ ଅଂଶଗ୍ରହଣ କରିବା ପାଇଁ ହରମନପ୍ରୀତ ସିଂଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ମଙ୍ଗଳବାର ଓଡ଼ିଶାରେ ପହଞ୍ଚିଛି। ବିଶ୍ୱକପ୍ ପାଇଁ କ୍ୟାମ୍ପ ବେଙ୍ଗାଲୁରୁଠାରେ ଅନୁଷ୍ଠିତ ହେଉଥିଲା। ସେଠାରୁ ଦଳ ଆସି ପ୍ରଥମେ ଭୁବନେଶ୍ୱରରେ ଏବଂ ପରେ ଝାରସୁଗୁଡ଼ା ଦେଇ ରାଉରକେଲାରେ ପହଞ୍ଚିଛି। ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ହକି ଇଣ୍ଡିଆର କର୍ମକର୍ତ୍ତାମାନେ ଭାରତୀୟ ଖେଳାଳି ଓ କର୍ମକର୍ତ୍ତାଙ୍କୁ ସ୍ୱାଗତ କରିଥିଲେ। ଭାରତୀୟ ଦଳ ଜାନୁୟାରୀ ୧୩ରେ ଏହାର ପ୍ରଥମ ମ୍ୟାଚ ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମରେ ସ୍ପେନ୍ ବିପକ୍ଷରେ ଖେଳିବ। ଏହାପରେ ସେଠାରେ ୧୫ରେ ଇଂଲଣ୍ଡକୁ ଭେଟିବ ଏବଂ ଗ୍ରୁପ୍ ପର୍ଯ୍ୟାୟର ଅନ୍ତିମ ମ୍ୟାଚ ୧୯ ତାରିଖରେ ୱେଲ୍ସ ବିପକ୍ଷରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଖେଳିବ। କ୍ରମାଗତ ଦ୍ୱିତୀୟ ଥର ଘରୋଇ ପରିବେଶରେ ଖେଳିବାକୁ ଯାଉଥିବାରୁ ଭାରତ ଏହାର ଫାଇଦା ନେବାକୁ ଚେଷ୍ଟା କରିବ ବୋଲି ସ୍ଥାନୀୟ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ନିକଟରେ ଅଧିନାୟକ ହରମନପ୍ରୀତ ସିଂ ପ୍ରକାଶ କରିଛନ୍ତି।

"କ୍ରମାଗତ ବିଶ୍ୱକପ୍ ଆୟୋଜନ କରିବାକୁ ଯାଉଥିବାରୁ ଓଡ଼ିଶା ସରକାରଙ୍କୁ ପ୍ରଥମେ ଧନ୍ୟବାଦ ଦେବାକୁ ଚାହିଁବି। ଘରୋଇ ପରିବେଶରେ ଆମେ କ୍ରମାଗତ ଦ୍ୱିତୀୟ ଥର ପାଇଁ ବିଶ୍ୱକପ୍ ଖେଳିବାକୁ ଯାଉଛୁ। ତେଣୁ ଏହାର ଫାଇଦା ଉଠାଇବା ଆମର ପ୍ରଥମ ଲକ୍ଷ୍ୟ ରହିବ। ବିଶ୍ୱକପ୍ ଏଥର ୨ଟି ସ୍ଥାନ ଭୁବନେଶ୍ୱର ଏବଂ ରାଉରକେଲାରେ ହେବାକୁ ଯାଉଛି। ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମର ନୂଆ ଟର୍ଫ ସହିତ ଅଭ୍ୟସ୍ତ ହେବାକୁ ଟିକେ ସମୟ ଲାଗିବ। ତେବେ ଏଥିପାଇଁ ଆମକୁ ଅଧିକ ସମୟ ମିଳିଥିବାରୁ ଏହାର ସଦୁପଯୋଗ କରିବୁ" ବୋଲି ପ୍ରକାଶ କରିଛନ୍ତି ହରମନପ୍ରୀତ। ଘରୋଇ ପରିବେଶରେ ଭାରତ ଖେଳିବାକୁ ଯାଉଥିବାରୁ ଚାପ ରହିବ କି ପ୍ରଶ୍ନର ଉତ୍ତରରେ ହରମନପ୍ରୀତ କହିଲେ ଯେ, "ଏହା ଏକ ଟିମ୍ ଗେମ୍। ଆମେ ସମସ୍ତଙ୍କୁ ସାହାଯ୍ୟ କରି ଖେଳିବୁ। ମ୍ୟାଚ ପରେ ମ୍ୟାଚକୁ ଲକ୍ଷ୍ୟ ରଖି ଆଗେଇବୁ। ଯଥା ସମ୍ଭବ ନିଜ ଉପରକୁ ଚାପ ନ ଆସିବା ଉପରେ ଧ୍ୟାନ ଦେବୁ"। ୨୦୧୮ରେ ଭାରତୀୟ ଦଳ କେବଳ ଭୁବନେଶ୍ୱରରେ ବିଶ୍ୱକପ୍ ଖେଳିଥିଲା। ଏଥର ରାଉରକେଲାରେ ଦେଶର ସର୍ବବୃହତ୍ ଷ୍ଟାଡିୟମରେ ମ୍ୟାଚ ଖେଳିବ। ସେଠାରେ ଖେଳିବା ପାଇଁ ଆମେ ବ୍ୟଗ୍ର ବୋଲି ଅଧିନାୟକ ପ୍ରକାଶ କରିଛନ୍ତି। "ନବନିର୍ମିତ ବିର୍ସାମୁଣ୍ଡା ଷ୍ଟାଡିୟମରେ ଖେଳିବାକୁ ଆମେ ବ୍ୟଗ୍ର। ବେଙ୍ଗାଲୁରୁ କ୍ୟାମ୍ପରେ ଅଭ୍ୟାସ କରି ଆମେ ଫେରିଛୁ। ଏବେ ଟୁର୍ନାମେଣ୍ଟ ଆରମ୍ଭ ହେବା ପର୍ଯ୍ୟନ୍ତ ରାଉରକେଲାରେ ଅଭ୍ୟାସ ଜାରି ରହିବ। ଆମର ଏପର୍ଯ୍ୟନ୍ତ ପ୍ରସ୍ତୁତି ଭଲ ରହିଛି। ଭରପୂର ଦର୍ଶକଙ୍କ ସମ୍ମୁଖରେ ଖେଳିବାରେ ନିଶ୍ଚିତ ଭିନ୍ନ ଅନୁଭବ ହେବ। ବିଶ୍ୱକପ୍‌ରେ ଆମର ପ୍ରଥମ ପ୍ରତିଦ୍ୱନ୍ଦ୍ୱୀ ସ୍ପେନ୍। ଏହାପରେ ଇଂଲଣ୍ଡ ଓ ୱେଲ୍ସ ବିପକ୍ଷରେ ଖେଳିବୁ। ଆମେ ଏହି ଦଳଗୁଡ଼ିକ ବିପକ୍ଷରେ ପ୍ରୋ-ଲିଗ୍‌ରେ ଖେଳି ସାରିଛୁ। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମଧ୍ୟ ଭେଟିଛୁ। ଦଳଗୁଡ଼ିକର ଶକ୍ତି ଓ ଦୁର୍ବଳତା ସମ୍ପର୍କରେ ଅବଗତ ଅଛୁ। ତେଣୁ ଆଗାମୀ ବିଶ୍ୱକପ୍‌ରେ ଆମେ ଭଲ ପ୍ରଦର୍ଶନ କରିବା ନେଇ ଆଶାବାଦୀ ଅଛୁ" ବୋଲି ହରମନପ୍ରୀତ କହିଛନ୍ତି।

## ରାଉରକେଲାରେ ଭବ୍ୟ ସ୍ୱାଗତ

**ରାଉରକେଲା ଅଫିସ,୨୭।୧୨:** ରାଉରକେଲାରେ ପ୍ରଥମ ଥର ହକି ବିଶ୍ୱକପ୍ ଆୟୋଜନ ହେବାକୁ ଯାଉଥିବାରୁ ଦର୍ଶକଙ୍କ ମନରେ ନାହିଁ ନ ଥିବା ଉତ୍ସାହ ପରିଲକ୍ଷିତ ହୋଇଛି। ଝାରସୁଗୁଡା ଏୟାରପୋର୍ଟରୁ ବସ୍ ଯୋଗେ ଭାରତୀୟ ହକି ଦଳ ମଙ୍ଗଳବାର ସନ୍ଧ୍ୟା ୭ଟାରେ ରାଉରକେଲାରେ ପହଞ୍ଚିଥିଲା। ବସ୍ ବେଦବ୍ୟାସ ଛକ ହୋଇ ପାନପୋଷ ହକି ଛକ ରିଙ୍ଗରୋଡ ଦେଇ ହନୁମାନ ବାଟିକା ଛକ ରିଙ୍ଗ୍‌ରୋଡ ହୋଇ ବିପିୟୁଟି ପରିସରରେ ଥିବା ବିର୍ସାମୁଣ୍ଡା ଷ୍ଟାଡିୟମରେ ପହଞ୍ଚିଥିଲା । ହକି ଖେଳାଳିଙ୍କୁ ସ୍ୱାଗତ କରିବା ପାଇଁ ରାଉରକେଲା ପାନପୋଷ ଛକ, ହନୁମାନ ବାଟିକା ଛକ, ଛେଣ୍ଡ ଛକରେ ବହୁ କ୍ରୀଡାପ୍ରେମୀ ଭାରତୀୟ ଜାତୀୟ ପତାକା ହାତରେ ଧରି ଉପସ୍ଥିତ ଥିଲେ। ଖେଳାଳିମାନେ ଷ୍ଟାଡିୟମରେ ପହଞ୍ଚିବା ପରେ ହକି ଇଣ୍ଡିଆର ମ୍ୟାନେଜମେଣ୍ଟ ଟିମ୍ ତାଙ୍କୁ ସ୍ୱାଗତ କରିଥିଲେ। ପରେ ସମସ୍ତ ଖେଳାଳିଙ୍କୁ ବିର୍ସାମୁଣ୍ଡା ଷ୍ଟାଡିୟମରେ ନିର୍ମାଣ ହୋଇଥିବା ଅତ୍ୟାଧୁନିକ ହୋଟେଲକୁ ପାଛୋଟି ନିଆଯାଇଥିଲା। ଖେଳାଳିଙ୍କୁ ଦେଖିବା ପାଇଁ ଷ୍ଟାଡିୟମ ବାହାରେ ବହୁ ହକି ପ୍ରେମୀ ଉପସ୍ଥିତ ଥିଲେ। ବିଶେଷ କରି ଭାରତୀୟ ଦଳର ଅଧିନାୟକ ହରମନପ୍ରୀତ ସିଂ ଓ ଉପଅଧିନାୟକ ଅମିତ ରୋହିଦାସଙ୍କୁ ବସ୍‌ରେ ଓହ୍ଲାଇବାବେଳେ ବହୁ କ୍ରୀଡାପ୍ରେମୀ ବେଷ୍ଟ ଅଫ ଲକ୍ କହି ଉତ୍ସାହିତ ପ୍ରକାଶ କରିଥିଲେ। ଭାରତୀୟ ଦଳରେ ସୁନ୍ଦରଗଡ ମାଟିରେ ବାଲିଶଙ୍କରା ବ୍ଲକ ସୋନାମରା ଗ୍ରାମର ପୁଅ ଅମିତ ରୋହିଦାସ ଓ କାଦୋବାହାଲ ଗ୍ରାମର ପୁଅ ନିଲମ ସଞ୍ଜୀପ ଖେସ ସାମିଲ ହୋଇଥିବାରୁ କ୍ରୀଡାପ୍ରେମୀ ଭଲ ଖେଳ ପ୍ରଦର୍ଶନ ନେଇ ଆଶା ରଖିଛନ୍ତି। ବିର୍ସାମୁଣ୍ଡା ଷ୍ଟାଡିୟମରେ ପହଞ୍ଚିବା ପରେ ଅମିତ ରୋହିଦାସ କହିଥିଲେ ଯେ ଭାଗ୍ୟରେ ଥିଲେ ନିଜ ମାଟିରେ ଖେଳିବାର ସୁଯୋଗ ମିଳେ । ନିଜ ମାଟିରୁ ପ୍ରଥମ ଥର ପାଇଁ ବିଶ୍ୱକପ୍ ଖେଳିବା ସୁଯୋଗ ପାଇଥିବାରୁ ଆମେ ଗର୍ବ ଅନୁଭବ କରୁଛୁ। ଜିଲାର କ୍ରୀଡାପ୍ରେମୀଙ୍କ ସମର୍ଥନ ଆମ ଦଳକୁ ନିଶ୍ଚିତ ମିଳିବ। ବିର୍ସାମୁଣ୍ଡା ଷ୍ଟାଡିୟମର ନୂଆ ଟର୍ଫରେ ନିଜ ମାଟିରେ ଖେଳିବାର ଅନୁଭୂତି ଆମକୁ ନିଶ୍ଚିତ ପ୍ରେରଣା ଦେବ ବୋଲି ଅମିତ ପ୍ରକାଶ କରିଥିଲେ।

## କ୍ୱାର୍ଟର ଫାଇନାଲ ଆମର ପ୍ରଥମ ଲକ୍ଷ୍ୟ

ଆଗାମୀ ହକି ବିଶ୍ୱକପ୍‌ରେ ଭାରତୀୟ ଦଳର ଉପ-ଅଧିନାୟକ ଭାର ଜଣେ ଓଡ଼ିଆଙ୍କ ଉପରେ। ସେ ହେଉଛନ୍ତି ଦକ୍ଷ ଡିଫେଣ୍ଡର ଅମିତ ରୋହିଦାସ। ଜନ୍ମ ମାଟିରେ ଦ୍ୱିତୀୟ ଥର ପାଇଁ ବିଶ୍ୱକପ୍ ଖେଳିବାକୁ ଯାଉଥିବାରୁ ସେ ବହୁତ ଉତ୍ସାହିତ ଅଛନ୍ତି। କ୍ୱାର୍ଟର ଫାଇନାଲ ଖେଳିବା ଭାରତୀୟ ଦଳର ପ୍ରଥମ ଟାର୍ଗେଟ ହେବ ବୋଲି ଭୁବନେଶ୍ୱରରେ ପହଞ୍ଚିବା ପରେ ଅମିତ ପ୍ରକାଶ କରିଛନ୍ତି। "ହକି ପ୍ରତି ଓଡ଼ିଶା ସରକାରଙ୍କ ଆନ୍ତରିକତା ଯୋଗୁ ରାଜ୍ୟରେ ଦ୍ୱିତୀୟ ଥର ପାଇଁ ବିଶ୍ୱକପ୍ ହେବାକୁ ଯାଉଛି। ନିଜ ମାଟିରେ ଦ୍ୱିତୀୟଥର ବିଶ୍ୱକପ୍ ଖେଳିବାକୁ ଯାଉଥିବାରୁ ମୁଁ ଗର୍ବ ଅନୁଭବ କରୁଛି। ଭୁବନେଶ୍ୱର ସମେତ ରାଉରକେଲାରେ ଏଥର ବିଶ୍ୱକପ୍ ହେଉଥିବାରୁ ବ୍ୟକ୍ତିଗତ ଭାବେ ମୁଁ ବହୁତ ଖୁସି ଅଛି। ଏହା ନିଶ୍ଚିତ ସ୍ମରଣୀୟ ହେବ ବୋଲି ଆଶା ରଖିଛି। ମ୍ୟାଚ ପରେ ମ୍ୟାଚକୁ ଦୃଷ୍ଟିରେ ରଖି ଆମେ ଖେଳିବୁ। କ୍ୱାର୍ଟର ଫାଇନାଲରେ ପହଞ୍ଚିବା ଆମର ପ୍ରଥମ ଲକ୍ଷ୍ୟ ରହିବ। ଏହା ପୂରଣ ହେବା ପରେ ଯାଇ ଆମେ ପରବର୍ତ୍ତୀ ଯୋଜନା ପ୍ରସ୍ତୁତ କରିବୁ" ବୋଲି ଅମିତ ପ୍ରକାଶ କରିଛନ୍ତି। ହକିର ଅନ୍ତୁଡ଼ିଶାଳରେ ଏଥର ବିଶ୍ୱକପ୍ ହେବାକୁ ଯାଉଛି। ଏହା ମୋତେ ଉଲ୍ଲସିତ କରିଛି। ତେଣୁ ଦର୍ଶକଙ୍କୁ ମୋର ଅନୁରୋଧ ଯେ ସେମାନେ ଭରପୂର ସଂଖ୍ୟାରେ ଷ୍ଟାଡିୟମରେ ଉପସ୍ଥିତ ରୁହନ୍ତୁ। କେବଳ ଭାରତୀୟ ଦଳ ନୁହେଁ, ଓଡ଼ିଶାର ହକିପ୍ରେମୀମାନେ ସବୁ ଦଳକୁ ଉତ୍ସାହିତ କରନ୍ତୁ। ଗୋଲକିପରଙ୍କଠାରୁ ଆରମ୍ଭ କରି ଫରୱାର୍ଡ ପର୍ଯ୍ୟନ୍ତ ସବୁ ବିଭାଗରେ ଆମେ ଦୃଢ଼ ହୋଇଛୁ। ଏବେ କିଛିଦିନ ଘରୋଇ ପରିବେଶରେ ଅଭ୍ୟାସ କରିବୁ, ଯାହାକି ଆମକୁ ନିଶ୍ଚିତ ଫାଇଦାରେ ରଖିବ। ତେଣୁ ବିଶ୍ୱକପ୍ ପାଇଁ ଆମେ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ଅମିତ ପ୍ରକାଶ କରିଛନ୍ତି।


ଅମିତ ରୋହିଦାସ

## ନ୍ୟୁଜିଲାଣ୍ଡର ଦୃଢ଼ ଜବାବ

**କରାଚୀ, ୨୭।୧୨ (ଏପି):** ପାକିସ୍ତାନ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ନ୍ୟୁଜିଲାଣ୍ଡ ଦୃଢ ଆରମ୍ଭ କରିଛି। ପାକିସ୍ତାନର ୪୩୮ରନ ଜବାବରେ ଦଳ ମଙ୍ଗଳବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ବିନା କୌଣସି ଉଇକେଟରେ ୧୬୫ ରନ କରିଛି। ଟମ୍ ଲଥାମ ୭୮ ଓ ଡେଭନ କନୱେ ୮୨ରନ କରି ଅପରାଜିତ ରହିଛନ୍ତି। କନୱେ ୧୯ ଇନିଂସରେ ୧,୦୦୦ ଟେଷ୍ଟ ରନ ପୁରଣ କରିଛନ୍ତି। ଏଥି ସହିତ ସେ ପୂର୍ବରୁ ଜନ୍ ଏଫ୍. ରିଡ୍‌ଙ୍କ ଦ୍ୱାରା ପ୍ରତିଷ୍ଠିତ ଜାତୀୟ ରେକର୍ଡକୁ ସେ ଭଙ୍ଗ କରିଛନ୍ତି।

ସକାଳେ ପୂର୍ବଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୩୧୭/୫ରୁ ଖେଳ ଆରମ୍ଭ କରିଥିବା ପାକିସ୍ତାନ ଆଉ ୧୨୧ରନ ଯୋଗ କରି ଏହାର ଅବଶିଷ୍ଟ ୫ଟି ଉଇକେଟ ହରାଇଥିଲା। ପୂର୍ବଦିନ ୩ରନ କରି ନଟଆଉଟ ଥିବା ଆଘା ସଲମନ ତାଙ୍କ କ୍ୟାରିୟରର ପ୍ରଥମ ଟେଷ୍ଟ ଶତକ ହାସଲ କରିଥିଲେ। ସେ ୧୦୩ ରନ କରିବା ସହ ଶେଷ ବ୍ୟାଟ୍ସମ୍ୟାନ ଭାବେ ଆଉଟ ହୋଇଥିଲେ। ସେ ୧୫୫ ବଲ୍‌ର ସାମ୍ନା କରିଥିବା ବେଳେ ୧୭ ଚୌକା ଲଗାଇଥିଲେ।

## ବେହାର୍ଡିନଙ୍କ ଅବସର

**କେପ୍‌ଟାଉନ୍, ୨୭।୧୨ (ପି.ଟି.):** ଦକ୍ଷିଣ ଆଫ୍ରିକାର ସୀମିତ ଓଭର ସ୍ପେଶାଲିଷ୍ଟ ତଥା ପୂର୍ବତନ ଅନ୍ତର୍ଜାତୀୟ ଟି୨୦ ଅଧିନାୟକ ଫରହାନ୍ ବେହାର୍ଡିନ ମଙ୍ଗଳବାର ପ୍ରଫେସନାଲ କ୍ରିକେଟରୁ ତାଙ୍କର ଅବସର ଘୋଷଣା କରିଛନ୍ତି। ୩୯ ବର୍ଷୀୟ ଏହି ଖେଳାଳି ୫୯ ଅନ୍ତର୍ଜାତୀୟ ଦିନିକିଆ ଓ ୩୮ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି। ୨୦୧୭ରେ ସେ ଶ୍ରୀଲଙ୍କା ବିପକ୍ଷରେ ଖେଳାଯାଇଥିବା ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜରେ ଅଧିନାୟକତ୍ୱ କରିଥିଲେ। ସୋସିଆଲ ମିଡିଆରେ ସେ ତାଙ୍କ ନିଷ୍ପତ୍ତି ଘୋଷଣା କରିଛନ୍ତି। ଅଲରାଉଣ୍ଡର ଜଣକ କହିଛନ୍ତି, ୧୮ ବର୍ଷରୁ ଅଧିକ ସମୟ ଖେଳିବା ପରେ ପ୍ରଫେସନାଲ କ୍ରିକେଟ ଛାଡ଼ିବା ନିଷ୍ପତ୍ତି ସହଜ ନ ଥିଲା। ବ୍ୟାଟର ବେହାର୍ଡିନ ତାଙ୍କ କ୍ୟାରିୟରରେ ଅନ୍ତର୍ଜାତୀୟ ଦିନିକିଆରେ ୧୦୭୪ ରନ ସଂଗ୍ରହ କରିଥିବା ବେଳେ ଅନ୍ତର୍ଜାତୀୟ ଟି୨୦ରେ ୫୧୮ ରନ ସଂଗ୍ରହ କରିଥିଲେ।

# ସୂର୍ଯ୍ୟକାନ୍ତଙ୍କୁ ୪ ଉଇକେଟ, ନିଶାନ୍ତଙ୍କ ଶତକ


ନିଶାନ୍ତ ସିନ୍ଧୁ

**ରଣଜୀ ଟ୍ରଫି**

**ଭୁବନେଶ୍ୱର, ୨୭।୧୨ (ସ୍ପୋର୍ଟ୍ସ ବ୍ୟୁରୋ)**

କଟକର ଡ୍ରିମ୍ସ କ୍ରିକେଟ ଗ୍ରାଉଣ୍ଡରେ ଅନୁଷ୍ଠିତ ଓଡ଼ିଶା ବିପକ୍ଷ ରଣଜୀ ଟ୍ରଫି ମ୍ୟାଚର ପ୍ରଥମ ଦିନରେ ୫ ଉଇକେଟରେ ୩୦୬ ରନ୍ କରିଛି ହରିୟାଣା। ୧୯ ବର୍ଷରୁ କମ୍ ଭାରତୀୟ ଦଳର ଖେଳାଳି ନିଶାନ୍ତ ସିନ୍ଧୁ ଅପରାଜିତ ୧୪୨ ରନ୍ କରିଛନ୍ତି। ଓଡ଼ିଶା ପକ୍ଷରୁ ଦ୍ରୁତ ବୋଲର ସୂର୍ଯ୍ୟକାନ୍ତ ପ୍ରଧାନ ୪ ଉଇକେଟ ନେଇଥିଲେ। ଏହି ମ୍ୟାଚରେ ଓଡ଼ିଶା ଏକାଧିକ ସିନିୟର ଖେଳାଳିଙ୍କୁ ବାଦ ଦେଇଥିଲା। ବିପ୍ଳବ ସାମନ୍ତରାୟ, ଦେବବ୍ରତ ପ୍ରଧାନ ଓ ରାଜେଶ ଧୂପରଙ୍କ ବିନା ଦଳ ପଡିଆକୁ ଓହ୍ଲାଇଥିଲା। ଟସ୍ ଜିତି ଶୁଭ୍ରାଂଶୁ ସେନାପତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲେ।

### ସୂର୍ଯ୍ୟକାନ୍ତଙ୍କୁ ୪ ଉଇକେଟ

ଓଡ଼ିଶା ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିବା ବେଳେ ଏହାର ଭରପୂର ଫାଇଦା ଉଠାଇଥିଲେ ସୂର୍ଯ୍ୟକାନ୍ତ। ଆକ୍ରମଣାତ୍ମକ ବ୍ୟାଟିଂ କରୁଥିବା ଓପନର ଅଙ୍କିତ କୁମାର(୨୩)ଙ୍କୁ ମ୍ୟାଚର ସପ୍ତମ ଓଭରରେ ସେ ପ୍ୟାଭିଲିୟନ୍ ପଠାଇଥିଲେ। ଅନ୍ୟତମ ଓପନର ଯୁବରାଜ ସିଂ(୨୫) ଓ ହିମାଂଶୁ ରାଣା(୨୩)ଙ୍କ ମଧ୍ୟରେ ଏକ ଭାଗୀଦାରି ହେଉଥିବା ସମୟରେ ଉଭୟଙ୍କୁ ଆଉଟ କରିଥିଲେ ସୂର୍ଯ୍ୟକାନ୍ତ। ପରବର୍ତ୍ତୀ ବ୍ୟାଟର ଯଶୁ ଶର୍ମାଙ୍କୁ ଖାତା ଖୋଲିବା ପୂର୍ବରୁ ଆଉଟ କରି ହରିୟାଣାକୁ ସଙ୍କଟରେ ପକାଇଥିଲେ ସୂର୍ଯ୍ୟକାନ୍ତ। ସୂର୍ଯ୍ୟକାନ୍ତ ଓଡ଼ିଶା ପାଇଁ ଏକ ଦୃଢ ମୂଳଦୁଆ ସ୍ଥାପନ କରିଥିଲେ ହେଁ ଅନ୍ୟ ବୋଲର ମାନେ ଏହାର ଫାଇଦା ଉଠାଇ ପାରିନଥିଲେ।

### ନିଶାନ୍ତ-ରୋହିତଙ୍କ ଶତକୀୟ ଭାଗୀଦାରି

ହରିୟାଣା ୯୧ ରନରେ ୪ ଉଇକେଟ ହରାଇଥିବା ବେଳେ ୧୯ ବର୍ଷରୁ କମ୍ ଭାରତୀୟ ଦଳର ଅଲରାଉଣ୍ଡର ନିଶାନ୍ତ ସିନ୍ଧୁ ଓ ଉଇକେଟ କିପର ରୋହିତ ପ୍ରମୋଦ ଶର୍ମାଙ୍କ ଶତକୀୟ ଭାଗୀଦାରି ଦଳକୁ ସଙ୍କଟରୁ ଉଦ୍ଧାର କରିଥିଲା। ପଞ୍ଚମ ଉଇକେଟରେ ଉଭୟ ୪୬ ଓଭର ବ୍ୟାଟିଂ କରିବା ସହିତ ୧୫୫ ରନ୍ ଯୋଡିଥିଲେ। ସିନ୍ଧୁ ୨୦୯ ବଲର ସମ୍ମୁଖୀନ ହୋଇ ୨୧ ଚୌକା ଓ ଦୁଇ ଛକା ସହିତ ୧୪୨ ରନ୍‌ରେ ବ୍ୟାଟିଂ କରୁଥିବା ବେଳେ ୧୪୫ ବଲରୁ ୫୫ ରନ କରି ଗୋବିନ୍ଦ ପୋଦ୍ଦାରଙ୍କ ବଲରେ ବୋଲ୍ଡ ହୋଇଥିଲେ ରୋହିତ ପ୍ରମୋଦ। ତାଙ୍କ ଇନିଂସରେ ୭ ଚୌକା ସାମିଲ ଥିଲା।

ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ନିଶାନ୍ତ ୧୪୨ ଓ ଜୟନ୍ତ ଯାଦବ ୨୮ ରନରେ ବ୍ୟାଟିଂ କରୁଛନ୍ତି। ଓଡ଼ିଶା ପକ୍ଷରୁ ସୂର୍ଯ୍ୟକାନ୍ତ ପ୍ରଧାନ ୪ ଓ ଗୋବିନ୍ଦ ପୋଦ୍ଦାର ଗୋଟିଏ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର:** ହରିୟାଣା ପ୍ରଥମ ଇନିଂସ: ୯୦ ଓଭରରେ ୩୦୬/୫(ନିଶାନ୍ତ ସିନ୍ଧୁ-୧୪୨*, ରୋହିତ ପ୍ରମୋଦ-୫୫, ଜୟନ୍ତ ଯାଦବ-୨୮*, ସୂର୍ଯ୍ୟକାନ୍ତ ପ୍ରଧାନ-୪/୬୮, ଗୋବିନ୍ଦ ପୋଦ୍ଦାର- ୧/୪୩।

# ଆକର୍ଷଣର କେନ୍ଦ୍ରରେ ଦିଶା, ରଣବୀର


ଦିଶା ପଟାନୀ


ରଣବୀର ସିଂ


ଲିସା ମିଶ୍ର


ଶ୍ରେୟା ଲେଙ୍କା

ଏଫ୍ଆଇଏଚ୍ ଓଡ଼ିଶା ପୁରୁଷ ହକି ବିଶ୍ୱକପ୍ ଭୁବନେଶ୍ୱର ଓ ରାଉରକେଲାରେ ଆସନ୍ତା ଜାନୁୟାରୀ ୧୩ରୁ ୨୯ ଯାଏ ଅନୁଷ୍ଠିତ ହେବ। କଟକରେ ଅନୁଷ୍ଠିତ ହେବ ଏହାର ରଙ୍ଗାରଙ୍ଗ ଉଦ୍‌ଘାଟନୀ ଉତ୍ସବ। ଟୁର୍ନାମେଣ୍ଟ ଆରମ୍ଭ ହେବାର ଦୁଇ ଦିନ ପୂର୍ବରୁ ୧୧ ଜାନୁୟାରୀ ୨୦୨୩ରେ କଟକର ଐତିହାସିକ ବାରବାଟୀ ଷ୍ଟାଡିୟମରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ। ଏଥିରେ ବିଭିନ୍ନ ଅତିଥି ରାଷ୍ଟ୍ର ସହିତ ଆୟୋଜକ ରାଷ୍ଟ୍ର ଭାରତର ପ୍ରତିନିଧି ଉପସ୍ଥିତ ରହିବେ। 'ସେଲିବ୍ରେସନ୍' ନାମକ ଏହି କାର୍ଯ୍ୟକ୍ରମରେ ଉତ୍ସବ, ଲେଜର ଶୋ ଏବଂ ସଂସ୍କୃତିର ଝଲକ ଦେଖିବାକୁ ମିଳିବ। ଟୁର୍ନାମେଣ୍ଟର ଦୁଇଦିନ ପୂର୍ବରୁ ହେବାକୁ ଥିବା ଏହି କାର୍ଯ୍ୟକ୍ରମଟି ବିଶେଷତଃ ବହୁ ଷ୍ଟାର କଳାକାରଙ୍କୁ ନେଇ ହେବ ବୋଲି ଜଣାପଡିଛି। ଏଥିରେ ଓଡ଼ିଶାର କଳା ଓ ସଂସ୍କୃତିର ଝଲକ ଦେଖିବାକୁ ପାଇବେ ୧୫ ଭ୍ରମଣକାରୀ ରାଷ୍ଟ୍ର। ଭାରତ ଓ ଓଡ଼ିଶା କ୍ରମାଗତ ଦ୍ୱିତୀୟ ଥର ପାଇଁ ଏହି ସମ୍ମାନଜନକ ଟୁର୍ନାମେଣ୍ଟ ଆୟୋଜନ କରୁଥିବା ବେଳେ ସମସ୍ତ ଭ୍ରମଣକାରୀ ରାଷ୍ଟ୍ରଙ୍କ ପାଇଁ ଏକ ଅଦ୍ୱିତୀୟ ଶୋ'ର ଆୟୋଜନ ଲାଗି ପଥ ପ୍ରସ୍ତୁତ ହୋଇ ସାରିଛି। ପାରମ୍ପରିକ ଓଡ଼ିଆ ନାଚଗୀତ ସହିତ ଲେଜର ଲାଇଟ ଶୋ'ରେ ଦର୍ଶକ ଅଭିଭୂତ ହେବେ। କେବଳ ଷ୍ଟାଡିୟମରେ ବସିଥିବା ଦର୍ଶକ ନୁହନ୍ତି ବରଂ ଟିଭିରେ ମଧ୍ୟ ଏହାର ମଜା ନେଇପାରିବେ ସମଗ୍ର ଭାରତର ଦର୍ଶକ। ଏହି ସେଲିବ୍ରେଶନ୍ ଆମ ଦେଶ ଓ ରାଜ୍ୟ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କ୍ରମାଗତ ଦ୍ୱିତୀୟ ଥର ପାଇଁ ଆମେ ଏହି ସମ୍ମାନଜନକ ଟୁର୍ନାମେଣ୍ଟ ଆୟୋଜନ କରୁଥିବା ବେଳେ ଏହି କାର୍ଯ୍ୟକ୍ରମ ଆମ କଳା ଓ ସଂସ୍କୃତିର ପ୍ରତୀକ ରହିବ ବୋଲି ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ପ୍ରକାଶ କରିଛନ୍ତି। ଓଡ଼ିଶାର ସ୍ଥାନୀୟ କଳାକାର, ବଲିଉଡ୍, ପାରମ୍ପରିକ ଗୀତିକାର ଓ ବିଦେଶୀ ନାଟକକୁ ମଧ୍ୟ ଏହି ତାଲିକାରେ ସ୍ଥାନିତ କରାଯାଇଛି। ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରି ହକିର ସ୍ପିରିଟ୍‌କୁ ଅନୁଭବ କରିବାକୁ ସମସ୍ତଙ୍କୁ ଆମନ୍ତ୍ରଣ କରିଛନ୍ତି ହକି ଇଣ୍ଡିଆ ସଭାପତି। ରଣବୀର ସିଂ ଓ ଦିଶା ପଟାନୀ ଏହି ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ରହିବେ। ଏହା ବ୍ୟତୀତ ବ୍ଲାକ ସ୍ୱାନ୍ ଏବଂ ଓଡ଼ିଆ ଝିଅ ଶ୍ରୀୟା ଲେଙ୍କାଙ୍କ କେ ପପ୍ ବ୍ୟାଣ୍ଡ ମଧ୍ୟ ଏଥିରେ ପ୍ରଦର୍ଶନ ହେବ। ହକି ବିଶ୍ୱକପ ୨୦୨୩ର ଗୀତ ଓ ସଙ୍ଗୀତ ଲେଖିଥିବା ପ୍ରୀତମଙ୍କ ସହିତ ବେନି ଦୟାଲ, ନୀତି ମୋହନ, ଲିସା ମିଶ୍ର, ଅମିତ ମିଶ୍ର, ଅନ୍ତରା ମିତ୍ର, ଶ୍ରୀରାମ ଚନ୍ଦ୍ରା, ନକାଶ ଅଜିଜ ଓ ସଲମାଲି ଖୋଲଗାଡେଙ୍କ ସହିତ ଓଡ଼ିଶାର ନମିତା ମେଲେକା ଗୀତ ଗାଇବେ। ଗୁରୁ ଅରୁଣା ମହାନ୍ତି ଓ ଜାତୀୟ ପୁରସ୍କାର ବିଜେତା ଶୈମାକ ଦାବର ଏହି କାର୍ଯ୍ୟକ୍ରମର କୋରିଓଗ୍ରାଫ କରିବେ। ଏହା ସହିତ ଅନେକ ସ୍ଥାନୀୟ କଳାକାର ମଧ୍ୟ ଏହି ସନ୍ଧ୍ୟାର ଅଂଶବିଶେଷ ରହିବେ।

**ହକି ବିଶ୍ୱକପ୍ ଉଦ୍‌ଘାଟନୀ**

**ହକି ବିଶ୍ୱକପ୍**




**ଆଉ ୧୬ ଦିନ**

## କେବଳ ଅନ୍‌ଲାଇନ୍‌ରେ ଟିକେଟ ବିକ୍ରି

**ଭୁବନେଶ୍ୱର, ୨୭।୧୨ (ସ୍ପୋର୍ଟ୍ସ ବ୍ୟୁରୋ):** ଏଫ୍ଆଇଏଚ୍ ପୁରୁଷ ହକି ବିଶ୍ୱକପ୍ ପୂର୍ବରୁ ବାରବାଟୀ ଷ୍ଟାଡିୟମରେ ହେବାକୁ ଥିବା ଉଦ୍‌ଘାଟନୀ ସମାରୋହ ପାଇଁ ବୁଧବାରଠାରୁ ଟିକେଟ ବିକ୍ରି ଆରମ୍ଭ ହେବ। କେବଳ ଅନ୍‌ଲାଇନରେ ଏହି ଟିକେଟ ଉପଲବ୍ଧ ଥିବା ବେଳେ ବୁଧବାର ଅପରାହ୍ଣ ୧୨ଟାରୁ ଟିକେଟ ବିକ୍ରି ଆରମ୍ଭ ହେବ। ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମ ପେଟିଏମ୍ ଇନ୍‌ସାଇଡରରେ ଏହି ଇଭେଣ୍ଟର ଟିକେଟ ଉପଲବ୍ଧ ହେବ।



## ପୁଷ୍ଟି ଶସ୍ୟ ବୁଣା ଯନ୍ତ୍ର

ଆମ ରାଜ୍ୟରେ ବିଭିନ୍ନ ପ୍ରକାର ପୁଷ୍ଟିଶସ୍ୟ ଯଥା ମାଣ୍ଡିଆ, ସୁଆଁ, ବାଜରା, ଜହ୍ନା, ବିଲସୁଆଁ ଆଦି ଚାଷ କରାଯାଇଥାଏ। ଏହି ସବୁ ଫସଲଗୁଡ଼ିକୁ ଧାଡ଼ିରେ ବୁଣି ଅଧିକ ଅମଳ ପାଇବା ପାଇଁ ବିଶ୍ୱବିଦ୍ୟାଳୟର ସର୍ବଭାରତୀୟ ପଶୁଶକ୍ତିର ସଦୁପଯୋଗ ଗବେଷଣା ପ୍ରକଳ୍ପ ଦ୍ୱାରା ଏକ ଚାରିଧାଡ଼ିଆ ପୁଷ୍ଟିଶସ୍ୟ ବୁଣା ଯନ୍ତ୍ର ବିକଶିତ କରାଯାଇ ଚାଷୀମାନଙ୍କୁ ସରକାରୀ ରିହାତି ସହ ଉପଲବ୍ଧ କରିବା ପାଇଁ ପଦକ୍ଷେପ ନିଆଯାଇଛି। ପାରମ୍ପରିକ ଲଙ୍ଗଳ ପଛରେ ଧାଡ଼ିରେ ବୁଣିଲେ ହେକ୍ଟର ପ୍ରତି ୪୦୦୦ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଏହି ଯନ୍ତ୍ର ବ୍ୟବହାର କଲେ ୧୨୧୦ ଟଙ୍କା ଖର୍ଚ୍ଚ ହୋଇଥାଏ।





## କଳିଙ୍ଗ ସୁଆଁ ୧୮

୨୦୨୩ ବର୍ଷଟି 'ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟର ବର୍ଷ' ଭାବରେ ପାଳନ ହେବାକୁ ଯାଉଛି। ଏଥିଲାଗି ଚଳିତ ବର୍ଷ ଓୟୁଏଟି ଅଧୀନ ସର୍ବଭାରତୀୟ ସମନ୍ୱିତ ପୁଷ୍ଟିଶସ୍ୟ ଗବେଷଣା ପ୍ରକଳ୍ପରୁ ବିକଶିତ ସୁଆଁ ଫସଲର ଏକ କିସମ 'କଳିଙ୍ଗ ସୁଆଁ ୧୮' କେନ୍ଦ୍ରୀୟ କିସମ (ବିହନ) ସମିତି ଦ୍ୱାରା ଓଡ଼ିଶା, ଆନ୍ଧ୍ରପ୍ରଦେଶ ଓ କର୍ନାଟକରେ ଚାଷ କରାଯିବା ପାଇଁ ମଞ୍ଜୁରିପ୍ରାପ୍ତ ହୋଇଛି। ଏହି କିସମଟି ୯୨ ଦିନରେ ଅମଳ ହେଉଥିବା ବେଳେ ହେକ୍ଟର ପ୍ରତି ୧୬୮୮ କେ.ଜି. ହାରାହାରି ଅମଳ ଦେଇଥାଏ। ଏହା ମଧ୍ୟ ପତ୍ରପୋଡ଼ା, ବାଦାମୀ ପତ୍ରଦାଗ ରୋଗ ପ୍ରତିରୋଧୀ ହେବା ସହ ଫଳବିନ୍ଧା ମାଛି ସହଣୀ କ୍ଷମତା ରହିଛି।

## ପ୍ରାଣୀଙ୍କ ଲମ୍ପି ଚର୍ମ ରୋଗ ନିୟନ୍ତ୍ରଣ ଓ ନିରାକରଣ

ଚଳିତ ବର୍ଷ ରାଜ୍ୟରେ ଗୋରୁଙ୍କଠାରେ ଲମ୍ପି ଚର୍ମରୋଗ ବା ଚର୍ମବିଣ୍ଡି ରୋଗ ପ୍ରାଦୁର୍ଭାବ ଦେଖାଦେଇଛି। ଗୋରୁ ଏହି ଭୂତାଣୁଜନିତ ଚର୍ମରୋଗରେ ପୀଡ଼ିତ ହେଲେ ଜ୍ୱର ହେବା, ସର୍ବାଙ୍ଗ ଶରୀରର ଚର୍ମରେ ବସନ୍ତ ପରି କଳା ରଙ୍ଗର ଟାଣ ଫୋଟକମାନ ସୃଷ୍ଟି ହେବା ସହିତ ଯନ୍ତ୍ରଣା ଦେବା, ଦୁଗ୍ଧ ଉତ୍ପାଦନ କମିଯିବା ଇତ୍ୟାଦି ଲକ୍ଷଣ ପ୍ରକାଶପାଏ। ସେଥିପାଇଁ ଆକ୍ରାନ୍ତ ଗୋରୁ ବା ସୁସ୍ଥ ପ୍ରାଣୀଠାରୁ ଅଲଗା ରଖିବା, ମଶା, ଡାଆଁଶ ଓ ଟିଙ୍କ ଦାଉରୁ ନିବୃତ୍ତ ରଖିବା, ଗୁହାଳ ପରିବେଶ ସଫା ରଖିବା, ସୁସ୍ଥ ଗୋରୁଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ତୁରନ୍ତ ପ୍ରତିଷେଧକ ଟିକା ପ୍ରଦାନ କରିବା ନେଇ ବିଭାଗୀୟ ପରାମର୍ଶ ନେବାକୁ ପଡ଼ିଥାଏ। ସେଥିପାଇଁ ବିଭାଗ ତରଫରୁ ବ୍ୟାପକ ଟିକା ପ୍ରଦାନ କରାଯାଉଛି। ରିପୋର୍ଟ ଅନୁସାରେ ଚଳିତ ମାସ ୨୩ ତାରିଖ ସୁଦ୍ଧା ୪୨ଲକ୍ଷ ୩୦ହଜାର ଗୋରୁଙ୍କୁ ପ୍ରତିଷେଧକ ଟିକା ପ୍ରଦାନ କରାଯାଇଛି।

# ଦୃଷ୍ଟାନ୍ତ

ଶେଷ ପାଦରେ ଉପନୀତ ୨୦୨୨। ଚଳିତ ବର୍ଷ କୃଷି, ମତ୍ସ୍ୟ ଏବଂ ପ୍ରାଣୀପାଳନ କ୍ଷେତ୍ରରେ ସଂଘଠିତ ଘଟଣାବଳୀ ସମ୍ପର୍କରେ...





## ମଣ୍ଡା ମଇଁଷିର ପଞ୍ଜୀକରଣ

ଓଡ଼ିଶାର ନିଜ ମାଟିରେ ବିଭିନ୍ନ ପଶୁପକ୍ଷୀଙ୍କର ପଞ୍ଜୀକରଣ କରିବାରେ ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ମୁଖ୍ୟ ଭୂମିକା ରହିଛି। ଏହି ବର୍ଷ କୋରାପୁଟ, ରାୟଗଡ଼ା ଓ ମାଲକାନଗିରି ଜିଲାରେ ଦେଖାଯାଉଥିବା ମଣ୍ଡା ମଇଁଷିର ସମଗ୍ର ଭାରତର ୧୯ତମ ପ୍ରଜାତି ଭାବରେ ପଞ୍ଜୀକରଣ କରାଯାଇଛି। ଏହି ମଇଁଷିର ବିଭିନ୍ନ ରୋଗ ପ୍ରତିରୋଧକ ଶକ୍ତି ରହିଥିଲା ବେଳେ ଏହା ଅଧିକ ତାପମାତ୍ରା ମଧ୍ୟ ସହିପାରେ। ଏହା ମଧ୍ୟମ ଆକାରର ମଇଁଷି ହୋଇଥିବା ବେଳେ ହଳ କରିବା ସହ କ୍ଷୀର ମଧ୍ୟ ଦେଇପାରେ। ଏହା ଦୈନିକ ପ୍ରାୟ ୧.୫ ଲିଟର ପର୍ଯ୍ୟନ୍ତ କ୍ଷୀର ଦେଇଥାଏ।

## ଓୟୁଏଟି କଳିଙ୍ଗ ପଲ୍ଲିଶ୍ରୀ କୁକୁଡ଼ା

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ପକ୍ଷରୁ ରଙ୍ଗିନ ମାଂସଳ କୁକୁଡ଼ା 'ପଲ୍ଲିଶ୍ରୀ' ୩ ବର୍ଷ ପରେ ପୁଣି ଥରେ ଉପଲବ୍ଧ ହୋଇଛି। ବାର୍ଡ ଫ୍ଲୁ ଓ କୋଭିଡ୍ ଜନିତ ଅସୁବିଧା ପାଇଁ ସମ୍ପୂର୍ଣ୍ଣ ଭାବରେ ଲୋପପାଇଯାଇଥିବା ଏହି ପ୍ରକାର କୁକୁଡ଼ା ବିଶ୍ୱବିଦ୍ୟାଳୟ ଅଧୀନ ସର୍ବଭାରତୀୟ କୁକ୍କୁଟ ପ୍ରଜନନ ପ୍ରକଳ୍ପର ଗବେଷଣା ମାଧ୍ୟମରେ ପୁଣିଥରେ ବିକଶିତ କରାଯାଇ 'ଓୟୁଏଟି କଳିଙ୍ଗ ପଲ୍ଲିଶ୍ରୀ' ନାମରେ ଚାଷୀମାନଙ୍କୁ ଉପଲବ୍ଧ କରାଯାଇପାରିଛି। ଏହି କୁକୁଡ଼ା ତା'ର ରଙ୍ଗ ଓ ସ୍ୱାଦ ପାଇଁ କୁକୁଡ଼ା ଚାଷୀମାନଙ୍କୁ ଆକର୍ଷିତ କରିଆସିଛି।

## ମାଣ୍ଡିଆ ଅମଳ ଓ ସଫା କରିବା ଯନ୍ତ୍ରର ପ୍ୟାଟେଣ୍ଟ

ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ରୁ ବିକଶିତ 'ଓୟୁଏଟି ମାଣ୍ଡିଆ ଅମଳ ଓ ସଫା କରିବା ଯନ୍ତ୍ର'କୁ ୨୦୨୨ ମସିହାରେ ଭାରତ ସରକାରଙ୍କ ଦ୍ୱାରା ପ୍ୟାଟେଣ୍ଟ ମଞ୍ଜୁରୀ ମିଳିଛି। ଆମ ରାଜ୍ୟର ଓଡ଼ିଶା ମିଲେଟ ମିଶନ ଜରିଆରେ ୧୫ଟି ଜିଲାରେ ୮୦୦ଟି ମାଣ୍ଡିଆ ଅମଳ ଓ ସଫା କରିବା ଯନ୍ତ୍ର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ, କ୍ଷୁଦ୍ର ତଥା ନାମମାତ୍ର ଚାଷୀମାନଙ୍କ ପାଖରେ ଉପଲବ୍ଧ କରାଯାଇଛି। ଏହି ଯନ୍ତ୍ରରେ ମାଣ୍ଡିଆ ଅମଳ କରି ସଫା କରିବା ପାଇଁ ୧ ଘଣ୍ଟାକୁ ୩୩ ପଇସା ଖର୍ଚ୍ଚ ହେଉଥିବା ବେଳେ ପାରମ୍ପରିକ ପଦ୍ଧତି ବା ମଣିଷ ଦ୍ୱାରା ଏହି କାମ କଲେ ଘଣ୍ଟା ପ୍ରତି ପ୍ରାୟ ୫ ଟଙ୍କା ଖର୍ଚ୍ଚ ହୋଇଥାଏ।




## ପ୍ରାଣୀ ସମ୍ପଦ ସମ୍ପର୍କିତ ୫ ପୁସ୍ତକ



ଡା. ବୀରକିଶୋର ପରିଡ଼ା

ଚଳିତ ବର୍ଷ ଜଗତ୍‌ସିଂହପୁର ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ତଥା ବିଶିଷ୍ଟ ପ୍ରାଣୀ ବିଶେଷଜ୍ଞ ଡା. ବୀରକିଶୋର ପରିଡ଼ାଙ୍କ ଦ୍ୱାରା ରଚିତ ପାଞ୍ଚଟି ପୁସ୍ତକ ଏକାଥରେ ଉନ୍ମୋଚିତ ହୋଇ ପାଠକାଦୃତି ଲାଭ କରିବାରେ ସକ୍ଷମ ହୋଇଛି। ପ୍ରାଣୀ ସମ୍ପଦ ସମ୍ପର୍କିତ ବେଶ୍ ଉପାଦେୟ ବିଷୟବସ୍ତୁ ଏହି ପୁସ୍ତକଗୁଡ଼ିକରେ ସ୍ଥାନିତ ହୋଇଛି।

## ଜାତୀୟ ଗୋପାଳନ ସମ୍ମିଳନୀ

ଓମ୍‌ଫେଡ୍ ଏବଂ ଜିଲା ପ୍ରଶାସନ, ବଲାଙ୍ଗୀରର ମିଳିତ ଆନୁକୂଲ୍ୟରେ ଜାତୀୟ ଗୋପାଳନ ସମ୍ମିଳନୀ–୨୦୨୨କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟିତ ହୋଇଯାଇଛି। ଦୁଗ୍ଧ ଉତ୍ପାଦନ (ଡେରୀ) କ୍ଷେତ୍ରରେ ନୂତନ ବୈଷୟିକ ଜ୍ଞାନକୌଶଳ ବ୍ୟବହାରକୁ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି। ଏହାଦ୍ୱାରା ଗ୍ରାମାଞ୍ଚଳରେ ଦୁଗ୍ଧ ଚାଷ ଦ୍ୱାରା ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

## ଛେଳିଠାରେ କୃତ୍ରିମ ପ୍ରଜନନ

ରାଜ୍ୟରେ ଗାଈ ପରି ଛେଳିଠାରେ ଉନ୍ନତ ମାନର ବୋଦାର ବିହନ ଓ ଶୁକ୍ରାଣୁ ବ୍ୟବହାର କରି ରାଜ୍ୟ ସରକାରଙ୍କ ଦ୍ୱାରା କୃତ୍ରିମ ପ୍ରଜନନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି।

## ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା

ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଚଳିତ ବର୍ଷ ପ୍ରାଣୀପାଳନ ସହିତ କୃଷି, ଉଦ୍ୟାନ କୃଷି ଉପରେ ଆର୍ଥିକ ପ୍ରୋତ୍ସାହନ ନିମନ୍ତେ ବ୍ୟାପକ ବ୍ୟବସ୍ଥା କରାଯାଇଛି। ବିଭିନ୍ନ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମାଧ୍ୟମରେ ଏହି ଯୋଜନାରେ ଗୋପାଳନ, ଛେଳି ପାଳନ, ବତକ ପାଳନ, କୁକୁଡ଼ା ପାଳନ, ସମନ୍ୱିତ ମାଛଚାଷ ସହିତ ପ୍ରାଣୀପାଳନ ନିମନ୍ତେ ଋଣ ପ୍ରଦାନ କରାଯାଇଛି। ତା'ସହ ଉଦ୍ୟୋଗୀମାନଙ୍କୁ ନିଜସ୍ୱ ପାଣ୍ଠିରୁ ମଧ୍ୟ ଏହି ଯୋଜନାରେ ସବ୍‌ସିଡ୍ ପ୍ରଦାନ କରାଯାଇଛି। ଉକ୍ତ ଯୋଜନାରେ ସାଧାରଣବର୍ଗଙ୍କ ପାଇଁ ୪୦ ପ୍ରତିଶତ ରିହାତି ବ୍ୟବସ୍ଥା ଥିବା ବେଳେ ଅନୁସୂଚିତ ଜାତି, ଜନଜାତି ଓ ମହିଳାଙ୍କ ପାଇଁ ୫୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି।

## ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ...

ରାଷ୍ଟ୍ରୀୟ କୃତ୍ରିମ ପ୍ରଜନନ କାର୍ଯ୍ୟକ୍ରମ ଚଳିତବର୍ଷ ଅଗଷ୍ଟ ୧ରୁ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଗୋସମ୍ପଦର ବିକାଶ ସହ ଦୁଗ୍ଧ ଉତ୍ପାଦନ ବୃଦ୍ଧି ଲାଗି ପ୍ରୟାସ କରାଯାଉଛି।

## କୃତ୍ରିମ ପ୍ରଜନନରେ ଲିଙ୍ଗ ନିରୂପିତ ଶୁକ୍ର ବ୍ୟବହାର

ସାଧାରଣତଃ କୃତ୍ରିମ ପ୍ରଜନନ ଦ୍ୱାରା ୫୦ପ୍ରତିଶତ ଉନ୍ନତ ମାନର ଓ ୫୦ପ୍ରତିଶତ ଅଣ୍ଡିରା ବାଛୁରୀ ଜନ୍ମ ହେବାର ସମ୍ଭାବନା ଥାଏ। ଆଜିକାଲି ଚାଷକାର୍ଯ୍ୟରେ କଳ ଲଙ୍ଗଳର ବହୁଳ ବ୍ୟବହାର ଯୋଗୁ ଅଣ୍ଡିରା ବାଛୁରୀକୁ ବଳଦ କରି ଚାଷ କରି ଫସଲ ଉତ୍ପାଦନ କରିବା ଚାଷୀଙ୍କ ପାଇଁ ବ୍ୟୟବହୁଳ ହୋଇପଡୁଛି। ଫଳରେ ଗୋପାଳକମାନେ ଅଣ୍ଡିରା ବାଛୁରୀକୁ ବାହାରେ ଛାଡ଼ିଦେବାରୁ ବୁଲାଷଣ୍ଢଙ୍କ ସଂଖ୍ୟା ବୃଦ୍ଧି ପାଇଛି। ତେଣୁ ସରକାର କୃତ୍ରିମ ପ୍ରଜନନରେ ଲିଙ୍ଗ ନିରୂପିତ ଶୁକ୍ର ବ୍ୟବହାର ପାଇଁ ପ୍ରତ୍ୟେକ ଜିଲାକୁ ବଣ୍ଟନ କରିଛନ୍ତି। ଫଳରେ ୯୦ପ୍ରତିଶତରୁ ଊର୍ଦ୍ଧ୍ୱ କେବଳ ଉନ୍ନତ ମାଈ ବାଛୁରୀ ସୃଷ୍ଟି ହେବା ସହିତ ଅଧିକ ଦୁଧିଆଳୀ ଗାଈ ସୃଷ୍ଟିହେବା ସହ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଛି। ସେଥିପାଇଁ ସରକାର ପ୍ରତି ସିମେନ୍ ଡୋଜ୍‌ରେ ୭୫ ପ୍ରତିଶତ ରିହାତି ପ୍ରଦାନ କରୁଛନ୍ତି।

## ଜାତୀୟ ପ୍ରାଣୀରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ

ରାଜ୍ୟରେ ଫାଟୁଆ ରୋଗ ଏବଂ ବ୍ରୁସେଲୋସିସ୍ ରୋଗର ନିୟନ୍ତ୍ରଣ ଏବଂ ନିରାକରଣ ନିମନ୍ତେ 'ଜାତୀୟ ପ୍ରାଣୀରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ–୨' ମାଧ୍ୟମରେ ବ୍ୟାପକ ଫାଟୁଆ ଟିକା ଗୋରୁଙ୍କୁ ପ୍ରଦାନ ସହ ୪ରୁ ଊର୍ଦ୍ଧ୍ୱ ମାସର ମାଈ ବାଛୁରୀଙ୍କୁ ବ୍ରୁସେଲା ଟିକା ପ୍ରଦାନ କରାଯାଇପାରିବ।

## ସବୁଜ ଗୋଖାଦ୍ୟ ଫସଲ

ରାଜ୍ୟରେ ସବୁଜ ଗୋଖାଦ୍ୟର ଚାହିଦା ମେଣ୍ଟାଇବା ପାଇଁ ଖରିଫ ଏବଂ ରବିଋତୁରେ ବିଭିନ୍ନ କିସମର ଘାସମଞ୍ଜି ଯଥା–ମକା, ବରଗୁଡ଼ି, ବର୍‌ସିମ୍, ଓଟ୍, ସର୍‌ଗମ୍ ଆଦି ଗୋଚାଷୀମାନଙ୍କୁ ମାଗଣାରେ ବଣ୍ଟନ କରାଯାଇଛି। ଏହାବ୍ୟତୀତ ରାଜ୍ୟ ଯୋଜନା ଅଧୀନରେ ସବୁଦିନିଆ ଘାସଚାଷ ନିମନ୍ତେ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦିଆଯିବା ସହିତ ଆଜୋଲା ଚାଷ, ଶସ୍ୟର ଅବଶିଷ୍ଟାଂଶ ସୁବିନିଯୋଗ ପାଇଁ ଉପଚାର ନିମନ୍ତେ ବିହନ ଉପଚାର, ସରଞ୍ଜାମ ଏବଂ ଘାସକଟା ଯନ୍ତ୍ର ଆଦି ଯୋଗାଇ ଦିଆଯାଇଛି।





## ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ: କ୍ରମାଗତ ୨ଦିନ ଲାଗି ଷ୍ଟକ୍ ବଜାର କାରବାରରେ ପ୍ରାୟ ୨% ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ୨ୟ କାର୍ଯ୍ୟଦିବସର ଫଳାଫଳ ଶେୟାର ବଜାରର ନିବେଶକଙ୍କ ମନରେ ଉତ୍ସାହ ଭରିଦେଇଛି। ବିଶେଷକରି ମଙ୍ଗଳବାରର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୩୬୧ (୩୬୧.୦୧) ପଏଣ୍ଟ ଖସି ୬୦,୯୨୭ (୬୦,୯୨୭.୪୩) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୧୧୮(୧୧୭.୭୦) ପଏଣ୍ଟ ବୃଦ୍ଧି ଘଟି ୧୮,୧୩୨ (୧୮,୧୩୨.୩୦) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...............................



ସୋହନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# 'ସ୍ୱପ୍ନର ଉଦ୍ୟୋଗ ପାଇଁ ଆନ୍ତରିକତା ଆବଶ୍ୟକ'

### ଜାତୀୟ ଏସ୍‌ସି-ଏସ୍‌ଟି ହବ୍ କନ୍‌କ୍ଲେଭ୍




ମଞ୍ଚାସୀନ ସିଏଜି ଗିରୀଶ ଚନ୍ଦ୍ର ମୁର୍ମୁ, କେନ୍ଦ୍ରମନ୍ତ୍ରୀ ଭାନୁ ପ୍ରତାପ ସିଂହବର୍ମା ଓ ଅନ୍ୟମାନେ।

ବାରିପଦା ଅଫିସ,୨୭।୧୨

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଶହୀଦ ସ୍ମୃତି ଭବନ ପରିସରରେ ମଙ୍ଗଳବାର ଭାରତ ସରକାରଙ୍କ ସୂକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ୟୋଗ(ଏମ୍ଏସ୍ଏମ୍ଇ) ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ଏସ୍‌ସି-ଏସ୍‌ଟି ହବ୍ କନ୍‌କ୍ଲେଭ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭାରତ ସରକାରଙ୍କ କ୍ରମ୍ପଟ୍ରୋଲର ଅଡିଟର ଜେନେରାଲ(ସିଏଜି) ଗିରୀଶ ଚନ୍ଦ୍ର ମୁର୍ମୁ ଏବଂ ସୂକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ୟୋଗ ରାଷ୍ଟ୍ରମନ୍ତ୍ରୀ ଭାନୁ ପ୍ରତାପ ସିଂହବର୍ମା ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଉଭୟ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ହସ୍ତଶିଳ୍ପ, ଡୋକ୍ରା ଶିଳ୍ପ ଆଦି ପ୍ରଦର୍ଶନୀକୁ ବୁଲି ଦେଖିଥିଲେ। ଏମ୍ଏସ୍ଏମ୍ଇ ସଚିବ ବି.ବି. ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଏସ୍ଏମ୍ଇର ଯୁଗ୍ମ ସଚିବ ମାର୍ସୀ ଇପାଓ, ଏନ୍ଏସ୍ଏସ୍ଏଚ୍ ଏବଂ ଏନ୍ଏସ୍ଆଇସିର ଜେନେରାଲ ମ୍ୟାନେଜର କେ.କେ. ଶର୍ମା, ସ୍ୱାଧୀନ ନିର୍ଦ୍ଦେଶକ କାଳନ୍ଦୀ ଚରଣ ସାମଲ, ଏସ୍ଏମ୍ଇର ଏଡିସି ଡ.ଇଶିତା ଗାଙ୍ଗୁଲି ତ୍ରିପାଠୀ, ପୂର୍ବଭାଗ(୨)ର ଜେଡ୍ ଜିଏମ୍ ସାଜିଦ ହୁସେନ ସିଦ୍ଦିକି, ଡିସି ଏସ୍ଏମ୍ଇର ଏଡିସି ସୁଧା କେଶରୀ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଅତିଥିମାନେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ନିଜ ସ୍ୱପ୍ନର ଉଦ୍ୟୋଗ ନିର୍ମାଣ କରିବା ପାଇଁ ଆନ୍ତରିକତା ରହିବା ଉଚିତ ବୋଲି ଏମ୍ଏସ୍ଏମ୍ଇ ସଚିବ ସ୍ୱାଇଁ ମତପ୍ରକାଶ କରିଥିଲେ। ଛୋଟ ଛୋଟ ଯୋଜନାରୁ ସଫଳତା ମିଳିଲେ ଆଦିବାସୀମାନଙ୍କ ଆର୍ଥିକ ବିକାଶ ହେବା ସହ ରାଷ୍ଟ୍ରର ଉନ୍ନତି ସାଧନ ହୋଇପାରିବ ବୋଲି ମନ୍ତ୍ରୀ ସିଂହବର୍ମା ମତବ୍ୟକ୍ତ କରିଥିଲେ। ଏହା ସହିତ କେନ୍ଦ୍ର ସରକାରଙ୍କ ଯୋଜନାଗୁଡ଼ିକ ସଫଳତାର ସହିତ କାର୍ଯ୍ୟକାରୀ କରି ଆତ୍ମନିର୍ଭରଶୀଳ ହେବାକୁ ସେ ପରାମର୍ଶ ଦେଇଥିଲେ। ସେହିପରି କର୍ମ ନିଯୁକ୍ତିଲାଗି ଉଦ୍ୟୋଗର ଆବଶ୍ୟକତା ରହିଛି। ଦେଶରେ ୬.୫କୋଟି ଉଦ୍ୟୋଗ ରହିଥିବା ବେଳେ ମାତ୍ର ୧.୩କୋଟି ଉଦ୍ୟୋଗ ରେଜିଷ୍ଟ୍ରେଶନ କରିଛନ୍ତି। ଅନ୍ୟମାନଙ୍କୁ ରେଜିଷ୍ଟ୍ରେଶନ କରାଇପାରିଲେ ସରକାରୀ ସହାୟତା ମିଳିବା ସହ ବେକାର ଯୁବତୀ ଯୁବକ ଆତ୍ମନିର୍ଭରଶୀଳ ହୋଇପାରିବେ। ନିଜ ଉଦ୍ୟମରେ କାର୍ଯ୍ୟ ଆରମ୍ଭ କରି ଟେକ୍ନୋଲୋଜିର ବ୍ୟବହାର, ସରକାରୀ ସହାୟତା, ମାର୍କେଟିଂର ବ୍ୟବସ୍ଥା, ତାଲିମ ଗ୍ରହଣ ଓ ଉତ୍ତମମାନର ଡିଜାଇନିଂ ପ୍ରସ୍ତୁତ କରିପାରିଲେ ତାହା ଦେଶ ବିଦେଶରେ ଆଦୃତି ଲାଭ କରିବ ବୋଲି ସିଏଜି ମୁର୍ମୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଏସ୍ଏମ୍ଇର ସଫଳ ଉଦ୍ୟୋଗୀ ସୁଜିତ ପରିଡ଼ା, ଜୟଦେବ ବେହେରା ଓ ତୁଷାର ରଞ୍ଜନ ସୋରେନ୍, ଖଦି ଉଦ୍ୟୋଗର ସଫଳ ଉଦ୍ୟୋଗୀ ତଥା ସିପେଟରୁ ତାଲିମ ନେଇ ସଫଳତା ପାଇଥିବା ସରସ୍ୱତୀ ମାଝି, ଅଖିଳ ତରେଇ, ଘନଶ୍ୟାମ ସିଂ, ମଞ୍ଜୁଲତା ସେଠୀ, ମିସ୍ ଭାରତୀ ମୁର୍ମୁ, ଲକ୍ଷ୍ମୀକାନ୍ତ ମୁର୍ମୁ, ଶରତ ଚନ୍ଦ୍ର ସିଂ, ମିସ ଦୁଲି ହେମ୍ବ୍ରମ ଓ ଗୋବିନ୍ଦ ବାସ୍କେଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଏମ୍ଏସ୍ଏମ୍ଇ ବୁକ୍‌ଲେଟ୍ ପୁସ୍ତକ ଓ ହିତାଧିକାରୀଙ୍କର ଓଡ଼ିଆରେ ଅନୁବାଦ ଡାଇରେକ୍ଟୋରିକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଟି.କେ.ଗୁପ୍ତା ଧନ୍ୟବାଦ ଅର୍ପଣ କରିଥିଲେ।

## ନେକ୍ସସ୍ ମଲ୍‌ସର ନୂତନ ଅଭିଯାନ

ନୂଆଦିଲ୍ଲୀ,୨୭।୧୨

ଦେଶର ପ୍ରମୁଖ ବାଣିଜ୍ୟିକ ବ୍ରାଣ୍ଡ 'ନେକ୍ସସ୍ ମଲ୍‌ସ' ପକ୍ଷରୁ ନିକଟରେ ଏକ ନୂତନ ଅଭିଯାନ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଉକ୍ତ ଅଭିଯାନ ପରିପ୍ରେକ୍ଷୀରେ ଉନ୍ମୋଚିତ ହୋଇଥିବା ନେକ୍ସସ୍ ମଲ୍‌ସର ଡିଜିଟାଲ ଆଡ୍ ଫିଲ୍ମରେ ଅମିତାଭ ବଚ୍ଚନଙ୍କୁ ନେକ୍ସସ୍ ମଲ୍‌ସ ପୋର୍ଟଫୋଲିଓର ଏକ ମଲ୍‌ରୁ ଅନ୍ୟ ଏକ ମଲ୍‌ର ଗ୍ରାହକଙ୍କୁ ଏକ ହଟେଷ୍ଟ ପର୍ପଲ୍ ଡ୍ରେସ୍ ଚୟନ କରିବାରେ ସାହାଯ୍ୟ କରୁଥିବାର ଦେଖାଯାଇଛି। ଏହି ଡିଜିଟାଲ ଆଡ୍ ହେଉଛି ପାର୍ବଣ ଋତୁ ପାଇଁ ନେକ୍ସସ୍ ମଲ୍‌ସ ପକ୍ଷରୁ ଅମିତାଭ ବଚ୍ଚନଙ୍କ ସହ ଯୋଜନା କରାଯାଇଥିବା ଏକ ବୃହତ୍ କ୍ୟାମ୍ପେନ୍ ରୋଲ୍‌ଆଉଟ୍‌ର ଏକ ଅଂଶବିଶେଷ। ଏ ସମ୍ପର୍କରେ ନେକ୍ସସ୍ ମଲ୍‌ସର ସିଏମ୍‌ଓ ନିଶାଙ୍କ ଜୋଷୀ କହିଛନ୍ତି, 'ଆମର ବ୍ରାଣ୍ଡ ନିର୍ମାଣ ଜାରି ରଖିଥିବାରୁ ଆମେ ନିଶ୍ଚିତ ଯେ ଏହି କ୍ୟାମ୍ପେନ୍ ଆମକୁ ଉପଭୋକ୍ତାଙ୍କ ଦୃଷ୍ଟିରେ ଆମର ସ୍ଥିତି ମଜଭୁତ କରିବାରେ ସାହାଯ୍ୟ କରିବ। ଅମିତାଭ ବଚ୍ଚନଙ୍କ ସହ ଆମର କ୍ୟାମ୍ପେନ୍ ଆମ ଗ୍ରାହକଙ୍କ ପାଇଁ 'ଅବ୍ ହର୍ ଦିନ୍ କୁଛ୍ ନୟା' ଅନୁଭୂତି ଆଣିବାର ବ୍ରାଣ୍ଡ ପ୍ରତିଶ୍ରୁତି ପ୍ରତି ବାସ୍ତବ ରହିବା ପାଇଁ ଆମର ପ୍ରତିବଦ୍ଧତା। କୋର୍‌କୋଏସ୍ ଦ୍ୱାରା ପ୍ରଯୋଜିତ ଏହି ଆଡ୍ ଫିଲ୍ମକୁ 'ପ୍ରସୁନ ପାଣ୍ଡେ' ନିର୍ଦ୍ଦେଶନା ଦେଇଛନ୍ତି। ତେବେ ଏହାର ସ୍କ୍ରିପ୍ଟ ଲେଖିଛନ୍ତି ଅନୁରାଗ ଅଗ୍ନିହୋତ୍ରୀ ଓ ପୀୟୁଷ ପାଣ୍ଡେ। ଏହି କ୍ୟାମ୍ପେନ୍ ମଲ୍ଟି-ମିଡିଆ ଉପରେ ଗୁରୁତ୍ୱ ଦେଉଛି ଏବଂ ପ୍ରିଣ୍ଟ ଓ ଡିଜିଟାଲ ଚ୍ୟାନେଲଗୁଡ଼ିକ ଉପରେ ମଧ୍ୟ ଗୁରୁତ୍ୱ ଦେବ। ଉଲ୍ଲେଖଯୋଗ୍ୟ, ନିକଟରେ ଅମିତାଭ ବଚ୍ଚନଙ୍କୁ ମଲ୍‌ର ହାପିନେସ୍ ଆମ୍ବାସାଡର ଭାବେ ଘୋଷଣା କରାଯାଇଥିଲା।

## ଫିଟ୍ ର୍‌ୟାଙ୍କିଙ୍ଗର ଶୁଭାରମ୍ଭ

ନୂଆଦିଲ୍ଲୀ,୨୭।୧୨

ସିଡ୍‌ବିର ମେଣ୍ଟରଶିପ୍ ଓ ଅନ୍‌ଲାଇନ ପିଏସ୍‌ବି ଲୋନ୍‌ସ ଲିମିଟେଡ୍ (ଓପିଏଲ) ସହଭାଗିତାରେ ଟ୍ରାନ୍ସ ୟୁନିୟନ ସିବିଲ୍ ପକ୍ଷରୁ ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ) ପାଇଁ ଫିଟ୍ (ଏଫ୍ଆଇଟି) ର୍‌ୟାଙ୍କିଙ୍ଗର ଶୁଭାରମ୍ଭ କରାଯାଇଛି। ବିଶେଷ କରି ଜିଏସ୍‌ଟି, ବ୍ୟାଙ୍କ ଷ୍ଟେଟମେଣ୍ଟ ଓ ଆୟକର ରିଟର୍ନ ଆଧାରରେ ଏମ୍ଏସ୍ଏମ୍ଇଗୁଡ଼ିକୁ ଫାଇନାନ୍ସିଆଲ, ଇନ୍‌କମ୍ ଆଣ୍ଡ ଟ୍ରେଡ୍(ଏଫ୍ଆଇଟି) ର୍‌ୟାଙ୍କିଙ୍ଗ୍ ପ୍ରଦାନ କରିବ ବୋଲି ଜଣାପଡ଼ିଛି। ଏପରିକି ଏମ୍ଏସ୍ଏମ୍ଇ ଋଣ ପୋର୍ଟଫୋଲିଓକୁ ନିରନ୍ତର ଭାବେ ବଢ଼ାଇବାରେ ବ୍ୟାଙ୍କ ଓ ଆର୍ଥିକ ଅନୁଷ୍ଠାନଗୁଡ଼ିକୁ ସାହାଯ୍ୟ କରିବା ସହ ଋଣ ପାଉ ନ ଥିବା ଏମ୍ଏସ୍ଏମ୍ଇଙ୍କ ପାଖରେ ଉକ୍ତ ଫାଇନାନ୍ସ ପହଞ୍ଚାଇବା ଲାଗି ନିଜର ରହିଥିବା ଲକ୍ଷ୍ୟକୁ ସାକାର କରିବା ଦିଗରେ କାର୍ଯ୍ୟ କରିବ। ସେହିଭଳି ଆସନ୍ତା ୧୨ମାସ ମଧ୍ୟରେ କେଉଁ ଏମ୍ଏସ୍ଏମ୍ଇ ଏନ୍‌ପିଏ ହେବାର ଆଶଙ୍କା ନାହିଁ ତାହାକୁ ଆକଳନ କରିବା ଲାଗି ଏଥିରେ ମେଶିନ ଲର୍ନିଂ ପ୍ରଯୁକ୍ତିକୁ ବ୍ୟବହାର କରାଯାଇ ୧ରୁ ୧୦ ମଧ୍ୟରେ ର୍‌ୟାଙ୍କ ପ୍ରଦାନ କରାଯିବ। ଯେଉଁମାନଙ୍କ ର୍‌ୟାଙ୍କ ୧ ସେମାନଙ୍କୁ ଋଣ ଦେବାରେ ବିପଦର ମାତ୍ରା ସବୁଠୁ କମ୍ ଏବଂ ଯେଉଁମାନଙ୍କ ର୍‌ୟାଙ୍କ ୧୦ ସେମାନଙ୍କୁ ଋଣ ଦେବା ଅଧିକ ବିପଦପୂର୍ଣ୍ଣ ବୋଲି ଜଣାପଡ଼ିବ।

**CLASSIFIED DISPLAY** ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ। 2% ସୁଧ, 40% ରିହାତି। ମହିଳାଙ୍କ ପାଇଁ ବିଶେଷ ରିହାତି। ଅନ୍‌ଲାଇନ୍ ସୁବିଧା।
ମୁଦ୍ରା ଫାଇନାନ୍ସ
Mob. 8985384630

**LOAN**
ବିଜୟ ଫାଇନାନ୍ସ ସମସ୍ତ ପ୍ରକାର LOAN 10 ଦିନ ମଧ୍ୟରେ ଯୋଗାଇ ଦେଉଛି। ବ୍ୟବସାୟ, ପର୍ସନାଲ, କୃଷି, ଶିକ୍ଷା, କୁକ୍କୁଡା ପାଳନ, ଗାଈ ପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ।
M:8895873378
:7656825209

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଶାଓମି ଇଣ୍ଡିଆ ସହ ରିଲାଏନ୍ସ ଜିଓର ସହଭାଗିତା

ନୂଆଦିଲ୍ଲୀ,୨୭।୧୨

ଦେଶର ପ୍ରମୁଖ ଟେଲିକମ୍ କମ୍ପାନୀ ରିଲାଏନ୍ସ ଜିଓ ଓ ସ୍ମାର୍ଟଫୋନ୍ ବ୍ରାଣ୍ଡ ଶାଓମି ଇଣ୍ଡିଆ ମଧ୍ୟରେ ଏକ ଦ୍ୱିପାକ୍ଷିକ ବାଣିଜ୍ୟିକ ସହଭାଗିତା ନିକଟରେ ହୋଇଯାଇଛି। ବିଶେଷକରି ଶାଓମି ଉପଭୋକ୍ତାମାନଙ୍କୁ ଟ୍ରୁ-୫ଜି ଅନୁଭୂତି ପ୍ରଦାନ କରିବା ଲାଗି ରିଲାଏନ୍ସ ଜିଓ ଉକ୍ତ ସହଭାଗିତା କରିଥିବା ଜଣାପଡ଼ିଛି। ଏପରିକି ଶାଓମି ଏବଂ ରେଡ୍‌ମି ସ୍ମାର୍ଟଫୋନ୍ ବ୍ୟବହାରକାରୀମାନଙ୍କୁ ନିରବଚ୍ଛିନ୍ନ ଭାବେ ଟ୍ରୁ-୫ଜି ସଂଯୋଗ ହାସଲ କରିବା ଏବଂ ସେମାନଙ୍କ ଡିଭାଇସ୍‌ରେ ଭିଡିଓର ନିରବଚ୍ଛିନ୍ନ ଷ୍ଟ୍ରିମିଂ, ହାଇ-ରିଜଲ୍ୟୁଶନ ଭିଡିଓ କଲ୍ ଉପଭୋଗ କରିବା ଏବଂ ଲୋ-ଲାଟେନ୍‌ସି ଗେମ୍ ଖେଳିବା ଲାଗି ସକ୍ଷମ କରିବ। ଜିଓର ଟ୍ରୁ-୫ଜି ଷ୍ଟାଣ୍ଡଏଲୋନ୍ (ଏସ୍ଏ) ନେଟ୍‌ୱର୍କ ହାସଲ କରିବା ଲାଗି ବ୍ୟବହାରକାରୀମାନଙ୍କୁ ସେମାନଙ୍କ ଶାଓମି ଓ ରେଡ୍‌ମି ସ୍ମାର୍ଟଫୋନ୍ ସେଟିଂରେ ପସନ୍ଦର ନେଟ୍‌ୱର୍କ ଟାଇପକୁ ୫ଜିକୁ ପରିବର୍ତ୍ତନ କରିବାକୁ ପଡ଼ିବ। ଅପରପକ୍ଷରେ ରିଲାଏନ୍ସ ଜିଓର ଟ୍ରୁ-୫ଜି ଏସ୍ଏ ନେଟ୍‌ୱର୍କରେ ନିରବଚ୍ଛିନ୍ନ ଭାବେ କାମ କରିବା ଲାଗି ଏସ୍ଏ ନେଟ୍‌ୱର୍କକୁ ସପୋର୍ଟ କରୁଥିବା ମଡେଲଗୁଡ଼ିକରେ ସଫ୍ଟୱେର ଅପ୍‌ଡେଟ୍ କରାଯାଇଛି। ଗତ କିଛି ବର୍ଷରେ ଶାଓମି ଇଣ୍ଡିଆ ଓ ରିଲାଏନ୍ସ ଜିଓ ଗୁରୁତ୍ୱପୂର୍ଣ୍ଣ ସହଯୋଗିତା କରିଥିଲେ ଏବଂ ନିରବଚ୍ଛିନ୍ନ ୫ଜି ଗ୍ରହଣୀୟତାକୁ ନିଶ୍ଚିତ କରିବା ଲାଗି ପୁଣି ଥରେ ସେମାନେ ଏକତ୍ରିତ ହୋଇଛନ୍ତି। ଏ ସମ୍ପର୍କରେ ରିଲାଏନ୍ସ ଜିଓ ଇନ୍‌ଫୋକମ୍ ଲିମିଟେଡ୍‌ର ସଭାପତି ସୁନୀଲ ଦତ୍ତ କହିଛନ୍ତି, ନୂଆ ପ୍ରଯୁକ୍ତି ହାସଲ କରିବା ଏବଂ ନିଜ ଗ୍ରାହକମାନଙ୍କ ହାତ ପାଆନ୍ତାକୁ ଅଭିନବ ପ୍ରଯୁକ୍ତି ପହଞ୍ଚାଇବାରେ ଶାଓମି ଶିଳ୍ପର ଅଗ୍ରଦୂତ ହୋଇରହିଛି। ସେହିଭଳି ଶାଓମି ଇଣ୍ଡିଆର ସଭାପତି ମୁରଲୀକ୍ରିଷ୍ଣନ ବି କହିଛନ୍ତି, ଆସନ୍ତା ୨ବର୍ଷ ମଧ୍ୟରେ ଭାରତ ପାଇଁ ପ୍ରସ୍ତୁତ ୫ଜି ଫୋନ ତିଆରି କରିବା ଲାଗି ଶାଓମି ପ୍ରତିବଦ୍ଧ ରହିଛି।




ଅତୁଲ ଅଟୋ ଲିମିଟେଡ୍ ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱରର ଏକ ହୋଟେଲ ପରିସରରେ କମ୍ପାନୀର ୨ଟି ଅତ୍ୟାଧୁନିକ ୩ଚିକିଆ ଯାନ ତଥା ଜେମୀ ୪୩୫ସିସି ମଡେଲର କାର୍ଗୋ ଓ ପାସେଞ୍ଜର ଯାନର ଅନାବରଣ କରାଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ବରିଷ୍ଠ ଅଧିକାରୀ ପାର୍ଥ ବୋଷ, ଜୟନ୍ତ ବୈଦ୍ୟ ଓ ଚିନ୍ମୟ ସ୍ୱାଇଁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

**Classified Everyday 0674-2580101, 2549949**


MATRIMONIAL

GROOM WANTED

ବୟସ-45, Govt. Job, ବିଧବା ନିଃସନ୍ତାନ କରଣ ଝିଅଙ୍କ ପାଇଁ Anycaste ବରପାତ୍ର ଦରକାର। 7077495623. D-2332


REAL ESTATE

SALE

90% completed 3BHK, 3Toilet, Modular, Chimney, Ceiling @ BJB Nagar, Rajmahal, Khandagiri, Oldtown (Near Airport) Duplex/ land @ Nakhara & Jharpada (64,00,000 onwards) commercial shop @ Symphony Mall. Contact: 8917351315, 9438030004. D-74621

ମାତ୍ର ଟ. 11,40,000/-ରେ ଫୁଲନଖରା ଓ ମହୀଧରପଡ଼ା ପାଖରେ ଘରବାରି ବାଉଣ୍ଡରୀ ସହିତ ପ୍ଲଟ୍ ମିଳୁଅଛି। ''ସୁବର୍ଣ୍ଣ ସୁଯୋଗ ନିଜର ସ୍ୱପ୍ନର ଘର''। 9348152874. D-74169

ଭୁବନେଶ୍ୱର ବାଲିଅନ୍ତା ବେଣ୍ଟପୁରରେ 60ft. ପିଚୁ ରୋଡ୍‌କୁ ଲାଗି ଘରବାରି ପ୍ଲଟ୍ ବିକ୍ରିହେବ। 8093465134, 9668194157. D-74167

Duplex sale at Bhubaneswar @ 45 lakhs only. Contact: 9777433701. D-74171

Residential gharabari plot with boundarywall inside 7Family Complex Safety, Secured, Brahmin Culture Family stayed 6 K.M. from Nakhara, Cuttack. 7809525452. D-74619

Rasulgarhଠାରୁ 7 K.M. ଦୂରରେ ଏବଂ 150ft. roadକୁ ଲାଗି ସମସ୍ତ ପ୍ରକାର ସୁବିଧା ଥାଇ gated community ସହ plot ଓ Duplex ମିଳୁଅଛି। 8984025697. D-74172

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

1500 Sqft. Commercial / Residential Plot Sale at New Airport Chhak. Capital Hospital & Airport within 500 meter. Price 1 crore. 9438220432/ 8144658008. D-2351

କଟକ - ଭୁବନେଶ୍ୱର (Twincity)ର ମଧ୍ୟଭାଗରେ ନିର୍ମିତ Grandbazar NH-16 ରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି plot ଶସ୍ତାରେ କିଣନ୍ତୁ। ଗୃହନିର୍ମାଣ କରନ୍ତୁ। 8249422604. D-74170

ଭୁବନେଶ୍ୱର ରବି-ଟକିଜ ସାଇ ମନ୍ଦିର ପୂର୍ବକୁ ରାସ୍ତା, ପାଚେରି ଥାଇ ପ୍ଲଟ୍ ବିକ୍ରିହେବ। 9827119799. D-2309

ହଂସପାଳ ଛକଠାରୁ 4K.M. ଦୂରତାରେ ବାଲିଅନ୍ତାଠାରେ boundary with electricity ସୁବିଧା ଥାଇ ବାସୋପଯୋଗୀ ଘରବାରି plot ଅଛି। Please contact: 8249177191. D-2330

ଭୁବନେଶ୍ୱର ଜଟଣୀଗେଟ୍ NH-5 ପାଖରେ ଘରବାରି ପ୍ଲଟ୍ 30' ରାସ୍ତାଥାଇ sqft.-400/-, 630/-. 9437607388, 8637269760. D-74166

NH side plot (Gharabari, boundary wall). Nakhara to Niali road, Cuttack. 8249851363. D-74607


CONSTRUCTION

Construct your Dream home @460/-, 850/-, 1325/- with Branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856. D-2264

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା

ଖୁସି
(କଳିଙ୍ଗ ବିହାର, ଭୁବନେଶ୍ୱର)
ଧନ ଆଜି ତୋର ଜନ୍ମଦିନରେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛୁ ଯେ, ସେ ତୋର ଚଳାପଥ ସରସ, ସୁନ୍ଦର ଓ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ : ମାଆ-ଲୁନା, ବାପା-ରମେଶ, ଦାଦା, ଜେଜେ ବାପା, ଜେଜେ ମା, ବନ୍ଧୁ ଓ ପରିବାରବର୍ଗ।
ଧ-୭୪୫୦୪




Newly open SPA positively health benefits expert therapist, Jagamara. 7849011931. D-73668

Relax, Refresh your Body, Mind at Saikrupa Spa with best therapies. 8984068077. D-2230

Asribadaa Panchakarma herbal SPA Kesarimall, Bhubaneswar. Contact: 8926173473. D-74620

**AFFIDAVIT**

By virtue of an affidavit sworn before the Notary Public, Bhubaneswar, I, Minushree Manjula Sahoo hereby solemnly state that my actual name is stated above but in Aadhaar and PAN Card has been mentioned as Heena Farooque. That's hereby declaring Minushree Manjula Sahoo and Heena Farooque is one and same person. So that I have to change my name from Heena Farooque to Minushree Manjula Sahoo and hence will be known as Minushree Manjula Sahoo for all officially and non officially purposes.
Deponent
D-2354

By virtue of an affidavit before the Court of Executive Magistrate, Khurda, I, Hapizur Raheman Khan @ Hapizuraheman Khan is one and same person for all practical purposes. D-73525

**ମନେ ପଡ଼ନ୍ତି**
ଏକାଦଶାହ ଉପଲକ୍ଷେ

୰କେଲୁ ଚରଣ ଦାସ
ନନ୍ଦନ ବିହାର, ପ୍ଲଟ୍ ନଂ.-୨୮୦/୩୬୫୭, ଭୁବନେଶ୍ୱର
ଆବିର୍ଭାବ: ୨୫।୧୦।୧୯୪୩
ତିରୋଧାନ: ୧୮।୧୨।୨୦୨୨
ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ତ୍ୟାଗ, ଦକ୍ଷତା ଏବଂ ଆଶୀର୍ବାଦ ଆମ୍ଭମାନଙ୍କ ସ୍ମୃତିରେ ଚିର ଲିପିବଦ୍ଧ ହୋଇ ରହିଥାଉ। ତୁମର ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ସ୍ତ୍ରୀ: ଶର୍ମିଷ୍ଠା ଦାସ, ପୁତ୍ର: ଲିଟୁ, ଲିଲୁ, ବାବାଜି, ଝିଅ: ଲିନା, ଲିଜା, ଲିଳା, ଲିପି, ପୁତ୍ରବଧୂ: ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୭୩୪୯

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ।
BHIM UPI
ଦେୟ ପେଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ଅର୍ଥନୀତି ଅଭିବୃଦ୍ଧିରେ ଆଇଟି କମ୍ପାନୀର ଭୂମିକା ଗୁରୁତ୍ୱପୂର୍ଣ୍ଣ

ନୂଆଦିଲ୍ଲୀ,୨୭।୧୨: ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ଆଇଟି ସେକ୍ଟର କମ୍ପାନୀଗୁଡ଼ିକର ଯୋଗଦାନ ବେଶ୍ ଉଲ୍ଲେଖନୀୟ ରହିଛି। ବିଶେଷକରି ଏ କ୍ଷେତ୍ରରେ କାମ କରୁଥିବା କର୍ମଚାରୀ ହୁଅନ୍ତୁ କିମ୍ବା ଅଧିକାରୀ ସମସ୍ତେ ମୋଟା ଅଙ୍କର ଦରମା ମଧ୍ୟ ପାଇଥାନ୍ତି। ଏପରିକି ଗତ ୧୦ବର୍ଷରେ ଆଇଟି କମ୍ପାନୀଗୁଡ଼ିକର ସିଇଓ ଏବଂ ଅନ୍ୟ ବରିଷ୍ଠ କର୍ମଚାରୀ ତଥା ନବାଗତ କର୍ମଚାରୀଙ୍କ ଦରମା ବୃଦ୍ଧି(ଇନ୍‌କ୍ରିମେଣ୍ଟ) ପର୍ଯ୍ୟାୟକ୍ରମେ ବୃଦ୍ଧି ପାଇଥାଏ। ସେହିଭଳି ବର୍ତ୍ତମାନ ସମୟରେ ଭାରତ ସମେତ ସମଗ୍ର ଦୁନିଆରେ ମଧ୍ୟ ଆଇଟି କମ୍ପାନୀଗୁଡ଼ିକର ଗୁରୁତ୍ୱ ଯଥେଷ୍ଟ ବୃଦ୍ଧି ପାଇଛି। ବିଶେଷକରି ଗତ ୧୦ ବର୍ଷରେ ଅନେକ ଆଇଟି କମ୍ପାନୀ ପ୍ରତିଷ୍ଠା ହୋଇଛି। ଏପରିକି କିଛି ପ୍ରମୁଖ ଆଇଟି କମ୍ପାନୀ ନିଜର ସ୍ଥିତି ମଧ୍ୟ ସୁଦୃଢ଼ କରିପାରିଛନ୍ତି। ସେହିପରି ଆଇଟି ସେକ୍ଟରରେ ୧୦ ବର୍ଷ ପୂର୍ବରୁ ନବାଗତ କର୍ମଚାରୀ (ଫ୍ରେସର) ଯେତିକି ଦରମା ପାଉଥିଲେ ଏବେ ମଧ୍ୟ ସେମାନଙ୍କ ଦରମା ସମାନ ରହିଛି। ବର୍ତ୍ତମାନ ଯେଉଁ ନବାଗତ ବିଭିନ୍ନ ଆଇଟି କମ୍ପାନୀରେ ଯୋଗଦେଉଛନ୍ତି ସେମାନଙ୍କ ଦରମା ୧୦ ବର୍ଷ ପୂର୍ବର ଦରମା ଠାରୁ ସାମାନ୍ୟ ଅଧିକ ରହିଛି, ଯାହା ନଗଣ୍ୟ କହିଲେ ଚଳେ। କିନ୍ତୁ ସେହି ତୁଳନାରେ କମ୍ପାନୀଗୁଡ଼ିକର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ (ସିଇଓ) ମାନଙ୍କର ଦରମା ଅହେତୁକ ଭାବେ ବୃଦ୍ଧି ପାଇଛି। ଏପରିକି ପ୍ରମୁଖ ଆଇଟି କମ୍ପାନୀର ସିଇଓଙ୍କ ଦରମା ପାଖାପାଖି ୧୫୦୦%ରୁ ଅଧିକ ବୃଦ୍ଧି ପାଇଥିବା ଏକ ସର୍ଭେରୁ ଜଣାପଡିଛି। ଉକ୍ତ ସର୍ଭେ ରିପୋର୍ଟ ଅନୁଯାୟୀ, ଗତ ୧୦ ବର୍ଷ ମଧ୍ୟରେ ସିଇଓମାନଙ୍କ ଦରମା ୧୫୦୦% (୧୪୯୨.୨୭%) ବୃଦ୍ଧି ପାଇଥିବା ବେଳେ ନବାଗତଙ୍କ ଦରମା ସେହି ତୁଳନାରେ ମାତ୍ର ୪୭% (୪୬.୯୪ %) ବୃଦ୍ଧି ଘଟିଛି।



# ଚର୍ଚ୍ଚିତ ସେଲିବ୍ରିଟି

ସବୁବେଳେ ଲାଇମ୍‌ଲାଇଟ୍‌ରେ ରହିବାକୁ ପସନ୍ଦ କରୁଥିବା ସିନେ କଳାକାର ଅନେକ ସମୟରେ ଏଭଳି କାର୍ଯ୍ୟ କରିଥାଆନ୍ତି, ଯାହା ସେମାନଙ୍କୁ ସ୍ୱତଃ ଚର୍ଚ୍ଚା ଓ ବିବାଦ ଘେରକୁ ଟାଣି ନେଇଥାଏ। ବିଦାୟୀ ବର୍ଷରେ ମଧ ବଲିଉଡ୍ ଓ ହଲିଉଡ୍‌ର ଅନେକ ସେଲିବ୍ରିଟି ନିଜ ନିଜ କାରନାମା ପାଇଁ ଶିରୋନାମା ମଣ୍ଡନ କରିଛନ୍ତି। ଅଭିନେତା ରଣବୀର ସିଂଙ୍କ ଉଲଗ୍ନ ଫଟୋକୁ ବିରୋଧ କରାଯାଇଥିବାବେଳେ ଓସ୍କାର ଭଳି ଅନ୍ତର୍ଜାତୀୟ ମଞ୍ଚରେ ଉପସ୍ଥାପକଙ୍କ ସାମାନ୍ୟ କମେଣ୍ଟକୁ ସହି ନ ପାରି ଆକ୍ଟର ୱିଲ୍ ସ୍ମିଥ୍ ତାଙ୍କୁ ଚାପୁଡ଼ା ମାରିଥିଲେ। ସେହିପରି 'ପଠାନ୍'ରେ ଦୀପିକା ପାଦୁକୋଣଙ୍କ ଗୈରିକ ବସ୍ତ୍ର ଏହି ହାଇବଜେଟ୍ ଫିଲ୍ମକୁ ରିଲିଜ୍ ପୂର୍ବରୁ ବିବାଦୀୟ କରିଛି।



## ଓସ୍କାର ମଞ୍ଚରେ ଚାପୁଡ଼ା

ମାର୍ଚ୍ଚ ୨୭ରେ ଲସ୍ ଏଞ୍ଜେଲସ୍‌ର ଡୋଲବି ଥିଏଟରରେ ୯୪ତମ ଓସ୍କାର ସମାରୋହରେ କମେଡିଆନ୍ କ୍ରିସ୍ ରକ୍‌ଙ୍କୁ ମଞ୍ଚ ଉପରେ ହଲିଉଡ୍ ସୁପରଷ୍ଟାର ୱିଲ୍ ସ୍ମିଥ୍ ଚାପୁଡ଼ା ମାରିଥିଲେ। ସ୍ମିଥ୍‌ଙ୍କ ସ୍ତ୍ରୀ ଜାଡା ପିନ୍‌କେଟ୍‌ଙ୍କ ଲଣ୍ଡାପଣ ନେଇ କ୍ରିସ୍ ଥଟ୍ଟା କରିବାରୁ ସେ ରାଗିଯାଇଥିଲେ। ସେହିଦିନ ସ୍ମିଥ୍ ଏକାଡେମୀ ଅଫ୍ ମୋଶନ ପିକ୍‌ଚର ଆର୍ଟସ୍ ଆଣ୍ଡ୍ ସାଇନ୍ସକୁ କ୍ଷମା ପ୍ରାର୍ଥନା କରିଥିବାବେଳେ ପରଦିନ ଏକ ଭିଡିଓ ଜାରି କରି କ୍ରିସ୍‌ଙ୍କ ପାଇଁ ସେ ଦୁଃଖିତ ଥିବା କହିଥିଲେ। ପରବର୍ତ୍ତୀ ସମୟରେ ସ୍ମିଥ୍‌ଙ୍କୁ ଏକାଡେମୀ ସଦସ୍ୟତା ଛାଡ଼ିବାକୁ ପଡ଼ିଥିଲା। ଏକାଡେମୀର ନିଷ୍ପତ୍ତିକ୍ରମେ ସ୍ମିଥ୍‌ଙ୍କୁ ୧୦ ବର୍ଷ ଲାଗି ଓସ୍କାର ସମାରୋହରୁ ବାସନ୍ଦ କରାଯାଇଛି।



## ରଣବୀରଙ୍କ ନ୍ୟୁଡ୍ ଫଟୋଶୁଟ୍

ବଲିଉଡ୍‌ର ସବୁଠୁ ଆକ୍ଟିଭ୍ ଅଭିନେତା କୁହାଯାଉଥିବା ରଣବୀର ସିଂ ଜୁଲାଇରେ ବିବାଦରେ ଫସିଯାଇଥିଲେ। ପେପର ମାଗାଜିନ୍ ପାଇଁ ସେ କରିଥିବା ନ୍ୟୁଡ୍ ଫଟୋଶୁଟ୍‌କୁ ନେଇ ବହୁ ଏନ୍‌ଜିଓ ଏବଂ ବିଭିନ୍ନ ସଙ୍ଗଠନ ପକ୍ଷରୁ ଏତଲା ଦିଆଯାଇଥିଲା। ଏନେଇ ରଣବୀରଙ୍କୁ ପୋଲିସ ଜେରା ମଧ କରିଥିଲା। ବିବାଦ ସେତିକିରେ ଥମି ନ ଥିଲା ଅନେକ ସଙ୍ଗଠନ ପୋଷାକ ବଣ୍ଟନର ଅଭିଯାନ ମଧ ଆରମ୍ଭ କରିଦେଲେ। ରଣବୀରଙ୍କ ଉଲଗ୍ନ ଫଟୋକୁ ନେଇ ସୋସିଆଲ ମିଡିଆରେ ମିମ୍ ତିଆରି ଆରମ୍ଭ ହୋଇଥିଲା।



## ଭାଇଜାନ୍‌ଙ୍କୁ ହତ୍ୟା ଧମକ

ହିନ୍ଦୀ ଫିଲ୍ମ ଜଗତର ଅଭିନେତା ସଲମାନ ଖାନ୍‌ଙ୍କୁ ନେଇ ଚର୍ଚ୍ଚା ସୃଷ୍ଟି ହେବା କିଛି ନୂଆ କଥା ନୁହେଁ। ସଲମାନ ଓ ବାପା ସଲିମ ଖାନ୍‌ଙ୍କୁ ଗ୍ୟାଙ୍ଗଷ୍ଟର୍ ଲରେନ୍ସ ବିଷ୍ଣୋଇଙ୍କ ହତ୍ୟା ଧମକକୁ ନେଇ ଖୁବ୍ ଚର୍ଚ୍ଚା ହୋଇଥିଲା। ଏ ନେଇ ଉଭୟଙ୍କ ଷ୍ଟେଟ୍‌ମେଣ୍ଟ ରେକର୍ଡ କରିଥିଲା ମୁମ୍ବାଇ ପୋଲିସ। ଯେଉଁଥିରେ ସଲମାନ କହିଥିଲେ ଯେ, ତାଙ୍କୁ ସିଧାସଳଖ କୌଣସି ହତ୍ୟା ଧମକ ମିଳିନାହିଁ। ଏହାପରେ ସୁରକ୍ଷା ଦୃଷ୍ଟିରୁ ସଲମାନ ଗନ୍ ଲାଇସେନ୍ସ ଆବେଦନ କରିଥିବାବେଳେ ବୁଲେଟପ୍ରୁଫ୍ କାର୍‌ରେ ବସି ବାହାରକୁ ଯାଉଥିବା ଅନେକ ସମୟରେ ଦେଖାଯାଇଛି।



## ଦୀପିକାଙ୍କ 'ବେସରମ୍ ରଙ୍ଗ୍'

୨୦୨୩ ଜାନୁୟାରୀ ୨୫ରେ ମୁକ୍ତିଲାଭ କରିବାକୁ ଥିବା କିଙ୍ଗ୍ ଖାନ୍ ଶାହାରୁଖଙ୍କ ବିଗ୍ ବଷ୍ଟର ମୁଭି 'ପଠାନ୍' ଏବେଠୁ ବିବାଦ ସୃଷ୍ଟି କରିଛି। ଶାହାରୁଖଙ୍କ ବିପକ୍ଷ ଅଭିନେତ୍ରୀ ଦୀପିକା ପାଦୁକୋଣ 'ବେସରମ୍ ରଙ୍ଗ୍' ଗୀତରେ ପରିଧାନ କରିଥିବା ଗେରୁଆ ରଙ୍ଗର ସ୍ୱଳ୍ପ ବସ୍ତ୍ରକୁ ନେଇ ଦେଶର ବିଭିନ୍ନ ଭାଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। ଫିଲ୍ମର ଟାଇଟଲ୍ ଓ ଗୀତରେ ତାଙ୍କ କାମୋଦ୍ଦିପକ ଅଙ୍ଗଭଙ୍ଗୀକୁ ଅନେକ ଦକ୍ଷିଣପନ୍ଥୀ ସଙ୍ଗଠନ ବିରୋଧ କରିଛନ୍ତି। ଏପରିକି ମଧ୍ୟପ୍ରଦେଶରେ ଫିଲ୍ମ ରିଲିଜ୍ ହେବାକୁ ଦିଆଯିବ ନାହିଁ ବୋଲି ମନ୍ତ୍ରୀ ନରୋତ୍ତମ ମିଶ୍ର ଧମକ ଦେଇଛନ୍ତି। ପୂର୍ବରୁ ୨୦୧୮ରେ 'ପଦ୍ମାବତ'କୁ ବିରୋଧ କରି ତୁମୂଳକାଣ୍ଡ ଭିଆଇଥିବା କର୍ଣ୍ଣିସେନା ମଧ ରାଜସ୍ଥାନରେ 'ପଠାନ୍'କୁ ମୁକ୍ତିଲାଭ କରିବାକୁ ଦିଆଯିବ ନାହିଁ ବୋଲି ଚେତାବନୀ ଦେଇଛି।

## ସରୋଗେସିରେ ମା' ହେଲେ ନୟନତାରା

ଆଲୋଚ୍ୟ ବର୍ଷ ଦକ୍ଷିଣ ଭାରତୀୟ ଫିଲ୍ମ ଅଭିନେତ୍ରୀ ନୟନତାରାଙ୍କ ପାଇଁ ଖୁସି ଓ ବିବାଦ ଭରା ଥିଲା। ଜୁନ୍ ୯ରେ ନୟନତାରା ନିର୍ଦ୍ଦେଶକ ବିଘ୍ନେଶଙ୍କ ହାତ ଧରିଥିଲେ। ବାହାଘରର ମାତ୍ର ୪ ମାସ ପରେ ନୟନତାରା ସରୋଗେସି ଜରିଆରେ ଦୁଇ ପୁତ୍ର ସନ୍ତାନଙ୍କ ମା' ହୋଇଥିବା ଖବର ସୋସିଆଲ ମିଡିଆରେ ଶେୟାର କରିଥିଲେ। ସରୋଗେସି ପଦ୍ଧତି ଉପରେ ରୋକ୍ ଲଗାଯାଇଥିବାବେଳେ ଏହାକୁ ନେଇ ସାଉଥ୍ ଫିଲ୍ମ ଇଣ୍ଡଷ୍ଟ୍ରିର ନାୟିକାଙ୍କୁ ନେଇ ବିବାଦ ମୁଣ୍ଡ ଟେକିଥିଲା। ଏ ନେଇ ରାଜ୍ୟ ସରକାର ରିପୋର୍ଟ ଦାଖଲ ନିର୍ଦ୍ଦେଶ ଦେଇଥିଲେ। ଅବଶ୍ୟ ପରବର୍ତ୍ତୀ ସମୟରେ ସେଲିବ୍ରିଟି ଦମ୍ପତି ନିଜକୁ ନିର୍ଦ୍ଦୋଷ ପ୍ରମାଣିତ କରିଥିଲେ। ଦୁହେଁ ୨୦୧୬ରେ ରେଜିଷ୍ଟ୍ରି ମ୍ୟାରେଜ୍ କରିବା ସହ ୨୦୨୧ରେ ନୟନତାରା ତାଙ୍କ ସମ୍ପର୍କୀୟଙ୍କ ଜରିଆରେ ସରୋଗେସିରେ ଯମଜ ସନ୍ତାନଙ୍କ ମା' ହୋଇଥିଲେ।



## ସୁସ୍ମିତା-ଲଳିତଙ୍କ ଲଭ୍‌ଷ୍ଟୋରି



ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ (ଆଇପିଏଲ୍)ର ପ୍ରତିଷ୍ଠାତା ଅଧ୍ୟକ୍ଷ ଲଳିତ ମୋଦି ଓ ବି.ଟାଉନ୍ ଅଭିନେତ୍ରୀ ସୁସ୍ମିତା ସେନ୍‌ଙ୍କ ଲଭଷ୍ଟୋରିକୁ ନେଇ ଚର୍ଚ୍ଚା ଜୋର୍ ଧରିଥିଲା। ଲଳିତ ମୋଦି ସୁସ୍ମିତାଙ୍କ ସହ ତାଙ୍କ ଫଟୋ ସବୁକୁ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରିଥିଲେ। ଦୁହେଁ ଜାହାଜରେ ପାର୍ଟି କରିବା ସହ ଅତି ଅନ୍ତରଙ୍ଗ ଭାବେ ପରସ୍ପରକୁ କୋଳାଗ୍ରତ କରି ଧରିଥିବାର ଫଟୋ ମଧ ଦେଖିବାକୁ ମିଳିଥିଲା। ଦୁହେଁ ଖୁବ୍ ଶୀଘ୍ର ବିବାହ କରୁଥିବା କଥା ଲଳିତ କହିଥିଲେ। ତେବେ ତାଙ୍କର ଏ ପ୍ରକାର ବ୍ୟବହାରକୁ ନେଇ ସୁସ୍ମିତା ସିଧାସଳଖ କୌଣସି ପ୍ରତିକ୍ରିୟା ଦେଇ ନ ଥିବାବେଳେ ପରୋକ୍ଷ ଭାବେ ସୋସିଆଲ ମିଡିଆରେ ଏକ ପୋଷ୍ଟ ଶେୟାର କରି କହିଥିଲେ, 'ମୁଁ ଜାଣିଛି ମୁଁ ଠିକ୍ ରାସ୍ତାରେ ଅଛି। ଯେଉଁମାନେ ମୋତେ ଭରସା କରନ୍ତି ସେମାନେ ସତ ଜାଣିଛନ୍ତି'।







## ସେନାକୁ ରିଚାଙ୍କ କଟାକ୍ଷ

ପାକ୍ ଅଧିକୃତ କଶ୍ମୀରକୁ ପାକିସ୍ତାନ କବଳରୁ ଛଡ଼ାଇ ଆଣିବା ଲାଗି ଭାରତୀୟ ସେନା ପ୍ରସ୍ତୁତ ଥିବା ନର୍ଦର୍ନ ଆର୍ମି କମାଣ୍ଡର ଲ୍ୟୁଟନାଣ୍ଟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ କହିବା ପରେ ବଲିଉଡ୍ ଅଭିନେତ୍ରୀ ରିଚା ଚଡ୍ଡା ଏହାକୁ କଟାକ୍ଷ କରି ଟୁଇଟରରେ ପୋଷ୍ଟ ଶେୟାର କରିଥିଲେ। ରିଚାଙ୍କ 'ହେଲୋ ଗଲୱାନ୍' ଲେଖାଥିବା ପୋଷ୍ଟକୁ ପଢ଼ିବା ପରେ ବହୁ ନେତା, ମନ୍ତ୍ରୀ ନିନ୍ଦା କରିଥିଲେ। ବଲିଉଡ୍ କଳାକାର ମଧ ଏଥିରୁ ବାଦ୍ ପଡ଼ି ନ ଥିଲେ। ବିବାଦ ଘନେଇବା ଦେଖି ରିଚା ପରବର୍ତ୍ତୀ ମୁହୂର୍ତ୍ତରେ କ୍ଷମା ମାଗିଥିଲେ।

## ଇଡି ଜାଲରେ ଜ୍ୟାକ୍‌ଲିନ୍-ନୋରା

ବିଦାୟୀ ବର୍ଷରେ ବଲିଉଡ୍‌ର ଅନେକ କଳାକାର ମନି ଲଣ୍ଡରିଂ ମାମଲାରେ ଛନ୍ଦି ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜ୍ୟାକ୍‌ଲିନ୍ ଫର୍ନାଣ୍ଡିଜ୍ ଓ ନୋରା ଫତେହି ଅଧିକ ଚର୍ଚ୍ଚାରେ ରହିଛନ୍ତି। ବହୁ ବ୍ୟବସାୟୀଙ୍କଠାରୁ ୨୦୦ କୋଟି ଟଙ୍କା ଠକି ତିହାର ଜେଲରେ ସଜା କାଟୁଥିବା ମହାଠକ ସୁକେଶ ଚନ୍ଦ୍ରଶେଖରଙ୍କୁ ସହଯୋଗ କରିବା ନେଇ ଏହି ଦୁଇ ବିଦେଶିନୀଙ୍କୁ ତଦନ୍ତ ପରିସରଭୁକ୍ତ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)। ଦୁଇ ଅଭିନେତ୍ରୀ ସୁକେଶଙ୍କଠାରୁ ଏକାଧିକ ଦାମୀ ଉପହାର ନେଇଥିବା ଅଭିଯୋଗ ହୋଇଛି। ଖାଲି ସେତିକି ନୁହେଁ, ଏ ମାମଲାକୁ ନେଇ ନୋରା ଓ ଜ୍ୟାକ୍‌ଲିନଙ୍କ ଭିତରେ ଆଉ ଏକ ବିବାଦ ମୁଣ୍ଡ ଟେକିଛି। ଜ୍ୟାକଲିନ୍ ମିଥ୍ୟା ତଥ୍ୟ ଉପସ୍ଥାପନର ଅଭିଯୋଗ ଆଣି ନୋରା ତାଙ୍କ ବିରୋଧରେ କୋର୍ଟରେ ମାନହାନି ମକଦ୍ଦମା କରିଛନ୍ତି। ଜ୍ୟାକ୍‌ଲିନ ଓ ନୋରାଙ୍କୁ ଇଡି ପକ୍ଷରୁ ବହୁବାର ଜେରା କରାଯାଇଛି। ତେବେ ସୁକେଶଙ୍କ କାରବାର ସମ୍ପର୍କରେ ସେମାନେ ଜାଣି ନ ଥିଲେ ଏବଂ ମନି ଲଣ୍ଡରିଂ ମାମଲାରେ ସମ୍ପୃକ୍ତି ଥିବା ଅଭିଯୋଗକୁ ଖଣ୍ଡନ କରିଥିଲେ।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ


MARUTI SUZUKI
NEXA
TOUGH, STYLISH, SPORTY.
AND NOW 2,00,000 CUSTOMERS STRONG.
Ignis, a perfect city car, sets a new milestone.
Join the community of the Tough.
CREATE. INSPIRE.
IGNIS
2 LACS MILESTONE
IGNIS
COMPACT URBAN SUV
17.78 cm Smartplay Studio (Available from Zeta variant onwards)
High Ground Clearance and SUV-like Stance
AUTO GEAR SHIFT
Auto Gear Shift
Spacious and Comfortable Interiors
1.2L VVT Petrol Engine
NEXA Safety Shield
DUAL FRONT AIRBAGS
ABS WITH EBD
PEDESTRIAN PROTECTION COMPLIANCE
COMPLIANT WITH -
FULL FRONTAL IMPACT
FRONTAL OFFSET IMPACT
SIDE IMPACT
Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only.
Scan the QR code for more details about the Ignis.
VISIT YOUR NEAREST NEXA DEALERSHIP OR LOG ON TO www.nexaexperience.com TO AVAIL EXCITING OFFERS.
Contact us at
1800-200-[6392]
1800-102-[NEXA]
www.nexaexperience.com
NOW YOU CAN ALSO BOOK ONLINE
BHUBANESWAR: NEXA CYBER CITY (JYOTE MOTORS PH: 7064499300), NEXA TWIN CITY (SKY AUTOMOBILES PH: 9776497764, 7440000642), NEXA GAJAPATI NAGAR (TUSHI MOTORS PVT. LTD. PH: 6372802153), NEXA RAJ BHAVAN ROAD (NARAYANI MOTORS PH: 9583022008, 7381094898),
CUTTACK: NEXA STADIUM RD (JYOTE MOTORS PH: 7440005202).
SMART FINANCE
AN ONLINE END-TO-END CAR FINANCE SOLUTION
Scan to know more.
Multiple financiers
Digital Document Upload
Live Loan status
Complete transparency (associated fees & charges)
*Finance scheme details mentioned above are at the sole discretion of financier and terms and conditions as specified by the financier shall apply. For more details, please contact your nearest NEXA dealership. Offers vary across variants. Maruti Suzuki India Limited reserves the right to discontinue offers without notice. For details on functioning of safety features, kindly refer to the Owner's Manual.